୪୭

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୧୨/୨୦୧୯ (୨୦ ପୃଷ୍ଠା) | Bhubaneswar, Thursday, December 12/2019 | ★★★★

୪୭ଶ ଭାଗ ୧୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-




**ସରୋଗେଟ୍ ମା' ଭୂମିକାରେ କ୍ରିତି**

ନିର୍ଦ୍ଦେଶକ ଲକ୍ଷ୍ମଣ ଉତକେରଙ୍କ ଆଗାମୀ ଚଳଚ୍ଚିତ୍ର 'ମିମି'ରେ କ୍ରିତିଙ୍କୁ ଏକ ସରୋଗେଟ୍ ମା' ଭୂମିକା ମିଳିଛି। ଏହି ଚରିତ୍ର ମୋ ପାଇଁ ଏକ ଚ୍ୟାଲେଞ୍ଜ ବୋଲି ସେ କହିଛନ୍ତି।

୧୬

୧୮

**ଭାରତ ସିରିଜ ବିଜୟୀ**

ୱେଷ୍ଟଇଣ୍ଡିଜ ବିପକ୍ଷ ତୃତୀୟ ଟି୨୦ ମ୍ୟାଚରେ ଲୋକେଶ ରାହୁଲ ୯୧ ରନ କରି ମ୍ୟାନ ଅଫ ଦି ମ୍ୟାଚ ହୋଇଥିବାବେଳେ ଭାରତ ସିରିଜ ବିଜୟୀ ହୋଇଛି।



# ନାଗରିକତ୍ୱ ସଂଶୋଧନ ବିଲ୍ ପାସ୍

ନୂଆଦିଲ୍ଲୀ,୧୧।୧୨(ପି.ଟି.)

ନାଗରିକତ୍ୱ (ସଂଶୋଧନ) ବିଲ୍ (ସିଏବି) ପାର୍ଲାମେଣ୍ଟର ଅନୁମୋଦନ ଲାଭ କରିଛି। ଏହା ରାଷ୍ଟ୍ରପତିଙ୍କ ସ୍ୱୀକୃତି ପାଇ ଆଇନରେ ପରିଣତ ହେଲେ ପଡୋଶୀ ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନରେ ଧର୍ମୀୟ ବିଦ୍ୱେଷର ସମ୍ମୁଖୀନ ହୋଇ ଭାରତରେ ଆସି ରହିଥିବା ଅଣମୁସଲମାନମାନଙ୍କୁ ଭାରତୀୟ ନାଗରିକତ୍ୱ ମିଳିବ। ସୋମବାର ସିଏବି ଲୋକ ସଭାରେ ଗୃହୀତ ହୋଇଥିବାବେଳେ ବୁଧବାର ରାଜ୍ୟ ସଭାରେ ଦୀର୍ଘ ସାଢ଼େ ୬ ଘଣ୍ଟାର ବିତର୍କ ପରେ ଧ୍ୱନି ଭୋଟରେ ପାରିତ ହୋଇଯାଇଛି। ବିଲ୍ ସପକ୍ଷରେ ୧୨୫ ଏମ୍‌ପି ଭୋଟ ଦେଇଥିବାବେଳେ ବିପକ୍ଷରେ ୧୦୫ଟି ଭୋଟ ଯାଇଥିଲା। ଶିବସେନା ଭୋଟଦାନ ପୂର୍ବରୁ କକ୍ଷତ୍ୟାଗ କରିଥିଲା। ଭାଜପା ସହଯୋଗୀ ଜେଡିୟୁ, ଶିରୋମଣି ଅକାଳୀ ଦଳ (ଏସ୍ଏଡି)ଙ୍କ ସମେତ ଏଆଇଏଡିଏମ୍‌କେ, ବିଜେଡି, ଟିଡିପି ଏବଂ ୱାଇଏସ୍‌ଆର୍-କଂଗ୍ରେସ ବିଲ୍‌କୁ ସମର୍ଥନ ଜଣାଇଥିଲେ। ବିଲ୍‌କୁ ସିଲେକ୍ଟ କମିଟିକୁ ପଠାଇବା ପ୍ରସ୍ତାବ କାଟ୍ ଖାଇଯାଇଥିଲା। ପ୍ରସ୍ତାବ ବିରୋଧରେ ୧୨୪ ଭୋଟ ପଡିଥିବାବେଳେ ସପକ୍ଷରେ ୯୯ ଭୋଟ ଯାଇଥିଲା। ଏହା ପୂର୍ବରୁ ବିଲ୍ ଉପରେ ତୃଣମୂଳ କଂଗ୍ରେସ ଆଣିଥିବା ୧୪ଟି ସଂଶୋଧନ ପ୍ରସ୍ତାବ ମଧ୍ୟ କାଟ୍ ଖାଇଯାଇଥିଲା। ବିଲ୍ ଗୃହୀତ ହୋଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ଐତିହାସିକ ଦିନ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଭାରତୀୟ ଇତିହାସରେ ଏହା ଏକ କଳା ଦିବସ ବୋଲି କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ କହିଛନ୍ତି।

ନାଗରିକତ୍ୱ ସଂଶୋଧନ ବିଲ୍ ରାଜ୍ୟ ସଭାରେ ଉପସ୍ଥାପନ ହେବା ପରେ ଏହାକୁ ନେଇ ବିରୋଧୀ ତୁମ୍ବିତୋଫାନ କରିଥିଲେ। ଏହା ଅସାମ୍ବିଧାନିକ ଏବଂ ଧର୍ମ ନାମରେ ଶରଣାର୍ଥୀଙ୍କ ପ୍ରତି ପକ୍ଷପାତ କରାଯାଉଥିବା କଂଗ୍ରେସ ନେତୃତ୍ୱରେ ବିରୋଧୀ ଦଳଗୁଡ଼ିକ ଅଭିଯୋଗ କରିଥିଲେ। ବିଲ୍‌କୁ ନେଇ ଉତ୍ତରପୂର୍ବାଞ୍ଚଳ ସମେତ ସାରା ଦେଶରେ ବିରୋଧର ସ୍ୱର ଜୋର୍‌ଦାର ହୋଇଥିବାବେଳେ ଏହା ପଛରେ ସରକାରଙ୍କର କୌଣସି ରାଜନୈତିକ ଅଭିସନ୍ଧି ନ ଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କହିଥିଲେ। ମୁସଲମାନମାନଙ୍କର ଚିନ୍ତା କରିବାର କୌଣସି କାରଣ ନାହିଁ। ଭାରତୀୟ ମୁସଲମାନ ସୁରକ୍ଷିତ ଅଛନ୍ତି ଓ ସୁରକ୍ଷିତ ହୋଇ ରହିବେ ବୋଲି ସେ କହିଥିଲେ। ଯଦି ୫୦ ବର୍ଷ ପୂର୍ବରୁ ଏହି ବିଲ୍ ଅଣାଯାଇଥାନ୍ତା ତେବେ ଦେଶର ସ୍ଥିତି ଏଭଳି ହୋଇ ନ ଥାନ୍ତା। ସିଏବି ମାଧ୍ୟମରେ ସରକାର ଐତିହାସିକ ଭୁଲ୍‌କୁ ସଂଶୋଧନ କରୁଥିବା ସ୍ୱରାଷ୍ଟ୍ରମନ୍ତ୍ରୀ କହିଥିଲେ। ☞ପୃଷ୍ଠା-୪

- **ରାଜ୍ୟ ସଭାରେ ବିଲ୍ ସପକ୍ଷରେ ୧୨୫, ବିପକ୍ଷରେ ୧୦୫ ଭୋଟ**
- **ଭୋଟଦାନରୁ ବିରତ ରହିଲା ଶିବସେନା**
- **ଭାରତ ଇତିହାସରେ କଳାଦିବସ: ସୋନିଆ**
- **ରାଜନୈତିକ ଅଭିସନ୍ଧି ନାହିଁ: ଶାହା**

## ସମର୍ଥନ ଦେଲା ବିଜେଡି

**ବିଧାନ ପରିଷଦ ଗଠନ ଲାଗି ସବୁଜ ସଙ୍କେତ**

ଧର୍ମ ଆଧାରରେ ନାଗରିକତ୍ୱ ପ୍ରଦାନ ଲାଗି ଏନ୍‌ଡିଏ ସରକାର ଆଣିଥିବା ନାଗରିକତ୍ୱ (ସଂଶୋଧନ) ବିଲ୍‌କୁ ବିଜେଡି ରାଜ୍ୟ ସଭାରେ ସମର୍ଥନ ଦେଇଛି। ବିଲ୍ ଉପରେ ଆଲୋଚନା ପୂର୍ବରୁ ଅନୁଷ୍ଠିତ ରୁଦ୍ଧଦ୍ୱାର ବୈଠକରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଓଡ଼ିଶାରେ ବିଧାନ ପରିଷଦ ଗଠନ ପାଇଁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି। ଉଚ୍ଚ ସଦନରେ ବିଲ୍ ଆଲୋଚନାରେ ଭାଗନେଇ ବିଜେଡି ଏମ୍‌ପି ସସ୍ମିତ୍ ପାତ୍ର ସରକାରଙ୍କଠାରୁ ଏହା ଉପରେ ତିନୋଟି ସ୍ପଷ୍ଟୀକରଣ ଚାହିଁଥିଲେ। ବିଲ୍‌ରୁ ଶ୍ରୀଲଙ୍କାକୁ ବାଦ୍ ଦିଆଯିବାର କାରଣ କ'ଣ ବୋଲି ସେ ପଚାରିଥିଲେ। ଶ୍ରୀଲଙ୍କାରେ ବହୁସଂଖ୍ୟାରେ ହିନ୍ଦୁ ଓ ମୁସଲମାନ ଅତ୍ୟାଚାରିତ ହେଉଥିବାବେଳେ ଏହି ପଡୋଶୀ ଦେଶକୁ ବିଲ୍ ପରିସରଭୁକ୍ତ କରାଯିବା ଉଚିତ ବୋଲି ସସ୍ମିତ୍ ଓଡ଼ିଆରେ କହିଥିଲେ। ଏନ୍‌ଆର୍‌ସି ଏବଂ ନାଗରିକତ୍ୱ ସଂଶୋଧନ ବିଲ୍ ଦୁଇଟି ଭିନ୍ନ ପ୍ରସଙ୍ଗ। ସରକାର ମୁସଲମାନ ସମ୍ପ୍ରଦାୟଙ୍କ ମନରୁ ଭୟ ଦୂରକରିବା ଉଚିତ ବୋଲି ସେ ପ୍ରସ୍ତାବ ଦେଇଥିଲେ। ରାଜ୍ୟ ସଭାରେ ବିଜେଡି ବିଲ୍‌କୁ ବିରୋଧ କରୁ ବୋଲି ଏଆଇଟିଏମ୍‌ସି ଆହ୍ୱାନ ଦେଇଥିଲା। ବିଜେଡି ଏବଂ ଜେଡିୟୁ ବିଲ୍‌କୁ ବିରୋଧ କରିବା ସମୟ ଆସିଛି। ଯଦି ସେମାନେ ଆଜି ବିରୋଧ ନ କରନ୍ତି ତେବେ ୨୦ ବର୍ଷ ପରେ ପିଲାମାନଙ୍କୁ କି ଉତ୍ତର ଦେବେ ବୋଲି ତୃଣମୂଳ କଂଗ୍ରେସ ଏମ୍‌ପି ଡେରେକ୍ ଓ'ବ୍ରାଏନ୍ ପ୍ରଶ୍ନ କରିଥିଲେ।



## ଉତ୍ତରପୂର୍ବରେ ନିଆଁ

ଅଗରତାଳା/ଗୁଆହାଟୀ/ନୂଆଦିଲ୍ଲୀ, ୧୧।୧୨(ପି.ଟି./ଆଇଏଏନ୍ଏସ୍)

ନାଗରିକତ୍ୱ ସଂଶୋଧନ ବିଲ୍ ଲୋକ ସଭାରେ ପାସ୍ ହୋଇ ବୁଧବାର ରାତିରେ ରାଜ୍ୟ ସଭାରେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଏହାକୁ ଉଚ୍ଚ ସଦନରେ ଉପସ୍ଥାପନ କରିବାବେଳେ ବିଲ୍‌କୁ ଉତ୍ତର-ପୂର୍ବ ସମେତ ଦେଶର ବିଭିନ୍ନ ରାଜ୍ୟରେ ବିରୋଧ କରାଯାଇଛି। ଉତ୍ତରପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ବୁଧବାର ଏହା ବିରୋଧରେ ସର୍ବାଧିକ ବିକ୍ଷୋଭ ଓ ଆନ୍ଦୋଳନ ଦେଖିବାକୁ ମିଳିଛି। କ୍ରମାଗତ ତୃତୀୟ ଦିନ ଧରି ଏହି ବିବାଦୀୟ ବିଧେୟକକୁ ବିରୋଧ କରିଛନ୍ତି ବିଭିନ୍ନ ଦଳ, ଏନ୍‌ଜିଓ ଏବଂ ଛାତ୍ର ସଙ୍ଗଠନ। କେନ୍ଦ୍ର ସରକାର ଅଞ୍ଚଳବାସୀଙ୍କ ଭାବାବେଗକୁ ସମ୍ମାନ ଦେଇ ବିଲ୍‌କୁ ପ୍ରତ୍ୟାହାର କରନ୍ତୁ ବୋଲି ଦାବି କରିଛି ନର୍ଥ ଇଷ୍ଟ ଷ୍ଟୁଡେଣ୍ଟ ଅର୍ଗାନାଇଜେଶନ୍ (ଏନ୍ଇଏସ୍‌ଓ)। ଏହି ପରିପ୍ରେକ୍ଷୀରେ ବିଭିନ୍ନ ସ୍ଥାନରେ ବିକ୍ଷୋଭକାରୀଙ୍କ ବ୍ୟାପକ ପୋଡ଼ାଜଳା ଓ ଭଙ୍ଗାରୁଜା ଦେଖିବାକୁ ମିଳିଛି।

**ଜୀବନଯାତ୍ରା ବ୍ୟାହତ**

- ବିଭିନ୍ନ ସ୍ଥାନରେ ପୋଡ଼ାଜଳା, ଭଙ୍ଗାରୁଜା
- ଗୁଆହାଟୀରେ କର୍ଫ୍ୟୁ ଜାରି
- ଆସାମ, ମେଘାଳୟ, ତ୍ରିପୁରା ଓ ମିଜୋରାମରେ ପରୀକ୍ଷା ଘୁଞ୍ଚିଲା
- ଯାନବାହନ, ଟ୍ରେନ୍ ଚଳାଚଳ ବାତିଲ
- ମୋବାଇଲ ଇଣ୍ଟରନେଟ ସେବା ବନ୍ଦ
- ୫,୦୦୦ ଅର୍ଦ୍ଧସାମରିକ ବଳ ଯବାନ ମୁତୟନ

ଗୁଆହାଟୀ ସଚିବାଳୟ ବାହାରେ ବିକ୍ଷୋଭକାରୀଙ୍କ ପ୍ରବଳ ବିରୋଧ ଯୋଗୁ ପୋଲିସ ଲାଠିଚାର୍ଜ କରିଛି। ଗୁଆହାଟୀ ସମେତ ଅନେକ ସହରରେ କର୍ଫ୍ୟୁ ଜାରି କରାଯାଇଛି।

ନାଗରିକତ୍ୱ ସଂଶୋଧନ ବିଧେୟକ ପ୍ରତ୍ୟାହାର ଦାବିରେ ବୁଧବାର ଅଭୂତପୂର୍ବ ☞ପୃଷ୍ଠା-୪

## ଅଭିବୃଦ୍ଧି ପୂର୍ବାନୁମାନ ୫.୧%କୁ ହ୍ରାସ କଲା ଏଡିବି

ନୂଆଦିଲ୍ଲୀ,୧୧।୧୨: ଚଳିତ ଆର୍ଥିକ ବର୍ଷ ଲାଗି ଭାରତର ବିକାଶ ହାର ଅନୁମାନକୁ ଏସିଆନ ଡେଭଲପମେଣ୍ଟ ବ୍ୟାଙ୍କ (ଏଡିବି) ୫.୧%କୁ କମାଇଛି। ନିଯୁକ୍ତି ହ୍ରାସ, ଗ୍ରାମାଞ୍ଚଳରେ ଚାହିଦା ହ୍ରାସ ଏବଂ ଅମଳରେ ପ୍ରଭାବ ଭଳି ବିଭିନ୍ନ ପ୍ରସଙ୍ଗକୁ ବିଚାର କରି ଏଡିବି ଆକଳନକୁ ହ୍ରାସ କରିଛି। ଆସନ୍ତା ବର୍ଷ ଭାରତର ଅଭିବୃଦ୍ଧି ୬.୫% ରହିବ ବୋଲି ଏହା ଆଶା ପ୍ରକଟ କରିଛି। ଭାରତ ସରକାର ଗ୍ରହଣ କରୁଥିବା ନୀତିର ସକାରାତ୍ମକ ପ୍ରଭାବ ଭାରତ ଉପରେ ରହିବା ନେଇ ଏହା ଏସିଆନ ଡେଭଲପମେଣ୍ଟ ଆଉଟଲୁକ ଅପଡେଟ ରିପୋର୍ଟରେ କହିଛି। ସେପ୍ଟେମ୍ବରରେ ଏହା ଭାରତର ଜିଡିପି ଅଭିବୃଦ୍ଧିକୁ ୭%ରୁ କମାଇ ୬.୫%କୁ ହ୍ରାସ କରିଥିଲା। ସେହିଭଳି ଆଗାମୀ ଆର୍ଥିକ ବର୍ଷ ବିକାଶ ହାର ୭.୨%ରୁ ହ୍ରାସ କରି ଏହା ୬.୫%କୁ ଖସାଇଥିବା ଜଣାପଡିଛି।

## ଶୀତ ଗାଏବ

- **ଉପକୂଳରେ କୁହୁଡ଼ି**
- **୧୩ରେ ଆଭ୍ୟନ୍ତରୀଣ ଓଡ଼ିଶାରେ ହାଲୁକା ବର୍ଷା**

ଭୁବନେଶ୍ୱର, ୧୧।୧୨(ବ୍ୟୁରୋ): ଡିସେମ୍ବର ମାସ ଅଧା ହେଲାଣି। ମାତ୍ର ଏପର୍ଯ୍ୟନ୍ତ ଶୀତର ଦେଖା ନାହିଁ। ସହରାଞ୍ଚଳରେ ଶୀତ ଗାଏବ ହୋଇଯାଇଥିଲେ ମଧ ବଣପାହାଡ଼ ଘେରା ଜିଲାରେ ବି ଶୀତ ଅନୁଭୂତ ହେଉନାହିଁ। ଓଡ଼ିଶାର କଶ୍ମୀର କୁହାଯାଉଥିବା ଫୁଲବାଣୀ ଜିଲାର ଦାରିଙ୍ଗବାଡ଼ିରେ ଶୀତ ଗାଏବ ହୋଇ ଯାଇଛି। ୨୦୧୮ ଡିସେମ୍ବର ୧୯ରେ ଦାରିଙ୍ଗବାଡ଼ିରେ ସର୍ବନିମ୍ନ ତାପମାତ୍ରା ୪.୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବାବେଳେ ଫୁଲବାଣୀରେ ୪.୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିଲା। ଚଳିତ ବର୍ଷ ଏହି ଦୁଇଟି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ସେଲସିୟସ ତଳକୁ ଖସୁ ନାହିଁ। ତେବେ ଗତ ବର୍ଷ ଡିସେମ୍ବର ୧୧ ତାରିଖରେ ଉଭୟ ଅଞ୍ଚଳର ତାପମାତ୍ରା ୬ରୁ ୭ ଡିଗ୍ରୀ ସେଲସିୟସ ମଧ୍ୟରେ ରହିଥିଲା। ଗତବର୍ଷ ତୁଳନାରେ ଚଳିତ ବର୍ଷ ସର୍ବନିମ୍ନ ତାପମାତ୍ରା ୩ରୁ ୪ ଡିଗ୍ରୀ ସେଲସିୟସ ଅଧିକ ରହିଛି। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**କେତେ ସୁରକ୍ଷିତ ସାମୁଦ୍ରିକ ଖାଦ୍ୟ**

**ଆଜିର ମନ୍ତବ୍ୟ**

" ହିନ୍ଦୀ-ଚୀନୀ ଭାଇଭାଇ ଭାବାବେଗକୁ ପୁନରୁଜ୍ଜୀବିତ କରାଯିବାର ଆବଶ୍ୟକତା ରହିଛି।

**-ଦଲାଇ ଲାମା, ତିବ୍ବତୀୟ ଧର୍ମଗୁରୁ**

**କିଛି ତଥ୍ୟ**

ଚଳିତ ଆର୍ଥିକ ବର୍ଷ ଏପ୍ରିଲ-ସେପ୍ଟେମ୍ବର ମଧ୍ୟରେ ଭାରତ ଏହାର ଚାହିଦା ପୂରଣ ଲାଗି ବିଦେଶରୁ ୧୧୧.୪ ନିୟୁତ ଟନ୍ ଅଶୋଧିତ ତୈଳ ଆମଦାନୀ କରିଛି।

**- ପେଟ୍ରୋଲିୟମ ମନ୍ତ୍ରଣାଳୟ**



ଭାରତୀୟ-ଆମେରିକୀୟ ଅର୍ଥନୀତିଜ୍ଞ ଅଭିଜିତ ବାନାର୍ଜୀ ଓ ତାଙ୍କ ସ୍ତ୍ରୀ ଇସ୍ଥର ଡୁଫ୍ଲୋ ସ୍ୱିଡେନରେ ବୁଧବାର ନୋବେଲ ପୁରସ୍କାର ଗ୍ରହଣ କରୁଛନ୍ତି। ଅଭିଜିତ ଧୋତି ଓ କୁର୍ତ୍ତା ପିନ୍ଧିଥିବାବେଳେ ଇସ୍ଥର ନୀଳ ଶାଢ଼ି ପିନ୍ଧିଛନ୍ତି।

- ପ୍ରାୟୋଜିତ ନ ଥିଲା ୨୦୦୨ ଗୁଜରାଟ ଦଙ୍ଗା

## ମୋଦିଙ୍କୁ ନାନାବତୀ କମିଶନଙ୍କ କ୍ଲିନ୍‌ଚିଟ୍

ନୂଆଦିଲ୍ଲୀ,୧୧।୧୨(ପି.ଟି.)

- **୧୭ ବର୍ଷ ପରେ ଆସିଲା ଚୂଡ଼ାନ୍ତ ରିପୋର୍ଟ**
- **ଦଙ୍ଗାରେ ଯାଇଥିଲା ୧୦୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ**
- **୩ ପୂର୍ବତନ ଆଇପିଏସ୍ ଅଧିକାରୀଙ୍କ ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠାଇଲେ କମିଶନ**

୧୦୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ପ୍ରାଣହାନିର କାରଣ ସାଜିଥିବା ଗୁଜରାଟ ଦଙ୍ଗା ମାମଲାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କ୍ଲିନ୍‌ଚିଟ୍ ଦେଇଛନ୍ତି ନାନାବତୀ କମିଶନ। ୧୫୦୦ରୁ ଉର୍ଦ୍ଧ୍ୱ ପୃଷ୍ଠା ସମ୍ବଳିତ କମିଶନଙ୍କ ଚୂଡ଼ାନ୍ତ ରିପୋର୍ଟ ବୁଧବାର ଗୁଜରାଟ ବିଧାନସଭାରେ ଉପସ୍ଥାପିତ ହୋଇଛି। ରାଜ୍ୟ ତଥା ଦେଶକୁ ସ୍ତବ୍ଧ କରିଦେଇଥିବା ଏହି ଦଙ୍ଗାର ୧୭ ବର୍ଷ ପରେ ଏହାକୁ ଗୃହମନ୍ତ୍ରୀ ପ୍ରଦୀପସିଂ ଜାଡେଜା ଗୃହରେ ଉପସ୍ଥାପନ କରିଛନ୍ତି।



୨୦୦୨ ଫେବୃୟାରୀ ୨୭ରେ ଗୁଜରାଟର ଗୋଧ୍ରା ରେଳଷ୍ଟେଶନ ନିକଟରେ ସାବରମତୀ ଏକ୍ସପ୍ରେସ୍‌ର ଦୁଇଟି କୋଚ୍‌ରେ ନିଆଁ ଲଗାଇଦିଆଯାଇଥିଲା। ଏଥିରେ ୫୯ କରସେବକଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ସଂଘଟିତ ସାମ୍ପ୍ରଦାୟିକ ଦଙ୍ଗାରେ ୧୦୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଥିଲା। ମୃତକଙ୍କ ମଧ୍ୟରୁ ଅଧିକାଂଶ ଥିଲେ ସଂଖ୍ୟାଲଘୁ ସମ୍ପ୍ରଦାୟର। ସେତେବେଳେ ମୁଖ୍ୟମନ୍ତ୍ରୀ ଥିବା ଭାଜପା ନେତା ନରେନ୍ଦ୍ର ମୋଦି ଏହି ଦଙ୍ଗାର ତଦନ୍ତ ପାଇଁ ପ୍ରଥମେ ଜଣିକିଆ କମିଶନ ନିଯୁକ୍ତ କରିଥିଲେ। ପରେ ସେ କମିଶନଙ୍କ ପୁନର୍ଗଠନ କରିଥିଲେ। ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଜି.ଟି. ନାନାବତୀ ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ଗୁଜରାଟ ହାଇକୋର୍ଟର ପୂର୍ବତନ ବିଚାରପତି କେ.ଜି. ଶାହା ☞ପୃଷ୍ଠା-୪

## ଅଧାରେ ଲଟକିଛି ସାଗରମାଳା ପ୍ରକଳ୍ପ

**୭୦୦ କୋଟି ଟଙ୍କାର ପ୍ରକଳ୍ପକୁ ମିଳୁନି କେନ୍ଦ୍ରର ଅନୁମୋଦନ**

ଭୁବନେଶ୍ୱର,୧୧।୧୨(ବ୍ୟୁରୋ)

ସମୁଦ୍ର ଉପକୂଳର ବିକାଶ କରାଯିବ। ବନ୍ଦରଗୁଡ଼ିକର ଆଧୁନିକୀକରଣ, ଭିତ୍ତିଭୂମିର ଉନ୍ନତି, ବନ୍ଦରକୁ ଯୋଗାଯୋଗର ବିକାଶ, ମତ୍ସ୍ୟଜୀବୀ, ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକରେ ରହୁଥିବା ଲୋକ ଏବଂ ସମୁଦ୍ରକୂଳ ଶିଳ୍ପାଞ୍ଚଳର ବିକାଶ କରିବାକୁ କେନ୍ଦ୍ର ସରକାର ସାଗରମାଳା କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ୨୦୧୫ ମାର୍ଚ୍ଚ ୨୫ରେ ଏହି କାର୍ଯ୍ୟକ୍ରମକୁ କେନ୍ଦ୍ର କ୍ୟାବିନେଟରେ ଅନୁମୋଦନ କରାଯାଇଥିଲା। ଏହାକୁ କାର୍ଯ୍ୟକାରୀ କରିବାକୁ ୨୦୧୬ରେ ନ୍ୟାଶନାଲ ପ୍ରସ୍‌ପେକ୍ଟିଭ ପ୍ଲାନ(ଏନପିପି) ଜରିଆରେ ଉପକୂଳ ଏବଂ ସାମୁଦ୍ରିକ ସମନ୍ୱିତ ବିକାଶ କ୍ଷେତ୍ର ପ୍ରସ୍ତୁତ କରାଯାଇଥିଲା। ଏଥିରେ ପ୍ରଥମ ପର୍ଯ୍ୟାୟରେ ଦେଶର ୩୦୦ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ସ୍ଥାନ ଚିହ୍ନଟ କରାଯାଇଛି। ସାଗରମାଳା ପ୍ରକଳ୍ପରେ ରାଜ୍ୟର ୧୧ଟି ପ୍ରକଳ୍ପକୁ ସାମିଲ କରିବାକୁ ରାଜ୍ୟ ସରକାର ପ୍ରସ୍ତାବ ଦେଇଛନ୍ତି। ଏ ବାବଦରେ ୬୯୮.୯୨ କୋଟି ଟଙ୍କାର ପ୍ରକଳ୍ପ କେନ୍ଦ୍ର ନିକଟକୁ ପଠାଯାଇଛି।

ରାଜ୍ୟର ୧୧ ପ୍ରକଳ୍ପ ମଧ୍ୟରେ ବାଲେଶ୍ୱର ଜିଲାର ବଳରାମଗଡ଼ି ନିକଟସ୍ଥ ଚାନ୍ଦିପୁର ମାଛଧରା ବନ୍ଦରକୁ ବିଦ୍ୟୁତ ଯୋଗାଣ, ଜେଟି ନିର୍ମାଣ, ପାଚେରି ନିର୍ମାଣ ପାଇଁ ୧୭ କୋଟି ଟଙ୍କାର ପ୍ରକଳ୍ପ ପ୍ରସ୍ତାବ ଦିଆଯାଇଛି। ଏହା ସହ ସେହି ଜାଗାକୁ ପାନୀୟ ଜଳ ଯୋଗାଣ ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ୧୪.୭୨ କୋଟି, ସେହି ମାଛଧରା ବନ୍ଦରର ଭିତ୍ତିଭୂମି ବିକାଶ ପାଇଁ ୯.୯୫ କୋଟି, ମାଛ ପ୍ରକ୍ରିୟାକରଣ ପାଇଁ ୫ କୋଟି, ପୁରୀ ଜିଲାର ଚନ୍ଦ୍ରଭାଗା ନିକଟରେ ମାଛଧରା ଜେଟି ନିର୍ମାଣ ପାଇଁ ୫ କୋଟି, ସାତପଡ଼ା ଓ ଜହ୍ନିକୁଦା ମଧ୍ୟରେ ଯାତ୍ରୀମାନଙ୍କ ଯାତାୟାତର ସୁବିଧା ପାଇଁ ନୂଆ ଫେରି କ୍ରୟ କରିବା ସକାଶେ ୧୩.୯୬ କୋଟି, ଜାମୁଝଡ଼ି, ବାସୁଦେବପୁର, ଧାମରାକୁ ସଂଯୋଗ କରୁଥିବା ୬୦ କି.ମି. ରାସ୍ତାକୁ ଦୋହରୀକରଣ କରାଯିବ ପାଇଁ ୨୭୦.୩ କୋଟି, ହଳଦୀପଦର ଗୋପାଳପୁର ଭାୟା ରଙ୍ଗିପୁର ଦେଇ ଯାଇଥିବା ୧୭.୮ କି.ମି ରାସ୍ତାକୁ ୪ ଲେନ କରିବାକୁ ୧୬୧.୩୯ କୋଟି, ଭଦ୍ରକ ଜିଲାର କାଣୀନାଳି ଓ କେନ୍ଦ୍ରାପଡ଼ା ଜିଲାର ତାଳଚୁଆରେ ଜେଟି ନିର୍ମାଣ କରିବା ପାଇଁ ୧୧୩.୫୦ କୋଟି ଏବଂ ପୁରୀ ଜିଲାର କୃଷ୍ଣପ୍ରସାଦ ଗଡା ଏବଂ ଖୋର୍ଦ୍ଧା ଜିଲାର ବାଲୁଗାଁରେ ଜେଟି ଓ ଅନ୍ୟାନ୍ୟ ଭିତ୍ତିଭୂମି ନିର୍ମାଣ ପାଇଁ ୬୩.୬୦ କୋଟି ଟଙ୍କାର ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରାଯାଇ କେନ୍ଦ୍ର ନିକଟରେ ଦାବି କରାଯାଇଛି। ୨୦୧୮ରୁ ଏହି ପ୍ରସ୍ତାବ ଦିଆଯାଇଥିଲେ ମଧ୍ୟ କେନ୍ଦ୍ର ସରକାର ଏହାର ଅନୁମୋଦନ କରିନାହାନ୍ତି। କେନ୍ଦ୍ର ସରକାର ସାଗରମାଳା ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ସାଗରମାଳା ଉନ୍ନୟନ କମ୍ପାନୀ ଲିମିଟେଡ(ଏସ୍‌ଡିସିଏଲ) ଗଠନ କରିଛନ୍ତି। ଏହି କମ୍ପାନୀ ରାଜ୍ୟସ୍ତରରେ ଗଠନ କରାଯାଇଥିବା ସ୍ପେଶାଲ ପର୍ପସ ଭେହିକିଲ(ଏସ୍‌ପିଭି)ଗୁଡିକୁ ପ୍ରକଳ୍ପ କାର୍ଯ୍ୟକାରୀ କରିବାରେ ସହାୟତା କରିବ। ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ କରିବା ସକାଶେ ପ୍ରାଥମିକ ସ୍ତରରେ ଏସ୍‌ଡିସିଏଲ ଅର୍ଥ ଯୋଗାଇବ। ଜାହାଜ ଚଳାଚଳ ମନ୍ତ୍ରଣାଳୟର ବଜେଟରୁ ୫ରୁ ୬ ବର୍ଷ ପର୍ଯ୍ୟନ୍ତ ଏହି ଅର୍ଥ ଖର୍ଚ୍ଚ କରାଯିବ। ରାଜ୍ୟସ୍ତରରେ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସାମୁଦ୍ରିକ ବୋର୍ଡ ଏବଂ ରାଜ୍ୟ ସାଗରମାଳା କମିଟି ମିଳିତ ଭାବେ କାର୍ଯ୍ୟ କରିବେ। ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ର ସରକାର ଗାଇଡଲାଇନ ଜାରି କରିଥିବା ବେଳେ ପ୍ରକଳ୍ପ ଅନୁମୋଦନ ହେଉ ନ ଥିବାରୁ ସାଗରମାଳା କାର୍ଯ୍ୟକ୍ରମ ଝୁଲି ରହିଛି। ବର୍ଷେ ହେବ ପ୍ରକଳ୍ପ କେନ୍ଦ୍ର ନିକଟରେ ଅଟକି ରହିଛି। ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇ ପାରୁନାହିଁ ବୋଲି ବାଣିଜ୍ୟ ଓ ପରିବହନ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।


Taste the difference! Vencobb FRESH CHICKEN

11.12.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 84 | 137 | 147 |
| CTC | 84 | 137 | 147 |
| DKL | 85 | 139 | 149 |
| BDK | 79 | 131 | 141 |
| BLS | 79 | 131 | 141 |
| ANG | 85 | 139 | 149 |
| BHM | 85 | 139 | 149 |

*Conditions Apply

Issued in the Interest of Consumers



## ଜିଲା ଚିଠି
### ବଲାଙ୍ଗୀର

# ୭୫: ପ୍ଲାଟିନମ୍‌ର ଦୀପ୍ତି

ଆଜକୁ ୭୫ ବର୍ଷ ତଳେ ବଣପାହାଡ ଘେରା ଆଦିବାସୀ ବହୁଳ ଗଡ଼ଜାତ ପାଟଣା ଷ୍ଟେଟ୍‌ର ବଲାଙ୍ଗୀର ସହରରେ ଆଧୁନିକ ଯୁଗର ଆଲୋକବର୍ତ୍ତିକା ରାଜେନ୍ଦ୍ର କଲେଜର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ତତ୍କାଳୀନ ମହାରାଜ ରାଜେନ୍ଦ୍ର ନାରାୟଣ ସିଂଦେଓଙ୍କ ନେତୃତ୍ୱରେ ୧୯୪୪ ମସିହାରେ ପଶ୍ଚିମ ଓଡିଶାର ସର୍ବପୁରାତନ ଉଚ୍ଚ ଶିକ୍ଷାନୁଷ୍ଠାନ ଭାବେ ରାଜେନ୍ଦ୍ର କଲେଜର ପରିକଳ୍ପନା ଓଡିଶା ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଓ ଗୌରବାବହ ଘଟଣାକ୍ରମ ଥିଲା। ୧୯୪୬ ମସିହାରେ ଏହା ଡିଗ୍ରୀ କଲେଜ ଭାବେ ଉନ୍ନୀତ ହେଲା। ୧୯୬୪-୬୫ ମସିହାରେ ଏଠାରେ ବାଣିଜ୍ୟ ଓ ୧୯୬୫-୬୬ ମସିହାରେ ବିଜ୍ଞାନ ବିଭାଗ ଖୋଲିଲା। ୧୯୭୮-୭୯ ମସିହାରେ ଏହି କଲେଜରେ ସ୍ନାତକୋତ୍ତର ପାଠ୍ୟକ୍ରମ ଆରମ୍ଭ ହେଲା। ୧୯୬୭ରୁ ୨୦୦୨ ମସିହା ପର୍ଯ୍ୟନ୍ତ ଏହି କଲେଜ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନରେ ରହିଥିଲା। ଏହାପରେ ରାଜେନ୍ଦ୍ର କଲେଜକୁ ସ୍ୱୟଂଶାସିତ କଲେଜର ମାନ୍ୟତା ମିଳିଥିଲା। ଆରମ୍ଭ ହେବା ଦିନଠାରୁ ଏହି କଲେଜ ସାମାଜିକ, ସାଂସ୍କୃତିକ, ଅର୍ଥନୈତିକ ଓ ଶିକ୍ଷାକ୍ଷେତ୍ରରେ ବହୁ ମାଇଲଖୁଣ୍ଟ ସ୍ଥାପନ କରିଛି। ୨୦୧୯ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବିକୁ ସାକାର କରିବାକୁ ଯାଇ ରାଜେନ୍ଦ୍ର କଲେଜକୁ ବିଶ୍ୱବିଦ୍ୟାଳୟ ଭାବେ ଘୋଷଣା କରିଥିଲେ। ଘୋଷଣା ମୁତାବକ ଆସନ୍ତା ଶିକ୍ଷାବର୍ଷରୁ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ବିଧିବଦ୍ଧ ଭାବେ ଆରମ୍ଭ ହେବ। ଏହି କଲେଜଟି ବିଶ୍ୱବିଦ୍ୟାଳୟର ମାନ୍ୟତା ଲାଭ କରିବାବେଳେ ରାଜେନ୍ଦ୍ର କଲେଜ ପ୍ରତିଷ୍ଠାର ୭୫ ବର୍ଷ ପୂର୍ତ୍ତି ପାଳନ କରିଛି। ଏହା ନିଶ୍ଚିତ ରୂପେ ଏହି ଅଞ୍ଚଳବାସୀଙ୍କ ପାଇଁ ଏକ ସ୍ମରଣୀୟ ମୁହୂର୍ତ୍ତ। ଚଳିତ ଡିସେମ୍ବର ମାସ ୨୭ତାରିଖରୁ ୫ଦିନ ବ୍ୟାପୀ ରାଜେନ୍ଦ୍ର କଲେଜର ୭୫ବର୍ଷ ପୂର୍ତ୍ତି ଉତ୍ସବ ପ୍ଲାଟିନମ୍ ଜୁବିଲି ଆରମ୍ଭ ହେବ। ଏଥିରେ ଦେଶର ଉପରାଷ୍ଟ୍ରପତି, ଓଡିଶା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଉତ୍ସବକୁ ମହାସମାରୋହରେ ପାଳନ କରିବା ପାଇଁ ପୁରାତନ ଛାତ୍ର, ବର୍ତ୍ତମାନର ଛାତ୍ର, ଶିକ୍ଷାବିତ୍, ବୁଦ୍ଧିଜୀବୀ ଅନାଇ ରହିଛନ୍ତି। ଏହି ସମୟରେ କଲେଜର ପୁରୁଣା ଉପଲବ୍ଧିକୁ ଅନେକେ ମନେପକାଉଛନ୍ତି। ୭୫ ବର୍ଷ ତଳେ କିଭଳି ଭାବେ ଏହି କଲେଜର ପରିକଳ୍ପନା କରାଯାଇଥିଲା ଓ ଏଥିରେ ଯେଉଁ ମହାନୁଭବମାନଙ୍କ ଯୋଗଦାନ ରହିଥିଲା ସେ ସମସ୍ତଙ୍କୁ ସ୍ମରଣ କରିବାର ଅବସର ଆସିଛି। ଗତ ୭୫ ବର୍ଷ ଭିତରେ ଏହି କଲେଜରୁ ସହସ୍ରାଧିକ ଭଲ ମଣିଷ, ଉତ୍ତମ ନାଗରିକ, ଶିକ୍ଷକ, ଅଧ୍ୟାପକ, ବୁଦ୍ଧିଜୀବୀ, ସାରସ୍ୱତ ସାଧକ, ବୈଜ୍ଞାନିକ, ଅର୍ଥନୀତିଜ୍ଞ, କ୍ରୀଡାବିତ୍, କଳାକାର,ଓକିଲ,ନ୍ୟାୟାଧୀଶ, ଶିଳ୍ପୀ, ସ୍ଥପତି, ଡାକ୍ତର ଓ ଗବେଷକ ବାହାରି ମାନବ କଲ୍ୟାଣରେ ଲାଗିଛନ୍ତି। ସ୍ୱର୍ଗତ କିଷନ୍ ପଟ୍ଟନାୟକଙ୍କ ଭଳି ମହାନ୍ ଚିନ୍ତାନାୟକ, ସ୍ୱର୍ଗତ ସ୍ୱପ୍ନାନନ୍ଦ ପାଣିଗ୍ରାହୀଙ୍କ ଭଳି ସ୍ୱାଧୀନତା ସଂଗ୍ରାମୀ ଏହି କଲେଜରେ ପାଠ ପଢ଼ିଥିଲେ। ୧୯୯୦ ମସିହାରେ ବେଜିଂ ଏସିଆଡ୍ କ୍ରୀଡା ମହାକୁମ୍ଭରେ ରୌପ୍ୟ ପଦକ ଜିତି ସମଗ୍ର ଭାରତବର୍ଷର ଗୌରବ ବଢ଼ାଇଥିବା ମହାନ୍ କ୍ରୀଡା ପ୍ରତିଭା ପ୍ରଣତୀ ମିଶ୍ର ହେଉଛନ୍ତି ଏହି କଲେଜର ଛାତ୍ରୀ। ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଅର୍ଥନୀତିଜ୍ଞ ଅଜିତ୍ ମିଶ୍ର, ଓଡିଶାର ବର୍ତ୍ତମାନ୍ ମୁଖ୍ୟ ଶାସନ ସଚିବ ଅସିତ୍ କୁମାର ତ୍ରିପାଠୀ,ଚଳଚ୍ଚିତ୍ର ନିର୍ମାତା ସବ୍ୟସାଚୀ ମହାପାତ୍ର, ଅଭିନେତା ସାଧୁ ମେହେରଙ୍କ ଭଳି ଅଗଣିତ ପ୍ରତିଭାଧରଙ୍କୁ ସୃଷ୍ଟି କରି ରାଜେନ୍ଦ୍ର କଲେଜ ସଗର୍ବେ ଠିଆ ହୋଇଛି। ଏହି କଲେଜର ବହୁ ଛାତ୍ରୀଛାତ୍ର ଦେଶବିଦେଶର ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହି ସେବା କରିବା ସହ ବଲାଙ୍ଗୀର ଓ ଓଡିଶା ମାଟିର ଗୌରବ ବଢ଼ାଇଛନ୍ତି। ଏଭଳି ଏକ ମହାନ୍ ଶିକ୍ଷାନୁଷ୍ଠାନରେ ଦୀର୍ଘବର୍ଷ ହେଲା ଅଧ୍ୟାପକ ସମସ୍ୟା, ଭିତ୍ତିଭୂମି ଅଭାବଜନିତ ବହୁ ସମସ୍ୟା ଲାଗି ରହିଛି। ତେବେ ଏହି କଲେଜର ୭୫ ବର୍ଷ ପୂର୍ତ୍ତି ଅବସରରେ ପ୍ଲାଟିନମ୍ ଜୁବିଲି ପାଳନ ଅନେକ ଆଶା ଆକାଂକ୍ଷା ପୂରଣ କରିବା ସହ ନୂଆ ସମ୍ଭାବନା ନେଇ ଆସିବ ବୋଲି ଅଞ୍ଚଳବାସୀ ଆଶା ବାନ୍ଧିଛନ୍ତି।

**– ବୀରେନ୍ଦ୍ର କୁମାର ଝାଙ୍କର**

# ଖୁବ୍‌ଶୀଘ୍ର ଆଉ ୧୦୦ ଆଦର୍ଶ ବିଦ୍ୟାଳୟ

ଭୁବନେଶ୍ୱର,୧୧।୧୨(ବ୍ୟୁରୋ)

ଗୁଣାତ୍ମକ ଶିକ୍ଷା ପ୍ରତି ଓଡ଼ିଶା ସରକାର ପ୍ରତିବଦ୍ଧ। ରାଜ୍ୟରେ ଗୁଣାତ୍ମକ ଶିକ୍ଷାକୁ ପ୍ରୋତ୍ସାହନ ଦେବାକୁ ସମଗ୍ର ରାଜ୍ୟରେ ନୂତନ ଢାଞ୍ଚାରେ ୨୧୪ ଆଦର୍ଶ ବିଦ୍ୟାଳୟ ଖୋଲାଯାଇଛି। ଖୁବ୍‌ଶୀଘ୍ର ଆଉ ୧୦୦ ବ୍ଲକ୍‌ରେ ଆଦର୍ଶ ବିଦ୍ୟାଳୟ ଖୋଲିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ବୁଧବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧକ୍ଷ ଓ ନବନିଯୁକ୍ତ ଶିକ୍ଷକଙ୍କ ପାଇଁ ମାର୍ଗଦର୍ଶନ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ଶିକ୍ଷାଦାନ ଏକ ମହାନ ବୃତ୍ତି। ଶ୍ରେଣୀ କକ୍ଷରେ ହିଁ ଦେଶର ଭବିଷ୍ୟତ ଗଠନ କରାଯାଇଥାଏ। ତେଣୁ କେବଳ ପୁସ୍ତକଗତ ଶିକ୍ଷାଦାନ ମଧ୍ୟରେ ସୀମିତ ନ ରହି ଛାତ୍ରୀଛାତ୍ରଙ୍କ ଚରିତ୍ର ଗଠନ ଓ ସେମାନଙ୍କ ମଧ୍ୟରେ ନୈତିକ ମୂଲ୍ୟବୋଧର ବିକାଶ ଉପରେ ଶିକ୍ଷକମାନେ ଗୁରୁତ୍ୱ ଦେବା ଆବଶ୍ୟକ। ଆଦର୍ଶ ବିଦ୍ୟାଳୟ ଉତ୍ତମ ଶିକ୍ଷାଦାନ ସହ ପିଲାଙ୍କ ସ୍ୱପ୍ନକୁ ସାକାର କରିବାରେ ସହାୟକ ହୋଇପାରିଛି। ୬୦% ଛାତ୍ରୀ ଏଠାରେ ଶିକ୍ଷା ଗ୍ରହଣ କରିପାରୁଛନ୍ତି। ସିବିଏସ୍‌ଇ ଅଧୀନରେ ପରୀକ୍ଷା ହେଉଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ର ୧୦ମ ଶ୍ରେଣୀ ପରୀକ୍ଷାରେ ଭଲ ପ୍ରଦର୍ଶନ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।




ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧକ୍ଷ ଓ ନବନିଯୁକ୍ତ ଶିକ୍ଷକଙ୍କ ପାଇଁ ମାର୍ଗଦର୍ଶନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟମାନେ।

- ୪୮୯ ଶିକ୍ଷକ ଓ ୮ ଅଧକ୍ଷଙ୍କୁ ମିଳିଲା ନିଯୁକ୍ତି ପତ୍ର
- ୫ ହଜାର ପିଲାଙ୍କ ପାଇଁ ଭୁବନେଶ୍ୱରରେ ସ୍ୱତନ୍ତ୍ର ମଡେଲ୍ ସ୍କୁଲ

କାର୍ଯ୍ୟକ୍ରମରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ଭୁବନେଶ୍ୱରରେ ଏକ ରାଜ୍ୟସ୍ତରୀୟ ଆଦର୍ଶ ବିଦ୍ୟାଳୟ ଖୋଲାଯିବା ନେଇ ସୂଚନା ଦେଇଥିଲେ। ଏଥିପାଇଁ ଖଣ୍ଡଗିରି ନିକଟରେ ସ୍ଥାନ ଚିହ୍ନଟ ସରିଥିବାବେଳେ ଏଠାରେ ସାରା ରାଜ୍ୟରୁ ୫ ହଜାର ଛାତ୍ରୀଛାତ୍ରଙ୍କ ପଢ଼ିବା ପାଇଁ ବ୍ୟବସ୍ଥା କରାଯିବ। ଅନ୍ୟାନ୍ୟ ପାଠ୍ୟକ୍ରମ ସହ ଏହି ମଡେଲ୍ ସ୍କୁଲରେ ଧନ୍ଦାମୂଳକ ପାଠ୍ୟକ୍ରମରେ ସ୍ୱତନ୍ତ୍ର ଭାବେ ଶିକ୍ଷାଦାନ ଦିଆଯିବ। ଏହାସହ ରାଜ୍ୟର ୩୦ ଜିଲାରେ ଗୋଟିଏ ଲେଖାଏଁ ଆଦର୍ଶ ବିଦ୍ୟାଳୟକୁ ଚିହ୍ନଟ କରାଯାଇ ତାହାକୁ ମଡେଲ୍ ସ୍କୁଲ କରାଯିବ। ଏହି ୩୦ ବିଦ୍ୟାଳୟରେ ଭୁବନେଶ୍ୱର ଢାଞ୍ଚାରେ ଧନ୍ଦାମୂଳକ ଶିକ୍ଷା ପାଇଁ ସ୍ୱତନ୍ତ୍ର ପାଠ୍ୟକ୍ରମ ରହିବ ବୋଲି ମନ୍ତ୍ରୀ ଦାଶ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଉକ୍ତ ବିଦ୍ୟାଳୟଗୁଡ଼ିକରେ ଖାଲି ପଡ଼ିଥିବା ଶିକ୍ଷକ ପଦବୀ ପୂରଣ ଲାଗି ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୨୮୩ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ଉପଦେଷ୍ଟା ଡ. ବିଜୟ ସାହୁ ଇଂଲିଶ ମିଡିୟମ୍ ସ୍କୁଲରେ ପଢ଼ିପାରୁ ନ ଥିବା ପଛୁଆ ଜିଲାର ପିଲାମାନେ ଆଦର୍ଶ ବିଦ୍ୟାଳୟ ମାଧ୍ୟମରେ କିଭଳି ନିଜ ସ୍ୱପ୍ନକୁ ସାକାର କରିପାରୁଛନ୍ତି ସେ ସମ୍ପର୍କରେ କହିଥିଲେ। ୭୦ ହଜାରରୁ ଅଧିକ ଛାତ୍ରୀଛାତ୍ର ଏଠାରୁ ଶିକ୍ଷାଲାଭ କରିଥିବାବେଳେ ଭୁବନେଶ୍ୱରରେ ଏକ ବୃହତ୍ତମ ମଡେଲ୍ ସ୍କୁଲ ନିର୍ମାଣ କରାଯାଇ ସେଠାରେ ମେଧାବୀ ପିଲାଙ୍କୁ ତାଲିମ ଦିଆଯିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶାସନ ସଚିବ ଚିତ୍ରା ଆରୁମୁଗମ୍ ସ୍ୱାଗତ ଭାଷଣ ଦେଇଥିବାବେଳେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ରଘୁରାମ ଆର୍. ଆୟାର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆଦର୍ଶ ବିଦ୍ୟାଳୟର ନୂଆ ୱେବ୍‌ସାଇଟ ଲୋକାର୍ପଣ କରିବା ସହ ୪୮୯ ଶିକ୍ଷକ ଓ ୮ ଅଧକ୍ଷଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ। ୨୦୧୯ ସିବିଏସ୍‌ଇ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ୯ ଛାତ୍ରୀଛାତ୍ର, ଶତ ପ୍ରତିଶତ ପାସ୍‌ହାର ପାଇଁ ୯ ଆଦର୍ଶ ବିଦ୍ୟାଳୟ ଏବଂ ୬ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

■ ମହିଳା କର୍ମଚାରୀଙ୍କୁ ଅସଦାଚରଣ ମାମଲା

# ପ୍ରମୋଦ ସାହୁଙ୍କୁ ହାଇକୋର୍ଟରୁ ଜାମିନ

କଟକ ଅଫିସ/
କେନ୍ଦ୍ରାପଡ଼ା ଅଫିସ, ୧୧।୧୨

କେନ୍ଦ୍ରାପଡ଼ା ସମବାୟ ସମିତିର ପୂର୍ବତନ ସଭାପତି ପ୍ରମୋଦ କୁମାର ସାହୁଙ୍କୁ ହାଇକୋର୍ଟରୁ ବୁଧବାର ଜାମିନ ମିଳିଛି। ପ୍ରମୋଦଙ୍କ ଜାମିନ ମଞ୍ଜୁର କରିବା ପରେ ତାଙ୍କ ପାଇଁ ନିମ୍ନ ଅଦାଲତ ସର୍ତ୍ତାବଳୀ ଧାର୍ଯ୍ୟ କରିବେ ବୋଲି ହାଇକୋର୍ଟ କହିଛନ୍ତି। ସୂଚନାଥାଉ କି, ପ୍ରମୋଦଙ୍କ ବିରୋଧରେ ଅସଦାଚରଣ ଅଭିଯୋଗ ହୋଇଥିଲା। ସମବାୟ ସମିତିରେ କାର୍ଯ୍ୟ କରୁଥିବା ଜଣେ ମହିଳା କର୍ମଚାରୀ ତାଙ୍କ ବିରୋଧରେ ଗତ ଏପ୍ରିଲରେ ଏହି ଅଭିଯୋଗ ଆଣି ପୋଲିସର ଦ୍ୱାରସ୍ଥ ହୋଇଥିଲେ। ମାତ୍ର ରାଜନୈତିକ

**ସର୍ତ୍ତାବଳୀ ଧାର୍ଯ୍ୟ କରିବେ ନିମ୍ନ ଅଦାଲତ**

ଚାପରେ ପୋଲିସ ପ୍ରମୋଦଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ତେବେ ଏହି ଘଟଣା ଚର୍ଚ୍ଚାର ପରିସରକୁ ଆସିବା ପରେ ମହିଳା କର୍ମଚାରୀଙ୍କ ଅଭିଯୋଗକୁ ଆଧାର କରି କେନ୍ଦ୍ରାପଡା ଟାଉନ ଥାନା ପୋଲିସ ପ୍ରମୋଦଙ୍କୁ ଗତ ନଭେମ୍ବର ୩ ତାରିଖ ରାତିରେ ଗିରଫ କରିଥିଲା। ପରେ ପୋଲିସ ତାଙ୍କୁ କୋର୍ଟଚାଲାଣ କରିଥିଲା। ତଳ କୋର୍ଟରେ ତାଙ୍କ ଜାମିନ ଆବେଦନ ଖାରଜ ହେବାରୁ ପ୍ରମୋଦ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ବିପଜ୍ଜନକ ସେଲ୍‌ଫି କାଳ ହେଲା

# ରାମ ଦୋଳିରୁ ଖସି କଲେଜ ଛାତ୍ର ମୃତ

ଡୁଙ୍ଗୁରିପାଲି,୧୧।୧୨(ଡି.ଏନ.ଏ.)

ଧନୁଯାତ୍ରା ସମୟରେ ରାମ ଦୋଳିରେ ବସି ୨୦ ଫୁଟ୍ ଉପରୁ ସେଲ୍‌ଫି ନେବା ଦୁଇ ସାଙ୍ଗଙ୍କୁ ମହଙ୍ଗା ପଡିଛି। ଏହି ଘଟଣାରେ ଜଣେ କଲେଜ ଛାତ୍ରଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ମଙ୍ଗଳବାର ରାତିରେ ସୁବର୍ଣ୍ଣପୁର ଜିଲା ରାମପୁରରେ ଏହି ଦୁଃଖଦ ଘଟଣା ଘଟିଛି।

ରାମପୁର ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବର ମଙ୍ଗଳବାର ପଞ୍ଚମ ଦିବସରେ ରାଜ୍ୟ ଗୃହ ଓ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଅତିଥିଭାବେ ଯୋଗ ଦେଇଥିଲେ। ଯାତ୍ରା ପଡିଆରେ ପ୍ରବଳ ଜନଗହଳି ହୋଇଥିଲା। କଲିକତାରୁ ଆସିଥିବା ରାମ ଦୋଳିର ମଜା ନେଉଥିଲେ ବୈରାଗୀମୁଣ୍ଡା ଗ୍ରାମର ଜଗା ବାରିକ(୨୦) ଓ ମାଧବ ଛତ୍ରିଆ(୨୦)। ଦୋଳି ଚାଲୁଥିବା ସମୟରେ ଜଗା ଓ ମାଧବ ଉପରୁ ମୋବାଇଲରେ ସେଲ୍‌ଫି ନେଉଥିଲେ। ଏହି ସମୟରେ ଭାରସାମ୍ୟ ହରାଇ ଦୁହେଁ ତଳକୁ ଖସି ପଡିଥିଲେ। ଗୁରୁତର ଅବସ୍ଥାରେ ଦୁହିଁଙ୍କୁ ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଜଗାଙ୍କ ପେଟ ଓ ଛାତିରେ ଗଭୀର ଆଘାତ ଲାଗିଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୁର୍ଲାରେ ବ୍ୟବଚ୍ଛେଦ ପରେ ମୃତଦେହକୁ ବୈରାଗୀମୁଣ୍ଡାସ୍ଥିତ ନିଜ ଗାଁକୁ ଅଣାଯାଇଥିଲା। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଜଗାଙ୍କ ବାପା ସନ୍ତୋଷ ମୁଖାଗ୍ନି ଦେଇଛନ୍ତି। ଜଗା ଗଜବନ୍ଧସ୍ଥିତ ବାବାଜୀ ସାହୁ କଲେଜରେ ଯୁକ୍ତ ୩ ପଢୁଥିଲେ। ସନ୍ତୋଷଙ୍କର ୪ ଝିଅ ଓ ଜଗା ଏକମାତ୍ର ପୁତ୍ର ଥିଲେ। ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ମାଧବ ଛତ୍ରିଆଙ୍କ ମୁଣ୍ଡରେ ଆଘାତ ଲାଗିଛି। ଚିକିତ୍ସା ପରେ ସେ ସୁସ୍ଥ ଥିବା ଜଣାପଡିଛି। ତେବେ କେଉଁ ପରିସ୍ଥିତିରେ ଛାତ୍ରଙ୍କ ମୃତ୍ୟୁ ହେଲା ସେ ନେଇ ରାମପୁର ପୋଲିସ ଘଟଣାର ତଦନ୍ତ କରୁଛି।


# ସି.ଭି. ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟ ହେବ ବିଶ୍ୱସ୍ତରୀୟ

ପ୍ରତିଷ୍ଠା ହେବାକୁ ଯାଉଥିବା ସି.ଭି. ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟ ଫ୍ୟୁଚର ଅଫ୍ ସ୍କିଲ୍ସର ପ୍ରୋଗ୍ରାମ ଗୁଡ଼ିକୁ ପ୍ରାଧାନ୍ୟ ଦେବ ଏବଂ ଆଧୁନିକ ବିଷୟ ଗୁଡ଼ିକରେ ଦକ୍ଷତା ସମ୍ପନ୍ନ ବିଦେଶି ଶିକ୍ଷକମାନଙ୍କ ସହିତ ଆର୍ନ୍ତଜାତିକ ଛାତ୍ରଛାତ୍ରୀମାନଙ୍କୁ ଅଧିକ ମାତ୍ରାରେ ସୁଯୋଗ ପ୍ରଦାନ କରିବ।

ଚେୟାରମ୍ୟାନ
ସି.ଭି. ରମଣ କଲେଜ ଅଫ୍ ଇଞ୍ଜିନିୟରିଂ

ସି.ଭି ରମଣ କଲେଜ ବର୍ତ୍ତମାନ ଗୋଟିଏ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟରେ ପରିଣତ ହେବାକୁ ଯାଉଛି। ଗୋଟିଏ ବିଶ୍ୱବିଦ୍ୟାଳୟରେ ଉନ୍ନତମାନର ଉଚ୍ଚଶିକ୍ଷା ଛଡ଼ା ଗବେଷଣା ଓ ଉଦ୍‌ଭାବନାକୁ ପ୍ରାଧାନ୍ୟ ଦିଆଯାଇଥାଏ। ସି.ଭି. ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟରେ ଉନ୍ନତମାନର ଉଚ୍ଚଶିକ୍ଷା ଛଡ଼ା ଆଧୁନିକ ବିଜ୍ଞାନ ଓ ପ୍ରଯୁକ୍ତି ଗବେଷଣା ଏବଂ ଉଦ୍‌ଭାବନା କୌଶଳକୁ ପ୍ରାଧାନ୍ୟ ଦିଆଯିବ। ଏହାଦ୍ୱାରା ଏକବିଂଶ ଶତାବ୍ଦିର ନୂତନ ଶିଳ୍ପ ପରିବେଶରେ ସି.ଭି. ରମଣରେ ଛାତ୍ରମାନଙ୍କର ନିଯୁକ୍ତିର ସମ୍ଭାବନା ବି ବଢ଼ିବ। ନୂତନ ପରିବେଶକୁ କାର୍ଯ୍ୟକାରୀ କରିବା ପାଇଁ ସି.ଭି. ରମଣ କଲେଜର ଶିକ୍ଷକ ମଣ୍ଡଳୀ ଯୋଜନା ଆରମ୍ଭ କରିଦେଇଛି।

ପ୍ରଫେସର ସୁନିଲ କୁମାର ଷଡ଼ଙ୍ଗୀ
ଆଡଭାଇଜର
ସି.ଭି. ରମଣ କଲେଜ ଅଫ୍ ଇଞ୍ଜିନିୟରିଂ



ଚଳିତ ବର୍ଷ ପ୍ରତିଷ୍ଠା ହେବାକୁ ଯାଉଥିବା ସି.ଭି. ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟ ଏକ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ହେବ ବୋଲି ଏକ ସ୍ୱତନ୍ତ୍ର ସାକ୍ଷାତ୍‌କାରରେ ଏହାର ପ୍ରତିଷ୍ଠାତା ଶ୍ରୀ ସଞ୍ଜୀବ କୁମାର ରାଉତ କହିଛନ୍ତି। ଏହି ବିଶ୍ୱବିଦ୍ୟାଳୟ ବିଦେଶରୁ ୨୫%, ଅନ୍ୟାନ୍ୟ ରାଜ୍ୟରୁ ୨୫% ଏବଂ ଓଡ଼ିଶା ରାଜ୍ୟରୁ ୫୦% ଛାତ୍ରଛାତ୍ରୀ ଗ୍ରହଣ କରିବ ବୋଲି ଦର୍ଶାଇଛନ୍ତି ଏବଂ ଏହି ବିଶ୍ୱବିଦ୍ୟାଳୟରେ ବିଦେଶରୁ ସର୍ବନିମ୍ନ ୨୦% ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତି କରାଯିବ। ଏହି ବିଶ୍ୱବିଦ୍ୟାଳୟରେ ଫ୍ୟୁଚର ଅଫ୍ ସ୍କିଲ୍ସ ଯଥା ରୋବୋଟିକ୍ସ, ଡ୍ରୋନ୍ ଟେକ୍ନୋଲୋଜି, ୱାଟର ଟେକ୍ନୋଲୋଜି, ସାଇବର ସିକ୍ୟୁରିଟି, କ୍ଲାଉଡ କମ୍ପ୍ୟୁଟିଙ୍ଗ, ପ୍ରିଣ୍ଟ ମିଡ଼ିଆ ଟେକ୍ନୋଲୋଜି, ଡିଜିଟାଲ ଫ୍ୟାକ୍ଟ୍ରି, ରୋବୋଟିକ୍ସ ୱେଲଡିଙ୍ଗ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ଭରଚୁଆଲ ରିଆଲିଟି, ସ୍ପେସ୍ ଟେକ୍ନୋଲୋଜି, ମେକାଟ୍ରୋନିକ୍ସ, ଇଣ୍ଡଷ୍ଟ୍ରି ୫.୦, ମ୍ୟାନୁଫ୍ୟାକ୍ଚରିଂ ୪.୦, ଆଡିଟିଭ ମ୍ୟାନୁଫ୍ୟାକ୍ଚରିଂ ଟେକ୍ନୋଲୋଜି, ଫୁଡ ଟେକ୍ନୋଲୋଜି, ନାନୋ ଟେକ୍ନୋଲୋଜି ପ୍ରଭୃତି ବିଷୟବସ୍ତୁରେ ଅଣ୍ଡର ଗ୍ରାଜୁଏଟ, ପୋଷ୍ଟ ଗ୍ରାଜୁଏଟ ପ୍ରୋଗ୍ରାମ ପ୍ରଦାନ କରାଯିବ। ଏହା ସହିତ ପ୍ରଥମ ୫ବର୍ଷ ଷ୍ଟାର୍ଟଅପ, ଇନୋଭେସନ ଏବଂ ରିସର୍ଚ୍ଚ କ୍ଷେତ୍ରରେ ପ୍ରାଧାନ୍ୟ ଦିଆଯିବ। ଏହି ବିଶ୍ୱବିଦ୍ୟାଳୟ ଫ୍ୟୁଚର ଅଫ୍ ସ୍କିଲ୍ସର ସମସ୍ତ ବିଭାଗରେ ଅତ୍ୟାଧୁନିକ ସେଣ୍ଟର ଅଫ୍ ଏକ୍ସିଲେନ୍ସ ପ୍ରତିଷ୍ଠା କରିବା ସହିତ ବିଶ୍ୱସ୍ତରୀୟ ଶିଳ୍ପ ସଂସ୍ଥା ସହିତ ମିଶି କରିକୁଲମ ଡିଜାଇନ କରିବ ଏବଂ ଛାତ୍ରଛାତ୍ରୀମାନଙ୍କୁ ଇଣ୍ଟର୍ନସିପ୍ ପ୍ରଦାନ କରିବାର ବ୍ୟବସ୍ଥା ରଖିବ। ବର୍ତ୍ତମାନ ଏହି ସଂସ୍ଥାରେ ୯ଟି ଦେଶର ଛାତ୍ରଛାତ୍ରୀମାନେ ଅଧ୍ୟୟନ କରୁଛନ୍ତି। ଭବିଷ୍ୟତରେ ଏହାକୁ ଆହୁରି ବିସ୍ତାରିତ କରାଯିବ। ଏହି ବିଶ୍ୱବିଦ୍ୟାଳୟ ଓଡ଼ିଶାର ଗ୍ରାମୀଣ ମେଧାବୀ ଗରିବ ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ବୃତ୍ତି ସହିତ ଇଞ୍ଜିନିୟରିଂ ଅଧ୍ୟୟନକୁ ପ୍ରୋତ୍ସାହନ କରିବ। ଏହି ଅବସରରେ ଏହି ଅନୁଷ୍ଠାନରେ ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ବୃନ୍ଦ, ରାଜ୍ୟ ସରକାରଙ୍କୁ ତାଙ୍କର କୃତଜ୍ଞତା ଜ୍ଞାପନ କରିଛନ୍ତି।

"I am Rawaa Alatrash from Syria studying in 2nd yr M.Tech in Computer Science here. I am extremely happy to know that we have become C.V. Raman Global University. Now I will join Ph.D here and even invite here my friends for different courses. The ambience here is very secure. It is a green and pollution free campus."
Name: Rawaa Alatrash
Course:M.Tech
Branch:CSE
Country: SYRIA

My name is Iradukunda Timothee, from an African country called Rawanda and I am currently a student in Mechanical Engineering. My goals from at my young age to become a professional Engineer, which has not become a reality. Thanks to C.V.Raman College of Engineering. I would proudly say it is best. However C.V.Raman College of Engineering now as a Global University is going to open a whole bunch of new opportunities and better teaching facilities. C.V.Raman Global University will not only provide us with many skill but also an Internationally recognized degree which I think will be good thing to all CVRians. Lastly, I feel proud belonging to a Global University and being a part of it.
Name: IRADUKUNDA TIMOTHEE
Course:B.Tech
Branch:MECHANICAL ENGG.
Country: RAWANDA

I feel proud of C.V.Raman College of Engineering since it has become Global University which will equip students from different parts of the world with different kind of skills and knowledge, good learning environment, good relationship between student and staff. Lastly, the discipline in here is perfectly good which will also help students to enrich in morals as they pass out.
Name: ERIGA ROBERT
Course:B.Tech
Branch:ELECTRICAL ENGG.
Country: UGANDA

"I feel proud because C.V.Raman College of Engineering has now become C.V.Raman Global University. I am looking forward to the new University experience like study abroad programs, international exposure, edge in the job market, wide employment options etc."
Name: DARWIN KC
Course:B.Tech
Branch:CSE
Country:NEPAL

From College to Global University...
C.V.Raman Global University now will attract well seasoned lectures and professor because we are now known all over the Globe. I am extremely overwhelmed because it help me to fast track my career with Graduate study. Many new courses can be introduced as per market requirement and we can study them.
Name: Alagbe Solomon Adeyinka
Course:M.Tech
Branch:CSE
Country: NIGERIA

" I wanted to become an engineer and thankfully got a scholarship from my country to Study in India. Now C.V.Raman College becoming Global University is a matter of great happiness for me because we can have more trainings at our Centers of Excellences leading to more placement. I can say that here is where I can make my dreams come true."
Name: Hares Fedaee
Course:B.Tech
Branch:Civil Engineering
Country: AFGHANISTAN

"C V Raman Global University news when we heard, I was feeling very much thrilled and happy. It was my dream comes true. We will get much better opportunities. We will get better jobs. It will help us to study abroad."
Name: SHARIFUL ISLAM
Course :1st Year B.Tech
Branch:CSE
Country: BANGLADESH

"I am studying 3rd year Marine Engineering. My college now has become a Global University. It's a dream come true. Curriculum, courses, faculty, exposure-improvements everywhere. Had it come few years earlier, I would have been even more privileged."
Name :S KARTHIK
3 Course :rd year B.Tech
Branch :Marine Engg
Country: MALAYSIA

Being Global University is a very good news for me. Although it was an Autonomous college earlier, changing to Global University will make this institute more advanced, more renowned. Sometimes, when we introduce ourselves that we are at college they point out that Universities are better than colleges. So this is now a good news for me.
Name: HAGOS WELDU
Course:B.Tech
Branch:EEE
Country: ETHIOPIA

## ସଂକ୍ଷେପରେ

### ବାରହା ଫାଶରେ ପଡ଼ି ହାତୀ ମୃତ୍ୟୁ ଘଟଣା
# ୨ ହାତୀଦାନ୍ତ ଜବତ, ୩ ଗିରଫ

**ଅମ୍ବାଭୋନା/ଭଟଲି, ୧୧।୧୨ (ଡି.ଏନ୍.ଏ.):** ବରଗଡ଼ ଜିଲା ଭଟଲି ରେଞ୍ଜ ଅଧୀନ ଅମ୍ବାଭୋନା ବ୍ଲକ ଗଙ୍ଗେଇ ଗ୍ରାମର ଜଣେ ଚାଷୀଙ୍କ ବିଲରୁ ମଙ୍ଗଳବାର ଏକ ଦନ୍ତାହାତୀର ମୃତଦେହକୁ ବନ ବିଭାଗ ଉଦ୍ଧାର କରିଥିଲା। ବାରହା ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ହାତୀର ମୃତ୍ୟୁ ହୋଇଥିବା ଜଣାପଡିବା ପରେ ବନ ବିଭାଗ କର୍ମଚାରୀମାନେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବୁଧବାର ୩ ଜଣଙ୍କୁ ଗିରଫ କରିଛନ୍ତି। ଏନେଇ ଭଟଲି ରେଞ୍ଜ କାର୍ଯ୍ୟାଳୟରେ ବନ୍ୟଜନ୍ତୁ ସଂରକ୍ଷଣ ନିୟମ ଅନୁଯାୟୀ ଦଫା ୯, ୩୯, ୫୦, ଏବଂ ୫୧ରେ ଏକ ମାମଲା(ନଂ.୪୪/୧୯) ରୁଜୁ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଗଙ୍ଗେଇ ଗ୍ରାମର ଗିରିଧାରୀ ଭୁଏ, ବଜରଙ୍ଗ ପ୍ରଧାନ ଏବଂ ଜମି ମାଲିକ ଜାଗେଶ୍ୱର ଦୁଆନ। ବୁଧବାର ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବରଗଡ଼ ଡିଏଫ୍ଓ ସନ୍ଦୀପ ପ୍ରାଞ୍ଜି କହିଛନ୍ତି। ଏହି ଘଟଣାରେ ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରୁ ୩ କି.ଗ୍ରା ଓଜନର ଜେଇ ତାର, ୧୨ଟି ବାଉଁଶ ଖୁଣ୍ଟ ଏବଂ ୨ ହାତୀ ଦାନ୍ତ ଜବତ କରିଛନ୍ତି। ଗିରଫ ବ୍ୟକ୍ତିମାନେ ବାରହା ଉପଦ୍ରବରୁ ଧାନ ଫସଲକୁ ରକ୍ଷା କରିବା ପାଇଁ ଜମିରେ ବିଦ୍ୟୁତ୍ ତାର ବିଛାଇଥିବା ସ୍ୱୀକାର କରିଛନ୍ତି। ଏସିଏଫ୍ ରେବତୀ ରମଣ ଜୋଷୀଙ୍କ ନେତୃତ୍ୱରେ ହୋଇଥିବା ଚଢ଼ାଉରେ ଫରେଷ୍ଟର ସୁଦାମ ଜଗଦଲା, ସୁଶୀଲ କୁମାର ମାଝି, ଚିନ୍ମୟ ପ୍ରଧାନ, ଆରତି ବିଶି ପ୍ରମୁଖ ବନ କର୍ମଚାରୀ ସାମିଲ ଥିଲେ।

### ପୁରୁଣା ସିଲାବସ୍‌ରୁ ଆସିଲା ଗୃହବିଜ୍ଞାନ ପ୍ରଶ୍ନ
ପରୀକ୍ଷାର୍ଥୀଙ୍କ ମଧ୍ୟରେ ଅସନ୍ତୋଷ

**ଲୋଇସିଂହା, ୧୧।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା କଲେଜ ଯୁକ୍ତ ୩ ପଞ୍ଚମ ସେମିଷ୍ଟାରର ଗୃହବିଜ୍ଞାନ ପରୀକ୍ଷା ବୁଧବାର ଶେଷ ହୋଇଛି। ହେଲେ ନୂଆ ସିଲାବସ୍ ବଦଳରେ ପୁରୁଣା ସିଲାବସ୍‌ରୁ ପ୍ରଶ୍ନ ଆସିଥିବାରୁ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ସଂକ୍ରାନ୍ତରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବାକୁ ଛାତ୍ରୀମାନେ ଦାବି କରିଛନ୍ତି। ଲୋଇସିଂହା କଲେଜ ଯୁକ୍ତ ୩ ତୃତୀୟ ବର୍ଷ ଗୃହବିଜ୍ଞାନ ବିଭାଗରେ ୨୦ରୁ ଅଧିକ ଛାତ୍ରୀ ଅଧ୍ୟୟନ କରୁଛନ୍ତି। ବୁଧବାର ସେମାନଙ୍କ ପଞ୍ଚମ ସେମିଷ୍ଟାର ପରୀକ୍ଷା ଥିଲା। ଛାତ୍ରୀମାନେ ଚଳିତ ଶିକ୍ଷା ବର୍ଷ ପ୍ରାରମ୍ଭରେ ପୁରୁଣା ସିଲାବସ୍ ଥିବା ଚାଇଲ୍ଡହୁଡ ଇନ ଇଣ୍ଡିଆ ପାଠ୍ୟକ୍ରମ ଅଧ୍ୟୟନ କରିଥିଲେ। ହେଲେ ବିଶ୍ୱବିଦ୍ୟାଳୟ ପକ୍ଷରୁ ୨୦୧୯-୨୦ ଶିକ୍ଷାବର୍ଷ ପରୀକ୍ଷା ପାଇଁ ନୂତନ ସିଲାବସ ପ୍ରଣୟନ କରିଥିଲେ। ଏଥିରେ ଫୁଡ ସାଇନ୍ସ ବିଷୟ ରହିଛି। ନୂତନ ସିଲାବସ୍ ଅନୁଯାୟୀ ଛାତ୍ରୀମାନେ କଲେଜରେ ଅଧ୍ୟୟନ କରୁଛନ୍ତି। ହେଲେ ବୁଧବାର ପରୀକ୍ଷାରେ ପୁରୁଣା ସିଲାବସ୍‌ରୁ ପ୍ରଶ୍ନପତ୍ର ଆସିଥିଲା। ଛାତ୍ରୀମାନେ ନୂତନ ସିଲାବସ୍ ପଢ଼ିଥିବାରୁ ଉକ୍ତ ପ୍ରଶ୍ନର ଉତ୍ତର ଲେଖିବାରେ ଅସୁବିଧାର ସମ୍ମୁଖୀନ ହୋଇଥିବା ଅଭିଯୋଗ କରିଛନ୍ତି। ଏନେଇ ଦାୟିତ୍ୱରେ ଥିବା ଅଧ୍ୟକ୍ଷ ଗୋବିନ୍ଦ ସାହୁ କହିଛନ୍ତି, ସବୁଠି ଏହି ସମସ୍ୟା ହୋଇଛି। ଛାତ୍ରୀମାନେ ଅସୁବିଧାରେ ପଡିବା ସ୍ୱାଭାବିକ। ପ୍ରଶ୍ନ ପରିବର୍ତ୍ତନକୁ ନେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଜଣାଇଛୁ ବୋଲି ସେ କହିଛନ୍ତି।




■ କେନ୍ଦ୍ରମନ୍ତ୍ରୀ ପାଶ୍ୱାନଙ୍କୁ ଭେଟିଲେ ଯୋଗାଣ ମନ୍ତ୍ରୀ

# ଧାନ ସଂଗ୍ରହର ବକେୟା ସବ୍‌ସିଡି ଦାବିକଲା ଓଡ଼ିଶା

**ଭୁବନେଶ୍ୱର,୧୧।୧୨(ବ୍ୟୁରୋ)**

ଓଡ଼ିଶାକୁ ଧାନ ସଂଗ୍ରହ ବାବଦରେ ବକେୟା ସବ୍‌ସିଡି ଅର୍ଥ ତୁରନ୍ତ ପ୍ରଦାନ କରାଯାଉ। ଏହି ମର୍ମରେ ରାଜ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରୀ ରାମବିଳାସ ପାଶ୍ୱାନଙ୍କୁ ବୁଧବାର ନୂଆଦିଲ୍ଲୀ ପାର୍ଲାମେଣ୍ଟସ୍ଥିତ ମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଭେଟି ଅନୁରୋଧ କରିବା ସହିତ ଏକ ପତ୍ର ପ୍ରଦାନ କରିଛନ୍ତି। କେନ୍ଦ୍ର ସରକାରଙ୍କ ଦ୍ୱାରା ଧାନ ସଂଗ୍ରହର ସବ୍‌ସିଡି ଅର୍ଥ ବକେୟା ବାବଦକୁ ୨୦୧୯-୨୦ ଆର୍ଥିକ ବର୍ଷରେ ରାଜ୍ୟ ସରକାରଙ୍କ ପ୍ରମୁଖ ଧାନ ସଂଗ୍ରହକାରୀ ସଂସ୍ଥା ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ୨୦୬୬ କୋଟି ଟଙ୍କା ପାଇବାକୁ ଅଛି। ଏଥି ସହିତ ୨୦୧୯ ବର୍ଷରେ ଡିସେମ୍ବର

**ତୁରନ୍ତ ପ୍ରଦାନ ନିମନ୍ତେ କେନ୍ଦ୍ରକୁ ପତ୍ର**

୩୧ ତ୍ରୈମାସରେ ଅଗ୍ରିମ ସବ୍‌ସିଡି ବାବଦରେ ରାଜ୍ୟକୁ ୧୩୪୦ କୋଟି ଟଙ୍କା ମିଳିବାକୁ ଅଛି। ରାଜ୍ୟ ସରକାର ଅର୍ଥର ବିନିଯୋଗ ପ୍ରମାଣପତ୍ର ନିୟମିତ ଦାଖଲ କରୁଥିଲେ ସୁଦ୍ଧା କେନ୍ଦ୍ର ସରକାରଙ୍କ ତରଫରୁ ଅର୍ଥ ପ୍ରଦାନରେ ବିଳମ୍ବ ଯୋଗୁ ଯୋଗାଣ ନିଗମର ବ୍ୟାଙ୍କ ଋଣ ଓ ସୁଧ ବୋଝ ବଢ଼ିଚାଲିଛି ବୋଲି ମନ୍ତ୍ରୀ ସ୍ୱାଇଁ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ସୁଧ ବାବଦ ଅର୍ଥକୁ ମଧ୍ୟ କେନ୍ଦ୍ର ସରକାର ଭରଣା କରିବା ପାଇଁ ମନ୍ତ୍ରୀ କେନ୍ଦ୍ରମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

ସେହିପରି ରାଜ୍ୟ ବର୍ଷକୁ ପ୍ରାୟ ୨୪ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଆବଶ୍ୟକ କରୁଥିବାବେଳେ ବଳକା ଚାଉଳ କେନ୍ଦ୍ର ଭଣ୍ଡାରକୁ ପ୍ରଦାନ କରାଯାଇଥାଏ। ବିଗତ ଖରିଫ୍ ବିପଣନ ବର୍ଷରେ ଭାରତୀୟ ଖାଦ୍ୟ ନିଗମ ୧୭.୮୪ ଲକ୍ଷ ମେଟ୍ରିକ୍ ଟନ୍ ବଳକା ଚାଉଳ ରାଜ୍ୟରୁ ସଂଗ୍ରହ କରାଯାଇଥିଲା। ଚଳିତ ବର୍ଷ ରାଜ୍ୟରେ ରେକର୍ଡ ପରିମାଣର ଧାନ ସଂଗ୍ରହ ହେବା ଆଶା କରାଯାଉଥିବା ଦୃଷ୍ଟିରୁ ଭାରତୀୟ ଖାଦ୍ୟ ନିଗମ ଦ୍ୱାରା ଶୀଘ୍ର ଓ ଠିକ୍ ସମୟରେ ବଳକା ଚାଉଳ ଉଠାଣ ପାଇଁ ରାଜ୍ୟ ପକ୍ଷରୁ ଅନୁରୋଧ କରାଯାଇଛି। ପିଆଜର ଅହେତୁକ ଦର ବୃଦ୍ଧିଜନିତ ସମସ୍ୟା ସମ୍ପର୍କରେ ମନ୍ତ୍ରୀ ସ୍ୱାଇଁ କେନ୍ଦ୍ରମନ୍ତ୍ରୀ ପାଶ୍ୱାନଙ୍କ ସହ ଆଲୋଚନା କରି ରାଜ୍ୟକୁ ଅଧିକ ପିଆଜ କିପରି ଯୋଗାଣ ହେବା ସମ୍ପର୍କରେ ମଧ୍ୟ ଆଲୋଚନା କରିଥିବା ଜଣାପଡ଼ିଛି।

■ ମହାନଦୀ ଜଳ ବଣ୍ଟନ ବିବାଦ

# ଖୁବ୍‌ଶୀଘ୍ର ନୂଆଦିଲ୍ଲୀରେ ଦ୍ୱିପାକ୍ଷିକ ବୈଠକ

**ଭୁବନେଶ୍ୱର,୧୧।୧୨(ବ୍ୟୁରୋ)**

ମହାନଦୀ ଜଳ ବଣ୍ଟନକୁ ନେଇ ଓଡ଼ିଶା ଏବଂ ଛତିଶଗଡ଼ ମଧ୍ୟରେ ବିବାଦ ରହିଛି। ପ୍ରାଥମିକ ଭାବେ ଦ୍ୱିପାକ୍ଷିକ ଆଲୋଚନା ପରେ ଉଭୟ ରାଜ୍ୟ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହୋଇଛନ୍ତି। ୨୦୧୬ରୁ ଏହି ପ୍ରସଙ୍ଗ ଉଠାଇ ଶାସକ ଦଳ ବିଜେଡି ରାଜ୍ୟବ୍ୟାପୀ ଆନ୍ଦୋଳନ କରିଥିଲା। ୨୦୧୯ ଶେଷ ଭାଗ ହୋଇଥିଲେ ବି ନଦୀଜଳ ବଣ୍ଟନ ନେଇ କୌଣସି ସମାଧାନର ରାସ୍ତା ବାହାରିପାରିନାହିଁ। ସେହିକ୍ରମରେ ପୁନର୍ବାର କେନ୍ଦ୍ରୀୟ ଜଳ ଆୟୋଗଙ୍କ ତତ୍ତ୍ୱାବଧାନରେ ଦ୍ୱିପାକ୍ଷିକ ଆଲୋଚନା ସମ୍ଭାବନା ସୃଷ୍ଟି ହୋଇଛି। ଛତିଶଗଡ଼ ସରକାରଙ୍କ କ୍ୟାବିନେଟ୍ ମନ୍ତ୍ରୀ ତାମ୍ରଧ୍ୱଜ ସାହୁ ବୁଧବାର ଲୋକସେବା ଭବନରେ ଏହି ସୂଚନା ଦେଇଛନ୍ତି।

ସାହୁ କହିଛନ୍ତି ଯେ, ଆଗାମୀ ଦିନରେ ଦୁଇ ରାଜ୍ୟର ଜଳସମ୍ପଦ ମନ୍ତ୍ରୀସ୍ତରୀୟ ବୈଠକ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ। କିଛିଦିନ ପୂର୍ବେ ଏ ନେଇ ଦ୍ୱିପାକ୍ଷିକ ଆଲୋଚନା ମଧ୍ୟ ସରିଛି। ଆଗାମୀ ଦିନରେ ହେବାକୁ ଥିବା ବୈଠକ ନିଶ୍ଚୟ ସକାରାତ୍ମକ ଫଳ ଆଣିବ ବୋଲି ସାହୁ ଆଶାବ୍ୟକ୍ତ କରିଛନ୍ତି। ଟ୍ରିବ୍ୟୁନାଲ ପକ୍ଷରୁ ଚଳିତ ମାସ ୧୪ରେ ଏକ ଶୁଣାଣି ଥିବା ଜଣାପଡିଛି। ଏହା ପୂର୍ବରୁ ଉଭୟ ରାଜ୍ୟ ନିଜ ନିଜର ପକ୍ଷ ରଖିବା ସହ ଆବଶ୍ୟକ ତଥ୍ୟ ଦାଖଲ ପାଇଁ ଟ୍ରିବ୍ୟୁନାଲ ପକ୍ଷରୁ ନିର୍ଦ୍ଦେଶ ରହିଛି।

**ଛତିଶଗଡ଼ ମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ**

ଉଲ୍ଲେଖଯୋଗ୍ୟ, ଛତିଶଗଡ ରାଜଧାନୀ ରାୟପୁରରେ ଆସନ୍ତା ଡିସେମ୍ବର ୨୭ରୁ ୨୯ ପର୍ଯ୍ୟନ୍ତ ଜାତୀୟ ଆଦିବାସୀ ନୃତ୍ୟ ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମକୁ ଛତିଶଗଡ ସରକାରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଆମନ୍ତ୍ରଣ କରାଯାଇଛି। ବରିଷ୍ଠ କଂଗ୍ରେସ ନେତା ତଥା ମନ୍ତ୍ରୀ ତାମ୍ରଧ୍ୱଜ ସାହୁ ବ୍ୟକ୍ତିଗତ ଭାବେ ନବୀନଙ୍କୁ ସାକ୍ଷାତ କରି ନୃତ୍ୟ ଉତ୍ସବକୁ ବୁଲିଯିବା ପାଇଁ ନିମନ୍ତ୍ରଣ କରିଛନ୍ତି।

■ ଶିକ୍ଷା ଅଧିକାର ଆଇନ ଉଲ୍ଲଂଘନ ଅଭିଯୋଗ

# ଡିଏଭି ଆଞ୍ଚଳିକ ନିର୍ଦ୍ଦେଶକଙ୍କୁ ଓଏସ୍‌ସିପିସିଆର୍‌ଙ୍କ ନୋଟିସ

**ଭୁବନେଶ୍ୱର,୧୧।୧୨(ବ୍ୟୁରୋ)**

ଶିକ୍ଷା ଅଧିକାର ଆଇନକୁ ଉଲ୍ଲଂଘନ କରାଯାଇ ଗରିବ ଛାତ୍ରୀଛାତ୍ରଙ୍କ ପାଇଁ ରହିଥିବା କୋଟାକୁ ଅପବ୍ୟବହାର କରାଯାଉଛି। ଏ ନେଇ ଓଡ଼ିଶା ଅଭିଭାବକ ସଂଘ ପକ୍ଷରୁ ହୋଇଥିବା ଅଭିଯୋଗର ବିଚାରକରି ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା କମିଶନ (ଓଏସ୍‌ସିପିସିଆର) ଡିଏଭି ଓଡ଼ିଶା ଜୋନ୍-୧ର ଆଞ୍ଚଳିକ ନିର୍ଦ୍ଦେଶକ କେ.ସି. ଶତପଥୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଆସନ୍ତା ୨୦ ତାରଖ ମଧ୍ୟରେ ଏହାର ଉତ୍ତର ରଖିବାକୁ ନିର୍ଦ୍ଦେଶ ରହିଛି।

ଓଡିଶା ଅଭିଭାବକ ସଂଘ ଅଭିଯୋଗପତ୍ରରେ ଉଲ୍ଲେଖ କରିଛି ଯେ, ଶିକ୍ଷା ଅଧିକାର ଆଇନରେ ମାଗଣା ଓ ନିଶ୍ଚିତ ଶିକ୍ଷା ପ୍ରଦାନର ବ୍ୟବସ୍ଥା ରହିଛି। କିନ୍ତୁ ୨୦୧୮-୧୯ ଓ ୨୦୧୯-୨୦ ଶିକ୍ଷା ବର୍ଷରେ ଓଡ଼ିଶାର ବିଭିନ୍ନ ଡିଏଭି ସ୍କୁଲ୍ କର୍ତ୍ତୃପକ୍ଷ ଗରିବ ପିଲାଙ୍କ ପାଇଁ ରହିଥିବା କୋଟାରେ ସାଧାରଣ ବା ସ୍ୱଚ୍ଛଳ ବର୍ଗର ପିଲାଙ୍କର ନାମ ଲେଖାଇଛନ୍ତି। ଉଲ୍ଲେଖ ଥାଉକି, ପୂର୍ବରୁ ସ୍କୁଲ୍ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ଦାସଙ୍କ ନିକଟରେ ଓଡିଶା ଅଭିଭାବକ ସଂଘ ପକ୍ଷରୁ ଏକ ଅଭିଯୋଗ ହୋଇଥିଲା। ଏ ନେଇ ଅକ୍ଟୋବର ୩ରେ ମନ୍ତ୍ରୀ ଦାସ ଗଣମାଧ୍ୟମକୁ କହିଥିଲେ, ଆସନ୍ତା ଶିକ୍ଷାବର୍ଷରୁ ସରକାର ଗରବ ବର୍ଗର ପିଲାଙ୍କ ପାଇଁ ଅନ୍‌ଲାଇନ୍ ନାମଲେଖା ବ୍ୟବସ୍ଥା କରୁଛନ୍ତି। ଏହାଦ୍ୱାରା କୌଣସି ବି ଘରୋଇ ସ୍କୁଲ ଗରିବ ପିଲାଙ୍କ ନାମ ଲେଖା ପାଇଁ ରହିଥିବା ୨୫ ପ୍ରତିଶତ କୋଟାର ଅପବ୍ୟବହାର କରିପାରିବେ ନାହିଁ।

## ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ ଜେଲ

**ରାଉରକେଲା ଅଫିସ, ୧୧।୧୨**

ଛେଣ୍ଡ ଥାନା ଅନ୍ତର୍ଗତ ହଠାତ ବସ୍ତିରେ ଏକ କୁକୁଡ଼ା ଚୋରି ଘଟଣାକୁ ନେଇ ଘଟିଥିବା ହତ୍ୟା ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। ପ୍ରଥମ ଶ୍ରେଣୀ ଅତିରିକ୍ତ ଜିଲା ଦୌରାଜଜ୍ ଦୀପକ କୁମାର ୧୨ଜଣଙ୍କ ସାକ୍ଷ୍ୟ ଓ ଦସ୍ତାବିଜ ଆଧାରରେ ଅଭିଯୁକ୍ତ ଏତୁଆ ମୁଣ୍ଡାରୀ ଓରଫ ବଡ଼କାଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ୧୦ ହଜାର ଟଙ୍କା ଜରିମାନା ଦେବାକୁ କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅତିରିକ୍ତ ୨ ବର୍ଷ କାରାଦଣ୍ଡ ଭୋଗ କରିବାକୁ ପଡିବ ବୋଲି କୋର୍ଟ କହିଛନ୍ତି । ୨୦୧୬ ଅକ୍ଟୋବର ୩ରେ ହଠାତ ବସ୍ତିର ଅନୀତା ବୁଡ଼ଙ୍କ ଘରୁ ଏକ କୁକୁଡ଼ା ଚୋରି ହୋଇଥିଲା। ସେହି ବସ୍ତିରେ ରହୁଥିବା ସୁଶୀଳା କୁଜୁରଙ୍କ ସମ୍ପର୍କୀୟ ଭାଇ ପ୍ରଦୀପ କୁଲୁ ଏତୁଆ ମୁଣ୍ଡାରୀଙ୍କ ନାଁରେ କୁକୁଡ଼ା ଚୋରି ଅଭିଯୋଗ ଆଣିଥିଲେ। ସେଦିନ ରାତିରେ ପ୍ରଦୀପ ସୁଶିଳାଙ୍କ ଘରେ ଖାଉଥିଲେ । ଏତୁଆ ସେଠାରେ ପହଞ୍ଚି ଏକ ବାଡ଼ିରେ ପ୍ରଦୀପଙ୍କ ପଛପଟ ମୁଣ୍ଡକୁ ପ୍ରହାର କରିଥିଲେ। ପ୍ରଦୀପଙ୍କ ମୃତ୍ୟୁ ଘଟିଥିଲା।

# ବାଇକ୍ ଦୁର୍ଘଟଣାରେ ୨ ଯୁବକ ମୃତ

**ଦିଗପହଣ୍ଡି,୧୧।୧୨(ଡି.ଏନ.ଏ.)**


ଦୁର୍ଘଟଣାଗ୍ରସ୍ତ ବାଇକ୍।

ଗଞ୍ଜାମ ଜିଲା ଦିଗପହଣ୍ଡି ସହର ପୋଡ଼ାମାରି ମୁଖ୍ୟରାସ୍ତା ୩୨୬ ନଂ. ରାଜ୍ୟ ରାଜପଥର ଉପରବସା ଆନନ୍ଦ କୁଟିର ଆଶ୍ରମ ସମ୍ମୁଖରେ ବୁଧବାର ବାଇକ୍ ଦୁର୍ଘଟଣାରେ ୨ ଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଦିଗପହଣ୍ଡି ଥାନା ନୂଆ ମଳାଭଞ୍ଜା ଗ୍ରାମର ଦିପୁନ ଗୌଡ ଓ ଶଙ୍କର ପାତ୍ର। ଏ ନେଇ ନଂ. ୨୬୬/୧୯ରେ ମାମଲା ରୁଜୁ ହୋଇଛି।

ଦୁଇ ସାଙ୍ଗ ଦିପୁନ ଓ ଶଙ୍କର ବାଇକ୍‌ରେ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ଗାଡ଼ିକୁ ଓଭରଟେକ କରୁଥିଲେ। ଏହି ସମୟରେ ବାଇକ୍ ଚାଳକଙ୍କ ଅସାବଧାନତା କାରଣରୁ ଗାଡ଼ିରୁ ନିୟନ୍ତ୍ରଣ ହରାଇ ଦୁହେଁ ରାସ୍ତା ପାର୍ଶ୍ୱରେ ଥିବା ଆଶ୍ରମ ପାଚେରିରେ ପିଟି ହୋଇଯାଇଥିଲେ। ଖବର ପାଇ ଦିଗପହଣ୍ଡି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଆହତଦ୍ୱୟଙ୍କୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଦିଗପହଣ୍ଡି ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ଆସି ଉଭୟଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ଉଭୟଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ରାଜ୍ୟରେ ଚାଲିଛି ୩୬ ରେଳ ପ୍ରକଳ୍ପ

**ଭୁବନେଶ୍ୱର, ୧୧।୧୨(ବ୍ୟୁରୋ)**

■ ଖୋର୍ଦ୍ଧା-ବଲାଙ୍ଗୀର ପ୍ରକଳ୍ପର ୯୨ କିମି ସରିଛି
■ ଜମି ଅଧିଗ୍ରହଣ, ଜଙ୍ଗଲ ବିଭାଗ ଅନୁମତି ସମସ୍ୟାରୁ କାର୍ଯ୍ୟ ବିଳମ୍ବ

ଓଡ଼ିଶାରେ ବର୍ତ୍ତମାନ ୩୬ ରେଳ ପ୍ରକଳ୍ପ ରହିଛି। କେତେକ ପ୍ରକଳ୍ପର କାର୍ଯ୍ୟ ଚାଲୁଥିବାବେଳେ ଆଉକିଛି ବିଭିନ୍ନ ଅନୁମତି ଅପେକ୍ଷାରେ ରହିଛି। ସେହିଭଳି କେତେକ ପ୍ରକଳ୍ପର ଯୋଜନା ପ୍ରସ୍ତୁତ ହୋଇସାରିଛି। ଜମି ଅଧିଗ୍ରହଣ ସମସ୍ୟା, ଜଙ୍ଗଲ ବିଭାଗର ଅନୁମତି ମିଳିବାରେ ବିଳମ୍ବ, ଆଇନଶୃଙ୍ଖଳା ତଥା ଜଳବାୟୁର ପ୍ରତିକୂଳ ସ୍ଥିତି ପ୍ରକଳ୍ପ କାର୍ଯ୍ୟରେ ବାଧକ ସାଜୁଛି। ତେଣୁ ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ସରୁନି କି ଆଗେଇ ପାରୁନି ବୋଲି ବୁଧବାର ଲୋକସଭାରେ ରେଳମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି।

ଓଡ଼ିଶାରେ ବିଭିନ୍ନ ରେଳ ପ୍ରକଳ୍ପ କାମ ବିଳମ୍ବ ହେବାର କାରଣ, ବର୍ତ୍ତମାନର ସ୍ଥିତି ଓ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଜାଣିବାକୁ ଚାହିଁଥିଲେ ବଲାଙ୍ଗୀର ଏମ୍‌ପି ସଙ୍ଗୀତା ସିଂ ଦେଓ। ଏହାର ଉତ୍ତରରଖି ମନ୍ତ୍ରୀ କହିଛନ୍ତି, ରାଜ୍ୟରେ ୪ ହଜାର ୫୬୭ କି.ମି. ରେଲ୍‌ୱେ ଲାଇନ ବିଛାଇବା ପାଇଁ ୪୯ ହଜାର ୯୮୪ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏଥିରେ ୧୨୬୯ କି.ମି.ର ୧୦ ଲାଇନ୍ ରହିଛି। ଏହାର ବ୍ୟୟ ଅଟକଳ ୧୬ ହଜାର ୫୯୮ କୋଟି ଟଙ୍କା ରହିଛି। ଏଥିରୁ ୮୦ କି.ମି. କାର୍ଯ୍ୟ ସରିଥିବାବେଳେ ୪୨୬୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଗଜ୍ ପରିବର୍ତ୍ତନ ପାଇଁ ୧୪୦ କି.ମି. ମଧ୍ୟରୁ ୯୦ କି.ମି. କାର୍ଯ୍ୟ ସରିଛି ଓ ୧୯୧ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ୩୧୫୯ କି.ମି. ଦୋହରୀକରଣ ପାଇଁ ୨୫ ପ୍ରକଳ୍ପରେ ୩୨ ହଜାର ୩୭ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏଥିରୁ ୪୯୪ କି.ମି. କାର୍ଯ୍ୟ ସରିଥିବାବେଳେ ୮ହଜାର ୨୪୬ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପରେ ଅତିରିକ୍ତ ୩୫୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ୨୮୯ କି.ମି.ର ଏହି ପ୍ରକଳ୍ପକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି। ଶୂନରୁ ୧୧୨ କି.ମି କାର୍ଯ୍ୟ ପାଇଁ ରେଲ୍‌ୱେ ଖର୍ଚ୍ଚ କରୁଛି। ୧୧୨ କି.ମି.ରୁ ୨୮୯ କି.ମି. ପର୍ଯ୍ୟନ୍ତ ଉଭୟ ରାଜ୍ୟ ସରକାର ଓ ରେଲ୍‌ୱେ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି। ଏଥିପାଇଁ ରାଜ୍ୟ ସରକାର ମାଗଣାରେ ଜମି ଯୋଗାଇବା ସହ ନିର୍ମାଣ କାର୍ଯ୍ୟର ୫୦ ପ୍ରତିଶତ ଖର୍ଚ୍ଚ ବହନ କରୁଛନ୍ତି। ଏହି ପ୍ରକଳ୍ପରୁ ବର୍ତ୍ତମାନ ସୁଦ୍ଧା ୯୨ କି.ମି. ସମ୍ପୂର୍ଣ୍ଣ ହୋଇଛି ଓ ୧୩୨୭.୦୯ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ବଳକା କାର୍ଯ୍ୟ ପାଇଁ ଜମି ଅଧିଗ୍ରହଣ ଓ ଜଙ୍ଗଲ ବିଭାଗ ଅନୁମତି ସହ ସନ୍ତୁଳନ ରକ୍ଷା କରି କାମ ଚାଲୁଛି।

ସ୍କିଲ୍ ଡେଭ୍‌ଲପ୍‌ମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍ ଭୁବନେଶ୍ୱର
ନାମଲେଖା ବିଜ୍ଞପ୍ତି






ସ୍କିଲ୍ ଡେଭ୍‌ଲପ୍‌ମେଣ୍ଟ ପାଠ୍ୟକ୍ରମ

| | ପାଠ୍ୟକ୍ରମ ବିଷୟବସ୍ତୁ | ନାମଲେଖା ପାଇଁ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା | ସର୍ବନିମ୍ନ ବୟସ | ପାଠ୍ୟକ୍ରମ ଅବଧି |
|---|---|---|---|---|
| ୧. | ଔଦ୍ୟୋଗିକ ୱେଲ୍‌ଡିଙ୍ଗ୍ (ଆବାସିକ) | ଦଶମ /+୨/ଆଇଟିଆଇ | ୧୮ ବର୍ଷ | ୬ ମାସ |
| ୨. | ଔଦ୍ୟୋଗିକ ଇଲେକ୍‌ଟ୍ରିସିଆନ୍ (ଆବାସିକ) | +୨/ଆଇଟିଆଇ | ୧୮ ବର୍ଷ | ୬ ମାସ |
| ୩. | କମ୍ପ୍ୟୁଟର ଡାଟା ଆପ୍ଲିକେସନ (ଅଣଆବାସିକ) | +୩ (କେବଳ ମହିଳା) | ୧୮ ବର୍ଷ | ୩ ମାସ |
| ୪. | ଫିଟର ଫେବ୍ରିକେସନ (ଆବାସିକ) | ଦଶମ /+୨/ଆଇଟିଆଇ | ୧୮ ବର୍ଷ | ୬ ମାସ |
| ୫. | ଇନ୍‌ଷ୍ଟ୍ରୁମେଣ୍ଟେସନ୍ (ଆବାସିକ) | ଡିପ୍ଲୋମା | ୧୮ ବର୍ଷ | ୬ ମାସ |
| ୬. | ପାଇପ୍ ଫିଟର୍ ସିଜିଡ଼ି (ଆବାସିକ) | ଦଶମ /+୨/ଆଇଟିଆଇ | ୧୮ ବର୍ଷ | ୩ ମାସ |

ପାଠ୍ୟକ୍ରମ ବିଷୟରେ ଅଧିକ ସୂଚନା:
ଛାତ୍ରାବାସ, ପାଠ୍ୟକ୍ରମ ସାମଗ୍ରୀ, ଖାଦ୍ୟ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ଶିକ୍ଷାନୁଷ୍ଠାନ ତରଫରୁ ସାମାଜିକ ଦାୟିତ୍ୱବୋଧତା କାର୍ଯ୍ୟକ୍ରମରେ ଯୋଗାଇ ଦିଆଯିବ। ଏହି ପାଠ୍ୟକ୍ରମର ପଞ୍ଜୀକରଣ ଦେୟ ୫୦୦୦/୩୦୦୦/ ୧୦୦୦ ଟଙ୍କା ଯାହାକି ୩/୪ଟି କିସ୍ତିରେ ପଇଠ କରାଯାଇପାରିବ।
- କମ୍ପ୍ୟୁଟର ଡାଟା ଆପ୍ଲିକେସନ ପାଠ୍ୟକ୍ରମ ପାଇଁ କେବଳ **ଛାତ୍ରୀ/ମହିଳାମାନଙ୍କ** ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି। ଏହି ପାଠ୍ୟକ୍ରମ **ଅଣଆବାସିକ** ଅଟେ।
- **NSDC** ଦ୍ୱାରା ସାର୍ଟିଫିକେଟ୍ ଅନୁମୋଦନ
- **NTTF** ଦ୍ୱାରା ଟ୍ରେନିଂ ବ୍ୟବସ୍ଥା
- କର୍ମ ନିଯୋଜନର ସୁଯୋଗ

*ସର୍ତ୍ତାବଳୀ ଲାଗୁ

ଲିଖିତ ପରୀକ୍ଷା ହେବାକୁ ଥିବା ସ୍ଥାନ ଏବଂ ପରୀକ୍ଷା କେନ୍ଦ୍ରର ଠିକଣା

| କେନ୍ଦ୍ର/ଜିଲ୍ଲା | ପରୀକ୍ଷା କେନ୍ଦ୍ରର ଠିକଣା | କେନ୍ଦ୍ର/ଜିଲ୍ଲା | ପରୀକ୍ଷା କେନ୍ଦ୍ରର ଠିକଣା | କେନ୍ଦ୍ର/ଜିଲ୍ଲା | ପରୀକ୍ଷା କେନ୍ଦ୍ରର ଠିକଣା |
|---|---|---|---|---|---|
| ଭୁବନେଶ୍ୱର | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଭୀମଟାଙ୍ଗୀ, ଫେଜ୍-୨, ଓଲ୍ଡ ଟାଉନ | ନୟାଗଡ଼ | ଶ୍ରୀ ରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ଖଣ୍ଡପଡ଼ା ରୋଡ଼ | ଫୁଲବାଣୀ | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନାରାୟଣୀ ମାର୍ଗ |
| କଟକ | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ପୋତାପୋଖରୀ, ନୟାବଜାର | ସମ୍ବଲପୁର | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସିଦ୍ଧେଶ୍ୱର ବର୍ଣ୍ଣା, ରେଲୱେ ଫାଟକ | ନୟାଗଡ଼ | ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷା କେନ୍ଦ୍ର, ଖଣ୍ଡପଡ଼ା ରୋଡ଼ |
| ଅନୁଗୋଳ | ଶ୍ରୀ ରାମକୃଷ୍ଣ ଶିଶୁ ବିଦ୍ୟାମନ୍ଦିର ଖଲାରୀ, ଅନୁଗୋଳ | ବଲାଙ୍ଗୀର | ସରସ୍ୱତୀ ଶିଶୁ ବିଦ୍ୟା ଜ୍ଞାନମନ୍ଦିର ସା-କଦମପଡ଼ା | ବ୍ରହ୍ମପୁର | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପଦ୍ମାବତୀ ବିହାର, ଗୋଶାଣୀ ନୂଆଗାଁ |
| ବାଲେଶ୍ୱର | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସା/ପୋ-ବାଲିଆ | ନବରଙ୍ଗପୁର | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସା-ନୂଆଗଡ଼ | ଦେଓଗଡ଼ | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପୁରୁଣାଗଡ଼, ଦେଓଗଡ଼ |
| ବାରିପଦା | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସା/ପୋ-ତୁଳସୀ ଚଉରା | ଭବାନୀପାଟଣା | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସା-ବ୍ରଜ ବିହାର, ମନ୍ଦିର ବଗିଚା ପଡ଼ା | ଗଜପତି | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସଂସ୍କୃତ ମହାବିଦ୍ୟାଳୟ ପାଖ, ପାରଳାଖେମୁଣ୍ଡି |
| କେନ୍ଦୁଝର | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବଣିଆପାଟ | ଜୟପୁର | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସା-ସାରଦା ବିହାର | ରାୟଗଡ଼ା | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଗାୟତ୍ରୀ ନଗର, ରାୟଗଡ଼ା |
| ରାଉରକେଲା | ବିବେକାନନ୍ଦ ଶିକ୍ଷାସଦନ, ସେକ୍ଟର-୧, ଜି-ବ୍ଲକ୍, ରାଉରକେଲା | ମାଲକାନଗିରି | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସା/ପୋ-ମାଲକାନଗିରି | ପଟ୍ଟାମୁଣ୍ଡାଇ | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରହରାଜପୁର, କେନ୍ଦ୍ରାପଡ଼ା |

www.sdibhubaneswar.in ୱେବ୍‌ସାଇଟ୍‌ରେ ଅନ୍‌ଲାଇନ୍ ଆବେଦନ କରାଯାଇପାରିବ। ଅନୁଷ୍ଠାନ ପରିସରରୁ ଆବେଦନପତ୍ର ବ୍ୟକ୍ତିଗତଭାବେ ମଧ୍ୟ ଗ୍ରହଣ କରିପାରିବେ। ଆବେଦନ କରିବାର ଶେଷ ତାରିଖ ୨୦.୧୨.୨୦୧୯। ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ, ସେମାନେ ଫର୍ମରେ ଚୟନ କରିଥିବା ପରୀକ୍ଷା କେନ୍ଦ୍ରରେ ୨୨.୧୨.୨୦୧୯ ତାରିଖରେ ସକାଳ ୯.୩୦ ସମୟରେ ଲିଖିତ ପରୀକ୍ଷା ପାଇଁ ନିଜର ଫଟୋ ପରିଚୟପତ୍ର ସହିତ ଉପସ୍ଥିତ ରହିବେ।

ଆବେଦନ କରିପାରି ନ ଥିବା ଛାତ୍ରଛାତ୍ରୀମାନେ ମଧ୍ୟ ସିଧାସଳଖ ଭାବେ ନିଜର ପରିଚୟପତ୍ର ସହ ସ୍ପଟ ରେଜିଷ୍ଟ୍ରେସନ କରି ନିଜ ଜିଲ୍ଲାର ନିକଟତମ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଇପାରିବେ।

ଏହି ପାଠ୍ୟକ୍ରମ ବିଷୟରେ ଅଧିକ ଜାଣିବା ପାଇଁ ଏବଂ କୌଣସି ପରିବର୍ତ୍ତିତ ସୂଚୀ ପାଇଁ ସ୍କିଲ୍ ଡେଭ୍‌ଲପ୍‌ମେଣ୍ଟ ଇନ୍‌ଷ୍ଟିଚ୍ୟୁଟ, ସେଡ୍-74, ସେକ୍ଟର-ଏ, ଜୋନ-ବି, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ରସୁଲଗଡ଼, ଭୁବନେଶ୍ୱର-751010 ସହ ଯୋଗାଯୋଗ କରନ୍ତୁ କିମ୍ବା ଫୋନ୍ ନଂ.: 0674-2581054/49,ମୋବାଇଲ୍ 8280109799 କୁ କଲ୍ କରନ୍ତୁ ଏବଂ ଏହି ମୋବାଇଲ୍ ନଂ.ରେ ହ୍ୱାଟ୍‌ସାପ୍ ମଧ୍ୟ କରିପାରିବେ।
ଇମେଲ୍ : support@sdibhubaneswar.in, info@sdibhubaneswar.in, ୱେବ୍‌ସାଇଟ୍ : www.sdibhubaneswar.in

# ଚକ୍‌ମା ଦେଖାଇ ଖସିଗଲେ ଡ୍ରଗ୍ସ ବେପାରୀ ମୁନା

■ ଧରାପଡ଼ିଲେ ତାଙ୍କ ମା', ୩୧ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର ଜବତ

**ବାଲେଶ୍ୱର ଅଫିସ/ଜଳେଶ୍ୱର, ୧୧।୧୨(ଡି.ଏନ.ଏ.)**


ମୁନାଙ୍କ ମା' ରବିନା ବେଓ୍ୱା।

ଓଡ଼ିଶା ଓ ପଶ୍ଚିମବଙ୍ଗରେ ବ୍ରାଉନ୍‌ସୁଗାର କାରବାରର ମୁଖ୍ୟ ଭାବେ ପରିଚିତ ବାଲେଶ୍ୱରର ମୀର ରାହତ ଅଲ୍ଲୀ ଖାଁ ଓରଫ ମୁନା କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ ଆଖିରେ ଧୂଳି ଦେଇ ଖସିଯିବାକୁ ସମର୍ଥ ହୋଇଛନ୍ତି। ବାଂଲାଦେଶରୁ ବ୍ରାଉନ୍‌ସୁଗାର ଆଣି ସେ ଏହି ଦୁଇ ରାଜ୍ୟର ବିଭିନ୍ନ ସ୍ଥାନକୁ ଚାଲାଣ କରୁଥିବା ସମ୍ପର୍କରେ ଅବକାରୀ ଓ ପୋଲିସ ବିଭାଗ ପାଖରେ ସୂଚନା ରହିଥିଲା। ଏ ନେଇ କଟକ କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ ଆଇଆଇସି ଗାଲୁରାମ ସୋରେନଙ୍କ ନେତୃତ୍ୱରେ ଦୁଇଟି ଟିମ୍ ଓ ଭଦ୍ରକର ଗୋଟିଏ ଟିମ୍ ମିଳିତ ଭାବେ ଚଢାଉ କରିବାକୁ ଯୋଜନା ପ୍ରସ୍ତୁତ କରିଥିଲେ। ତଦନୁଯାୟୀ ବୁଧବାର ଭୋର ସମୟରେ ସେମାନେ ବାଲେଶ୍ୱର ଜିଲା ଜଳେଶ୍ୱର ପୋଲିସ ସହାୟତାରେ ଜଳେଶ୍ୱର ପୌରାଞ୍ଚଳ ଅଧୀନ ୭ନଂ ୱାର୍ଡର ଶାସନବାଡ଼ ଗ୍ରାମରେ ବ୍ରାଉନ୍‌ସୁଗାର ବ୍ୟବସାୟୀ ମୁନାଙ୍କ ଘରେ ଚଢ଼ାଉ କରିଥିଲେ। କୌଣସି ସୂତ୍ରରୁ ସୂଚନା ପାଇ ମୁନା ସେଠାରୁ ଚତୁରତାର ସହ ଖସି ପଳାଇ ଯାଇଥିଲେ। ଅବକାରୀ ଟିମ୍ ଚଢାଉ କରି ଘରେ ଥିବା ତାଙ୍କ ମା' ରବିନା ବେଓ୍ୱାଙ୍କୁ ଗିରଫ କରିବା ସହ ସେଠାରୁ ୩୧୦ଗ୍ରାମ ବ୍ରାଉନସୁଗାର ଜବତ କରିଛନ୍ତି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୩୧ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ତରଫରୁ କୁହାଯାଇଛି। ଧରାପଡିଥିବା ମୁନାଙ୍କ ମା' ରବିନା ବେଓ୍ୱାଙ୍କୁ ଅଧିକ ପଚରାଉଚୁରା କରାଯାଉଛି। ସବିଶେଷ ତଥ୍ୟ ହାସଲ ପରେ ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

ଉଲ୍ଲେଖନୀୟ ଯେ, ଡ୍ରଗ୍ସ ମାଫିଆ ମୁନାଙ୍କ ନାମରେ ପଶ୍ଚିମବଙ୍ଗ ଏବଂ ଓଡ଼ିଶାରେ ୪୦ରୁ ଊର୍ଦ୍ଧ୍ୱ ଅବକାରୀ ମାମଲା ରହିଛି । ୨୦୦୭ରେ ପୋଲିସ ଚଢାଉ କରି ୨ଶହ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ମୁନାଙ୍କୁ ଗିରଫ କରିଥିଲା। ସେ କଲିକତାର ସେଣ୍ଟ୍ରାଲ ଜେଲରେ କିଛିଦିନ ରହିଥିଲେ। ଜେଲ୍‌ରୁ ଆସିବା ପରେ ପୂର୍ବଭଳି ସେ ତାଙ୍କର ନିଶା ସାମ୍ରାଜ୍ୟକୁ ବିସ୍ତାର କରି ଚାଲିଛନ୍ତି। ବିଭିନ୍ନ ସମୟରେ ଜଳେଶ୍ୱରରୁ ବହୁ ଚୋରାବେପାରୀ ଧରା ପଡୁଥିଲେ ମଧ୍ୟ ପୋଲିସ ଓ ଅବକାରୀ ବିଭାଗ ଏଯାଏ ମୁନାଙ୍କୁ ଧରିପାରି ନାହିଁ । ଗତ ସେପ୍ଟେମ୍ବର ୧୬ ତାରିଖରେ ଭୁବନେଶ୍ୱର ନିକଟରୁ ଅନ୍ୟତମ ନିଶା ବେପାରୀ ଶେଖ୍ ରାଜାଙ୍କୁ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ ଧରିବା ପରେ ଅବକାରୀ ଓ ପୋଲିସ ବିଭାଗ ବିଭିନ୍ନ ସ୍ଥାନରେ ଚଢାଉ କରିଥିଲା। ଏହା ସତ୍ତ୍ୱେ ବାଂଲାଦେଶରୁ ବ୍ରାଉନସୁଗାର ଆଣି ବାଲେଶ୍ୱର ଦେଇ ବିଭିନ୍ନ ସ୍ଥାନକୁ ବ୍ରାଉନ ସୁଗାରର ଚୋରା ଚାଲାଣକୁ ରୋକାଯାଇ ପାରି ନାହିଁ । ବାଲେଶ୍ୱର ଜିଲାର ଜଳେଶ୍ୱର ସମେତ ସଦର ବାଲେଶ୍ୱର, ବସ୍ତା, ରୂପସା ଏହି ନିଶା କାରବାରର ମୁଖ୍ୟ ହବ୍ ପାଲଟିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଅକ୍‌ସିତା
ପରିବାରବର୍ଗ


ଅଂଶିକା
ପରିବାରବର୍ଗ


କ୍ରିତିକା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଉତ୍ତରପୂର୍ବରେ ...

ବିକ୍ଷୋଭ ଦେଖିବାକୁ ମିଳିଥିଲା। ଆସାମ, ତ୍ରିପୁରା, ମିଜୋରାମ ଓ ମେଘାଳୟରେ ଆନ୍ଦୋଳନକୁ ଦୃଷ୍ଟିରେ ରଖି ସ୍କୁଲ କଲେଜ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ପରୀକ୍ଷାଗୁଡ଼ିକୁ ଘୁଞ୍ଚାଇ ଦିଆଯାଇଛି। ନର୍ଥ ଇଷ୍ଟ ଫ୍ରଣ୍ଟିୟର ରେଲୱେର ହମ୍‌ସଫର ଏକ୍ସପ୍ରେସ୍ ଓ କାଞ୍ଚନଜଙ୍ଘା ଏକ୍ସପ୍ରେସ୍ ସମେତ ଅନେକ ଟ୍ରେନ୍ ଚଳାଚଳକୁ ବାତିଲ କରିଦିଆଯାଇଛି। ତ୍ରିପୁରାରେ ଭାଜପାର ସହଯୋଗୀ ଥିବା ଇଣ୍ଡିଜେନସ୍ ପିପୁଲ୍ସ ଫ୍ରଣ୍ଟ ଅଫ୍ ତ୍ରିପୁରା (ଆଇପିଏଫ୍‌ଟି)ର ୬ ସଦସ୍ୟ ବିଶିଷ୍ଟ ଏକ ପ୍ରତିନିଧି ଦଳ ବିଲ୍ ପ୍ରତ୍ୟାହାର ସକାଶେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ସହ ଜରୁରୀ ବୈଠକ ପାଇଁ ଦିଲ୍ଲୀ ଗସ୍ତ କରିଛନ୍ତି। ସେହିପରି ପ୍ରଭାବଶାଳୀ ଛାତ୍ର ସଂଗଠନ ଏନ୍‌ଇଏସ୍‌ଓର ୮ ଜଣିଆ ପ୍ରତିନିଧି ଦଳ ଆନ୍ଦୋଳନକୁ ଅଧିକ ବ୍ୟାପକ କରିବା ପାଇଁ ପ୍ରସ୍ତୁତି ଚଳାଇଛି। ଭାଜପା ଶାସିତ ଆସାମର ଦିସ୍‌ପୁରରେ ଉତ୍ତ୍ୟକ୍ତ ଲୋକେ ଏକ ବସ୍‌ରେ ନିଆଁ ଲଗାଇ ଜାଳିଦେଇଛନ୍ତି। ରାଜଧାନୀ ଗୁଆହାଟୀ, ଦିସପୁର, ଡିବ୍ରୁଗଡ଼ ଓ ଜୋରହାଟରେ ବିକ୍ଷୋଭକାରୀଙ୍କୁ ଘଉଡ଼ାଇବା ପାଇଁ ପୋଲିସ ଲାଠିଚାର୍ଜ କରିଛି। ପୋଲିସ କାର୍ଯ୍ୟାନୁଷ୍ଠାନରେ ଖବରଦାତା ଓ ବିକ୍ଷୋଭକାରୀଙ୍କ ସମେତ ୨୫ ଆହତ ହୋଇଛନ୍ତି। ବିକ୍ଷୋଭ ଯୋଗୁ ରାସ୍ତା ଅବରୋଧ ଥିବାରୁ ଆସାମ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଦୀର୍ଘ ସମୟ ଧରି ଗୁଆହାଟୀ ବିମାନବନ୍ଦରରେ ଅଟକି ରହିଥିଲେ। ଅଘଟଣକୁ ଏଡ଼ାଇବା ପାଇଁ ବ୍ୟାପକ ଅର୍ଦ୍ଧସାମରିକ ବଳ ଯବାନଙ୍କୁ ମୁତୟନ କରାଯାଇଛି। ଆସାମରେ ୧ ହଜାରରୁ ଊର୍ଦ୍ଧ୍ୱ ବିକ୍ଷୋଭକାରୀଙ୍କୁ ଅଟକ ରଖାଯାଇଛି।

ତ୍ରିପୁରାରେ ଇଣ୍ଡିଜେନସ୍ ନ୍ୟାଶନାଲିଷ୍ଟ ପାର୍ଟି ଅଫ୍ ତ୍ରିପୁରା (ଆଇଏନ୍‌ପିଟି) ନେତୃତ୍ୱରେ ଜଏଣ୍ଟ ମୁଭ୍‌ମେଣ୍ଟ ଏଗେନ୍‌ଷ୍ଟ ସିଟିଜେନ୍‌ଶିପ୍ ଆମେଣ୍ଡମେଣ୍ଟ ବିଲ୍ (ଜେଏମ୍‌ଏସିଏବି) ପକ୍ଷରୁ ରାଜ୍ୟର ବିଭିନ୍ନ ସହରରେ ଧାରଣା ଦିଆଯାଇଛି। ୱେଷ୍ଟ ତ୍ରିପୁରା ଓ ନର୍ଥ ତ୍ରିପୁରା ସମେତ କେତେକ ଜିଲାରେ ହିଂସା, ସଂଘର୍ଷ ଓ ଆକ୍ରମଣ ଭଳି ଘଟଣା ଦେଖିବାକୁ ମିଳିଛି। ମୋବାଇଲ୍ ଇଣ୍ଟରନେଟ ସେବାକୁ ଦ୍ୱିତୀୟ ଦିନ ପାଇଁ ବନ୍ଦ କରାଯିବା ସହ ୧୪୪ ଧାରା ଜାରି କରାଯାଇଛି। ତ୍ରିପୁରା ମୁଖ୍ୟମନ୍ତ୍ରୀ ବିପ୍ଲବ କୁମାର ଦେବ ଏହି ବିକ୍ଷୋଭକୁ ରାଜ୍ୟର ବିକାଶ ବିରୋଧୀ ଅନାବଶ୍ୟକ ପଦକ୍ଷେପ ବୋଲି ଅଭିହିତ କରିଛନ୍ତି। ଉତ୍ତରପୂର୍ବ ରାଜ୍ୟଗୁଡ଼ିକର ଏକ ଗୋଷ୍ଠୀ ନୂଆଦିଲ୍ଲୀ ଯାଇ ବିଲ୍ ପ୍ରତ୍ୟାହାର ଦାବିରେ ଯନ୍ତରମନ୍ତରରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସ୍ଥିତି ନିୟନ୍ତ୍ରଣ ପାଇଁ ମୋଟ ୫,୦୦୦ ଅର୍ଦ୍ଧସାମରିକ ବଳ ଯବାନଙ୍କୁ ବୁଧବାର ଉତ୍ତର ପୂର୍ବାଞ୍ଚଳକୁ ପଠାଯାଇଛି। ସେହିପରି ସେନା ପକ୍ଷରୁ ମଧ୍ୟ ସ୍ୱତନ୍ତ୍ର ସୁରକ୍ଷା ବନ୍ଦୋବସ୍ତ କରାଯାଇଛି।

## ନାଗରିକତ୍ୱ ସଂଶୋଧନ...

ବିଲ୍ ଉପରେ ବିତର୍କ ଆରମ୍ଭ କରି କଂଗ୍ରେସ ନେତା ଆନନ୍ଦ ଶର୍ମା ଭାଜପାକୁ ଜୋରଦାର ସମାଲୋଚନା କରିଥିଲେ। କୌଣସି ରାଜନୈତିକ ଦଳର ଇସ୍ତାହାର ଭାରତର ସମ୍ବିଧାନ ଉପରେ ହୋଇ ନ ପାରେ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ଭାଜପା କହିଥିଲା, ଏହା ନାଗରିକତ୍ୱ ଆଇନରେ ସଂଶୋଧନ ଇସ୍ତାହାର ଆଧାରରେ ଜନାଦେଶ ପାଇଥିଲା। ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନରୁ ଧର୍ମୀୟ ବିଦ୍ୱେଷର ସମ୍ମୁଖୀନ ହୋଇ ଭାରତରେ ଆସି ଶରଣାର୍ଥୀ ଭାବେ ରହିଥିବା ହିନ୍ଦୁ, ଖ୍ରୀଷ୍ଟିୟାନ, ପାର୍ସୀ, ଜୈନ, ବୌଦ୍ଧ ଓ ଶିଖ୍ ଧର୍ମାବଲମ୍ବୀମାନଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ କରିବା ଲାଗି ବିଲ୍‌ରେ ପ୍ରସ୍ତାବ ରହିଛି। ଏହା ବିଭାଜନକାରୀ, ଭେଦଭାବପୂର୍ଣ୍ଣ ଏବଂ ଭାରତୀୟ ସମ୍ବିଧାନର ମୌଳିକତାର ବିରୋଧୀ ବୋଲି ଆନନ୍ଦ ଶର୍ମା କହିଥିଲେ। ସବୁ ଦଳ ନିଜସ୍ୱ ଇସ୍ତାହାର ଆଣିବାର ଅଧିକାର ରହିଛି। ତେବେ ତାହା ସମ୍ବିଧାନର ଊର୍ଦ୍ଧ୍ୱରେ ରହିପାରିବ ନାହିଁ ବୋଲି ବିରୋଧୀ ଦଳ ଉପନେତା କହିଥିଲେ। ଏହି ବିଲ୍ ପାର୍ଲାମେଣ୍ଟ ଗାଲରେ ଚାପୁଡ଼ା ସଦୃଶ ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ପି. ଚିଦାମ୍ବରମ କହିଥିଲେ। ଏହା ମାଧ୍ୟମରେ ସରକାର ହିନ୍ଦୁତ୍ୱ ଏଜେଣ୍ଡା ଆଡ଼େ ଆଗଉଛନ୍ତି। ଏଭଳି କପଟପୂର୍ଣ୍ଣ ବିଲ୍ ଜରିଆରେ ସେମାନେ ସମ୍ବିଧାନର ଏକ ଅଂଶକୁ ନଷ୍ଟ ଓ ଉଚ୍ଛେଦ କରିଦେବାକୁ ଚାହାନ୍ତି ବୋଲି ବରିଷ୍ଠ କଂଗ୍ରେସ ନେତା କହିଥିଲେ। ନ୍ୟାୟପାଳିକା ଏହାକୁ ବାତିଲ କରି ଭାରତ ଓ ଭାରତୀୟ ଚିନ୍ତାଧାରାକୁ ସୁରକ୍ଷା ଦେବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ବିଲ୍‌ରୁ ଶ୍ରୀଲଙ୍କାର ହିନ୍ଦୁ ଓ ଭୁଟାନର ଖ୍ରୀଷ୍ଟିଆନଙ୍କୁ କ'ଣ ପାଇଁ ବାଦ୍ ଦିଆଯାଇଛି, ଚିଦାମ୍ବରମ ଜାଣିବାକୁ ଚାହିଁଥିଲେ। ସେହିପରି ତୃଣମୂଳ କଂଗ୍ରେସ ଏମ୍‌ପି ଡେରେକ୍ ଓ'ବ୍ରାଏନ୍ ବିଲ୍‌କୁ ଅସାମ୍ବିଧାନିକ କହିବା ସହ ଏହା ବିରୋଧରେ ଜନଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଥିଲେ। ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯିବ ବୋଲି ସେ କହିଥିଲେ। ନାଗରିକତ୍ୱ ବିଲ୍ ଏବଂ ଜାତୀୟ ନାଗରିକ ପଞ୍ଜିକା ମାଧ୍ୟମରେ ଶାସକ ଦଳ ପ୍ରକୃତ ଭାରତୀୟଙ୍କୁ ସେମାନଙ୍କ ଦେଶରୁ ତଡ଼ିଦେବାକୁ ଉଦ୍ୟମ କରୁଛି ବୋଲି ଡେରେକ୍ ଅଭିଯୋଗ କରିଥିଲେ। ବିଲ୍ ମାଧ୍ୟମରେ ଭାଜପା ପାକିସ୍ତାନର ପ୍ରତିଷ୍ଠାତା ମହମ୍ମଦ ଅଲି ଜିନ୍ନାଙ୍କ ସ୍ୱପ୍ନକୁ ପୂରଣ କରୁଛି ବୋଲି ସମାଜବାଦୀ ପାର୍ଟି ଏମ୍‌ପି ଜାଭେଦ ଅଲି ଖାନ୍ କହିଥିଲେ।

# ଶ୍ରୀସେତୁ ପାଇଁ ଚାଲିଛି ଏସ୍‌ଆଇଏ ସର୍ଭେ

ପୁରୀ ଅଫିସ, ୧୧।୧୨: ପୁରୀକୁ ବିଶ୍ୱସ୍ତରୀୟ ଐତିହ୍ୟସ୍ଥଳୀ କରିବାକୁ ଅଣ୍ଟା ଭିଡ଼ିଛନ୍ତି ରାଜ୍ୟ ସରକାର। ଶ୍ରୀକ୍ଷେତ୍ରକୁ ଦେଶର ଶ୍ରେଷ୍ଠ ପର୍ଯ୍ୟଟନସ୍ଥଳୀ ଭାବେ ଠିଆ କରିବାକୁ ଦୀର୍ଘମିଆଦୀ ରୋଡ୍ ମ୍ୟାପ ପ୍ରସ୍ତୁତ କରିଛନ୍ତି। ଏଥିଲାଗି ଭିତ୍ତିଭୂମିର ବିକାଶ, କ୍ଷତିଗ୍ରସ୍ତଙ୍କୁ ଥଇଥାନ, ନୂଆ ବହୁଥାକିଆ ରାସ୍ତା, ସେତୁ, ପାର୍କିଂ ଆଦିର ପରିକଳ୍ପନା କରାଯାଇଛି। ଏଥିମଧ୍ୟରେ ରହିଛି ଶ୍ରୀ ସେତୁ ପ୍ରକଳ୍ପ। ପୁରୀ ବାଇପାସ୍ ମାଳତୀପାଟପୁରଠାରୁ ଜଗନ୍ନାଥବଲ୍ଲଭ ମଠକୁ ଶ୍ରୀସେତୁ ଦ୍ୱାରା ସଂଯୋଗ କରାଯିବ। ଅବଢା ଯୋଜନାରେ ନିର୍ମାଣ ହେବାକୁ ଥିବା ଶ୍ରୀସେତୁ ପାଇଁ ୧୯୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଦେଢ କିମି ଲମ୍ବ ବିଶିଷ୍ଟ ଏହି ସେତୁ ପାଇଁ ୪ଟି ମୌଜାରେ ଅଧିଗ୍ରହଣ ହେବ ୩୭.୯୮୪ ଏକର ଜମି। ଜମି ଅଧିଗ୍ରହଣ ପୂର୍ବରୁ ଆରମ୍ଭ ହୋଇଯାଇଛି ସାମାଜିକ ପ୍ରଭାବ ନିର୍ଦ୍ଧାରଣ (ଏସ୍‌ଆଇଏ) ସର୍ଭେ। ତେବେ ଅଧିଗ୍ରହଣ ହେବାକୁ ଥିବା ଜମି ମଧ୍ୟରୁ ସର୍ବାଧିକ ଜମି ସମଙ୍ଗ ମୌଜାରୁ ଅଧିଗ୍ରହଣ ହେବ ବୋଲି ଜଣାପଡ଼ିଛି।

**ପ୍ରଥମ ପୃଷ୍ଠାରୁ...**

## ମୋଦିଙ୍କୁ ନାନାବତୀ ...

ସଦସ୍ୟ ଥିଲେ। ୨୦୦୮ ମାର୍ଚ୍ଚ ୨୨ରେ ଜଷ୍ଟିସ୍ ଶାହାଙ୍କ ପରଲୋକ ପରେ ଜଷ୍ଟିସ୍ ଅକ୍ଷୟ ମେହେଟା ତାଙ୍କ ସ୍ଥାନ ନେଇଥିଲେ। କମିଶନ ନିଜ ରିପୋର୍ଟରେ କହିଛନ୍ତି ଯେ, କେତେକ ସ୍ଥାନରେ ଭିଡ଼କୁ ନିୟନ୍ତ୍ରଣ କରିବାରେ ପୋଲିସର ଭୂମିକା ପ୍ରଭାବଶାଳୀ ନ ଥିଲା। କାରଣ ପୋଲିସ କର୍ମଚାରୀଙ୍କ ସଂଖ୍ୟା ପର୍ଯ୍ୟାପ୍ତ ନ ଥିଲା ଅଥବା ସେମାନେ ଆବଶ୍ୟକ ଅସ୍ତ୍ର ଧରି ନ ଥିଲେ। ଏହି ଆକ୍ରମଣକାରୀମାନେ କୌଣସି ମନ୍ତ୍ରୀଙ୍କ ଦ୍ୱାରା ଉତ୍ସାହିତ ହୋଇ କିମ୍ବା ପ୍ରରୋଚନାରେ ଆସି ଏଭଳି କାଣ୍ଡ ଭିଆଇଥିବା ନେଇ କିଛି ପ୍ରମାଣ ନାହିଁ। ସମଗ୍ର ତଥ୍ୟ ପ୍ରମାଣକୁ ଅନୁଧ୍ୟାନ କରିବା ପରେ କମିଶନ ଜାଣିବାକୁ ପାଇଛନ୍ତି ଯେ, ଗୁଜରାଟରେ ଗୋଧ୍ରା କାଣ୍ଡର ପରବର୍ତ୍ତୀ ସମୟରେ ସାମ୍ପ୍ରଦାୟିକ ଦଙ୍ଗା ସୃଷ୍ଟି ହୋଇଥିଲା। ଗୋଧ୍ରା ଘଟଣାକୁ ନେଇ ହିନ୍ଦୁ ସମୁଦାୟର ଏକ ବଡ଼ ବର୍ଗ ଉତ୍ତ୍ୟକ୍ତ ହୋଇ ଶେଷରେ ମୁସଲିମମାନଙ୍କ ଧନଜୀବନ ଉପରେ ଆକ୍ରମଣ କରିଥିଲେ ବୋଲି ରିପୋର୍ଟରେ ଦର୍ଶାଯାଇଛି। ନାନାବତୀ କମିଶନ ଆହୁରି କହିଛନ୍ତି, ଦଙ୍ଗା ସହ କୌଣସି ଧାର୍ମିକ ବା ରାଜନୈତିକ ଦଳ ଅଥବା ସଂଗଠନର ସମ୍ପୃକ୍ତି ଥିବା ନେଇ କିଛି ପ୍ରମାଣ ମିଳିନାହିଁ। ନିଶ୍ଚିତ ଭାବେ କେବଳ ଗୋଟିଏ କଥା କୁହାଯାଇ ପାରିବ। ତାହା ହେଉଛି ବିଶ୍ୱହିନ୍ଦୁ ପରିଷଦ (ଭିଏଚ୍‌ପି) ଏବଂ ବଜରଙ୍ଗ ଦଳର ସ୍ଥାନୀୟ ସଦସ୍ୟମାନେ ସେହି ଘଟଣାରେ ସାମିଲ ହୋଇଥିଲେ, ଯାହାକି ସେମାନଙ୍କ ନିଜ ନିଜ ଅଞ୍ଚଳରେ ଘଟିଥିଲା। ରାଜ୍ୟକୁ ବ୍ୟାପିଥିବା ଗୋଧ୍ରା ଘଟଣା ପରବର୍ତ୍ତୀ ଦଙ୍ଗା 'ଏକ ପ୍ରାୟୋଜିତ ଷଡ଼ଯନ୍ତ୍ର ବା ଯୋଜନାବଦ୍ଧ ହିଂସା ନ ଥିଲା'। ଦଙ୍ଗାକୁ ଅଣଦେଖା କରିବା ନେଇ ରାଜ୍ୟ କର୍ତ୍ତୃପକ୍ଷଙ୍କ ବିରୋଧରେ ଅଭିଯୋଗର କିଛି ପ୍ରମାଣ ମିଳିନାହିଁ। ସେହିପରି କମିଶନ ୩ ପୂର୍ବତନ ଆଇପିଏସ୍ ଅଧିକାରୀ ସଞ୍ଜୀବ ଭଟ୍ଟ, ରାହୁଲ ଶର୍ମା ଏବଂ ଆର୍. ବି. ଶ୍ରୀକୁମାରଙ୍କ ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠାଇଛନ୍ତି, ଯେଉଁମାନେ କି ଦଙ୍ଗାରେ ରାଜ୍ୟ ସରକାରଙ୍କ ସମ୍ପୃକ୍ତି ନେଇ ଅଭିଯୋଗ ଆଣିଥିଲେ। ପୋଲିସ ପକ୍ଷରୁ କୌଣସି ଅବହେଳା କରାଯାଇଥିଲା ବୋଲି ପ୍ରମାଣଗୁଡ଼ିକୁ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିବା ପରେ କୁହାଯାଇ ପାରିବ ନାହିଁ। ତେବେ ରାଜ୍ୟର ଏକ ଶୃଙ୍ଖଳିତ ପୋଲିସ ବଳ ଜରୁରୀ ଥିଲା, ଯାହାକି ସମାଜରେ ଶାନ୍ତି ବଜାୟ ରଖିବା ଆବଶ୍ୟକ ବୋଲି କମିଶନ ରିପୋର୍ଟରେ ସ୍ପଷ୍ଟ କରିଛନ୍ତି।

୨୦୦୮ ସେପ୍ଟେମ୍ବରରେ କମିଶନ ୧୬୮ ପୃଷ୍ଠା ସମ୍ବଳିତ ପ୍ରଥମ ରିପୋର୍ଟ ଦେଇଥିଲେ। ରିପୋର୍ଟର ପ୍ରଥମ ଭାଗ ଗୁଜରାଟ ବିଧାନସଭାରେ ୨୦୦୯ ସେପ୍ଟେମ୍ବର ୨୫ରେ ଉପସ୍ଥାପନ କରାଯାଇଥିଲା। ଏଥିରେ ମଧ୍ୟ ମୋଦିଙ୍କୁ କ୍ଲିନ୍‌ଚିଟ୍ ଦିଆଯାଇଥିଲା। କମିଶନ ଚୂଡ଼ାନ୍ତ ରିପୋର୍ଟ ୨୦୧୪ ନଭେମ୍ବର ୧୮ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଆନନ୍ଦିବେନ ପଟେଲଙ୍କ ନିକଟରେ ଦାଖଲ କରିଥିଲେ। କିନ୍ତୁ ସେବେଠୁ ଏହାକୁ ପ୍ରକାଶ କରାଯାଇ ନ ଥିଲା। ପୂର୍ବତନ ଆଇପିଏସ୍ ଅଫିସର ଆର.ବି. ଶ୍ରୀକୁମାର ଏହାକୁ ସାର୍ବଜନୀନ କରାଇବା ପାଇଁ ଗୁଜରାଟ ହାଇକୋର୍ଟରେ ଏକ ପିଆଇଏଲ୍ ଦାଏର କରିଥିଲେ। ବିଧାନସଭାର ପରବର୍ତ୍ତୀ ଅଧିବେଶନରେ ଉକ୍ତ ରିପୋର୍ଟକୁ ଉପସ୍ଥାପନ କରାଯିବ ବୋଲି ଭାଜପା ନେତୃତ୍ୱାଧୀନ ରାଜ୍ୟ ସରକାର ଗତ ସେପ୍ଟେମ୍ବରରେ ଏହାର ଜବାବରେ ହାଇକୋର୍ଟଙ୍କୁ ଅବଗତ କରାଇଥିଲେ।

## ଶୀତ ଗାଏବ...

ଚଳିତ ବର୍ଷ ଅଧିକ ବାତ୍ୟା ଯୋଗୁ ଜଳବାୟୁରେ ଅଚାନକ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଛି। ଆରବସାଗରରେ ଲଗାତର ବାତ୍ୟା ସୃଷ୍ଟି ହେବା ଯୋଗୁ ଦେଶ ଭିତରକୁ ଜଳୀୟକଣା ବହୁ ମାତ୍ରାରେ ପ୍ରବେଶ କରୁଛି। ଏଥିଯୋଗୁ ତାପମାତ୍ରା ତଳକୁ ଖସିପାରୁ ନାହିଁ ବୋଲି ପାଣିପାଗ ବିଶେଷଜ୍ଞ ମତ ଦେଉଛନ୍ତି। ଗତ କିଛି ବର୍ଷ ହେବ ଏଭଳି ପରିସ୍ଥିତି ଦେଖିବାକୁ ମିଳୁଛି। ଏଥିସହିତ କଳକାରଖାନା, ଯାନବାହନ ସଂଖ୍ୟା ବୃଦ୍ଧି, ସବୁଜ ବଳୟ ଧ୍ୱଂସ, ଅତିମାତ୍ରାରେ ଶୀତତାପ ନିୟନ୍ତ୍ରିତ ମେଶିନର ବ୍ୟବହାର, ବାୟୁମଣ୍ଡଳ ପ୍ରଦୂଷଣ ତାପମାତ୍ରା ବୃଦ୍ଧିର ଅନ୍ୟ ପ୍ରମୁଖ କାରଣ ବୋଲି କୁହାଯାଉଛି। କିଛିବର୍ଷ ହେବ ରାଜ୍ୟର ବିଭିନ୍ନ ଅଞ୍ଚଳରେ ସର୍ବନିମ୍ନ ତାପମାତ୍ରା ନଭେମ୍ବରରୁ ଡିସେମ୍ବର ମଧ୍ୟରେ ୩ରୁ ୪ ଡିଗ୍ରୀ ସେଲସିୟସ ପାର୍ଥକ୍ୟ ରହୁଛି। ଗତ ବର୍ଷ ଏହି ସମୟ ମଧ୍ୟରେ ରାଜ୍ୟକୁ ଶୀତ ପ୍ରବାହ ଆରମ୍ଭ ହୋଇଯାଇଥିବାବେଳେ ଏ ପର୍ଯ୍ୟନ୍ତ ଉତ୍ତର ଭାରତରେ ମଧ୍ୟ ତାପମାତ୍ରା ହ୍ରାସ ପାଇ ନାହିଁ। ତେବେ ଆସନ୍ତା ୧୩ ତାରିଖ ବେଳକୁ ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ସ୍ଥାନରେ ହାଲୁକା ବର୍ଷା ହୋଇପାରେ କିମ୍ବା ପାଗ ମେଘୁଆ ରହିବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି। ଗୁରୁବାର ଓ ଶୁକ୍ରବାର ଉପକୂଳ ଓଡ଼ିଶାରେ କୁହୁଡି ହେବାର ସମ୍ଭାବନା ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ବାଲେଶ୍ୱରରେ ସର୍ବନିମ୍ନ ତାପମାତ୍ରା ୧୭.୩ ଡିଗ୍ରୀ ସେଲସିୟସ ଥିବାବେଳେ ଚାନ୍ଦବାଲି ୧୯, ଗୋପାଳପୁର ୧୯.୩, ବାରିପଦା ୧୭.୫, ଝାରସୁଗୁଡା ୧୪, କେନ୍ଦୁଝର ୧୩.୨, ସମ୍ବଲପୁର ୧୩.୮, ବଲାଙ୍ଗୀର ୧୫ ଏବଂ ଟିଟିଲାଗଡ଼ରେ ୧୨.୧ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ରୋହିଣୀ ନକ୍ଷତ୍ରସ୍ଥ ଚନ୍ଦ୍ର ହେତୁ ପାରିବାରିକ ସମସ୍ୟା କିମ୍ବା ଅଟକି ରହିଥିବା କାମଗୁଡ଼ିକ ଯୋଗୁ ମାନସିକ ଶାନ୍ତି ବ୍ୟାହତ ହେବ। ଏହା ସଙ୍ଗକୁ ଆକସ୍ମିକ କଳହ କିମ୍ବା ପ୍ରତିକୂଳ ପରିସ୍ଥିତିରେ ଚାପ କ୍ରମଶଃ ବଢ଼ିପାରେ। ପୂର୍ବ ଯୋଜନା ଅନୁଯାୟୀ କର୍ମରେ ପ୍ରବୃତ୍ତ ହୁଅନ୍ତୁ ଓ ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରନ୍ତୁ, ଅବଶ୍ୟ କେତେକାଂଶରେ ଉପକୃତ ହେବେ।

**ବୃଷ** ସ୍ଥଗିତ କାର୍ଯ୍ୟର ପୁନରାବୃତ୍ତି ସଙ୍ଗକୁ ଆନୁଷ୍ଠାନିକ କିମ୍ବା ଧାର୍ମିକ କାର୍ଯ୍ୟ ସକାଶେ ଅନୁପ୍ରେରିତ କରିପାରନ୍ତି। ଆକସ୍ମିକ ସମସ୍ୟାକୁ କେନ୍ଦ୍ରକରି ପରିବାର ମଧ୍ୟରେ ମତାନ୍ତର ଉପୁଜିପାରେ, ମାତ୍ର ବନ୍ଧୁଙ୍କ ସହାନୁଭୂତି ଲାଭ କରି ସମାଧାନ କରିବେ। ଜମିଜମା ବିବାଦ, କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା ସୃଷ୍ଟି ହେବାର ଆଶଙ୍କା ମଧ୍ୟ ରହିଛି।

**ମିଥୁନ** ସ୍ୱାସ୍ଥ୍ୟରେ ଅବନ୍ନତି, ପରିବହନରେ ସମସ୍ୟା, ସଭାସମିତି, ବନ୍ଧୁ ସମ୍ପର୍କ ଓ ପାରିବାରିକ କ୍ଷେତ୍ରରେ ବିବାଦୀୟ ସ୍ଥିତି ସୃଷ୍ଟି କରିପାରନ୍ତି। କିନ୍ତୁ ମାଲି ମକଦ୍ଦମା, ଆଲୋଚନା, ଗବେଷଣା, ପ୍ରେସ୍ ପବ୍ଲିକେଶନ, ସାହିତ୍ୟ କ୍ଷେତ୍ରରେ ସାମାନ୍ୟ ପ୍ରତିବନ୍ଧକ ଦୂରୀଭୂତ ହୋଇଯିବ। କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି।

**କର୍କଟ** ଆଜି ନୂତନ କର୍ମାରମ୍ଭ,ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ଭ୍ରମଣ ସୁଯୋଗ,ବନ୍ଧୁଙ୍କ ନିମନ୍ତ୍ରଣ,ଦୂରଯାତ୍ରା ଓ ବନ୍ଧୁମିଳନ ଜନିତ ମନ ଏକପ୍ରକାର ଖୁସୀ ରହିବ। କିନ୍ତୁ ଅଶ୍ଳେଷାର ପାରିବାରିକ ଅସ୍ଥିରତା, ଅର୍ଥାଭାବ, କାର୍ଯ୍ୟସିଦ୍ଧିରେ ବିଳମ୍ବ ଓ କେତେକ ମାନସିକ ଦ୍ୱନ୍ଦ୍ୱ ଭିତରେ ଅପରାହ୍ନଟି କଟାଇବେ। ବାଣିଜ୍ୟ, ବ୍ୟବସାୟ ଏପରିକି ଯୋଗାଣ କାରବାରରେ ଉନ୍ନତି କରିବେ।

**ସିଂହ** ଅର୍ଥ ସଂକଟ କିମ୍ବା ତତ୍ ସମ୍ପର୍କୀୟ ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିବ ଏବଂ ସଦାବେଳେ ହାତଖାଲି ରହିବାରୁ ମନରେ ସରସତା ରହିବ ନାହିଁ। ଅବଶ୍ୟ,ଆଜି ସଂଗୀତ, ଚଳଚ୍ଚିତ୍ର ତଥା ମନୋରନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବେ। ସନ୍ଦେହ ଓ ଭୁଲ୍ ବୁଝାମଣା କାରଣରୁ ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିପାରେ।

**କନ୍ୟା** ସାଧାରଣ କଥାକୁ ନେଇ ଅତି ଭଲ ସମ୍ପର୍କ ରହିଥିବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଘଟିପାରେ। ବିଳମ୍ବିତ ସମୟରେ ଅପେକ୍ଷା କରିଥିବା ଖବରଟି କିମ୍ବା ଅଭିଳଷିତ ଜିନିଷଟି ମଧ୍ୟାହ୍ନପରେ ପାଇବେ। ଋଣ ସୂତ୍ରରେ ଅର୍ଥଲାଭ ପାଇଁ ପ୍ରୟନ୍ କରିବେ। ସ୍ତ୍ରୀଙ୍କ ରୋକ୍‌ଠୋକ୍ ବ୍ୟବହାର, ପ୍ରତିଦ୍ୱନ୍ଦ୍ୱିତା, ବାଣିଜ୍ୟ, ବ୍ୟବସାୟ ଓ ଯାତ୍ରା ସମ୍ପର୍କରେ ଚିନ୍ତା ବଢିବ।

**ତୁଳା** ଆଜିର ଗ୍ରହସ୍ଥିତି ଏକାଧାରରେ ପରିବାର ଓ କର୍ମକ୍ଷେତ୍ରକୁ ସରସ ସୁନ୍ଦର କରି ଶାନ୍ତି ପ୍ରଦାନରେ ସହାୟକ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ ଏବଂ ସଫଳତା ମଧ୍ୟ ପାଇବାରେ ଦ୍ୱିଧା ରହିବ ନାହିଁ। ଆଜିର ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବ,ଭ୍ରମଣ ପାଇଁ ମନ ବଳାଇବେ ଓ ବନ୍ଧୁ ମିଳନ ଘଟିବ।

**ବିଛା** ଶାରୀରିକ ଅସୁସ୍ଥତା ନଥିଲେ ମଧ୍ୟ ମନରେ ଅସ୍ଥିରତା ଭରି ରହିବ ଫଳତଃ କର୍ମକ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରି ପାରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। ସଭାସମିତି, ଯାତ୍ରା, ବାଣିଜ୍ୟ ବ୍ୟବସାୟ ପ୍ରଭୃତି ପାଇଁ ଦିନଟି ଭଲ।

**ଧନୁ** ବିଭିନ୍ନ କ୍ଷେତ୍ରରେ ରହିଥିବା ଜଟିଳ ପରିସ୍ଥିତି କ୍ରମଶଃ ସରଳ,ସାବଲୀଳ ହୋଇଯିବ। ହଠାତ୍ କୌଣସି କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ହୁଅନ୍ତୁ ନାହିଁ, ଯାହାକି ପରିସ୍ଥିତିକୁ ବିଗାଡି ଦେଇପାରେ। ଆର୍ଥିକ ସ୍ଥିତି ପୂର୍ବପରି ରହିବ। ସ୍ତ୍ରୀଙ୍କ ଆନ୍ତରିକତା,ବନ୍ଧୁଙ୍କ ସୌଜନ୍ୟ, ପଡୋଶୀଙ୍କ ସହଯୋଗ, ଏବଂ ଗୁରୁବର୍ଗଙ୍କ ସହାନୁଭୂତି ମାନସିକ ସ୍ଥିତିକୁ ଦୃଢ଼ତା ପ୍ରଦାନ କରିବ।

**ମକର** ଆଜି ଦିନଟିକୁ ହସଖୁସୀରେ କଟାଇବା ସହ ବନ୍ଧୁତ୍ୱର ଅଛିଣ୍ଡା ଡୋରିରେ ନିଜକୁ ବାନ୍ଧି ପାରିବେ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ନିର୍ମାଣ ଓ ପରିବହନରେ ସମସ୍ୟା ସମାଧାନ କରିପାରିବେ। କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ। ଭୁଲ୍ ବୁଝାମଣା କାରଣରୁ କର୍ମମୟ ଜୀବନରେ ସାମୟିକ ତିକ୍ତତା ଦେଖାଦେଇପାରେ।

**କୁମ୍ଭ** ବିଶେଷ କିଛି ଅସୁବିଧା ନ ଥିଲେ ମଧ୍ୟ ନିଜ ଲୋକମାନଙ୍କ ବିରୁଦ୍ଧାଚରଣ ଦୁଶ୍ଚିନ୍ତାର କାରଣ ହେବ। ଅବଶ୍ୟ ନୂତନ ଗୃହ,ଯାନ ବାହନ,ଯାନ୍ତ୍ରିକ ଜିନିଷ,ଧାତୁ ଅଳଙ୍କାର ପ୍ରଭୃତି ଲାଭର ଯୋଗ ରହିଛି। ଆର୍ଥିକ ସମସ୍ୟା, ଆରକ୍ଷୀକୃତ ମାମଲା, ଜମିଜମା ସୀମା ବିବାଦ କିମ୍ବା ପିଲାମାନଙ୍କ ବିବାହ ସମ୍ପର୍କୀୟ ଚିନ୍ତାରେ ମନ ଉଦ୍‌ବିଗ୍ନ ରହିପାରେ।

**ମୀନ** ଆଜି ବନ୍ଧୁମିଳନ ସହ ଅର୍ଥଲାଭ, ସ୍ୱାଦିଷ୍ଟ ଭୋଜନ,ବନ୍ଧୁଙ୍କ ଆଦରସୋହାଗ, ମନକୁ ପ୍ରଫୁଲ୍ଲିତ କରି ରଖିବ। ବିଳମ୍ବରେ ହେଲେ ମଧ୍ୟ କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେତୁ ମାନସିକ ପରିତୃପ୍ତି ଅନୁଭବ କରିବେ। ସାଧାରଣ କଥାକୁ କେନ୍ଦ୍ରକରି ପରିବାର ମଧ୍ୟରେ ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ।

ଆଜି ଦିବା ଘ୧୦।୫୪ମି. ପର୍ଯ୍ୟନ୍ତ ମାର୍ଗଶିର ପୂର୍ଣ୍ଣିମା ଗୁରୁବାର, ମାଣବସା ଗୁରୁବାର ଶେଷ ପାଳି, ଡିସେମ୍ବର ୧୨ ତାରିଖ, ସ୍ୱଦେଶୀ ଦିବସ, ସକାଳ ଘ୭।୧୪ମି. ଗତେ ରାଶି ନକ୍ଷତ୍ର-ମୃଗଶିରା/ବୃଷ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୭।୪୨ମି. ମଧ୍ୟେ ଅମୃତ ବେଳା। ଦିବା ଘ୧୧।୪୦ମି. ଗତେ ଘ୧।୦୧ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୧।୦୧ମି. ଗତେ ଘ୨।୨୨ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




SALE

Toyota Fortuner, Passat, Verna, Breeza, Mitsubishi Lancer, Hyundai Elantra. 7381091234, 9861194627. D-68439

HIRE

JCB Machine Excavators 38T, 21T, 10T, 8T, Excavator & Loader- 2DX, 3DX, JCB Compactor, JCB Load all available for hire/sale. Contact immediately: 9556240228, 9937292015. Email- enquiry@kttorissa.com D-15185




SALE

ଭୁବନେଶ୍ୱର ପିତାପଲ୍ଲୀଛକ ନିକଟରେ NH-16କୁ ଲାଗିକି ପ୍ଲଟ୍ ବିକ୍ରିହେଉଛି। ପ୍ରଥମେ Possession ଦିଆଯାଉଛି, ତା'ପରେ ରେଜିଷ୍ଟ୍ରିହେଉଛି। Project ଭିତରେ 30ft road ଦିଆଯାଇଛି। 8018474890. D-68431

ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପାଚେରି ପ୍ଲଟ ପଚ୍ଚାରୁ ବିକ୍ରିହେବ। 9178660666. D-68924

ଭୁବନେଶ୍ୱର Tamandoରେ yellozone plot 30ft ରାସ୍ତାଥାଇ କିଣନ୍ତୁ, ବାଲିଅନ୍ତାରେ ready to move Duplex, 9348767829. D-68441

Bhubaneswar Kesura SBI କଲୋନୀକୁ ଲାଗି ଘରବାଡି ପାଚେରି ସହ ଏବଂ Airportରୁ 5k.m ସୁନ୍ଦରପଦାରେ plot ମିଳୁଅଛି- 9078736851. D-68445

1500sqft. gharabari plots with developed 40ft. main entrance road and 30ft. internal road with park, fountain, electricity and gated boundary 9k.m from airport and 2k.m before Xavier University is immediate for sale. 9937162220. D-68526

Ready to move 2BHK and 1BHK flats in 1st block out of 6 blocks (84flats) near Mount Litera Zee School Kateni (7k.m from SUM Hospital) is immediate for sale. 9937847725. D-68525

Outright plot sale Chhatabar Bypass roadside 3000sqft. 15,00,000/-, in front of Apartment, 9437306208. D-68447

Luxurious 1bhk home at Puri with AC,LED, Refrigerator, Sofa and many more book just @ 2 lac. 9078711724. D-15672




Construct your building as per your terms and condition. Contact: 9937064680. D-27284

GENERAL

SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-68404




Commercial purpose 2nd floor 1850sqft. KIIT Square, Patia, Bhubaneswar- 9861041397. D-68037

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Rejuvenate and ayurvedic full body massage by smart therapist. 9114402304. D-68904

Full body herbal 2Experience full body massage with us (expert). Call: 7377048581, 06742597822. D-68916

Herbal full body massage by smart / expert therapist. Contact: 8338067247. D-68917

Summer special mesmerizing offer expert therapeutic refreshing massage appointment. 9668374480. D-68918

Refresh your mind and soul with best therapy at Orchid Salon/Spa. 9937287222. D-68722

Ayurvadic full body massage Ladies & gents. Contact: 9861064981. D-68721

Sai herbal spa refresh your body with smart, expert therapist. 7608062524. D-68923

Ayurvedic full body massage ladies & gents smart therapist, 9668814589. D-68723

Full body herbal massage with refreshment expert therapist. 7381239385, 06 742540855. D-68915

**Pharmacy ରେ (Ph.D)**



ଶ୍ରୀମତୀ ପ୍ରତ୍ୟୁଷା ସାହୁ ମାଲେସିଆର Malaya ବିଶ୍ୱବିଦ୍ୟାଳୟରୁ Pharmacy ରେ ଡକ୍ଟରେଟ୍ (Ph.D) ଡିଗ୍ରୀ ହାସଲ କରିଛନ୍ତି। ସେ Malaya ବିଶ୍ୱବିଦ୍ୟାଳୟର Prof. Dr. Chang Lip Yong, Dr. Shaik Nyamathulla ଏବଂ Dr. Leong Kok Hoong ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ"Oral Insulin Delivery System based on Chitosan Complexed Carboxymethylated Lota- Carrageenan Nanoparticles" ଶୀର୍ଷକ ନିବନ୍ଧ ଉପରେ ଗବେଷଣା କରୁଥିଲେ। ଶ୍ରୀମତୀ ପ୍ରତ୍ୟୁଷା ସାହୁ ସାମନ୍ତରାପୁର ବୃନ୍ଦାବନ ଗାର୍ଡ଼ନ ନିବାସୀ ଶ୍ରୀମତୀ କୁନ୍ତଳତା ଦେଇ ଏବଂ ଶ୍ରୀ ଲକ୍ଷ୍ମୀଧର ସାହୁଙ୍କର ପୁତ୍ରବଧୂ ଅଟନ୍ତି। ସେ ପିପିଲି ନିବାସୀ ଶ୍ରୀମତୀ ପଦ୍ମାବତୀ ସାହୁ ଏବଂ ଶ୍ରୀ ବେଣୁଧର ସାହୁଙ୍କର କନ୍ୟା ଅଟନ୍ତି। ଶ୍ରୀମତୀ ସାହୁ ଏହି ସଫଳତାର ଶ୍ରେୟ ତାଙ୍କ ପିତା ଶ୍ରୀ ବେଣୁଧର ସାହୁ, ସ୍ୱାମୀ ଶ୍ରୀ ସୁନିଲ୍ କୁମାର ସାହୁ ଏବଂ ପୁତ୍ର ଅନିକେତଙ୍କୁ ଦେଇଛନ୍ତି। ତାଙ୍କର ଏହି ଉପାଧି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ଭକ୍ତି ଅର୍ଘ୍ୟ ଅର୍ପଣ କରିବା ସଙ୍ଗେ ସଙ୍ଗେ ପିତା ମାତାଙ୍କ କଲ୍ୟାଣ ଓ ସମସ୍ତ ଗୁରୁଜନମାନଙ୍କ ଆଶୀର୍ବାଦ ଓ ପରିବାରବର୍ଗଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।
ଧ-୧୫୬୭୭

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

**ଜନ୍ମଦିନ ଶୁଭେଚ୍ଛା**



Akshita Priyadarshini
ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି କାମନା ତୋତେ ସର୍ବଦା ଭଲରେ ରଖନ୍ତୁ।
ଶୁଭେଚ୍ଛା ସହ
ଜେଜ, ଜେଜମା', ଅଜା, ଆଇ, ବାପା, ମା', ବଡ଼ବାପା, ମାମା, ଦାଦା, ଖୁଡ଼ୀ, ମାମୁ, ଦିଦି, କୁନି ତରଫରୁ ଜନ୍ମ ଦିନର ଅନେକ ଅନେକ ଶୁଭେଚ୍ଛା।
ଧ-୧୫୬୬୬

**MISSING**



Tapati Sarkar
56, 5'6", Prize- 5000/-, Contact: 9348731632 or Kumbharpada, Thana, Puri. D-69001


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଯଦି ମା’ ଭଗବତୀଙ୍କ କରୁଣା ଓ ଅଭୟ ତୁମ ସଙ୍ଗେ ରହିଛି ତେବେ ଆଉ ଏପରି କ’ଣ ରହିଛି– ଯାହା ତୁମକୁ ସ୍ପର୍ଶ କରିପାରିବ ? ଆଉ କାହାକୁ ବା ତୁମେ ଭୟ କରିବ ? ଏହି କୃପାରୁ ଅଳ୍ପ ଟିକିଏ ମଧ୍ୟ ତୁମକୁ ସକଳ ବାଧା ବିପତ୍ତି ଓ ସଂକଟରୁ ପାରିକରିଦେବ। –ଶ୍ରୀଅରବିନ୍ଦ





ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

# କେତେ ସୁରକ୍ଷିତ ସାମୁଦ୍ରିକ ଖାଦ୍ୟ

ସ୍ୱାସ୍ଥ୍ୟ ଓ ଫିଟ୍‌ନେସ୍ ଉପଦେଷ୍ଟାମାନେ ଅନେକ ସମୟରେ ମାଂସପେଶୀର ଦୃଢ଼ତା, ଅଧିକ ପ୍ରୋଟିନ ଲାଭ ଓ ଓଜନ ହ୍ରାସ ପାଇଁ ସାମୁଦ୍ରିକ ଖାଦ୍ୟ ଉପରେ ଗୁରୁତ୍ୱ ଦେଇଥାନ୍ତି। ସେମାନଙ୍କ ମଧ୍ୟରୁ ଖୁବ୍ କମ୍ ଲୋକ ସାମୁଦ୍ରିକ ଖାଦ୍ୟ ଖାଇବା ଦ୍ୱାରା ଭୟଙ୍କର ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥାଏ ବୋଲି ଜାଣିଛନ୍ତି। କ୍ରୋଏସିଆର ମାଲିଷ୍ଟନ ସହର ଶାମୁକା ଚାଷ ପାଇଁ ବିଖ୍ୟାତ। ପ୍ରତିବର୍ଷ ଏଠାରେ ୫ ନିୟୁତ ଶାମୁକା ବିକ୍ରି କରାଯାଏ। ଶହ ଶହ ବର୍ଷ ଧରି ଏହି ଚାଷ କରାଯାଉଛି। ସମୁଦ୍ର ପାଣି ତଳେ ସ୍ୱତନ୍ତ୍ର ଶଯ୍ୟାରେ ଧାଡି ଧାଡି କରି ଶାମୁକା ରଖାଯାଇ ଚାଷ କରାଯାଉଛି। ଏଠାରେ ବର୍ଷକୁ ଥରେ ଆୟୋଜିତ ହେଉଥିବା ଶାମୁକା ଖାଦ୍ୟ ଉତ୍ସବରେ ପର୍ଯ୍ୟଟକଙ୍କ ସମାଗମ ହୋଇଥାଏ। କିନ୍ତୁ ୨୦୧୯ରେ ଏହି ଉତ୍ସବକୁ ବନ୍ଦ କରାଯାଇଛି, କାରଣ ଡବ୍‌ରୋଭ୍‌ନିକରେ ଥିବା ଇନ୍‌ଷ୍ଟିଚ୍ୟୁଟ ଫର୍ ମେରାଇନ୍ ଆଣ୍ଡ୍ କୋଷ୍ଟାଲ ରିସର୍ଚ୍ଚ ସଂସ୍ଥା ଶାମୁକାରେ ନୋରୋଭାଇରସ୍‌ର ସନ୍ଧାନ ପାଇଛନ୍ତି। ସହରର ମଳଯୁକ୍ତ ନର୍ଦ୍ଦମା ଜଳ ଯାଇ ସମୁଦ୍ରରେ ମିଶୁଥିବାରୁ ଏହି ଭୂତାଣୁ ସୃଷ୍ଟି ହେଉଛନ୍ତି। ନୋରୋଭାଇରସ ଏକ ବିପଜ୍ଜନକ ଭୂତାଣୁ ଓ ଏହାଦ୍ୱାରା ପ୍ରତିବର୍ଷ ୨୦ ନିୟୁତ ଲୋକ ଆକ୍ରାନ୍ତ ହେଉଛନ୍ତି ଓ ଶହ ଶହ ମୃତ୍ୟୁମୁଖରେ ପଡୁଛନ୍ତି। ଇରାକରେ ଫ୍ଲେମ୍ ଗ୍ରିଲ୍ଡ କାର୍ପ (ଏକ ପ୍ରଜାତିର ମାଛ)ରୁ ମସଗୁଫ୍ (ଖାଦ୍ୟ ବିଶେଷ) ପ୍ରସ୍ତୁତ କରାଯାଏ। ଏହା ସେହି ଦେଶର ଜାତୀୟ ଖାଦ୍ୟ। ପ୍ରତିବର୍ଷ ଇରାକ ୨୯,୦୦୦ ଟନ୍ କାର୍ପ ଉତ୍ପାଦନ କରେ। ଏହାକୁ ୟୁଫ୍ରେଟିସ୍ ନଦୀରେ ଥିବା ଫାର୍ମଗୁଡ଼ିକରେ ଚାଷ କରାଯାଉଛି। ୨୦୧୮ରେ ଗୋଟିଏ ରାତିରେ ଲକ୍ଷ ଲକ୍ଷ କାର୍ପ ଫାର୍ମରେ ମରିଯାଇଥିଲେ। ଏହି ମଲା ମାଛର ନମୁନା, ପାଣି ଓ ଜମା ହୋଇଥିବା ପଙ୍କ ସଂଗ୍ରହ କରି ପରୀକ୍ଷାଗାରକୁ ପଠାଯାଇଥିଲା। ଏହି ମାଛଗୁଡ଼ିକର ମୃତ୍ୟୁ ଏକ ପ୍ରକାର ଭୂତାଣୁ ଦ୍ୱାରା ହୋଇଥିଲା। ଫାର୍ମରେ ଅଧିକ ମାଛ ରଖାଯିବା ତଥା ଦୂଷିତ ନଦୀପାଣି ଯୋଗୁ ଏହି ଭୂତାଣୁ ସଂକ୍ରମଣ ହୋଇ ମାଛଗୁଡ଼ିକ ମରିଯାଇଥିବା ଜଣାପଡ଼ିଥିଲା। ଏଣୁ ଏହି କାର୍ପକୁ ନ ଖାଇବା ଲାଗି ସରକାରଙ୍କ ପକ୍ଷରୁ ସତର୍କ କରାଯାଇଛି।

ଖାଦ୍ୟଜନିତ ବ୍ୟାପକ ଅସୁସ୍ଥତା ପାଇଁ ସାମୁଦ୍ରିକ ଖାଦ୍ୟ ହିଁ ଦାୟୀ। ଏହା ବିଭିନ୍ନ ପ୍ରକାର ବୀଜାଣୁ, ଭୂତାଣୁ ଓ ପରଜୀବୀ ଯୋଗୁ ହେଉଛି। ଏହା ସହ ରାସାୟନିକ ପଦାର୍ଥ, ଧାତୁ, ସମୁଦ୍ରରେ ଥିବା ବିଷାକ୍ତ ଏବଂ ସଂକ୍ରମଣକାରକ ତତ୍ତ୍ୱ ସି’ଫୁଡରେ ରହିଥିବା ଜଣାପଡିଛି। ଏଗୁଡିକ ମଧ୍ୟ ପେଟରୋଗର କାରଣ ପାଲଟିବା ସହ ଜୀବନ ପ୍ରତି ବିପଦ ସୃଷ୍ଟି କରିଥାଏ। ସି’ଫୁଡ କହିଲେ ଶାମୁକା ବା ଗେଣ୍ଡା, ଫିନ୍‌ଫିଶ୍ (ସାଲମନ, ଟୁନା), ସାମୁଦ୍ରିକ ସ୍ତନ୍ୟପାୟୀ (ତିମି ଓ ଶିଲ୍) ଏବଂ ସନ୍ଧିପଦ (ଚିଙ୍ଗୁଡି, କଙ୍କଡ଼ା)କୁ ବୁଝାଏ। କେତେକ ସି’ଫୁଡ୍ ଅତ୍ୟନ୍ତ ବିପଜ୍ଜନକ। ଏହି ବିପଦ ସି’ଫୁଡ କେଉଁ ପରିବେଶରୁ ଆସିଛି, କିଭଳି ସେମାନଙ୍କୁ ଖୁଆଯାଉଛି ଏବଂ ତାହାକୁ କିପରି ରୋଷେଇ କରି ପରଷାଯାଉଛି ତାହା ଉପରେ ନିର୍ଭର କରେ। ସେତେବେଳେ ରୋଗଜୀବାଣୁ ଦ୍ୱାରା ସି’ଫୁଡ୍ ସଂକ୍ରମିତ ହୁଏ, ଯେତେବେଳେ ଚାଷ କରାଯାଉଥିବା ଫାର୍ମର ଜଳ ନର୍ଦ୍ଦମା ଜଳ ସଂସ୍ପର୍ଶରେ ଆସିଥାଏ। ଏହା ସହ ସି’ଫୁଡ୍ ନେବା ଆଣିବା କିମ୍ବା ପ୍ରକ୍ରିୟାକରଣ ବେଳେ ବି ଦୂଷିତ ହୋଇଥାଏ। ମାଂସ ଓ ଚିକେନ ସମ୍ପୂର୍ଣ୍ଣ ରୋଷେଇ କରାଯାଏ, କିନ୍ତୁ ସି’ଫୁଡ ପ୍ରାୟତଃ କଞ୍ଚା ଖିଆଯାଏ ବା ଏହାକୁ ଯେଉଁ ଉପାୟରେ ପ୍ରସ୍ତୁତ କରାଯାଏ ସେଥିରେ ଜୀବାଣୁ ମରନ୍ତିନି। ପ୍ରତି ଦେଶରେ ସରକାରୀ ସଂସ୍ଥାମାନଙ୍କ ଦ୍ୱାରା ସଂଗ୍ରହ କରାଯାଇଥିବା ତଥ୍ୟରୁ ଜଣାପଡିଛି ଯେ, ସି’ଫୁଡ୍ ଦ୍ୱାରା ଅନେକ ରୋଗ ବ୍ୟାପୁଛି। ୟୁରୋପୀୟ ସଂଘ ଏହି ଖାଦ୍ୟ ପାଇଁ ଏକ ରାପିଡ ଆଲର୍ଟ ସିଷ୍ଟମ୍ ଆରମ୍ଭ କରିଛି। କେଉଁ ଦେଶରେ ଓ କେଉଁ ଉତ୍ସରୁ ରୋଗ ସୃଷ୍ଟି ହୋଇଛି ସେ ସମ୍ପର୍କରେ ଜଣାଇ ଦିଆଯାଉଛି। ୧୯୯୨ରୁ ନଭେମ୍ବର ୧୯୯୭ ମଧ୍ୟରେ ଏହି ସିଷ୍ଟମ୍ ୭୧ଟି ସି’ଫୁଡ୍‌ରେ ଥିବା ବିପଦ ସମ୍ପର୍କରେ ସୂଚନା ପ୍ରଦାନ କରିଛି, ଯାହା ସମସ୍ତ ସି’ଫୁଡ୍‌ର ୪୨.୫ ପ୍ରତିଶତ।

ଯେଉଁ ସି’ଫୁଡ୍ କିମ୍ବା ମାଛ ଉପରେ ବିପଦ ରହିଥିବାର ଚେତାବନୀ ଦିଆଯାଇଛି ତାହାକୁ ୩୩ଟି ଦେଶ ରପ୍ତାନି କରୁଛନ୍ତି। ଭାରତରୁ ଯେଉଁ ମାଛ ରପ୍ତାନି କରାଯାଉଛି ତାହା ସବୁଠାରୁ ଅଧିକ ବିପଜ୍ଜନକ। ଭାରତରେ ବିକ୍ରି ହେଉଥିବା ସି’ଫୁଡ୍‌ର ଅବସ୍ଥା କେମିତି ଅଛି ଏଥିରୁ ଅନୁମେୟ। ୧୯୮୭–୯୬ ମଧ୍ୟରେ ଜାପାନରେ ଜେଲିଫିଶ୍ ଓ ଫିଶ୍ ପଏଜନିଂର ୧୪୭୫ଟି ଘଟଣାରେ ୩୩,୨୫୩ ଜଣ ଶିକାର ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩୪ ଜଣଙ୍କ ମୃତ୍ୟୁ ଘଟିଥିଲା। କାନାଡାରେ ୨୯ଟି ପ୍ରଜାତିର ମାଛ ଓ ଶାମୁକା ବା ସି’ଫୁଡ୍ ରୋଗ ସୃଷ୍ଟିକାରୀ ଭାବେ ଚିହ୍ନିତ ହୋଇଥିଲା। ଶମୁକା, ଗାତ ଖୋଳି ରହୁଥିବା ଶାମୁକା, ଟୁନା, ବେରାକୁଡା (ମାଛ ବିଶେଷ) ଏବଂ ମାର୍ଲିନ୍ (ମାଛ ବିଶେଷ)– ଏହି ଛଅଟି ସବୁଠୁ ଅଧିକ ରୋଗ ସୃଷ୍ଟିକାରୀ ଭାବେ ଗଣାଯାଉଛି। ଯେତେ ରୋଗ ଦେଖାଯାଉଛି ତା’ର ୫୬ ପ୍ରତିଶତ ଏହି ୬ଟି ଦ୍ୱାରା ହେଉଛି। ଅନ୍ୟ ରୋଗସୃଷ୍ଟିକାରୀ ସି’ଫୁଡ୍ ମଧ୍ୟରେ ରହିଛି ହ୍ୱେଲ୍‌କ, ମହିମହି, ମ୍ୟାକରେଲ୍, ସ୍ୱର୍ଡଫିସ୍, କଙ୍କଡ଼ା, ସାଲମନ୍, ଓ୍ୱେଷ୍ଟର୍ସ, ହଲିବୁଟ, ଶୋଲେ ଫିଲେଟ, ଶାର୍କ, ଚିଙ୍ଗୁଡ଼ି, କିପର ଓ ପ୍ୟାରଟଫିସ୍ ପ୍ରଭୃତି। ୧୦ଟି ଦେଶ ଏହିସବୁ ମାଛ କାନାଡାକୁ ରପ୍ତାନି କରୁଛନ୍ତି। ଏହି ଦେଶମାନଙ୍କ ମଧ୍ୟରେ ବି ରହିଛି ଭାରତ। ଆମେରିକାରେ ୧୯୭୩ରୁ ୨୦୦୬ ମଧ୍ୟରେ ୫୦୦ରୁ ଅଧିକ ଥର ରୋଗ ସଂକ୍ରମଣ ଘଟି ହଜାର ହଜାର ଲୋକ ଆକ୍ରାନ୍ତ ହୋଇଛନ୍ତି।

ସି’ଫୁଡ୍ ସଂକ୍ରମଣ ପାଇଁ ଦାୟୀ ଭିବ୍ରିଓ ବୀଜାଣୁ ଦ୍ୱାରା ପେଟରୋଗ ଦେଖାଦିଏ। ଭି. ଭଲ୍‌ନିଫିକସ୍ ଦ୍ୱାରା ଯକୃତ ସମସ୍ୟାରେ ପୀଡ଼ିତ ବ୍ୟକ୍ତିଙ୍କଠାରେ ସାଂଘାତିକ ରୋଗ ଦେଖାଯାଏ। ଏହି ସଂକ୍ରମଣ ସେପ୍‌ସିସ୍ ଏବଂ ଭୟଙ୍କର କ୍ଷତଜନିତ ସଂକ୍ରମଣ ଆଡକୁ ଗତି କରିଯାଏ। ରକ୍ତନାଳୀ ସଂକ୍ରମଣରୁ ମୃତ୍ୟୁହାର ପାଖାପାଖି ୫୦ ପ୍ରତିଶତ ଓ କ୍ଷତଜନିତ ସଂକ୍ରମଣରୁ ୨୫ ପ୍ରତିଶତ ହୋଇଥାଏ। ଜାନୁୟାରୀ ୨୦୦୭ରେ ସି’ଫୁଡ୍‌ଜନିତ ଭିବ୍ରିଓସିସ୍‌କୁ ରାଷ୍ଟ୍ରୀୟ ସ୍ତରରେ ଏକ ସାଂଘାତିକ ରୋଗ ଭାବେ ସୂଚିତ କରାଯାଇଥିଲା। ସାଲ୍‌ମୋନେଲା ବୀଜାଣୁ ଦ୍ୱାରା ତୀବ୍ର ଉଦରପୀଡ଼ା ସହ ତରଳ ଝାଡ଼ା, ପେଟ କାଟିବା, ଜ୍ୱର ଭଳି ଲକ୍ଷଣ ପ୍ରକାଶ ପାଏ। ମାଛ, ଚିଙ୍ଗୁଡ଼ି, ଶାମୁକା ଯୋଗୁ ବ୍ୟାପକ ରୋଗ ସଂକ୍ରମଣ ହେଉଛି। ମାଛରେ ଥିବା ଶିଗେଲା ବୀଜାଣୁ ନର୍ଦ୍ଦମା ପାଣିରୁ ଆସେ। ଏହାଦ୍ୱାରା ପତାଳା ଝାଡା, ଜ୍ୱର, ତଳିପେଟ କାଟିବା ଓ ଝାଡାରେ ରକ୍ତ ପଡିବା ଭଳି ଲକ୍ଷଣ ପ୍ରକାଶ ପାଏ। ଏହି ବୀଜାଣୁ ଯୋଗୁ ଛୋଟ ପିଲାଙ୍କଠାରେ ହୃଦ୍‌ରୋଗ ସମସ୍ୟା ଦେଖାଦିଏ।

ସି’ଫୁଡ୍ ଖାଇବା ଦ୍ୱାରା ହେପାଟାଇଟିସ–ଏ ଭାଇରସ୍ ସଂକ୍ରମଣ ହେଉଛି ଯାହା ଘାତକ ପାଲଟୁଛି। ଏହି ସଂକ୍ରମଣ ଶାମୁକା ଯୋଗୁ ବ୍ୟାପୁଛି ବୋଲି ୧୯୬୦ରେ ଜଣାଯାଇଛି। ୧୯୮୮ରେ ଚାଇନାରେ ସବୁଠୁ ଅଧିକ ସଂକ୍ରମଣ ସାମନାକୁ ଆସିଥିଲା। ଶାମୁକା ଖାଇ ପ୍ରାୟ ୩ ଲକ୍ଷ ଲୋକ ହେପାଟାଇଟିସ୍‌ରେ ଆକ୍ରାନ୍ତ ହୋଇଥିଲେ। ଏହି ଶାମୁକାଗୁଡ଼ିକୁ ନର୍ଦ୍ଦମା ଜଳ ଦ୍ୱାରା ପ୍ରଦୂଷିତ ଜଳରେ ଚାଷ କରାଯାଇଥିଲା।

ହେଲମିନ୍ଥିସ୍ ଏକ ବଡ କୃମି ଭଳି ପରଜୀବୀ, ଯାହା ଅଧିକାଂଶ ସାମୁଦ୍ରିକ ଜୀବଙ୍କୁ ସଂକ୍ରମଣ କରିଥାଏ। ଏହାଦ୍ୱାରା ସଂକ୍ରମିତ ସାମୁଦ୍ରିକ ଜୀବକୁ ଖାଇବା ଦ୍ୱାରା ମଧ୍ୟମ ପେଟରୋଗର ଲକ୍ଷଣ ପ୍ରକାଶ ପାଇଥାଏ। ବିଶ୍ୱର ସବୁଆଡେ ନାଳନର୍ଦ୍ଦମା ପାଣି ଦ୍ୱାରା ନଦୀ ଓ ସମୁଦ୍ର ପ୍ରଦୂଷିତ ହେବା ଏକ ସାଧାରଣ କଥା। ବିଶେଷ କରି ଭାରତରେ ଏହା ବେଶି ହୁଏ। ଉତ୍ପାଦନ ପର୍ଯ୍ୟାୟରୁ ଆରମ୍ଭ କରି ପ୍ୟାକେଜିଂ, ପରିବହନ ଏବଂ ଖାଇବା ଯାଏ ସି’ଫୁଡ୍ ବୀଜାଣୁ, ଭୂତାଣୁ ଓ କବକ ଦ୍ୱାରା ସଂକ୍ରମିତ ହୋଇଚାଲିଛି। ଘେରି ମଧ୍ୟରେ ଅତ୍ୟଧିକ ମାଛ ଚାଷ ଦ୍ୱାରା ଭାରତ ସମେତ ବିଶ୍ୱର ସବୁଆଡେ ସି’ଫୁଡ୍ ଜନିତ ରୋଗ ବ୍ୟାପୁଛି। ପ୍ରସେସିଂ ଓ ପ୍ୟାକେଜିଂ ସମୟରେ ଶ୍ରମିକମାନେ ସ୍ୱାସ୍ଥ୍ୟଗତ ଦିଗ ପ୍ରତି ଗୁରୁତ୍ୱ ନ ଦେବା, ଖରାପ ଷ୍ଟୋରେଜ ବ୍ୟବସ୍ଥା, ଅନିୟମିତ ତାପମାତ୍ରା ଓ ସୁରକ୍ଷିତ ରଖିବାର ଦୁର୍ବଳ ସାଧନ ଯୋଗୁ ଏହା ସଂକ୍ରମିତ ହେଉଛି। ଖାଦ୍ୟ ବ୍ୟବସାୟର ଅତ୍ୟଧିକ ଜଗତୀକରଣ ଏବଂ ଆମ ପ୍ଲେଟ୍‌ରେ ପହଞ୍ଚିବା ସି’ଫୁଡ୍ ଏକ ଦୀର୍ଘ ଯାତ୍ରାରେ ଆସୁଥିବାରୁ ଏହା ଅତ୍ୟନ୍ତ ବିପଜ୍ଜନକ ଭାବେ ବିଷାକ୍ତ ହେବାର ଆଶଙ୍କା ରହିଛି। ଅନ୍ୟପକ୍ଷରେ ଆମେ ଖାଇବା ଲାଗି ତାହାକୁ ଯେଉଁଭଳି ପ୍ରସ୍ତୁତ କରୁଛୁ ତାହାଦ୍ୱାରା ରୋଗଜୀବାଣୁ ନଷ୍ଟ ହେଉନାହାନ୍ତି। ଏପରକି ଭଲଭାବେ ରୋଷେଇ ନ କରି କିମ୍ବା କଞ୍ଚା ଖାଇବା ଏହାକୁ ଏକ ବିପଜ୍ଜନକ ଖାଦ୍ୟରେ ପରିଣତ କରୁଛି। ସି’ଫୁଡ୍ ଖାଇବାର ପରିଣତି କ’ଣ ହେବ ଆମେ ସେ ବିଷୟରେ ବୁଝିବା ଆବଶ୍ୟକ। ଯେଉଁମାନେ ଯକୃତ ରୋଗ ବା ଡାଇବେଟିସ ଭୋଗୁଛନ୍ତି କିମ୍ବା ଯାହାଙ୍କର ରୋଗପ୍ରତିରୋଧକ ଶକ୍ତି ଅଳ୍ପ ସେମାନେ ସି’ଫୁଡ୍ ଆଦୌ ଖାଇବା ଉଚିତ ନୁହେଁ।

Email: gandhim@nic.in

# ପିଆଜ ସଙ୍କଟ ଟଳିନାହିଁ



ନଟବର ଖୁଣ୍ଟିଆ

ଦେଶର ପିଆଜ ସଙ୍କଟ ବିଷୟରେ ଆଜି ସର୍ବତ୍ର ଆଲୋଚନା ହେଉଛି। ଗତ ଅଗଷ୍ଟ ମାସରେ ପିଆଜ ଦର କେଜି ପ୍ରତି ୨୫ରୁ ୩୦ ଟଙ୍କା ମଧ୍ୟରେ ଥିଲାବେଳେ ଆଜି ତାହା ୧୫୦ ଟଙ୍କା ଟପିଲାଣି। ପିଆଜ ଏପରି ଏକ ମସଲା ଜାତୀୟ ପରିବା ଯାହାକି ଦୈନିକ ଖାଦ୍ୟ ମେନୁରେ ଅପରିହାର୍ଯ୍ୟ। ୧୯୯୮ରେ ପିଆଜର ଦର ବୃଦ୍ଧି ଯୋଗୁ ଦିଲ୍ଲୀର ଭାଜପା ସରକାର ନିର୍ବାଚନରେ ହାରିଯାଇଥିଲା।

ରବି ପିଆଜ ଯଥେଷ୍ଟ ପରିମାଣରେ ଅମଳ ହୋଇଥିବା ବେଳେ ଏପ୍ରିଲରୁ ଅଗଷ୍ଟ ପର୍ଯ୍ୟନ୍ତ ଦର ୧୫ରୁ ୩୦ ଟଙ୍କା ମଧ୍ୟରେ ସୀମିତ ଥିଲା। କିନ୍ତୁ ଖରିଫ ପିଆଜ ଫସଲ ଭଲ ହୋଇଥିଲେ ମଧ୍ୟ ମହାରାଷ୍ଟ୍ର, କର୍ନାଟକ, ଆନ୍ଧ୍ରପ୍ରଦେଶ, ଗୁଜରାଟ ଆଦି ରାଜ୍ୟରେ ଅଚାନକ ବର୍ଷା ଓ ବନ୍ୟା ହେବାରୁ କ୍ଷେତରୁ ଅମଳ ହୋଇ ନ ପାରି ଅଧିକାଂଶ ପଚି ନଷ୍ଟ ହୋଇଗଲା। ରବି ଋତୁରେ ଅମଳ ହୋଇଥିବା ପିଆଜକୁ ଚାଷୀମାନେ କିଲୋପ୍ରତି ମାତ୍ର ୬ରୁ ୭ ଟଙ୍କା ମଧ୍ୟରେ ବିକିଦେଇଥିଲେ ବ୍ୟବସାୟୀମାନଙ୍କୁ। ଆମ ଓଡ଼ିଶାର ବଲାଙ୍ଗୀର, ନୂଆପଡା, କଳାହାଣ୍ଡି, ଅନୁଗୋଳ ଜିଲାର ଚାଷୀମାନେ ମଧ୍ୟ ଦରଅଦରରେ ବିକ୍ରି କରିଥିଲେ। ଏହାର କାରଣ ହେଲା ପିଆଜ ସାଇତି ରଖିବାକୁ ଆବଶ୍ୟକ ପରିମାଣରେ ସାଇତା ଭଣ୍ଡାର ନାହିଁ। ଓଡ଼ିଶାର ଚାଷୀ ଗତ ଏପ୍ରିଲରେ ୫ରୁ ୬ଟଙ୍କା ମୂଲ୍ୟରେ ଛତିଶଗଡ଼ ଓ ନାସିକ ଅଞ୍ଚଳର ବ୍ୟବସାୟୀଙ୍କୁ ବିକି ଆଜି ପିଆଜ କିଣୁଛି ୧୫୦ ଟଙ୍କାରେ।

ଆମ ଦେଶରେ ପିଆଜ ଅମଳ ହୁଏ ୨୪ ନିୟୁତ ଟନ୍ ଆଉ ଆମର ବାର୍ଷିକ ଆବଶ୍ୟକତା ୧୩ ନିୟୁତ ଟନ୍। ଅର୍ଥାତ୍ ଆମ ଦେଶ ପିଆଜରେ ଆତ୍ମନିର୍ଭରଶୀଳ ହେବା ସହ ଆମେ ପିଆଜ ରପ୍ତାନି ମଧ୍ୟ କରୁ। କିନ୍ତୁ ବର୍ଷେ ବର୍ଷେ ପାଣିପାଗର ଦୌରାତ୍ମ୍ୟରେ ପିଆଜ ଫସଲ କେତେକ ଅଞ୍ଚଳରେ ନଷ୍ଟ ହେଲେ ସମସ୍ୟା ଦେଖାଯାଏ। ଏହି ସମସ୍ୟାର ସମାଧାନ ପାଇଁ ଗୋଟିଏ ମାତ୍ର ପନ୍ଥା ହେଲା ରାଜ୍ୟ ଓ କେନ୍ଦ୍ର ସରକାର ମିଳିତ ଭାବରେ ଉଦ୍ୟମ କରି ଆମର ବାର୍ଷିକ ଆବଶ୍ୟକ ହେଉଥିବା ପିଆଜର ଅନ୍ତତଃ ୨୦ ପ୍ରତିଶତ ଅମଳ ବେଳେ ଚାଷୀକୁ ଲାଭଜନକ ମୂଲ୍ୟ ଦେଇ କିଣି ବଫର ଷ୍ଟକ୍ ଭାବେ ସାଇତି ରଖିବା। କୌଣସି ଋତୁରେ ପିଆଜ ଅମଳ ଦୈବୀ ଦୁର୍ବିପାକ ଯୋଗୁ ନଷ୍ଟ ହେଲେ ଏହି ବଫର ଷ୍ଟକ୍‌ରୁ ବଜାରକୁ ଛାଡି ପିଆଜର ମୂଲ୍ୟ ନିୟନ୍ତ୍ରଣ କରାଯାଇ ପାରିବ। ଯେଉଁ ବର୍ଷ ଫସଲ ନଷ୍ଟ ନ ହେବ ସେ ବର୍ଷ ଏହି ପିଆଜକୁ ରପ୍ତାନି କରିଦେଇ ନୂତନ ଫସଲ କିଣି ପୁନଃ ବଫର ଷ୍ଟକ୍ ରୂପେ ସାଇତି ରଖିବାକୁ ହେବ। ଏହି ବ୍ୟବସ୍ଥା ସରକାରମାନେ କରୁ ନାହାନ୍ତି। ଓଡ଼ିଶା କଥା ବିଚାରକୁ ନିଅନ୍ତୁ। ଆମର ବାର୍ଷିକ ହାରାହାରି ୪ ଲକ୍ଷ ଟନ ପିଆଜ ଅମଳ ହେଉଛି, ଯାହା ଆମର ଆବଶ୍ୟକତା ପାଇଁ ଯଥେଷ୍ଟ। କିନ୍ତୁ ଭଣ୍ଡାର ନ ଥିବାରୁ ଅମଳବେଳେ ଚାଷୀମାନେ ଶସ୍ତାରେ ବିକିଦିଅନ୍ତି ବ୍ୟବସାୟୀମାନଙ୍କୁ। ଛତିଶଗଡ଼ ଓ ନାସିକର ବ୍ୟବସାୟୀମାନେ କିଣି ନେଇ ପୁନଶ୍ଚ ଆମକୁ ଅଧିକ ମୂଲ୍ୟରେ ବିକନ୍ତି। କେନ୍ଦ୍ର ସରକାରଙ୍କ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ଯଥେଷ୍ଟ ଅନୁଦାନ ପିଆଜ ସାଇତା ଭଣ୍ଡାର ପାଇଁ ଆସୁଥିଲେ ମଧ୍ୟ ରାଜ୍ୟ ସରକାର ତାହାର ଠିକ୍ ଉପଯୋଗ କରିପାରୁ ନ ଥିବାରୁ ଭଣ୍ଡାର ନିର୍ମାଣ ହୋଇପାରୁନାହିଁ।

ଦେଶରେ ଖରିଫ ଋତୁରେ ପିଆଜ ଫସଲ ନଷ୍ଟ ହେବାରୁ ବ୍ୟବସାୟୀମାନେ ଯେଉଁ ପିଆଜ ରବି ଫସଲରୁ ସଂଗ୍ରହ କରି ରଖିଥିଲେ ତାକୁ ବଜାରକୁ ଧୀରେ ଧୀରେ ଅଧିକ ମୂଲ୍ୟରେ ଅଳ୍ପ ଅଳ୍ପ ଛାଡି ଲାଭବାନ ହେଉଛନ୍ତି। ଏଥିରେ ଚାଷୀର କିଛି ଲାଭ ହେଉନାହିଁ। ଚାଷୀ ପାଖରେ ପିଆଜ ନାହିଁ। ଜଣେ ପାଇକାରୀ ବ୍ୟବସାୟୀ ୫୦୦ କୁଇଣ୍ଟାଲ ପର୍ଯ୍ୟନ୍ତ ପିଆଜ ତା’ ଗୋଦାମରେ ରଖିବାକୁ ନିର୍ଦ୍ଦେଶ ଥିବାବେଳେ ଜଣେ ଖୁଚୁରା ବ୍ୟବସାୟୀ ସର୍ବାଧିକ ୧୦୦ କୁଇଣ୍ଟାଲ ରଖିପାରିବ। ତାକୁ ମାନୁଛି କିଏ? ଧରପଗଡ କଥା ବି କେଉଁଠି ଶୁଣାଯାଉନାହିଁ। ବର୍ତ୍ତମାନର ସ୍ଥିତିକୁ ଲାଘବ କରିବା ପାଇଁ କେନ୍ଦ୍ର ସରକାର ଇଜିପ୍ଟ ଓ ତୁର୍କୀରୁ ୨୧ ହଜାର ଟନ୍ ପିଆଜ ଆମଦାନି କରିବା ପାଇଁ ବ୍ୟବସ୍ଥା କରିଛନ୍ତି ବୋଲି କହୁଛନ୍ତି। କିନ୍ତୁ ବିଦେଶରୁ ଜାହାଜରେ ପିଆଜ ଆଣି ଦେଶରେ ପହଞ୍ଚାଇବାକୁ ଜାନୁୟାରୀ ପ୍ରଥମ ସପ୍ତାହ ହୋଇଯିବ। ସେ ପିଆଜ ଆସିଲେ ମୂଲ୍ୟ କେଜି ପ୍ରତି ୬୦ରୁ ୬୫ ଟଙ୍କା ହେବ ବୋଲି କୁହାଯାଉଛି। ସେ ପର୍ଯ୍ୟନ୍ତ ଖାଉଟିମାନଙ୍କୁ ୧୫୦ରୁ ଅଧିକ ଟଙ୍କାରେ ପିଆଜ କିଣିବା ବ୍ୟତୀତ ଅନ୍ୟ ବିକଳ୍ପ ନାହିଁ। ଏକମାତ୍ର ବିକଳ୍ପ ହେଉଛି, ଆମେ ପିଆଜ କିଛିଦିନ ପାଇଁ ଖାଇବାନି। ଏବେ ଜିଡିପିର ଅଭିବୃଦ୍ଧି ଖସି ୫ ପ୍ରତିଶତ ହେବ ବୋଲି ରିଜର୍ଭ ବ୍ୟାଙ୍କ କହିବା ପରେ ମୋଦି ସରକାର ପ୍ରବଳ ସମାଲୋଚନାର ସମ୍ମୁଖୀନ ହେବା ବେଳେ ପିଆଜ ଦର ୧୫୦ ଟଙ୍କା ଛୁଇଁବା କଟାଘାରେ ଚୂନ ଦେବା ପରି ହୋଇଛି।

ବର୍ତ୍ତମାନ ଯେଉଁସବୁ ପଦକ୍ଷେପ ନିଆଯାଇଛି, ସେସବୁ ‘ବାହାଘର ବେଳେ ବାଇଗଣ ରୁଆ’ ପରି। ଏହାର ଦୀର୍ଘସ୍ଥାୟୀ ସମାଧାନର ଏକମାତ୍ର ପନ୍ଥା ହେଲା ଆବଶ୍ୟକ ପରିମାଣର ପିଆଜ ସାଇତା ଭଣ୍ଡାର ପ୍ରତି ପିଆଜ ଚାଷ ହେଉଥିବା ଅଞ୍ଚଳରେ ନିର୍ମାଣ କରିବା ସହିତ ସରକାର ଅନ୍ତତଃ ଦୁଇ ନିୟୁତ ଟନ୍‌ର ବଫର ଷ୍ଟକ୍ ରଖିଲେ ପିଆଜ ସଙ୍କଟ ଉପୁଜିବ ନାହିଁ। ପିଆଜ ଚାଷୀ ଦର ଅଦରରେ ବିକି କ୍ଷତିଗ୍ରସ୍ତ ହେବେ ନାହିଁ ଏବଂ ପିଆଜ ବ୍ୟବସାୟୀମାନେ ଖାଉଟିମାନଙ୍କୁ ଶୋଷଣ କରିପାରିବେ ନାହିଁ।

ଏ ୫୦୨, ତୋଷାଳୀ ଆପାର୍ଟମେଣ୍ଟ, ସତ୍ୟନଗର,
ଭୁବନେଶ୍ୱର, ମୋ–୯୯୩୭୯୫୧୨୬୨

## ଏଇ ଭାରତରେ

ସମାଜରେ ଲିଙ୍ଗଗତ ଅସମାନତା ଦୂର କରିବା ସହ ପରିବେଶ ସୁରକ୍ଷା ଲାଗି ରାଜସ୍ଥାନର ଏକ ପରିବାର ଆରମ୍ଭ କରିଥିବା ଅଭିଯାନ ଏବେ ଚର୍ଚ୍ଚାରେ। ଉଦୟପୁର ଜିଲା ତିତରଡି ପଞ୍ଚାୟତ ଅନ୍ତର୍ଗତ ଗାଁଗୁଡିକରେ ଝିଅ ଜନ୍ମ ନେଇଥିବା ଭିନ୍ନ ଭିନ୍ନ ବର୍ଗର ପରିବାରକୁ ୫ ହଜାର ୧ଟଙ୍କା ଲେଖାଏ ଉପହାର ଦିଆଯାଇଛି। ରାଜ୍ୟ ବିଧାନସଭାର ବିରୋଧୀ ଦଳ ନେତା ଗୁଲାବଚାନ୍ଦ କଟରିୟାଙ୍କ ଉପସ୍ଥିତିରେ ଏହି ପରିବାରଗୁଡିକୁ ୫ ହଜାର ୧ଟଙ୍କା ସହ ଗୋଟିଏ ଗଛ ଓ ତା’ର ସୁରକ୍ଷା ଲାଗି ଏକ ଟ୍ରି ଗାର୍ଡ ମଧ୍ୟ ପ୍ରଦାନ କରାଯାଇଛି। ତିତରଡି ଗାଁର ସିସୋଦିୟା ପରିବାରର ଭଭୂତ ସିଂ ଓ ସ୍ତ୍ରୀ ଉମ୍ମେଦ କୁମ୍ୱରଙ୍କ ପ୍ରେରଣାରେ ତାଙ୍କ ପୁଅ ରାଜେନ୍ଦ୍ର ସିଂ ଏବଂ ହମେର ସିଂ ସିସୋଦିୟା ଏହି ପ୍ରଶଂସନୀୟ ଅଭିଯାନ ଆରମ୍ଭ କରିଛନ୍ତି। ଏହି ଅଭିଯାନ ମାଧ୍ୟମରେ କନ୍ୟା ସହ ପରିବେଶ ସୁରକ୍ଷା ମଧ୍ୟ ହାଇପାରିବ। ତିତରଡିର ଅମ୍ବାମାତା ମନ୍ଦିରରେ ଆୟୋଜିତ ଉତ୍ସବରେ ମାତାପିତାଙ୍କ ପ୍ରେରଣାରେ ଏହି ଅଭିଯାନ ଆରମ୍ଭ କରିଛନ୍ତି ବୋଲି କହିଛନ୍ତି ରାଜେନ୍ଦ୍ର ସିଂ ସିସୋଦିୟା। ସମାଜରେ ଝିଅମାନଙ୍କ ପ୍ରତି ରହିଥିବା ଅସମାନତା ତଥା ନିର୍ଯାତନା ବିରୋଧରେ ସଚେତନତା ଆଣିବା ଲାଗି ତାଙ୍କ ପରିବାର ପକ୍ଷରୁ ଏହି ଅଭିଯାନ ଆରମ୍ଭ କରାଯାଇଛି। ତିତରଡି ପଞ୍ଚାୟତରେ କନ୍ୟା ସୁରକ୍ଷାକୁ ନେଇ ଆରମ୍ଭ କରାଯାଇଥିବା ସିସୋଦିୟା ପରିବାରର ଏଭଳି ଅଭିଯାନ ରାଜସ୍ଥାନରେ ପ୍ରଥମ। ଏପରି ଅଭିଯାନରେ ରାଜସ୍ଥାନର ଆହୁରି ଅଧିକ ପରିବାର ସାମିଲ ହେବେ ଓ ଉଦୟପୁରରେ ଲିଙ୍ଗ ଅନୁପାତ କମ୍ ଥିବାରୁ ତାହାକୁ ଦୂର କରିବାରେ ଏହା ପ୍ରମୁଖ ଭୂମିକା ନେଇପାରିବ ବୋଲି କଟରିୟା ଆଶାବାଦୀ।

## ଚିରନ୍ତନୀ

ହିଂସାବିହୀନ ଶାନ୍ତ ଉପରେ ପଡିଲା ଦାଗ
ଦିଶେ ଦିଶେ ଆଜି ଚମକି ଉଠିଲା ରକ୍ତରାଗ !
ସମାନ ହେବାକୁ ସମାଜ ଏଣିକି ସହଜ ହେଲା
ରୁଧିରେ ବୋଳିଛ ହାତ ଯେହ୍ନୁ ଆସ ହିନ୍ଦୁ ଚେଲା !

(ରକ୍ତ–ସ୍ରୋତ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 9 | | | B | | 4 | 1 | 0 | | | E | | | 8 |
| D | | C | | E | | | | 9 | B | | 4 | | 7 | |
| | 1 | | 5 | | | | | E | | | D | 3 | | |
| 2 | 4 | | | D | | | | 3 | | | 9 | A | | B |
| | | 6 | | 8 | | | D | | | 7 | | 1 | | 4 |
| | E | | | 4 | 3 | 6 | | | | | | 0 | 8 | |
| C | 3 | | | | 1 | | 4 | | 5 | | 0 | | 9 | |
| 6 | A | 7 | | | | | | | | | | | | E |
| | | | | | 5 | | 8 | | 7 | | | | 3 | C |
| | | | 0 | | | | | | 6 | A | | | 2 | |
| | | A | | 7 | E | 3 | | | | C | B | | 4 | |
| 8 | | | | C | 2 | 1 | | | | 3 | | | | |
| | 7 | | | | 0 | | | B | | | A | | | |
| | C | | | | | 7 | | | | 9 | | | 1 | |
| 9 | | 2 | 8 | | | | | | | | 7 | | | 0 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 8 | D | 3 | B | 2 | E | C | 9 | 5 | 6 | 4 | 7 | 1 | A |
| 2 | 4 | 9 | 0 | 6 | 7 | 5 | A | D | 1 | B | 3 | E | 8 | C |
| 5 | 3 | B | C | A | E | 8 | 2 | 1 | 7 | 0 | 9 | 4 | 6 | D |
| E | 6 | C | 8 | 1 | 5 | 7 | 0 | 4 | D | A | 2 | 3 | B | 9 |
| A | 7 | 1 | D | 9 | 4 | 3 | B | 6 | E | C | 8 | 2 | 0 | 5 |
| 4 | D | 0 | E | 8 | 9 | 6 | 5 | 2 | B | 7 | 1 | A | C | 3 |
| 6 | 5 | A | 1 | C | 0 | 4 | D | B | 9 | 3 | E | 8 | 2 | 7 |
| 8 | 9 | 2 | B | 7 | D | 1 | 3 | C | 6 | 4 | A | 5 | E | 0 |
| 7 | B | 3 | A | 2 | 6 | 0 | 9 | E | C | 8 | 5 | 1 | D | 4 |
| C | 1 | E | 5 | 4 | 3 | A | 8 | 7 | 0 | 2 | D | 6 | 9 | B |
| 9 | A | 4 | 6 | 3 | C | D | E | 5 | 2 | 1 | B | 0 | 7 | 8 |
| 1 | E | 7 | 2 | D | B | 9 | 4 | A | 8 | 5 | 0 | C | 3 | 6 |
| 3 | 2 | 8 | 7 | 5 | 1 | B | 6 | 0 | 4 | 9 | C | D | A | E |
| D | C | 5 | 9 | 0 | 8 | 2 | 7 | 3 | A | E | 6 | B | 4 | 1 |
| B | 0 | 6 | 4 | E | A | C | 1 | 8 | 3 | D | 7 | 9 | 5 | 2 |

ଗତକାଲିର ଉତ୍ତର



ବିଚିତ୍ର ବିଶ୍ୱାଳ

# ନ୍ୟାୟପାଳିକା ଉପରୁ ତୁଟୁଛି ଭରସା

ହାଇଦ୍ରାବାଦର ଭେଟେରିନାରି ଡାକ୍ତର ପ୍ରିୟଙ୍କା ରେଡ୍ଡୀଙ୍କ ବଳାତ୍କାର ଓ ହତ୍ୟା ଘଟଣାରେ ସାରା ଦେଶ ଯେପରି ଦୁଃଖିତ ଓ କ୍ରୋଧିତ ହୋଇଥିଲା, ଠିକ୍ ସେହିପରି ଅଭିଯୁକ୍ତମାନଙ୍କର ଏନ୍‌କାଉଣ୍ଟର ପରେ ସାରା ଦେଶ ଖୁସିରେ ଉତ୍ସବମୁଖର ହୋଇଛି। ସାଇବରାବାଦ ପୋଲିସ କମିଶନର ଭି.ସି. ସଜ୍ଜନାର, ଯିଏକି ଏହି ବଳାତ୍କାର ଅପରାଧର ତଦନ୍ତ ଦାୟିତ୍ୱରେ ଥିଲେ ଓ ଘଟଣା ସ୍ଥଳରେ ଏନ୍‌କାଉଣ୍ଟର କରିଥିଲେ, ତାଙ୍କୁ ଲୋକମାନେ କାନ୍ଧରେ ବସାଇ ବୁଲାଉଥିବାର ଓ ତାଙ୍କ ଉପରେ ଫୁଲ ବର୍ଷା ହେଉଥିବାର ଦୃଶ୍ୟ ଟିଭି ପରଦାରେ ଦେଖିବାକୁ ମିଳିଲା। ଲୋକଙ୍କ ମନରେ ଯେଉଁ କ୍ରୋଧ ଓ ଅସନ୍ତୋଷ ଥିଲା, ପୋଲିସ ଏନ୍‌କାଉଣ୍ଟର ପରେ ତାହା ଅନେକାଂଶରେ ଶାନ୍ତ ହୋଇଥିବା ଓ ସାରା ଦେଶର ଲୋକେ ଖୁସି ଥିବା ଦେଖାଯାଉଛି। କିନ୍ତୁ ‘ଖୁସି ଲାଗିବା’ ଓ ‘ଉଚିତ ଲାଗିବା’ ଦି’ଟା ଏକା କଥା ନୁହେଁ। ବହୁତ କଥା ଆମକୁ ଖୁସି ଲାଗିପାରେ କିନ୍ତୁ ତାହା ସବୁବେଳେ ଠିକ୍ ହୋଇ ନ ଥାଏ। ଆମ ଭାବପ୍ରବଣ ମନକୁ ଅନେକ କଥା ଶାନ୍ତି ଦେଇପାରେ କିନ୍ତୁ ତାହା ଉଚିତ କି ଅନୁଚିତ, ତାହା ମଧ୍ୟ ବିଚାରଯୋଗ୍ୟ। ଅବଶ୍ୟ ହାଇଦ୍ରାବାଦ ଏନ୍‌କାଉଣ୍ଟର ଘଟଣାରେ ସମସ୍ତେ ଖୁସି। ପରିଣାମକୁ ନେଇ କାହାରି ମନରେ ପ୍ରଶ୍ନ ନାହିଁ। ସେହି ଅଭିଯୁକ୍ତମାନେ ଯେପରି ଭାବେ ନାରକୀୟ କାଣ୍ଡ ଘଟାଇଥିଲେ, ସେଥିରେ ତାଙ୍କ ପାଇଁ ମୃତ୍ୟୁ ବି କମ୍ ହୋଇଥାନ୍ତା। କିନ୍ତୁ ପ୍ରଶ୍ନ ଉଠୁଛି, ତାଙ୍କୁ ମୃତ୍ୟୁଦଣ୍ଡ ଶୁଣାଇବ କିଏ, ନ୍ୟାୟପାଳିକା ନା ପୋଲିସ ନିଜେ? ଆମେ ପ୍ରତ୍ୟେକ ଘଟଣାର ବିଚାରକୁ ପୋଲିସ ହାତକୁ ଦେଇଦେବା କି?

ଯେଉଁମାନେ ଏପରି ନାରକୀୟ କାଣ୍ଡ ଘଟାଇଥିଲେ ଓ ସମାଜକୁ କଳୁଷିତ କରୁଥିଲେ ସେମାନେ ମରନ୍ତୁ କିନ୍ତୁ ତାଙ୍କୁ ମୃତ୍ୟୁଦଣ୍ଡ ଦେବ କିଏ ? ଏହା ନିଶ୍ଚୟ ଯେ, ପୋଲିସ କଦାପି ନୁହେଁ। କାରଣ ପୋଲିସକୁ ଯଦି ଆମେ ଏହି କ୍ଷମତା ଦେଇଦେବା, ତେବେ ଏହା ଭବିଷ୍ୟତର ସ୍ଥିତିକୁ ଅତ୍ୟନ୍ତ ଜଟିଳ କରିପକେଇବ, ଯାହାର ପରିଣାମ ସାଧାରଣ ଲୋକଙ୍କୁ ଭୋଗିବାକୁ ପଡ଼ିବ।

ଯଦି ପୋଲିସ କଥା ସତ ହୋଇଥାଏ, ଯେ ଅଭିଯୁକ୍ତମାନେ ଖସି ପଳାଉଥିବା ବେଳେ ପୋଲିସ ବାଧ୍ୟ ହୋଇ ଏନ୍‌କାଉଣ୍ଟର କରିଛି, ତେବେ ଏଥିରେ କିଛି ଅସୁବିଧା ନାହିଁ। କିନ୍ତୁ ଅସଲ ପ୍ରଶ୍ନ ହେଉଛି, ଏନ୍‌କାଉଣ୍ଟର ପରେ ସାରା ଦେଶର ଲୋକେ ଯେପରି ଖୁସି ପ୍ରକାଶ କରିଛନ୍ତି ଓ ସମଗ୍ର ଘଟଣାକୁ ଯେପରି ସେଲିବ୍ରେଟ୍ କରିଛନ୍ତି, ତାହା ଏକ ବଡ଼ ସଙ୍କଟକୁ ଆମ ସମ୍ମୁଖରେ ତୋଳି ଧରୁଛି। ଲୋକମାନଙ୍କର ଏହି ସେଲିବ୍ରେଶନ୍ ଘଟଣାରୁ ଅନ୍ତତଃ ଗୋଟିଏ କଥା ବୁଝାପଡୁଛି ଯେ, ସାଧାରଣ ଲୋକଙ୍କ କ୍ଷେତ୍ରରେ ଘଟୁଥିବା ଅପରାଧ ମାମଲାରେ ଲୋକମାନଙ୍କର ନ୍ୟାୟପାଳିକା ଉପରେ ଆଉ ବିଶ୍ୱାସ ନାହିଁ। ଯଦି ଥାଆନ୍ତା, ତେବେ ଏକ ଗଣତାନ୍ତ୍ରିକ ଦେଶର ଲୋକେ ଗୋଟେ ଏନ୍‌କାଉଣ୍ଟର ପରେ ଏତେ ଖୁସି ମନେଇ ନ ଥାନ୍ତେ। ଲୋକମାନେ ଏଇଥିପାଇଁ ଖୁସି ମନେଇଲେ ଯେ, ଘଟଣା ଯଦି ନ୍ୟାୟପାଳିକାକୁ ଯାଇ ମାମଲା ଆଗକୁ ବଢ଼ିଥାଆନ୍ତା, ତେବେ ଅପରାଧୀମାନଙ୍କୁ ଉଚିତ ଦଣ୍ଡ ମିଳି ନ ଥାନ୍ତା। ଯଦି ବି ମିଳିଥାଆନ୍ତା, ତେବେ ତାହା ଏତେ ବିଳମ୍ବ ହୋଇଥାଆନ୍ତା ଯେ, ସେ ଦଣ୍ଡ ମିଳିବା ଓ ନ ମିଳିବା ସମାନ। ଏଇଥିପାଇଁ ତ ଅପରାଧୀମାନଙ୍କ ମନରେ ନ୍ୟାୟପାଳିକା ପ୍ରତି ଭୟ ରହୁନାହିଁ।

ଅନେକେ କହୁଛନ୍ତି, ଅଭିଯୁକ୍ତମାନଙ୍କୁ ଅଯଥାରେ ବସେଇ ସୁରକ୍ଷା ପ୍ରଦାନ କରି ଖାଇବା ପିଇବାକୁ ଦେବା ଅପେକ୍ଷା ପୋଲିସ ଏନ୍‌କାଉଣ୍ଟର କରି ଭଲ କରିଛି। ଏମିତି ଜଘନ୍ୟ ଅପରାଧ ଘଟେଇଥିବା ଅପରାଧୀମାନଙ୍କ ପାଇଁ କାହିଁକି ଅଯଥାରେ ସରକାର ପଇସା ଖର୍ଚ୍ଚ କରିଥାନ୍ତେ। ତେଣୁ ସାଇବରାବାଦ୍ ପୋଲିସ ଭଲ କରିଛି। ସାରା ଦେଶ ଆଜି ତାଙ୍କୁ ହିରୋ କହୁଛି। କିନ୍ତୁ ଏଠାରେ ପ୍ରଶ୍ନ ହେଉଛି, ନ୍ୟାୟପାଳିକାର ଅସମର୍ଥତା ଯୋଗୁ ପୋଲିସକୁ ଦଣ୍ଡ ଦେବାର କ୍ଷମତା ଦେଇଦେବା ଉଚିତ କି? ଯଦି ଏମିତି କାମକୁ ଆମେ ଆମ ଭାବପ୍ରବଣତା ଆଧାରରେ ବିଚାର କରି ପୋଲିସକୁ ଗୌରବାନ୍ୱିତ କରିବା ତେବେ କାଲି ଯଦି ପୋଲିସ କୌଣସି ନିରପରାଧକୁ ଘରୁ ଉଠେଇ ନେଇ ହତ୍ୟା କରି ତାକୁ ଏନ୍‌କାଉଣ୍ଟରର ରୂପ ଦିଏ, ତେବେ ସେତେବେଳେ ଆମେ କ’ଣ କହିବା? କାରଣ ପୋଲିସର ନିୟମ ଅନୁସାରେ ନିଜକୁ ନିର୍ଦ୍ଦୋଷ ପ୍ରମାଣ ନ କରିବା ଯାଏ, ପ୍ରତ୍ୟେକ ଲୋକ ଦୋଷୀ ଓ ନ୍ୟାୟପାଳିକାର ନିୟମ ଅନୁସାରେ ଦୋଷୀ ପ୍ରମାଣ ନ ହେବା ଯାଏ ପ୍ରତ୍ୟେକ ଲୋକ ନିର୍ଦ୍ଦୋଷ। ତେଣୁ ଯଦି ପୋଲିସ ହାତକୁ ଦଣ୍ଡ ଦେବାର କ୍ଷମତା ଦେଇଦେବା, ତେବେ ଭବିଷ୍ୟତରେ ଅନେକ ନିରୀହ ଲୋକ ଏହାର ଶିକାର ହେବେ, ଏଥିରେ ସନ୍ଦେହ ନାହିଁ।

ନ୍ୟାୟପାଳିକାର ଅସହାୟତାକୁ ପୋଲିସର ଏନ୍‌କାଉଣ୍ଟର ମାଧ୍ୟମରେ ପୂରଣ କରାଯାଇପାରିବ ନାହିଁ। ଏମିତି କ୍ଷେତ୍ରରେ ଆମର ତର୍କ ହେବା କଥା ଯେ, ନ୍ୟାୟପାଳିକା କାହିଁକି ସମର୍ଥ ହେଉନାହିଁ? ଯଦି ଏତେବଡ଼ ନାରକୀୟ ଘଟଣା ଘଟିଲା ଓ ଅପରାଧୀମାନେ ତାଙ୍କ ଅପରାଧ ମାନି ସାରିଲେଣି, ତା’ହେଲେ ପୁଣି ହାଜତରେ ବା ଜେଲ୍‌ରେ ରଖି ତାଙ୍କୁ କ୍ୱାଇଁ ଭଳି ଚର୍ଚ୍ଚା କରାଯିବ କାହିଁକି? ଏଭଳି କ୍ଷେତ୍ରରେ ପୀଡ଼ିତାଙ୍କୁ ତୁରନ୍ତ ନ୍ୟାୟ ମିଳିବନି କାହିଁକି? ନ୍ୟାୟପାଳିକା ଯଦି କୌଣସି ରାଜନୈତିକ ଘଟଣାକୁ ତୁରନ୍ତ ଏପରି କି ରାତି ତିନିଟାରେ ଗୋଟିଏ ଦିନ ଭିତରେ ଶୁଣାଣି କରି ରାୟ ପ୍ରଦାନ କରୁଛନ୍ତି, ତେବେ ସାଧାରଣ ଲୋକଙ୍କ କ୍ଷେତ୍ରରେ ଘଟୁଥିବା ଅପରାଧକୁ ବା ଅନ୍ତତଃପକ୍ଷେ ବଳାତ୍କାର ଓ ହତ୍ୟା ପରି ଜଘନ୍ୟ ଅପରାଧର ସେମିତି ତ୍ୱରିତ ବିଚାର କରାଯିବ ନାହିଁ କାହିଁକି? କାହିଁକି ଦିନ ଦିନ ଧରି ଅଭିଯୁକ୍ତଙ୍କୁ ବସେଇ ରଖାଯିବ ଓ ବିଳମ୍ବିତ ନ୍ୟାୟ କରି ନ୍ୟାୟ ପ୍ରତି ପରିହାସ କରାଯିବ? ଜଗତ୍‌ସିଂହପୁର ଜିଲାର ଛବିରାଣୀ ହତ୍ୟାକାଣ୍ଡ ଘଟଣାରେ ଆମେ ଦେଖିଲେ ନ୍ୟାୟ ମିଳିବା ବେଳକୁ ଅଭିଯୁକ୍ତମାନେ ବୁଢ଼ା ହୋଇଯାଇଥିଲେ ଓ ଜଣେ ଅଭିଯୁକ୍ତ ମୃତ୍ୟୁବରଣ କରିସାରିଥିଲେ। ତେବେ ଏ ନ୍ୟାୟ କେଉଁ କାମକୁ! ଆଜି ଯେତେବେଳେ ଗୋଟେ ଗଣତାନ୍ତ୍ରିକ ଦେଶରେ ପୋଲିସର ଏନକାଉଣ୍ଟର ଘଟଣାରେ ଉତ୍ସବ ପାଳନ କରାଯାଉଛି, ସେତେବେଳେ ଅନ୍ତତଃ ଆମ ନ୍ୟାୟବ୍ୟବସ୍ଥା ଆତ୍ମବିଶ୍ଳେଷଣ କରିବା ଉଚିତ ଯେ ଲୋକମାନେ କାହିଁକି ନ୍ୟାୟପାଳିକା ଉପରେ ଆସ୍ଥା ପ୍ରକଟ କରିପାରୁନାହାନ୍ତି।

ଏହା ସତ ଯେ, ପୋଲିସର ଏନ୍‌କାଉଣ୍ଟର ଏକ ସମାଧାନ ନୁହେଁ। ବଳାତ୍କାର ପରି ଅପରାଧ ଘଟଣାରେ ତ୍ୱରିତ ନ୍ୟାୟ ମିଳିବା ହିଁ ଅସଲ ସମାଧାନର ପନ୍ଥା। ହାଇଦ୍ରାବାଦ ଘଟଣାରେ ଅଭିଯୁକ୍ତମାନଙ୍କର ଶେଷ ପରିଣତିରେ ଆମେ ସମସ୍ତେ ଖୁସି, ଏଥିରେ ଟିକେ ବି ସନ୍ଦେହ ନାହିଁ। କିନ୍ତୁ ଏହି ପରିଣାମ ପୋଲିସ ତରଫରୁ ନ ହୋଇ ନ୍ୟାୟପାଳିକା କରିଥିଲେ ଆମ ଗଣତନ୍ତ୍ର ଆହୁରି ପରିପକ୍ୱ ହୋଇଥାନ୍ତା ଓ ନ୍ୟାୟପାଳିକା ଉପରେ ଲୋକଙ୍କର ଆସ୍ଥା ମଜଭୁତ ହୋଇଥାନ୍ତା। ବଳାତ୍କାର ଘଟଣା ଯେପରି ଆମ ଦୁର୍ବଳ ସାମାଜିକ ଜୀବନର ପରିଚୟ ଦେଉଛି, ସେହିପରି ନ୍ୟାୟପାଳିକା ଉପରୁ ବିଶ୍ୱାସ ତୁଟି ପୋଲିସ ଏନ୍‌କାଉଣ୍ଟର ଉପରେ ବିଶ୍ୱାସ ବଢ଼ିବା ବି ଆମ ଦୁର୍ବଳ ଗଣତାନ୍ତ୍ରିକ ମୂଲ୍ୟବୋଧର ପରିଚୟ ଦେଉଛି।

–ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର

## ପାଠକ ଶ୍ରେଷ୍ଠ ବିଚାରକ

### ଧାରାବାହିକରେ ବିଜ୍ଞାପନ

ମହାଶୟ,

ଗ୍ରାହକ ଟଙ୍କା ଦେଇ ଟିଭି ଚ୍ୟାନେଲ ଦେଖନ୍ତି। କିନ୍ତୁ ଗୋଟିଏ ଅଧଘଣ୍ଟିଆ ଧାରାବାହିକରେ ୧୫ ମିନିଟ ଯାଉଛି ବିଜ୍ଞାପନରେ। ଯେମିତି ଚଳଚ୍ଚିତ୍ର ପାଇଁ ସେନ୍‌ସର ବୋର୍ଡ ଅଛି, ସେହିପରି ଚ୍ୟାନେଲରେ ପ୍ରସାରିତ ଧାରାବାହିକଗୁଡ଼ିକର ନିୟନ୍ତ୍ରଣ ବ୍ୟବସ୍ଥା ରହିବା ଦରକାର। ଅନେକ ଧାରାବାହିକରେ ଭୂତପ୍ରେତ, ଅନ୍ଧବିଶ୍ୱାସ ଓ ଅବୈଜ୍ଞାନିକ ଚିନ୍ତାଧାରାର ପ୍ରସାର ହେଉଛି। ପ୍ରାସଙ୍ଗିକତା ଓ ସାମାଜିକତା ଧାରାବାହିକରେ ରହିବା ଦରକାର, ଯେଉଁଥିରୁ ଗ୍ରାହକମାନେ ମନୋରଞ୍ଜନର ଖୋରାକ ପାଇବେ ଓ କିଛି ଶିକ୍ଷା ବି କରିପାରିବେ।

ସୁଧାକର ବେହେରା, କାଶୀପୁର, ନାୟକାଣୀଡିହ, ଭଦ୍ରକ

### ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି

ପ୍ରତିଦିନ ଗଣମାଧ୍ୟମରେ ପ୍ରଚାର ହେଉଛି, ରାଜଧାନୀ ଭୁବନେଶ୍ୱରର ରାସ୍ତାଘାଟ, ପାର୍କ, ବସଷ୍ଟାଣ୍ଡ, ଡ୍ରେନେଜ ଓ ରେଳ ଷ୍ଟେଶନଗୁଡିକ ବିଶ୍ୱସ୍ତରୀୟ ହେବାକୁ ଯାଉଛି। ଅର୍ଥାତ୍ ସବୁଗୁଡିକ ଲଣ୍ଡନ ଭଳି ବଡ ବଡ ସହର ଢାଞ୍ଚାରେ ଝଲସି ଉଠିବ। ତଳି ଅଞ୍ଚଳର ରାସ୍ତାଘାଟ, ଘର ପାଣିରେ ଉବୁଟୁବୁ ହେବନି। ବସଷ୍ଟାଣ୍ଡ କାଦୁଅ ପଚ ପଚ ହେବନି କି ପଚାଗନ୍ଧରେ ନାକ ଫାଟି ପଡିବନି। ଆଜକୁ ସାତ ଦଶନ୍ଧି ଧରି ବିଭିନ୍ନ ସମୟରେ ବିଭିନ୍ନ ସରକାର ଏମିତି ସବୁ ଘୋଷଣା କରି ଆସୁଛନ୍ତି। କିନ୍ତୁ ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି। ଖାଲି ଦେଖିବାକୁ ବାକି ରହିଲା ସରକାରଙ୍କ ଘୋଷଣାଗୁଡିକ କେବେ ସତ୍ୟରେ ପରିଣତ ହେବ ଓ ଆମ ରାଜଧାନୀ ବିଶ୍ୱସ୍ତରୀୟ ମାନ୍ୟତା ଲାଭ କରିବ।

ଭଗବାନ ଦାସ, ହରିନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

୧୨ ଡିସେମ୍ବର ୧୯୯୪

- ମାୟାମିଠାରେ ବିଶ୍ୱର ୩୩ଟି ରାଷ୍ଟ୍ର ପାନ୍–ଆମେରିକାନ ମୁକ୍ତ ବାଣିଜ୍ୟ ରାଜିନାମାରେ ସ୍ୱାକ୍ଷର କରିଛନ୍ତି।
- ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଚଳିତବର୍ଷର ସମ୍ମାନଜନକ କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ପୁରସ୍କାର ଲୋକନୃତ୍ୟ ଶିଳ୍ପୀ ଭଗବାନ ସାହୁଙ୍କୁ ପ୍ରଦାନ।

## ସଂକ୍ଷେପରେ

### ବ୍ଲକସ୍ତରୀୟ ଶିଶୁ ମେଳା



ଏରସମା,୧୧।୧୨(ସ୍ୱ.ପ୍ର.): ଏରସମା ବ୍ଲକ ଅନ୍ତର୍ଗତ ପଲିକଣ୍ଠା ପଞ୍ଚାୟତସ୍ଥିତ ମନ୍ଦିରା ଗ୍ରାମର ହାଡ଼ିବନ୍ଧୁ ବିଦ୍ୟାପୀଠ ପରିସରରେ ବୁଧବାର ବ୍ଲକ ଓଷ୍ଟା ପକ୍ଷରୁ ଏକ ବ୍ଲକସ୍ତରୀୟ ଶିଶୁ ମେଳା ଅନୁଷ୍ଠିତ ହୋଇଯାଇଛି। ଏରସମା ବ୍ଲକ ଶିକ୍ଷା ଅଧିକାରୀ ଜୟନ୍ତ କୁମାର ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରି କହିଥିଲେ, ଆୟୋଜିତ ମେଳା ହିଁ ଅନ୍ତର୍ନିହିତ ଗୁଣାବଳୀର ବିକାଶ ସାଧନର ପ୍ରକୃତ ମାଧ୍ୟମ। ସ୍ଥାନୀୟ ସରପଞ୍ଚ ଧ୍ୱଜରାଜ ଖଣ୍ଡୁଆଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ପ୍ରତିଯୋଗୀ ଅଂଶଗ୍ରହଣ କଲେ ସେମାନଙ୍କ ପ୍ରତିଭାର ବିକାଶ ସାଧନ ହୋଇ ପାରିବ କହିଥିଲେ। ସମିତିସଭ୍ୟ ନିମାଇ ଚରଣ ଖଣ୍ଡୁଆଳ, ଓଷ୍ଟାର ବରିଷ୍ଠ ସଂଗଠକ ଅଭୟ ପ୍ରଧାନ, ଓଷ୍ଟା ରାଜ୍ୟ ସମ୍ପାଦକ ବସନ୍ତ କୁମାର ଦାସ, ଜିଲା ଉପସଭାପତି ବସନ୍ତ ମଞ୍ଜରୀ ଦାସ, ଜିଲା ଯୁଗ୍ମ ସମ୍ପାଦକ ଅନୀଲ ଜେନା, ସୁବାସ ଚନ୍ଦ୍ର ଦାସ ଓ ଏରସମା ବ୍ଲକ ସଭାପତି ରଞ୍ଜନ କୁମାର ଦାସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏଥିରେ ଅନୁଷ୍ଠିତ ଚିତ୍ରାଙ୍କନ, ବକ୍ତୃତା, ସଂଗୀତ, ଏକକ ଅଭିନୟ ଓ ନୃତ୍ୟ ଆଦି ୧୦ ବିଭାଗରେ ଅନୁଷ୍ଠିତ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସମ୍ପୃକ୍ତ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅଜିତ୍ ଲେଙ୍କା ଧନ୍ୟବାଦ ଦେଇଥିଲେ।

### ନିରାଶ୍ରୟା ବୃଦ୍ଧାଙ୍କୁ ବାବା ଦିବାକର ଦାସଙ୍କ ସହାୟତା

ବାଲିଆ,୧୧।୧୨: ଓଡ଼ିଆ ଜଗନ୍ନାଥ ସଂସ୍କୃତିର କଥା ପ୍ରଚାରକ ବାବ ଦିବାକର ଦାସ ତାଙ୍କ ନିଜ ଗ୍ରାମ ବାଲିଆ ଗୋପୀନାଥପୁରର କେତେଜଣ ନିରାଶ୍ରୟ ବୃଦ୍ଧଙ୍କୁ ଶୀତବସ୍ତ୍ର ବଣ୍ଟନ କରିଛନ୍ତି। ବାବା ଓଡ଼ିଶା ଏବଂ ଓଡିଶା ବାହାରେ ହରିକଥା କହି ଆଣୁଥିବା ଅର୍ଥରୁ କିଛି ସଞ୍ଚିତ କରିବା ସହ ଅନେକ ସମୟରେ ଏହିଭଳି ସାମାଜିକ କାର୍ଯ୍ୟରେ ଲଗାଇଥାନ୍ତି। ପ୍ରତିବର୍ଷ ଏହିଭଳି କାର୍ଯ୍ୟ କରିଆସୁଥିବାରୁ ସମସ୍ତେ ତାଙ୍କୁ ପ୍ରସଂଶା କରିଛନ୍ତି। ଫନୀ ବାତ୍ୟା ସମୟରେ ବାବା ବିପନ୍ନଙ୍କ ପାଖରେ ପହଞ୍ଚି ଖାଦ୍ୟ ପ୍ରଦାନ କରିଥିଲେ।

### ଶ୍ରୀରାଧାମୋହନଙ୍କ ପୀଠରେ ଗୀତା ଜୟନ୍ତୀ



ବାଲିଆ,୧୧।୧୨: ବିରିଡି ବ୍ଲକ ଉତ୍ତରଶାସନ ଗ୍ରାମପଞ୍ଚାୟତ ହନୁମନ୍ତ ବ୍ରହ୍ମପୁର ଗ୍ରାମର ଇଷ୍ଟଦେବ ଶ୍ରୀରାଧାମୋହନଙ୍କ ପୀଠସ୍ଥଳରେ ଗୀତା ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। କବି ପୀତାମ୍ବର ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଜୟନ୍ତୀରେ ଶିକ୍ଷାଗୁରୁ ଉତ୍ତମ କୁମାର ଦାଶ, ସଂଗ୍ରାମ କେଶରୀ ପଣ୍ଡା, ସୁଧୀର ଦାଶ, ସୌମେନ୍ଦ୍ର ମହାପାତ୍ର, ସତ୍ୟବ୍ରତ ମହାପାତ୍ର, ଧରଣୀଧର ମହାରଣା ପ୍ରମୁଖ ଯୋଗଦେଇ ଶ୍ରୀମଦ୍ ଭଗବତ୍ ଗୀତାର ୧୮ ଅଧ୍ୟାୟ ପାଠ କରିଥିଲେ। କାର୍ଯ୍ୟକ୍ରମକୁ ବିଷ୍ଣୁଚରଣ ମହାପାତ୍ର, ପିନାକୀ ମାହପାତ୍ର, ରଙ୍ଗାଧର ଦାଶ, ମୁରଲୀଧର ମହାପାତ୍ର ଓ ରଶ୍ମିରଞ୍ଜନ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

## ଶାରଳା ମନ୍ଦିର ହୁଣ୍ଡିରୁ ଟଙ୍କା ଗାଏବ୍ ସନ୍ଦେହ

# ଧାରଣାରେ ବସିଲେ ପଣ୍ଡା, ସେବାୟତ

ଜଗତ୍‌ସିଂହପୁର ଅଫିସ,୧୧।୧୨

■ଦେବୋତ୍ତର ବିଭାଗ ଉପରକୁ ପୁଣି ଉଠିଲା ଅଙ୍ଗୁଳି
■ଜିଲାପାଳ କହିଲେ ଠିକ ହୋଇଛି

ଜଗତ୍‌ସିଂହପୁର ଜିଲାର ଅଧିଷ୍ଠାତ୍ରୀ ଦେବୀ ମା'ଶାରଳାଙ୍କ ହୁଣ୍ଡିରୁ ବୁଧବାର ଟଙ୍କା ଗାଏବ ହୋଇଥିବା ସନ୍ଦେହ କରାଯାଇଛି। ଚଞ୍ଚକତାପୂର୍ବକ ହୁଣ୍ଡି ଖୋଲାଯାଇ ଟଙ୍କା ଗାଏବ୍ ହୋଇଥିବା ପଣ୍ଡା, ସେବାୟତମାନେ ଅଭିଯୋଗ କରିବା ସହ ପାଖାପାଖି ୪ ଘଣ୍ଟା ମନ୍ଦିର ପରିସରରେ ଧାରଣାରେ ବସିଥିଲେ। ଏ ସମ୍ପର୍କରେ ସନ୍ତୋଷଜନକ ଉତ୍ତର ନ ମିଳିବା ଯାଏ ସେମାନେ ଆନ୍ଦୋଳନ ଜାରି ରଖିବେ ବୋଲି 'ଧରିତ୍ରୀ'କୁ ସ୍ୱତନ୍ତ୍ର ଭାବେ ସୂଚନା ଦେଇଥିଲେ। କିନ୍ତୁ ଓଡ଼ିଶା ହିନ୍ଦୁ ସମ୍ପ୍ରଦାୟ ଦେବୋତ୍ତର (ଓଏଚ୍‌ଆର୍‌ଇ) ଆଇନ ବଳରେ ହୁଣ୍ଡି ଖୋଲା ଯାଇଥିବା ମନ୍ଦିର ମଧ୍ୟବର୍ତ୍ତୀକାଳିନ ଟ୍ରଷ୍ଟି ତଥା ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର କହିଛନ୍ତି। ସେ ସ୍ପଷ୍ଟ କରିଛନ୍ତି, ମନ୍ଦିରରେ କୌଣସି ପ୍ରକାର ଅର୍ଥନୈତିକ ଅନିୟମିତତାକୁ ପ୍ରସୟ ଦିଆଯିବ ନାହିଁ। ଏବେ ଏଜି ଅଡିଟ୍ ଚାଲିଛି। ତେଣୁ ଅନେକ ଭୟଭୀତ ହୋଇ ପଡିଛନ୍ତି। ପ୍ରସଙ୍ଗକୁ ଭିନ୍ନମୋଡ ଦେବା ପାଇଁ ଚେଷ୍ଟା ଚାଲିଥିବା ସେ କହିଛନ୍ତି।

ପଣ୍ଡା, ସେବାୟତମାନେ ଅଭିଯୋଗ କରି କହିଛନ୍ତି, ହୁଣ୍ଡିରୁ ଟଙ୍କା ବାହାର କରିବା ପାଇଁ ଦିନ ସ୍ଥିର ହେଲେ ମନ୍ଦିର ପ୍ରଶାସନ ତରଫରୁ ସେମାନଙ୍କୁ ଅବଗତ କରାଯାଇଥାଏ। କିନ୍ତୁ ବୁଧବାର ଅପରାହ୍ଣ ପ୍ରାୟ ୩ଟା ବେଳେ ଦେବୋତ୍ତର ସହକାରୀ କମିଶନର ଓ ମନ୍ଦିର ନିର୍ବାହୀ ଅଧିକାରୀଙ୍କ ସମେତ ଅନ୍ୟ କର୍ମଚାରୀ ସେବାୟତ ଓ ପଣ୍ଡାଙ୍କୁ ଅବଗତ ନ କରି ହୁଣ୍ଡି ଖୋଲିଥିଲେ। କେବଳ ଖୋଲି ନ ଥିଲେ ଲୁଚାଛପାରେ ଟଙ୍କା ଗଣତି କରୁଥିଲେ। ଏ କଥା ଜଣାପଡିବା ପରେ ପଣ୍ଡା, ସେବାୟତମାନେ ସେଠାରେ ପହଞ୍ଚି ବୁଝିବାକୁ ଚାହିଁଥିଲେ। କିନ୍ତୁ କେଉଁ ପରିସ୍ଥିତିରେ ହୁଣ୍ଡିରୁ ଟଙ୍କା କଢା ଗଲା ତାର କୌଣସି ସନ୍ତୋଷଜନକ ଉତ୍ତର ମିଳି ନ ଥିଲା। ବରଂ ଦେବୋତ୍ତର ସହକାରୀ କମିଶନର ପରିସ୍ଥିତିକୁ ଏଡାଇବା ପାଇଁ ସ୍ଥାନ ଛାଡି ପଳାଇଥିଲେ। ତେଣୁ ପଣ୍ଡା, ସେବାୟତମାନେ ବାଧ୍ୟ ହୋଇ ଧାରଣାରେ ବସିଥିଲେ। ଧାରଣା ଜାରି ରହିଥିବା ବେଳେ ମନ୍ଦିର ଆକାଉଣ୍ଟ ଅଫିସର ଓ ଅନ୍ୟ କର୍ମଚାରୀମାନେ ଖସି ଯାଇଥିଲେ। ନିର୍ବାହୀ ଅଧିକାରୀଙ୍କ ସନ୍ଧାନ ମଧ୍ୟ ମିଳି ନ ଥିଲା। ଯେହେତୁ ଅଡିଟ୍ ଚାଲିଥିଲା ତେଣୁ ପୋଲିସ ଓ ନିର୍ଦ୍ଦିଷ୍ଟ କେତେଜଣ ଅଡିଟ୍ କର୍ମଚାରୀ ସେଠାରେ ଉପସ୍ଥିତ ଥିଲେ। ଖବର ଲେଖାହେଲା ବେଳକୁ ୨ଟି ଥଳିଆରେ ଅଧା ବସ୍ତା ଲେଖାଏ ଟଙ୍କା ଥିବା ଏବଂ ପୋଲିସ ଜଗି ରହିଥିବା କୁହାଯାଉଛି। କେତେଜଣ ସେବାୟତ ଓ ପଣ୍ଡା ପ୍ରତିକ୍ରିୟାରେ କହିଛନ୍ତି, ସେମାନଙ୍କ ଉଦ୍ୟମ ଯୋଗୁ ୨୦ ବର୍ଷ ପୂର୍ବରୁ ମନ୍ଦିର ପରିସରରେ ହୁଣ୍ଡି ବ୍ୟବସ୍ଥା କରାଯାଇଛି। ହୁଣ୍ଡିରୁ ଟଙ୍କା କଢ଼ାଯିବା ପୂର୍ବରୁ ସେମାନଙ୍କୁ ଅବଗତ କରାଯିବା ସହ ଉପସ୍ଥିତ ରହିବା ପାଇଁ କୁହାଯାଏ। ଏହି ପ୍ରକ୍ରିୟା ଦୀର୍ଘ ବର୍ଷ ଧରି ଚାଲିଥିବା ବେଳେ ବୁଧବାର ନାଟକୀୟ ଢଙ୍ଗରେ ହୁଣ୍ଡି ଖୋଲା ଯାଇଥିଲା। ଆଶ୍ଚର୍ଯ୍ୟର କଥା ହେଲା କେଉଁ ହୁଣ୍ଡି ଖୋଲାଯାଇଥିଲା ତାହା ଏବେ ବି ଅସ୍ପଷ୍ଟ। କାରଣ ମନ୍ଦିର ଭିତରେ ୫ ଓ ବାହାରେ ୨ଟି ହୁଣ୍ଡି ରହିଛି। ସବୁ ହୁଣ୍ଡିରେ ତାଲା ପଡିଛି। ବୁଧବାର ଯେଉଁ ଟଙ୍କା କଢା ଯାଇଥିଲା ତାହା କେଉଁ ହୁଣ୍ଡିରୁ ବାହାରିଛି ସେ ସମ୍ପର୍କରେ ମନ୍ଦିର ନିର୍ବାହୀ ଅଧିକାରୀ କିମ୍ବା ଆକାଉଣ୍ଟ ଅଧିକାରୀ କିଛି କହିବାକୁ ନାରାଜ। ଅପରାହ୍ଣ ପ୍ରାୟ ୩ଟାରେ ମା'ଙ୍କ ମୁଖଶାଳାରେ ଥିବା ହୁଣ୍ଡିର ୭୫ ଭାଗ ଟଙ୍କା ଚଞ୍ଚକତାପୂର୍ବକ କଢାଯାଇଥିବା ସନ୍ଦେହ କରାଯାଉଛି। ମୋଟ ଉପରେ ୫ ବସ୍ତା ନୋଟ୍ ଓ ଖୁଚୁରା ବାହାର କରାଯାଇଥିବା ବେଳେ ସେଥିମଧ୍ୟରୁ ୨ ବସ୍ତା ଗାଏବ୍ ହୋଇ ଯାଇଥିବା ଧାରଣାରତ ପଣ୍ଡା ଓ ସେବାୟତମାନେ ଅଭିଯୋଗ କରିଛନ୍ତି। ଏହା ଉପରେ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଦେବୋତ୍ତର କମିଶନର ଦେବାଶିଷ ଦାଶଙ୍କ ସହ ତାଙ୍କ ମୋବାଇଲ ଯୋଗେ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ସୁଦ୍ଧା ସମ୍ଭବ ହୋଇ ନ ଥିଲା।

## ନୂଆ ବଜାରରେ ହେବ ଷ୍ଟ୍ରିଟ୍ ଫୁଡ୍ ଫେଷ୍ଟିଭାଲ



ଷ୍ଟ୍ରିଟ୍ ଫୁଡ୍ ଫେଷ୍ଟିଭାଲ ସମ୍ପର୍କରେ ସୂଚନା ଦିଆଯାଉଛି।

ପାରାଦୀପ,୧୧।୧୨(ସ୍ୱ.ପ୍ର.)

ଆସନ୍ତା ୧୪ରୁ ୨୦ ତାରିଖ ପର୍ଯ୍ୟନ୍ତ ପାରାଦୀପ ନୂଆବଜାର କଲେଜ ଛକରେ ଷ୍ଟ୍ରିଟ୍ ଫୁଡ୍ ଫେଷ୍ଟିଭାଲ ଅନୁଷ୍ଠିତ ହେବ। ଏହାକୁ ହୋଟେଲ ଏମ୍ପାୟର୍ସ ପକ୍ଷରୁ ଆୟୋଜନ କରାଯିବ। ସମସ୍ତ ବର୍ଗର ଲୋକେ ଭାଗନେଇ ସ୍ୱଳ୍ପ ମୂଲ୍ୟରେ ସ୍ୱାଦିଷ୍ଟ ଖାଦ୍ୟ ଖାଇବା ସହ ମ୍ୟୁଜିକାଲ କାର୍ଯ୍ୟକ୍ରମରେ ଭାଗନେବେ। ଛୋଟ ପିଲାଙ୍କ ପାଇ ଗେମ୍‌ଜୋନ କରାଯିବ। ଏହା ପ୍ରତ୍ୟେକଦିନ ଅପରାହ୍ଣ ୪ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଚାଲିବ। ଓଡ଼ିଶାର ପାରମ୍ପରିକ ଖାଦ୍ୟ ସହ ଫାଷ୍ଟଫୁଡ୍ ରହିବ। ଏ ସମ୍ପର୍କରେ ହୋଟେଲ ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। ମ୍ୟାନେଜର ସଞ୍ଜୟ ମିଶ୍ର, ଏସଏମ୍ ଖାନ ଓ ଭାବଗ୍ରାହୀ ବାରିକ ପ୍ରମୁଖ ଏହି ସୂଚନା ଦେଇଛନ୍ତି।

## ବିଦ୍ୟୁତ୍ ଆଘାତରେ ଟେଣ୍ଟ୍ ହାଉସ୍ ଶ୍ରମିକଙ୍କ ମୃତ୍ୟୁ

ବାଲିକୁଦା,୧୧।୧୨(ସ୍ୱ.ପ୍ର.)

ବିଦ୍ୟୁତ୍ ଆଘାତରେ ବୁଧବାର ଜଣେ ଟେଣ୍ଟ୍ ହାଉସ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବୋରିକିନା ପଞ୍ଚାୟତ ଦୂଆଗାଁର ବିଜୟ ବାରିକଙ୍କ ପୁଅ ନାନୁ(୨୬)। ପାଇକେରାପୁରର ଜଣେ ଟେଣ୍ଟ ମାଲିକଙ୍କ ନିକଟରେ ନାନୁ କାମ କରୁଥିଲେ। ଓଷକଣା ପଞ୍ଚାୟତ ସାମନ୍ତରାପୁର ଗାଁରେ ଅଷ୍ଟମପ୍ରହର ନାମଯଜ୍ଞ ଚାଲିଥିବା ବେଳେ ନାନୁ ସେଠାରେ କାମ କରୁଥିଲେ। ଦଧି ହାଣ୍ଡି ଭଙ୍ଗା ହେବା ସମୟରେ କୌଣସି କାରଣ ବସତଃ ନାନୁଙ୍କ ଦେହରେ ବିଦ୍ୟୁତ ଆଘାତ ଲାଗିଥିଲା। ଫଳରେ ସେ ଚେତା ଶୂନ୍ୟ ହୋଇ ପଡିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବାଲିକୁଦା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବାଲିକୁଦା ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ତଦନ୍ତ ଚଳାଇଛି।


ମୋ ସରକାର ଯୋଜନା ଲାଗୁ ସମ୍ପର୍କିତ ବୈଠକରେ ବିଧାୟକ ଓ ଅନ୍ୟ ଅତିଥିମାନେ।

# ଜାନୁୟାରୀରୁ ପୌର ପାଳିକାରେ ଲାଗୁହେବ ମୋ ସରକାର

ପାରାଦୀପ,୧୧।୧୨(ସ୍ୱ.ପ୍ର.)

୨୦୨୦ ଜାନୁୟାରୀ ପହିଲାରୁ ପାରାଦୀପ ପୌରପାଳିକାରେ ମୋ ସରକାର ଯୋଜନା ଲାଗୁହେବ। ଏହା ଜାନୁୟାରୀ ୧୦ ପର୍ଯ୍ୟନ୍ତ ପରୀକ୍ଷାମୂଳକ ଭାବେ ଚାଲିବ। ତା'ପରଠାରୁ ପୂର୍ଣ୍ଣାଙ୍ଗଭାବେ ମୋ ସରକାର ନୀତି ନିୟମ ଲାଗୁ ହେବ। ଏନେଇ ରାଜ୍ୟର ୧୧୪ ପୌରସଂସ୍ଥା ମଧ୍ୟରୁ ପାରାଦୀପ ପୌର ସଂସ୍ଥା ପକ୍ଷରୁ ପ୍ରଥମ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଉପାଧ୍ୟକ୍ଷ ପ୍ରଭାତୀ ନାୟକ, ପୌର ନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତିଙ୍କ ସମେତ ସମସ୍ତ କାଉନସିଲର ଓ ପୌର କର୍ମଚାରୀ ଉପସ୍ଥିତ ଥିଲେ। ଗଣତନ୍ତ୍ରରେ ଲୋକମତ ହେଉଛନ୍ତି ଜନତା। ସେମାନଙ୍କ ପ୍ରତ୍ୟେକ କାମ କରିବା ପାଇଁ ସରକାରୀ କର୍ମଚାରୀ ବାଧ୍ୟ। ଜାନୁୟାରୀ ୧ରୁ ପୌର କାର୍ଯ୍ୟାଳୟକୁ ଆସୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ସମସ୍ତ କଥାକୁ ସହୃଦୟତାର ସହ ଶୁଣିବାକୁ ହେବ। ଏଥିରେ କେହି ଅସନ୍ତୋଷ ପ୍ରକଟ କଲେ ସରକାରଙ୍କ ପ୍ରଦତ୍ତ ନମ୍ବର ୧୪୫୪୫କୁ ଅଭିଯୋଗକାରୀ ଜଣାଇବେ। ଏହାପରେ ନିରପେକ୍ଷ ତଦନ୍ତ କରାଯାଇ ଅଭିଯୋଗ ଶୁଣି ନ ଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପୂର୍ବରୁ ପ୍ରଚଳିତ ଥିବା ଯଥା: ବାବୁ ନାହାନ୍ତି, ଫାଇଲ କାମ ଅମୁକ ବାବୁଙ୍କ ପାଖରେ ଅଛି ଆଦି ମୋ ସରକାରରେ ଚଳିବ ନାହିଁ ବୋଲି କୁହାଯାଇଛି। ବିଧାୟକ ସମ୍ବିତ କହିଥିଲେ, ଏବେ ମୋ ସରକାରରେ ସମସ୍ତ ଜନପ୍ରତିନିଧିଙ୍କ ସୂଚନା ଉପର ମହଲରେ ରେକର୍ଡ ହେଉଛି। ଆମକୁ ମଧ୍ୟ ପ୍ରତିଦିନ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ସୂଚନା ଦେବାକୁ ପଡୁଛି। ୭ ଦିନର ରିପୋର୍ଟ କାର୍ଡ ଆମେ ସରକାରଙ୍କୁ ଜଣାଉଛୁ। ଏପରିସ୍ଥଳେ ନୂଆ ବ୍ୟବସ୍ଥାରେ ସମସ୍ତେ ଲୋକଙ୍କ ପାଇଁ କାମ କରନ୍ତୁ। ଏବେଠାରୁ କାମ ଲେ ଆସନ୍ତା ନିର୍ବାଚନବେଳେକୁ ଲୋକେ ତୁମକୁ ଗ୍ରହଣ କରିବେ ବୋଲି ସେ ଜନପ୍ରତିନିଧିଙ୍କ ଉଦ୍ଦେଶ୍ୟରେ କହିଥିଲେ। ଏଥିସହ ଆଗାମୀ ଦିନରେ ହୋଲ୍ଡିଂ ଟିକସ, ଟ୍ରେଡ୍ ଲାଇସେନ୍ସ, ବିଲ୍ଡିଂ ପ୍ଲାନ ଆଦି କାମ ଅନ୍‌ଲାଇନରେ କରାଯିବ ବୋଲି କୁହାଯାଇଥିଲା। ପରେ ପୌର ପାଳିକାର କାଉନସିଲ ବୈଠକ ଓ ବିଭିନ୍ନ ନୂତନ ପ୍ରକଳ୍ପର ଶିଳାନ୍ୟାସ କରାଯାଇଥିଲା।

# ପୁରଣ ଓଡ଼ପଡ଼ାରେ ପିଡିଙ୍କ ସରକାରୀ ଗୃହ କାର୍ଯ୍ୟ ତଦାରଖ


ପିଡି ସରୋଜକାନ୍ତ ମହାନ୍ତି ଗୃହ କାର୍ଯ୍ୟ ତଦାରଖ କରୁଛନ୍ତି।

ରଘୁନାଥପୁର ,୧୧। ୧୨ (ଡି.ଏନ.ଏ.)

ଜିଲା ପ୍ରକଳ୍ପ ନିର୍ଦ୍ଦେଶକ (ପିଡି) ସରୋଜକାନ୍ତ ମହାନ୍ତି ବୁଧବାର ରଘୁନାଥପୁର ବ୍ଲକ ପୁରଣ ଓଡପଡା ପଞ୍ଚାୟତକୁ ଗସ୍ତ କରି ବିଭିନ୍ନ ସ୍ଥାନରେ ନିର୍ମାଣାଧୀନ ସରକାରୀ ଗୃହ କାର୍ଯ୍ୟର ତଦାରଖ କରିଥିଲେ। ପୂର୍ବାହ୍ଣରେ ନିର୍ଦ୍ଧାରିତ ସମୟରେ ଉକ୍ତ ପଞ୍ଚାୟତରେ ପିଡି ମହାନ୍ତି ପହଞ୍ଚି ହିତାଧିକାରୀଙ୍କ ଦ୍ୱାରା ନିର୍ମାଣ କରାଯାଉଥିବା ସରକାରୀ ଗୃହକୁ ବୁଲି ଦେଖିଥିଲେ। ଏହି ପରିଦର୍ଶନ ସମୟରେ ବିଭିନ୍ନ ୱାର୍ଡର ଲୋକମାନେ ଥିଲାବାଲାଙ୍କୁ ଘର ଦିଆଯାଇଥିବା ସମ୍ପର୍କରେ ଅଭିଯୋଗ କରିବା ସହ ଏଥିରେ ଲାଞ୍ଚ କାରବାର ହୋଇଥିବା ସମ୍ପର୍କରେ ପ୍ରକାଶ କରିଥିଲେ। ତେବେ ଲୋକଙ୍କ ଅଭିଯୋଗ ସମ୍ପର୍କରେ ପିଡି ମହାନ୍ତି କୌଣସି ପ୍ରତିକ୍ରିୟା ନ ରଖି ଦୃଷ୍ଟିଗୋଚର ହୋଇଥିବା ଯୋଗ୍ୟ ହିତାଧିକାରୀ ଲକ୍ଷ୍ମୀପ୍ରିୟା ବେହେରାଙ୍କୁ ସରକାରୀ ଗୃହ ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ରଖିଥିଲେ। ଏହି ଗସ୍ତ ସମୟରେ ବିଭିନ୍ନ ସ୍ଥାନରେ ଗ୍ରାମବାସୀ ଗୋରୁ ଗୁହାଳ ଯୋଗାଇ ଦେବାକୁ ଅନୁରୋଧ କରିଥିଲେ। ତେବେ ପଞ୍ଚାୟତରେ ପ୍ରାୟ ୧୫ଟି ନିର୍ମାଣାଧୀନ ଗୃହ ଦେଖିବା ସମୟରେ ଅଧିକାଂଶ ସ୍ଥାନରେ ପାଇଖାନାର ବ୍ୟବସ୍ଥା ହୋଇ ନ ଥିବାରୁ ବିରକ୍ତି ପ୍ରକାଶ କରିଥିଲେ। ଏହାଛଡା ଯେଉଁ ହିତାଧିକାରୀମାନେ କାର୍ଯ୍ୟ ଆରମ୍ଭ ପାଇଁ ବିଳମ୍ବ କରୁଛନ୍ତି ସେମାନଙ୍କୁ ତୁରନ୍ତ କାର୍ଯ୍ୟ କରିବାକୁ ପରାମର୍ଶ ରଖିଥିଲେ। ପ୍ରାୟ ୨ ଘଣ୍ଟା ତଦାରଖ କରି ପିଡି ମହାନ୍ତି ସ୍ଥାନ ପରିତ୍ୟାଗ କରିଥିଲେ। ଏହି ଗସ୍ତ ସମୟରେ ଏପିଡି ସୁନନ୍ଦା ରାଉତ, ବିଡିଓ ପଞ୍ଚାନନ ପଟାୟତ, ଏବିଡିଓ ଅଶୋକ କୁମାର ମହାନ୍ତି, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଜୟଶ୍ରୀ ଗଡସରା ଓ ଜିଆରଏସ ରୋଜାଲିନ୍ ପଟ୍ଟନାୟକ ଉପସ୍ଥିତ ଥିଲେ। ଲୋକଙ୍କ ପକ୍ଷରୁ ହୋଇଥିବା ଅଭିଯୋଗ ସମ୍ପର୍କରେ ପିଡି ମହାନ୍ତିଙ୍କୁ ପଚାରିବାରେ କୌଣସି ମତାମତ ଦେବା ମୋ ଅଧିକାର ବାହାରେ ବୋଲି କହିଥିଲେ।

## ବିହନ ବିଶୋଧନ କେନ୍ଦ୍ର ପରିଦର୍ଶନ କଲେ କୃଷି ବିଜ୍ଞାନ ଛାତ୍ରୀଛାତ୍ର

# ୧୩ ପ୍ରତିଶତ ଆର୍ଦ୍ରତା ଥିବା ଧାନ ବିହନ ଉପଯୋଗୀ

ରଘୁନାଥପୁର ,୧୧। ୧୨ (ଡି.ଏନ.ଏ.)

ରଘୁନାଥପୁର ବ୍ଲକ ରେଢୁଆ ନୂଆଗଡସ୍ଥିତ ଗୋରଖନାଥ ବିହନ ବିଶୋଧନ କେନ୍ଦ୍ରକୁ ବୁଧବାର ସୋଆ କୃଷି ବିଜ୍ଞାନର ଛାତ୍ରୀଛାତ୍ରମାନେ ପରିଦର୍ଶନରେ ଆସି ଧାନ ବିହନ ପ୍ରସ୍ତୁତ ଓ ସଂରକ୍ଷଣ ସମ୍ପର୍କରେ ଜ୍ଞାନ ଆହରଣ କରିଥିଲେ। ପ୍ରଫେସର ଡ. ସରୋଜ ମହାନ୍ତିଙ୍କ ତତ୍ତ୍ୱାବଧାନରେ ୬୦ ଛାତ୍ରୀଛାତ୍ର ବିହନ ବିଶୋଧନ କେନ୍ଦ୍ରକୁ ଆସି ବିହନର ପ୍ରକାର, ଉତ୍ପାଦନ ପ୍ରଣାଳୀ, ରୋଗପୋକରୁ ମୁକ୍ତ, ଅମଳ ଓ ସାଇତି ରଖିବା ପ୍ରଣାଳୀ ଏବଂ ପ୍ୟାକିଂ, ଗ୍ରେଡିଂ ଓ ମାର୍କେଟିଂ ସମ୍ପର୍କରେ ପ୍ରଶିକ୍ଷଣ ନେଇଥିଲେ। ଏମାନଙ୍କ ସହ ଆସିଥିବା ଆସିଷ୍ଟାଣ୍ଟ ପ୍ରଫେସର ଚକ୍ରଧର ପାତ୍ର, ପ୍ରିନ୍ସିପାଲ ସାଇଣ୍ଟିଷ୍ଟ ଡ. ଏସ.କେ. ପ୍ରଧାନ(ଏନ୍‌ଆର୍‌ଆଇଆଇ), ସିଡିଏଓ ଡ. ରବିନାରାୟଣ ମହାପାତ୍ର, ଏକାଦଶୀ ନନ୍ଦ, ଡିଷ୍ଟ୍ରିକ୍ଟ ଏଗ୍ରିକଲଚର ଅଫିସର (ଡିଏଓ) ଅଜୟ ସେନାପତି ଓ ପ୍ରମୋଦ ମଲ୍ଲିକ, ଅବସରପ୍ରାପ୍ତ ଡିଏଓ ରମେଶ ଚନ୍ଦ୍ର ଦାଶ ଓ ଅବସରପ୍ରାପ୍ତ ପ୍ରଫେସର ପ୍ରଦୀପ୍ତ ପଟ୍ଟନାୟକ ଛାତ୍ରୀଛାତ୍ରଙ୍କୁ ଏ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ଛାତ୍ରୀ ଏସ୍. ଶୁଭଦର୍ଶିନୀ, ଭାଗ୍ୟଲକ୍ଷ୍ମୀ ପଣ୍ଡା, ସୋମେଶ ଆଚାର୍ଯ୍ୟ ବିଶୋଧନ କେନ୍ଦ୍ରର ସମ୍ପାଦକ କ୍ଷେତ୍ରମୋହନ ବେହେରାଙ୍କୁ ପ୍ଲାଣ୍ଟ, ବିହନର ପ୍ରକାରଭେଦ ଓ ଅନ୍ୟ ତଥ୍ୟ ସମ୍ପର୍କରେ ପଚାରି ବୁଝିଥିଲେ। ଏହାଛଡା ଛାତ୍ରୀଛାତ୍ରମାନଙ୍କୁ ପୂର୍ବତନ ଡିଏଓ ଦାଶ କେଉଁ ଧାନ ବିହନ ପାଇଁ ଉପଯୋଗୀ ହୋଇପାରିବ ସେ ସମ୍ପର୍କରେ ବୁଝାଇଥିଲେ। ୧୩ ପ୍ରତିଶତ ଆର୍ଦ୍ରତା ଥିବା ଧାନ ବିହନ ଉପଯୋଗୀ ହୋଇପାରିବ ବୋଲି କହିଥିଲେ। ତେବେ ଗ୍ରାମାଞ୍ଚଳରେ ଆର୍ଦ୍ରତା ମାପିବା ଯନ୍ତ୍ର ନ ଥିବାରୁ କୃଷକମାନେ କିପରି ଏହାକୁ ଜାଣିପାରିବେ ତା' ଉପରେ ବିସ୍ତୃତ ଭାବେ ବୁଝାଇଥିଲେ। ପ୍ରାୟ ୩ ଘଣ୍ଟା କାଳ ଛାତ୍ରୀଛାତ୍ରମାନେ ଏଠାରେ ରହି ପ୍ରସ୍ତୁତ ହେଉଥିବା ବିଭିନ୍ନ କିସମର ବିହନ ସମ୍ପର୍କରେ ଜ୍ଞାନ ଆହରଣ କରିଥିଲେ। ଅପରାହ୍ଣରେ ୫୦ରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ଉନ୍ନତ ଧାନ ବିହନ ଓ ଏହାର ଉପଚାର ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି ସମୟରେ କୃଷକମାନଙ୍କୁ ଆଧୁନିକ ପ୍ରଣାଳୀରେ ବିହନର ଉପଚାର କରିବାକୁ ପରାମର୍ଶ ଦେଇଥିଲେ। କୃଷକ ମହାସଂଘ ପକ୍ଷରୁ ନୃସିଂହ ତ୍ରିପାଠୀ, ଯୁଗ୍ମ ସମ୍ପାଦକ କୃଷ୍ଣଚନ୍ଦ୍ର ସ୍ୱାଇଁ, ଅଶୋକ ବାରିକ ଓ ଅବନୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।


ପ୍ଲାଣ୍ଟ ପରିଦର୍ଶନରେ ଆସିଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

# ପ୍ରାଣକୃଷ୍ଣ ପରିଜାଙ୍କ ପାଇଁ ବାଲିକୁଦା ମାଟି ଗର୍ବିତ

ବାଲିକୁଦା,୧୧।୧୨(ସ୍ୱ.ପ୍ର.)

ବାଲିକୁଦା ବ୍ଲକ ଅଧୀନ କାଳିଓ ପଞ୍ଚାୟତ ଭୋଦାସ୍ଥିତ ନୀଳକଣ୍ଠେଶ୍ୱର ବିଦ୍ୟାପୀଠ ପରିସରରେ ବୁଧବାର ବ୍ଲକସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଛି। ଜଳସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବାଲିକୁଦା ମାଟିରେ ବିଶ୍ୱ ବିଖ୍ୟାତ ବୈଜ୍ଞାନିକ ଡ. ପ୍ରାଣକୃଷ୍ଣ ପରିଜା ଜନ୍ମ ନେଇଥିବାରୁ ତାଙ୍କ ପାଇଁ ବାଲିକୁଦା ମାଟି ଗର୍ବିତ ବୋଲି ମନ୍ତ୍ରୀ କହିଥିଲେ। ବ୍ଲକ ଶିକ୍ଷାଧିକାରୀ ସତୀନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅରୁଣ ମହାନ୍ତି ମଞ୍ଚ ସଂଯୋଜନା କରିଥିଲେ। ସମ୍ମାନିତ ଅତିଥି ବ୍ଲକ ଅଧକ୍ଷା ମଧୁସ୍ମିତା ସାହୁ, ଜିଲା ପ୍ରକଳ୍ପ ସଂଯୋଜକ ସପନ ଜେନା, ସରପଞ୍ଚ ସସ୍ମିତା ମଲ୍ଲିକ, ସମିତିସଭ୍ୟା ସୁଲୋଚନା ସେଠୀ, ବିଦ୍ୟାପୀଠ ପ୍ରଧାନଶିକ୍ଷକ ନିକୁଞ୍ଜ କିଶୋର ରାଉତ ପ୍ରମୁଖ ଯୋଗଦେଇ ବିଜ୍ଞାନ ପାଇଁ ମଣିଷ ସମାଜ ସମେତ ଜୀବ ଜଗତ ବଞ୍ଚି ରହିଛି ବୋଲି କହିଥିଲେ। ମେଳାରେ ୧୩୦ ପ୍ରକଳ୍ପ ସ୍ଥାନ ପାଇଥିବା ବେଳେ ସେଥିରୁ ୧୦ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଥିଲା। ପ୍ରାଥମିକ ବିଦ୍ୟାଳୟସ୍ତରର ୩ ପ୍ରକଳ୍ପକୁ ପୁରସ୍କୃତ କରାଯାଇଥିଲା। ବିଜ୍ଞାନମେଳା କମିଟି ସମ୍ପାଦକ ରମାକାନ୍ତ ବାରିକ ବିବରଣୀ ପାଠ କରିଥିଲେ। ପଣ୍ଡିତ ଅଜୟ ଶତପଥୀ ବେଦପାଠ କରିଥିବା ବେଳେ ଶିକ୍ଷକ ନେତା ସରୋଜକାନ୍ତ ସ୍ୱାଇଁ ଅତିଥି ପରିଚୟ ଓ ବିଦ୍ୟାଳୟ ପ୍ରତିଷ୍ଠାତା କୈଳାସ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।


ବିଜ୍ଞାନମେଳାରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

FORM NO. 13
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA**
**O.A. NO. 529 OF 2019**

**Chief Manager, Corporation Bank,**
**Bhubaneswar Main Branch** ...Applicant
**Versus**
**M/s. Ratan Filling Station** ...Defendant[s]
**To**
**D-3) Mrs. Manoranjan Devi,** W/o- Sri Nalini Kishore Panda, At Plot No.: 2169 (P), Kedar Gouri Road, Bhubaneswar-751002

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 529 of 2019** in the Court of the Debts of Recovery Tribunal, Cuttack for recovery of **Rs.5,72,14,696.09** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **31.01.2020 at 10.30 am** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this **10th day of Dec. 2019.**

Sd/- (Manoj Kumar Patnaik)
REGISTRAR

## ସଂକ୍ଷେପରେ

### ପୂର୍ବ ଶତ୍ରୁତାରୁ ଗୋଷ୍ଠୀ ସଂଘର୍ଷ

**ନରସିଂହପୁର,୧୧।୧୨ (ଡି.ଏନ୍.ଏ.):** ନରସିଂହପୁର ଥାନା ନିମସାହି ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବୁଧବାର ଗ୍ରାମର କିଛି ଲୋକଙ୍କ ସହ ଗୋଟିଏ ପରିବାରର ସଂଘର୍ଷ ହୋଇଛି। ଟେକା ପଥର ମାଡରେ ସମ୍ପୃକ୍ତ ପରିବାରର ଘରର ବିଭିନ୍ନ ସାମଗ୍ରୀ ଭାଙ୍ଗିଯାଇଛି । ଖବରପାଇ ନରସିଂହପୁର ପୋଲିସ ପହଞ୍ଚି ସମ୍ପୃକ୍ତ ପରିବାରକୁ ଉଦ୍ଧାର କରିଛି। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ସେଠାରେ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଏନେଇ ନିମସାହିର କିଛି ଲୋକେ ଅଭିଯୋଗ କରିବା ପରେ ଥାନାରେ ମାମଲା (ନଂ ୧୫୦/୧୯) ରୁଜୁ କରାଯାଇଛି। ସେହିଭଳି ସମ୍ପୃକ୍ତ ପରିବାର ପକ୍ଷରୁ ଘର ଭାଙ୍ଗିବା ଅଭିଯୋଗରେ ଗ୍ରାମର କିଛି ଲୋକଙ୍କ ବିରୋଧରେ ମାମଲା (ନଂ.୧୫୧/୧୯) ରୁଜୁ ହୋଇଛି। ନିମସାହି ଗ୍ରାମର ପ୍ରମିଳା ନାୟକଙ୍କ ଅଭିଯୋଗ ଅନୁଯାୟୀ, ସେମାନେ ଘରେ ଥିବା ବେଳେ ଗ୍ରାମର ଲୋକନାଥ ନାୟକ, ସୁଶାନ୍ତ ନାୟକ, ମାନସ ନାୟକ, କରୁଣା ନାୟକ ପ୍ରମୁଖ ଆସି ଶ୍ୱଶୁରଙ୍କୁ ହଠାତ୍ ଗାଳି କରି ପରିବାରକୁ ଆକ୍ରମଣ କରିଥିଲେ। ଏହାପରେ ଉତ୍ୟକ୍ତ ଲୋକେ ସେମାନଙ୍କ ଘରକୁ ଟେକା ପଥର ମାଡ଼ କରିଥିଲେ।। ଅପର ପକ୍ଷରେ ଗ୍ରାମର ବନ୍ଧିଣ ନାୟକ , କୁଛିରାଣୀ ନାୟକ, ସୁମିତ୍ରା ନାୟକ, ଜାନକୀ ନାୟକଙ୍କ ଅଭିଯୋଗ ଅନୁଯୋଗୀ, ସମ୍ପୃକ୍ତ ପରିବାରର ଜଣେ ବ୍ୟକ୍ତି ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏଥିସହ ପରିବାରର ଜଣେ ସଦସ୍ୟ ସେମାନଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଫଳରେ ବହୁ ଲୋକ ଆହତ ହୋଇ ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି ବୋଲି ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି।

### ସ୍ମୃତି ସ୍ୱାଗତିକା-୨୦୧୯ ଉନ୍ମୋଚିତ

**ତିର୍ତ୍ତୋଲ,୧୧।୧୨(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ ଅଧୀନ କନକପୁର ଝଙ୍କଡ ଶାରଳାପୀଠ ସ୍ଥିତ 'ସାରଦା ଏକାଡେମୀ କନକପୁର ୧୯୮୧ ପ୍ରାକ୍ତନ ବିଦ୍ୟାର୍ଥୀ କଲ୍ୟାଣ ପରିଷଦ'ର ବାର୍ଷିକ ବନ୍ଧୁମିଳନ ପରିଷଦ ସଭାପତି ଇଂ ଭକ୍ତରଞ୍ଜନ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି। ବୈଠକରେ ଶିକ୍ଷକ କ୍ଷୀରୋଦ ଚନ୍ଦ୍ର ରାଉତ ଓ ପଣ୍ଡିତ ମକର ନନ୍ଦଙ୍କ ସ୍ମୃତି ଚାରଣ କରାଯିବା ସହିତ ଉଭୟଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ସମ୍ପାଦକ ସମରେନ୍ଦ୍ର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ସଭାପତି ଇଂ ମହାନ୍ତିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ସହ ପରିଷଦ ମୁଖପତ୍ର ସ୍ମୃତି ସ୍ୱାଗତିକା-୨୦୧୯ ଉନ୍ମୋଚିତ ହୋଇଥିଲା। ପରିଷଦ ଉପଦେଷ୍ଟାମଣ୍ଡଳୀ ଅଧ୍ୟକ୍ଷ ଚିତ୍ତରଞ୍ଜନ ମହାନ୍ତି ଚଳିତ ବର୍ଷ ଗରିବ ଲୋକଙ୍କୁ ଶୀତ ବସ୍ତ୍ର ବଣ୍ଟନ କରାଯିବ ବୋଲି କହିଥିଲେ। ଉପସଭାପତି ବିଭୂତି ଭୂଷଣ ପଣ୍ଡା, ଅକ୍ଷୟ ତାରେଣିଆ, ସଂଯୋଜକ ଅଚ୍ୟୁତାନନ୍ଦ ବେହେରା, ଡ. ନିଗମାନନ୍ଦ ଜେନା, ନୀଳମଣି ବିଶ୍ୱାଳ, ସୁକାନ୍ତ ପରିଜା, ଗୋପବନ୍ଧୁ କୁଅଁର, ଅଭୟ ସାହୁ, ପ୍ରଦୀପ ସ୍ୱାଇଁ, ଅଜିତ ନାୟକ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ସ୍ମୃତି ବଖାଣିଥିଲେ।

## ମିଳୁନି ସରକାରୀ ଚିନାବାଦାମ ବିହନ

# ଚଢ଼ା ଦରରେ ବାହାରୁ କିଣୁଛନ୍ତି ଚାଷୀ

**ନାଉଗାଁ,୧୧।୧୨(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଦେଇ ପ୍ରବାହିତ ଦେବୀ ନଦୀ ପଠାରେ ଚାଷୀ ଚିନା ବାଦାମ ଚାଷ କରିଥାନ୍ତି। ବିଶେଷକରି ଏହି ବ୍ଲକର ଡେରିକି, କୋରୁଅ, ଓଷକଣା, ଶିଖର, ବଛାଳୋ, ରୋହିଆ, ଗଜରାଜପୁର ଓ ଗଳଦାରୀ ଆଦି ପଞ୍ଚାୟତରେ ଚିନାବାଦାମ ଚାଷ କରାଯାଇଥାଏ। ସେହିପରି ଡାବର ପଞ୍ଚାୟତର କେତେକ ଚାଷୀ ଅଳକା ନଦୀ ପଠାରେ ଚିନାବାଦାମ ଚାଷ କରିଥାନ୍ତି। ହେଲେ ଏହି ଚାଷ ପାଇଁ ଏବେ ଚାଷୀଙ୍କୁ ସରକାରୀ ଚିନାବାଦାମ ବିହନ ମିଳି ପାରୁନାହିଁ। ଯଦ୍ୱାରା କେତେଜଣ ଚାଷୀ ଚଢ଼ା ଦରରେ ବାହାରୁ ବିହନ କିଣି ଚାଷ କରୁଛନ୍ତି। ଅନ୍ୟମାନେ ଏହି ଚାଷରୁ ଓହରି ଯାଉଛନ୍ତି। ବିଭିନ୍ନ ସମୟରେ ଚାଷ ପାଇଁ ଶ୍ରମିକଙ୍କ ଅଭାବ ରହୁଛି। ସେହିପରି ଫସଲ ଅମଳ ସମୟରେ ମଧ ଦର କମୁଥିବାରୁ ଚାଷୀ କ୍ଷତି ସହୁଛନ୍ତି। ଏବେ ପୁଣି ବିହନ ନ ମିଳିବା ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି।

ନାଉଗାଁ କୃଷି କାର୍ଯ୍ୟାଳୟ ତଥ୍ୟ ଅନୁସାରେ, ବ୍ଲକରେ ଚଳିତ ୨୦୧୯-୨୦ ଆର୍ଥିକ ବର୍ଷରେ ଚିନାବାଦାମ ଚାଷ ପାଇଁ କୋରୁଅ, ଡେରିକି, ଓଷକଣା ପଞ୍ଚାୟତର କେତେକ ଚାଷୀଙ୍କୁ ମିନିକିଟ ପ୍ରଦାନ କରାଯାଇଛି। ଚାଷ ପାଇଁ ଏହି ପଞ୍ଚାୟତମାନଙ୍କରେ କିଛି ଜମି ପ୍ୟାଚ ସିଲେକ୍ସନ କରାଯାଇଛି। ସେହି ପ୍ୟାଚରେ ଯେଉଁ ଚାଷୀ ରହିଛନ୍ତି ସେମାନଙ୍କୁ ମିନି କିଟ ପ୍ରଦାନ କରାଯାଇଛି। ସେହିପରି ଗଳଦାରୀ ପଞ୍ଚାୟତରେ ୧୦୦ ହେକ୍ଟରର ଏକ ପ୍ୟାଚ ବାଦାମ ଚାଷ କରିବା ପାଇଁ ମନୋନୀତ କରାଯାଇଛି। ଏହି ପ୍ୟାଚରେ ଚାଷୀ ଏକ ପ୍ୟାକେଟକୁ ୧ ହଜାର ୪୦ ଟଙ୍କା ଦେଇ ମିନିକିଟ୍ କ୍ରୟ କରୁଛନ୍ତି। ତା ସହିତ ଗୋଟିଏ ପ୍ୟାକେଟ ସହ ଆଉ ୨ଟି ପ୍ୟାକେଟ ବିନାମୂଲ୍ୟରେ ପ୍ରଦାନ କରାଯାଉଛି। ଗଳଦାରୀ ପଞ୍ଚାୟତକୁ ଗଜରାଜପୁର ସମବାୟ ସମିତି ମାଧ୍ୟମରେ ବିହନ ପ୍ରଦାନ କରାଯାଉଛି। ପ୍ରତିବର୍ଷ ସରକାରୀ ନିୟମାନୁସାରେ ରୋଟେଶନ କରାଯାଇ ଚିନାବାଦାମ ବିହନ ପ୍ରଦାନ କରାଯାଉଥିବାରୁ ଅନେକ ଚାଷୀ ସରକାରୀ ବିହନରୁ ବଞ୍ଚିତ ହେଉଛନ୍ତି। ବଡ଼କଥା ହେଲା ଚିନା ବାଦାମ ବିହନ ସରକାରୀ ମୂଲ୍ୟ କିଲୋ ପ୍ରତି ୫୨ ଟଙ୍କା ଥିବାବେଳେ ବେସରକାରୀ ଭାବେ ବଜାରରେ ଏହାର ମୂଲ୍ୟ ୭୦ରୁ ୮୦ ଟଙ୍କା ରହିଛି। ତେଣୁ ଚାଷୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ସରକାର ସମସ୍ତ ଚାଷୀଙ୍କୁ ସରକାରୀ ମୂଲ୍ୟରେ ବିହନ ଯୋଗାଇଦେବାକୁ ନବ ନିର୍ମାଣ କୃଷକ ସଙ୍ଗଠନର ଜିଲା ସହ ସଂଯୋଜକ ଅଶୋକ ସ୍ୱାଇଁ ଦାବି କରିଛନ୍ତି। ଏସମ୍ପର୍କରେ ନାଉଗାଁ ବ୍ଲକ କୃଷି ଅଧିକାରୀ ନିର୍ମାଲ୍ୟ ନାୟକଙ୍କୁ ପଚାରିବାରେ କୃଷି ବିଭାଗ ତରଫରୁ ଚଳିତ ବର୍ଷ ଗଳଦାରୀ ପଞ୍ଚାୟତରେ ଚିନାବାଦାମ ଚାଷ ପାଇଁ ଜିଓ ଟ୍ୟାଗ କରାଯାଇଛି। ସେଠାରେ ପ୍ୟାଚ ସିଲେକସନ କରାଯାଇନିୟମାନୁସାରେ ରିହାତି ଦରରେ ବିହନ ପ୍ରଦାନ କରାଯାଇଛି। ଅନ୍ୟ ପଞ୍ଚାୟତଗୁଡ଼ିକୁ ରୋଟେଶନ ଅନୁସାରେ ମିନି କିଟ ପ୍ରଦାନ କରାଯାଇଛି ବୋଲି କହିଥିଲେ।

**ନାଉଗାଁ ବ୍ଲକ**
- ଚିନା ବାଦାମ ଚାଷ ପ୍ରତି ଆଗ୍ରହ କମୁଛି
- ସରକାରୀ ମୂଲ୍ୟରେ ବିହନ ଯୋଗାଇ ଦେବାକୁ ଦାବି

### ଉଗଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଅଁଳକହୀ ରାଧା ;**
**ଘରକୁ ଗଲେ କଥା ନ କୁହନ୍ତି,**
**ବାଟରେ ବଡ଼ ଶରଧା ।**

ଉପରଠାଉରିଆ ଶ୍ରଦ୍ଧା ଓ ସରାଗ। ବାଟରେ ଘାଟରେ ଦେଖିଲେ କଥାବାର୍ତ୍ତାରୁ ଜଣାପଡ଼େ ସତରେ ଯେମିତି ଗୋଟାପଣେ ନିଜର। ନ ଦେଖିଲେ ଭାତ ରୁଚେନି। କିନ୍ତୁ ଘରକୁ ଆସିଲେ ଆଡ଼ ଆଡ଼ ହୋଇ କଥା କହି, ନ ଜାଣିଲା ନ ଚିହ୍ନିଲା ଭଳି ବ୍ୟବହାର। ଛଳନା ଓ କପଟର ଇଏ ଏକ ରୂପ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କାଚ କାଚ ମଣି ମଣି,**
**କ୍ରୟ ବିକ୍ରୟ କାଳେ ଜାଣି ।**

ଦୂରରୁ ଦେଖିଲେ କାଚ ଓ ମଣି ଭିତରେ ବିଶେଷ ଫରକ ଜଣାପଡ଼ି ନ ଥାଏ। ପରନ୍ତୁ କିଣାକିଣି କଲାବେଳେ କେଉଁଟା କାଚ ଓ କେଉଁଟା ମଣି ତାହା ସହଜରେ ଜାଣି ହୋଇ ଯାଇଥାଏ। ପରୋକ୍ଷରେ ମଣିଷ କେତେ ଗୁଣବନ୍ତ ଓ ପ୍ରତିଭାବନ୍ତ ତାହା ତା'ର କାର୍ଯ୍ୟଦକ୍ଷତାରୁ ହିଁ ଜଣାପଡ଼ିଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ପିପିଏଲ୍ ଶ୍ରମିକଙ୍କ ୩୭% ଦରମା ବୃଦ୍ଧି



ଦରମା ବୃଦ୍ଧି ସମ୍ପର୍କରେ ପିପିଏଲ୍ ଓ ଶ୍ରମିକ ସଂଗଠନ ମଧ୍ୟରେ ଚୁକ୍ତି ହେଉଛି।

**ପାରାଦୀପ,୧୧।୧୨(ସ୍ୱ.ପ୍ର.)**

ପାରାଦୀପ-ଏରସମା ଶିଳ୍ପାଞ୍ଚଳ ଶ୍ରମକ ସଂଘ ଓ ପିପିଏଲ୍ କର୍ତ୍ତୃପକ୍ଷଙ୍କ ମଧ୍ୟରେ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ କମ୍ପାନୀରେ କାର୍ଯ୍ୟରତ ଶ୍ରମିକମାନଙ୍କ ଦରମା ୩୭ ପ୍ରତିଶତ ବୃଦ୍ଧି କରାଯାଇଛି। ଯାହା ତାଙ୍କ ମୂଳ ଦରମାଠାରୁ ମାସିକ ୬ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି କୁହାଯାଇଛି। ବୈଠକରେ ପିପିଏଲ୍ ମୁଖ୍ୟ ରଣଜିତ୍ ସିଂ ତୁଗ୍ ଓ ଅନ୍ୟ ବରିଷ୍ଠ ଅଧିକାରୀ, ଶ୍ରମିକ ସଙ୍ଗଠନ ପକ୍ଷରୁ ସଙ୍ଗଠନ ସଭାପତି ବାପି ଶର୍ଖେଲ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଦରମା ବୃଦ୍ଧି ପାଇଥିବାରୁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଶ୍ରମିକମାନେ କୃତଜ୍ଞତା ଜଣାଇଛନ୍ତି।

## ବାଲିକୁଦା ପଞ୍ଚାୟତ ସମିତି ସପ୍ତମ ସାଧାରଣ ବୈଠକ

# ପାନୀୟ ଜଳ, ପରିମଳ ଉପରେ ଗୁରୁତ୍ୱାରୋପ




ବାଲିକୁଦା ପଞ୍ଚାୟତ ସମିତିର ସପ୍ତମ ସାଧାରଣ ବୈଠକରେ ମନ୍ତ୍ରୀ ରଘୁନନ୍ଦନ ଦାସ ଓ ଅନ୍ୟ ଅଧିକାରୀ ଉପସ୍ଥିତ।

**ବାଲିକୁଦା,୧୧।୧୨(ସ୍ୱ.ପ୍ର.)**

ବାଲିକୁଦା ପଞ୍ଚାୟତ ସମିତି ସଭାଗୃହରେ ବୁଧବାର ସମିତିର ସପ୍ତମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି। ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥିଭାବେ ଜଳସମ୍ପଦ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ ଯୋଗଦେଇ ପାନୀୟଜଳ, ପରିମଳ ବ୍ୟବସ୍ଥା ଓ ଖାଉଟି ସାମଗ୍ରୀ ଯୋଗାଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଲୋକଙ୍କ ସମସ୍ୟା ସମାଧାନ ଓ ଉନ୍ନୟନ କାର୍ଯ୍ୟ ଉପରେ ଗୁରୁତ୍ୱ ଦେବାକୁ ମନ୍ତ୍ରୀ ଦାସ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ଜନପ୍ରତିନିଧି ଓ ପ୍ରଶାସନ ମଧ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ ପରାମର୍ଶ ଦେଇଥିଲେ। ଅଟକି ରହିଥିବା ସମସ୍ତ ଉନ୍ନୟନ କାର୍ଯ୍ୟକୁ ତୁରନ୍ତ ଶେଷ କରିବା ପାଇଁ ତାଗିଦ୍ କରିଥିଲେ। ୨୦୨୪ ସୁଦ୍ଧା ସବୁ ଗାଁକୁ ପାନୀୟ ଜଳ ଯୋଗାଣ କରାଯିବ। ତେବେ ୨୦୨୦ ମାର୍ଚ୍ଚ ଶେଷ ସୁଦ୍ଧା ୨୫ ପ୍ରତିଶତ ପରିବାରକୁ ପାନୀୟ ଜଳ ଯୋଗାଣ କରାଯିବ ବୋଲି ଜଳ ଓ ପରିମଳ ବିଭାଗୀୟ ଯନ୍ତ୍ରୀ ସୂଚନା ଦେଇଥିଲେ। ତେଣୁ ଯୁକ୍ତି ତର୍କ ନ କରି ପାନୀୟ ଜଳର କିପରି ସମାଧାନ ହୋଇ ପାରିବ ତା' ଉପରେ ଆଲୋଚନା କରିବା ପାଇଁ ମନ୍ତ୍ରୀ ସରପଞ୍ଚମାନଙ୍କୁ ପରାମର୍ଶ ଦେଇଥିଲେ। ଉପାଧ୍ୟକ୍ଷ ରାଖାଲ ଚନ୍ଦ୍ର ଦାସ, ଅତିରିକ୍ତ ତହସିଲଦାର ପ୍ରଦୀପ ସାହା, ବିଡିଓ କଲ୍ୟାଣୀ ପଟ୍ଟନାୟକ, ଏବିଡିଓ ଅଜୟ ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ କୈଳାସ ବେହେରା, ଜିଲାପରିଷଦ ସଦସ୍ୟା ବବିତା ସ୍ୱାଇଁ, ଜୟଶ୍ରୀ ଦର୍ପଦଳିନୀ ମଲ୍ଲିକ ଏବଂ ମହନିଚରଣ ରାଉତ ରାମଚନ୍ଦ୍ର ମହାନ୍ତିଙ୍କ ସମେତ ସମସ୍ତ ସରପଞ୍ଚ, ସମିତିସଭ୍ୟ ଓ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସଞ୍ଜୟ ଦାସ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ଶେଷରେ ଉପାଧ୍ୟକ୍ଷ ରାଖାଲ ଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।

**୫୦ ଗୋଷ୍ଠୀଗତ ଶୌଚାଳୟ ନିର୍ମାଣ କରାଯିବାକୁ ଯୋଜନା**

## ଫନୀ କ୍ଷତିଗ୍ରସ୍ତଙ୍କୁ ମିଳିଲା ପଲିଥିନ

**ବାଙ୍କୀ, ୧୧।୧୨(ସ୍ୱ.ପ୍ର.)**

ଡମପଡ଼ା ତହସିଲଦାର କ୍ଷୀତିସ୍ ବେହେରା ଭଗିପୁର ପଞ୍ଚାୟତ ପରିଦର୍ଶନ କରି ଫନୀ ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଗ୍ରାମର ସପନା ଦଳେଇଙ୍କ ପରିବାରକୁ ଭେଟିଥିଲେ। ତାଙ୍କୁ ପଲିଥିନ୍ ମିଳି ନ ଥିବାରୁ ତୁରନ୍ତ ପଲିଥିନ୍ ଦେବାର ବ୍ୟବସ୍ଥା କରିଥିଲେ। ଏଥିସହିତ ଅନ୍ୟାନ୍ୟ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ଗ୍ରାମର ଅନ୍ୟ କ୍ଷତିଗ୍ରସ୍ତଙ୍କୁ ଭେଟି ସହାୟତା ପ୍ରଦାନ ସମ୍ପର୍କରେ ଆଲୋଚନା କରିଥିଲେ।

# ଏନ୍କାଉଣ୍ଟରରେ ବବୁଲୁ ଆହତ

**ନରାଜ,୧୨।୧୧(ଡି.ଏନ୍.ଏ.)**

କଟକ ବାରଙ୍ଗ ଥାନା ଅନ୍ତର୍ଗତ ନରାଜ ବ୍ୟାରେଜ ନିକଟ କୃଷକ ବଜାରରେ ଚୌଦ୍ୱାର ପୋଲିସ ଓ ସ୍ୱତନ୍ତ୍ର ସ୍କ୍ୱାଡ ମିଳିତ ଭାବେ ଚଢାଉ କରି ଏନ୍କାଉଣ୍ଟର କରିଛନ୍ତି। ଏଥିରେ ଏକ ଡକାୟତି ଗ୍ୟାଙ୍ଗର ମୁଖ୍ୟ ଅଭିଯୁକ୍ତ ଆହତ ହୋଇଥିବା ବେଳେ ୨ ଜଣ ଖସି ଯିବାକୁ ସକ୍ଷମ ହୋଇଛନ୍ତି। ଆହତ ଜଣକ ହେଲେ ସଚିନ ପାୱାର ଓରଫ ବବୁଲୁ(୨୬)। ତାଙ୍କ ଘର ମହାରାଷ୍ଟ୍ର ଅମରାବତୀ ଜିଲାର ହୋଇଥିବା ବେଳେ ଏବେ କଟକର ଜଗତପୁର ଅଞ୍ଚଳରେ ରହୁଛନ୍ତି। ତାଙ୍କ ନାମରେ ପୂର୍ବରୁ ରାଜ୍ୟର ବିଭିନ୍ନ ଜିଲାରେ ଆପରାଧିକ ମାମଲା ରହିଛି। ତାଙ୍କ ଡାହାଣ ଗୋଡରେ ଗୁଳି ବାଜିଛି। ପୋଲିସ ତାଙ୍କୁ କାବୁ କରି କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରିଛି। ତାଙ୍କଠାରୁ ଗୋଟେ ପିସ୍ତଲ, ୨ ଅଫୁଟା ଗୁଳି ଓ ୩ କ୍ୟାଟ୍ରିଜ ଜବତ ହୋଇଛି। ଏନେଇ ଥାନାରେ ମାମଲା (ନଂ.୨୧୩/୧୯)ରୁଜୁ ହୋଇଛି। ବବୁଲୁ ଓ ତାଙ୍କ ସହଯୋଗୀଙ୍କ ସମ୍ପର୍କରେ ଚୌଦ୍ୱାର ପୋଲିସ କୌଣସି ସୂତ୍ରରୁ ଖବରପାଇ ଥାନା ଆଇଆଇସିଙ୍କ ନେତୃତ୍ୱରେ ବ୍ୟାରେଜ ସ୍ଥିତ ଏକ ପରିତ୍ୟକ୍ତ ଗୋଦାମ ଗୃହ ନିକଟରେ ଲୁଚି ରହିଥିଲା। ଅଭିଯୁକ୍ତମାନେ ପୋଲିସକୁ ଦେଖି ସେଠାରୁ ଖସିଚାଲିଯିବାକୁ ଉଦ୍ୟମ କରି ତିନି ରାଉଣ୍ଡ ଗୁଳି ଚଳାଇଥିଲେ।

## ପ୍ରଧାନମନ୍ତ୍ରୀ ସଡ଼କର ଶିଳାନ୍ୟାସ

**ବାଙ୍କୀ, ୧୧।୧୨(ସ୍ୱ.ପ୍ର.)**

ବାଙ୍କୀ ବ୍ଲକ ଜଗନ୍ନାଥପୁର ପଞ୍ଚାୟତରେ ବୁଧବାର ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ରାସ୍ତାର ଶିଳାନ୍ୟାସ କରାଯାଇଛି। ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଶିଳାନ୍ୟାସ କରିଥିଲେ। ପରେ ବରଡାଳିଆ ଠାକୁରାଣୀଙ୍କ ପୀଠରେ ଆୟୋଜିତ ଉତ୍ସବରେ ଯୋଗଦେଇ ଏହି ରାସ୍ତା ନିର୍ମାଣ ହେବାପରେ ଭାପୁର ଓ ଖଣ୍ଡପଡା ଯାଉଥିବା ଲୋକଙ୍କୁ ଆଉ କଳାପଥର ଦେଇ ଯିବାକୁ ପଡିବ ନାହିଁ ବୋଲି କହିଥିଲେ।

# ମଣ୍ଡଳସ୍ତରୀୟ ବିଜ୍ଞାନ ମେଳାରେ ୭୮ ପ୍ରକଳ୍ପ ପ୍ରଦର୍ଶିତ



ମଣ୍ଡଳସ୍ତରୀୟ ବିଜ୍ଞାନ ମେଳାରେ ଉପସ୍ଥିତ ଅତିଥି।

**ରଘୁନାଥପୁର ,୧୧।୧୨ (ଡି.ଏନ.ଏ.)**

ରଘୁନାଥପୁର ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା ବୁଧବାର ସାଦେଇପୁରସ୍ଥିତ ଭଦ୍ରେଶ୍ୱର ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭୮ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ୬ଷ୍ଠରୁ ୮ମ ଶ୍ରେଣୀ ମଧ୍ୟରେ ରିତିକ ରୁପାଲିକା ଭୂୟାଁ, ଶ୍ରୁତିରେଖା ବେହେରା, ବନମାଳୀ ପରିଡା, ସସ୍ମିତା ମହାନ୍ତି ଓ ଶୁଭଶ୍ରୀ ପ୍ରିୟଦର୍ଶିନୀ ଏବଂ ୯ମରୁ ୧୦ମ ଶ୍ରେଣୀ ମଧ୍ୟରେ ଅନ୍ନପୂର୍ଣ୍ଣା ଦାସ, ସଂଗ୍ରାମ ପାଲ , ଜ୍ୟୋତିର୍ମୟ ଜେନା, ରାକେଶ ବେହେରା ଓ ପୁଷ୍ପରାଣୀ ବାରିକ ଜିଲାସ୍ତରୀୟ ବିଜ୍ଞାନମେଳାକୁ ମନୋନୀତ ହୋଇଥିଲେ। ଏହି ଉପଲକ୍ଷେ ତିର୍ତ୍ତୋଲ ବିଧାୟକ ବିଷ୍ଣୁ ଚରଣ ଦାସ ମୁଖ୍ୟ ଅତିଥି ଭାବେ ବିଜ୍ଞାନମେଳାକୁ ଉଦ୍ଘାଟନ କରିଥିଲେ। ପିଲାମାନେ ଅଧିକରୁ ଅଧିକ ପ୍ରକଳ୍ପ ପ୍ରସ୍ତୁତ କରି ଦେଶର ପ୍ରଗତି ପଥରେ ସହାୟକ ହୁଅନ୍ତୁ ବୋଲି ସେ ଆହ୍ୱାନ କରିଥିଲେ। ମଣ୍ଡଳ ଶିକ୍ଷାଧିକାରୀ ରାଜ୍ୟଶ୍ରୀ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍ଯାପନୀ ଉତ୍ସବରେ ଜିଲା ବିଜ୍ଞାନ ପରିଦର୍ଶକ ସୁବାସ ଚନ୍ଦ୍ର ରାଉତ, ବ୍ଲକ ଅଧ୍ୟକ୍ଷା ସ୍ୱପ୍ନାସରିତା ବଳ, ଏବିଇଓ ମେନକା ମହାପାତ୍ର, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ମହାରଣା ପ୍ରମୁଖ ଯୋଗଦେଇ ବିଜ୍ଞାନ ଭିତ୍ତିକ ଉପଦେଶ ପ୍ରଦାନ କରିଥିଲେ। ଉତ୍ସବରେ ବିଜ୍ଞାନମେଳା କମିଟିର ସମ୍ପାଦକ ଯଜ୍ଞବଳ୍କ ମିଶ୍ର ସମ୍ପାଦକୀୟ ବିବରଣୀ ଓ ଶିକ୍ଷକ ଦେବାଶିଷ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ମଣ୍ଡଳସ୍ତରୀୟ ଶିକ୍ଷକ ସମାଜ ପକ୍ଷରୁ ବିଧାୟକ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅପରାହ୍ନରେ ଆୟୋଜିତ ଉଦ୍ଯାପନୀ ଉତ୍ସବରେ ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ, ଜିଲା ପରିଷଦ ସଭ୍ୟା ଡେଜାଲିନ୍ ମହାପାତ୍ର, ଶିକ୍ଷାବିତ୍ ଦାମୋଦର ପଣ୍ଡା, ଲକ୍ଷ୍ମୀକାନ୍ତ ମିଶ୍ର, ସ୍ଥାନୀୟ ସରପଞ୍ଚ ତନ୍ମୟରୁଧର ବେହେରା ଓ ସମିତିସଭ୍ୟା ବିଦ୍ୟୁଲତା ମଲିକ, ଏସ୍ଏମ୍ସି ଅଧ୍ୟକ୍ଷ ସରୋଜିନୀ କାଣ୍ଡି ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ନେତା ଜୟପ୍ରକାଶ ପଣ୍ଡା ଅତିଥି ପରିଚୟ ଓ ନିର୍ମଳେନ୍ଦୁ ସୋମ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଶିକ୍ଷକ ଭାସ୍କର ମୁଦୁଲି, କୋଷାଧ୍ୟକ୍ଷ ଅମପ୍ରୟ କୁମାର ଭାୟା, ସିଆରସିସି ବିଶ୍ୱନାଥ ଦାସଙ୍କ ସମେତ ବିଭିନ୍ନ କ୍ଲଷ୍ଟରର ସିଆରସିସି, ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର ଓ ଅଭିଭାବକମାନେ ଉପସ୍ଥିତ ଥିଲେ। ଶେଷରେ ୩ ଗୋଟି ପ୍ରକଳ୍ପକୁ ମଣ୍ଡଳସ୍ତରରେ ପୁରସ୍କୃତ କରାଯାଇଥିଲା।

CLASSIFIED DISPLAY
MORE SPACE • SAME PRICE
TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ନବବର୍ଷ ଧମାକା
ଗୋଟିଏ କଲ୍‌ରେ ଋଣ ପାଆନ୍ତୁ
ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର
ASF FINANCE
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ
ଆଧାରକାର୍ଡ, ବ୍ୟବସାୟ
ସବୁ ପ୍ରକାର ଋଣ
1% ସୁଧ 25% ଛାଡ଼
ଘରେ ବସି ପାଆନ୍ତୁ ଅନ୍‌ଲାଇନ୍ ସୁବିଧା ଉପଲବ୍ଧ।
94634-86078
Email : financeabirami32@gmail.com
Airport Road, Gandhi Nagar, Bhopal (MP)

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ,
ବ୍ୟବସାୟ, କୃଷି, ପ୍ରପର୍ଟି,
କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ,
ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail :- namonamoonlinem.p@gmail.com
9911321841
Add :- 41/14, Sec-1 Pushp Vihar, Delhi

ଖର୍ଚ୍ଚ ଋଣରୁ କଟିବ
MAHALAXMI FINANCE
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ *T&C
1% ସୁଧ | 40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
9518852216, 9548270863
ADDRESS: T-51, GAUTAMPURI, DELHI

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ଋଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
9911473748
Add :- 41/14, Sec-1 Pushp Vihar, Delhi

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ASTROLOGY

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି
ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, କୁଆ-ସଜା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଜା, କୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

## ସଂକ୍ଷେପରେ

### ପୂର୍ବତନ ମନ୍ତ୍ରୀ ଭାଗବତଙ୍କୁ ଶ୍ରଦ୍ଧାଞ୍ଜଳି



**କେନ୍ଦ୍ରାପଡା ଅଫିସ, ୧୧।୧୨:** ପୂର୍ବତନ ମନ୍ତ୍ରୀ ଭାଗବତ ପ୍ରସାଦ ମହାନ୍ତିଙ୍କର ଗତ ଶନିବାର ବିଳମ୍ବିତ ରାତିରେ ଭୁବନେଶ୍ୱରଠାରେ ପରଲୋକ ଘଟିଛି । ତାଙ୍କ ବିୟୋଗରେ ସହରର ଗଣାମାହାଲସ୍ଥିତ ସ୍ୱର୍ଗତ ମହାନ୍ତିଙ୍କ ବାସଭବନରେ ଜିଲା ସ୍ୱାଧୀନତା ସଂଗ୍ରାମୀ ସମିତି ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ନକୁଳ ଚରଣ ଦାସଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ସଭାରେ ସ୍ୱର୍ଗତ ମହାନ୍ତିଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରାଯାଇଥିଲା। ପ୍ରାରମ୍ଭରେ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା । ଏହି ଅବସରରେ ଗାନ୍ଧିଜୀଙ୍କର ଭଜନ ଗାନ କରାଯାଇ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ସଭାରେ ସ୍ୱାଧୀନତା ସଂଗ୍ରାମୀ ବିମ୍ବାଧର ମୁଦୁଲି, ଶିକ୍ଷାବିତ୍ ନନ୍ଦ କିଶୋର ପରିଡା, ଡ. ବାସୁଦେବ ଦାସ, କୁଳମଣି ରାଉତ, ସମ୍ପାଦକ ଗୋପାଳ କୃଷ୍ଣ ଜେନା,ପଦ୍ମନାଭ ଦାସ ପ୍ରମୁଖ ଯୋଗ ଦେଇଥିଲେ ।

# ଶିକ୍ଷକଙ୍କ ବଦଳି ପ୍ରତିବାଦରେ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ

**କେନ୍ଦ୍ରାପଡା ଅଫିସ, ୧୧।୧୨**

କେନ୍ଦ୍ରାପଡା ହାଇସ୍କୁଲର ଇଂଲିଶ, ଗଣିତ, ଇତିହାସ ଓ ସାହିତ୍ୟ ଶିକ୍ଷକଙ୍କର ଗତ ସପ୍ତାହରେ ବଦଳି ହୋଇଛି । ଏହାର ପ୍ରତିବାଦରେ ବୁଧବାର ହାଇସ୍କୁଲର ଛାତ୍ରୀଛାତ୍ର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପ୍ରକାଶ ଯେ, ପୂର୍ବାହ୍ନ ୧୦ଟାରେ ଜିଲାପାଳଙ୍କ କାର୍ଯ୍ୟାଳୟ ଖୋଲିଥିଲା। କାର୍ଯ୍ୟାଳୟ ଗେଟ ଖୋଲିବା ମାତ୍ରେ ହାଇସ୍କୁଲର ଛାତ୍ରୀଛାତ୍ର ଜିଲାପାଳଙ୍କୁ ଦେଖା କରିବା ପାଇଁ ଭିତରକୁ ଧସେଇ ପଶିଥିଲେ । ଏ ସମ୍ପର୍କରେ ଛାତ୍ର ମୀର ଆଲମ କହିଛନ୍ତି ଯେ, ହାଇସ୍କୁଲର ବାର୍ଷିକ ପରୀକ୍ଷା ଆଉ ମାତ୍ର ୨ ମାସ ଅଛି । ଏହି ସମୟରେ ୪ ଜଣ ଶିକ୍ଷକଙ୍କ ବଦଳି ହେବା ଫଳରେ ଶିକ୍ଷାଦାନ ବ୍ୟାହତ ହୋଇଛି। ସେମାନଙ୍କ ବଦଳିକୁ ତୁରନ୍ତ ବାତିଲ କରାଯାଉ ବୋଲି ସେ ଦାବି କରିଥିଲେ । ସେହିପରି ଛାତ୍ରୀ ଫାତିମା କହିଛନ୍ତି ଯେ, ଗଣିତ ଶିକ୍ଷକ ଏହି ବିଦ୍ୟାଳୟର ଏନସିସି ଶିକ୍ଷକ ଥିଲେ । ତାଙ୍କର ବଦଳି ଯୋଗୁ ବହୁ ସମସ୍ୟା ହେବ। ଏଠାରେ ପ୍ରଧାନ ଶିକ୍ଷକ ପଦବୀ ପୂରଣ ହୋଇ ନ ଥିବା ବେଳେ ବାରମ୍ବାର ଶିକ୍ଷକଙ୍କ ବଦଳି କରାଯାଉଛି । ପୂର୍ବରୁ ମଧ୍ୟ ଏଠାରେ ୩ ଜଣ ଶିକ୍ଷକଙ୍କର ବଦଳି ହୋଇଛି । ଏଥିପାଇଁ ଜିଲାପାଳଙ୍କୁ ଦେଖା କରି ସମସ୍ୟା ସମ୍ପର୍କରେ ସୂଚନା ଦେବାକୁ ଆସିଥିବା ଛାତ୍ରୀ ଫାତିମା ପ୍ରକାଶ କରିଥିଲେ । ଉପଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ର ଛାତ୍ରୀଛାତ୍ରଙ୍କ ସମସ୍ୟା ଶୁଣି ସ୍କୁଲ ଫେରିଯିବା ପାଇଁ ବୁଝାଇ ଥିଲେ ମଧ୍ୟ ସେମାନେ ଜିଲାପାଳଙ୍କୁ ଦେଖା କରିବାକୁ ଅଡି ବସିଥିଲେ । ପ୍ରାୟ ଘଣ୍ଟାଏ ପରେ ପରିଚାଳନା କମିଟି ସଭାପତି ସେକ୍ ଅଜିମୁଦ୍ଦିନ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଛାତ୍ରୀଛାତ୍ରଙ୍କୁ ବୁଝାଇ ବିଦ୍ୟାଳୟକୁ ଫେରାଇ ନେଇଥିଲେ ।



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଛାତ୍ରୀଛାତ୍ରମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ବ୍ୟବସାୟୀଙ୍କଠାରୁ ୪ ଲକ୍ଷ ୮୦ ହଜାର ଲୁଟ୍ ଅଭିଯୋଗ

**କେନ୍ଦ୍ରାପଡା ଅଫିସ, ୧୧।୧୨**

ବୁଧବାର ସଦର ଥାନା ତିନିମୁହାଣୀସ୍ଥିତ ଜନଗହଳିପୂର୍ଣ୍ଣ ଲ କଲେଜ ଛକ ନିକଟରେ ଜଣେ ବ୍ୟକ୍ତିଙ୍କ ଠାରୁ ୪ ଲକ୍ଷ ୮୦ ହଜାର ଟଙ୍କା ଲୁଟ୍ ହୋଇଛି । ଲୁଟେରାମାନେ ଫେରାର ହୋଇ ଯାଇଥିଲେ ହେଁ ଲୁଟ୍ ଘଟଣାର ସମ୍ପୂର୍ଣ୍ଣ ଦୃଶ୍ୟ ନିକଟରେ ଥିବା ଡିସିବି ବ୍ୟାଙ୍କରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଛି । ପ୍ରକାଶ ଯେ, ସହରର ତିନିମୁହାଣୀରେ ରହୁଥିବା ବ୍ୟବସାୟୀ ରାଜେନ୍ଦ୍ର କୁମାର ଦାଶ ଅପରାହ୍ନ ୧ଟା ୨୦ମିନିଟରେ ଡିସିବି ବ୍ୟାଙ୍କରେ ୪ ଲକ୍ଷ ୮୦ ହଜାର ଟଙ୍କା ଜମା କରିବାକୁ ନିଜ ବୁଲେଟରେ ଯାଇଥିଲେ । ବ୍ୟାଙ୍କ ପାଖରେ ପହଞ୍ଚିବା ପରେ ତାଙ୍କର ଏକ ଫୋନ କଲ୍ ଆସିଥିଲା। ସେ ଟଙ୍କା ରଖିଥିବା ବ୍ୟାଗକୁ ଡିକିରୁ କାଢି ତରତର ହୋଇ ଗାଡି ହ୍ୟାଣ୍ଡେଲରେ ଟଙ୍ଗାଇ ଫୋନରେ କଥା ହୋଇଥିଲେ । ଏହି ସମୟରେ ଏକ କଳାରଙ୍ଗର ପଲ୍‌ସରରେ ହେଲମେଟ ପିନ୍ଧା ଜଣେ ବ୍ୟକ୍ତି ତାଙ୍କ ନିକଟକୁ ଆସି କୌଣସି ଲୋକଙ୍କ ଠିକଣା ପଚାରିଥିଲେ । ରାଜେନ୍ଦ୍ର ସମ୍ପୃକ୍ତ ପଲ୍‌ସର ଚାଳକଙ୍କୁ ଠିକଣା ବତାଉଥିବା ସମୟରେ ସେମାନଙ୍କ ନିକଟରେ ଛିଡା ହୋଇଥିବା ଅନ୍ୟ ଜଣେ ବ୍ୟକ୍ତି ବୁଲେଟ ହ୍ୟାଣ୍ଡେଲରେ ଟଙ୍ଗା ହୋଇଥିବା ଟଙ୍କା ବ୍ୟାଗ ଝାମ୍ପି ନେଇ ରାସ୍ତା ଉପରକୁ ପଳାଇ ଯାଇଥିଲେ । ଠିକଣା ପଚାରୁଥିବା ପଲ୍‌ସର ଚାଳକ ହଠାତ୍ ଗାଡି ବୁଲାଇ ରାସ୍ତାକୁ ଯିବାମାତ୍ରେ ଟଙ୍କା ବ୍ୟାଗ ନେଇଥିବା ଲୁଟେରା ତାଙ୍କ ପଛରେ ବସି ପଡିଥିଲେ । ଏହାପରେ ସେମାନେ ଦୁହୁରିଆ ଅଭିମୁଖେ ଦ୍ରୁତ ଗତିରେ ପଳାଇ ଯାଇଥିଲେ। ରାଜେନ୍ଦ୍ର ବୁଲେଟରେ ପିଛା କଲେ ମଧ୍ୟ ସେମାନଙ୍କ ପତ୍ତା ପାଇ ନ ଥିଲେ । ଏନେଇ ସଦର ଥାନାରେ ଅଭିଯୋଗ ହୋଇଛି । ସ୍ୱଷ୍ଟ ଦିବାଲୋକରେ ଜନଗହଳିପୂର୍ଣ୍ଣ ସ୍ଥାନରୁ ଏପରି ଲୁଟ ଘଟଣା ନେଇ ସାଧାରଣ ଲୋକେ ଆତଙ୍କିତ ହୋଇ ପଡିଛନ୍ତି । ଏ ସମ୍ପର୍କରେ ଥାନା ଅଧିକାରୀ ପ୍ରମୋଦ କୁମାର ମଲ୍ଲିକ କହିଛନ୍ତି ଯେ, ଘଟଣାର ତଦନ୍ତ ଚାଲିଛି।

# ନାବାଳିକା ଗର୍ଭବତୀ, ଅଭିଯୁକ୍ତ ଫେରାର

**କେନ୍ଦ୍ରାପଡା ଅଫିସ,୧୧।୧୨:** ନିକିରାଇ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଏହି ଥାନା ଅଞ୍ଚଳର ଜଣେ ଯୁବକ ପ୍ରେମ ଜାଲରେ ଫସାଇ ଗର୍ଭବତୀ କରିଥିବା ନେଇ ପୀଡିତାଙ୍କ ବାପା ମଙ୍ଗଳବାର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଥାନାରେ ନଂ.୧୨୨/୧୯ରେ ମାମଲା ରୁଜୁ ହୋଇଛି । ଏଥିସହିତ ଆଇପିସି ଧାରା ୧୬୪ରେ ପୀଡିତାଙ୍କ ବୟାନ ରେଡର୍କ ପାଇଁ ବୁଧବାର ତାଙ୍କୁ କେନ୍ଦ୍ରାପଡା କୋର୍ଟ ପଠାଯାଇଛି। ଏ ସମ୍ପର୍କରେ ଥାନା ଅଧିକାରୀ କାବୁଲି ବାରିକ କହିଛନ୍ତି , ଏହି ନାବାଳିକାଙ୍କ ସହ ଅଭିଯୁକ୍ତଙ୍କର ପ୍ରେମ ସମ୍ପର୍କ ଥିଲା । ନିକଟରେ ନାବାଳିକାଙ୍କୁ ଅଭିଯୁକ୍ତ ନିଜ ଘରକୁ ନେଇ ଯାଇଥିଲେ । ତେବେ ଘର ଲୋକ ନାବାଳିକାଙ୍କୁ ମାଡ ମାରି ଘରୁ ତଡି ଦେବା ପରେ ପୀଡିତାଙ୍କ ବାପା ଏନେଇ ଥାନାରେ ଅଭିଯୋଗ କରିଥିଲେ । ଅଭିଯୁକ୍ତ ଫେରାର ଅଛି । ଘଟଣାର ତଦନ୍ତ ଚାଲିଛି ।

**THE ODISHA STATE CO-OPERATIVE MILK PRODUCERS' FEDERATION LIMITED**
omfed
www.omfed.com
D-2, Sahinagar, Bhubaneswar - 751007
Ph.No. 0674-2546030, 2540273, 2540417
Fax No : 0674-2540974, Email ID : omfed@yahoo.com
No. CAD-673

**TENDER NOTICE FOR ENGAGEMENT OF LABOUR CONTRACTOR AT SAMABLPUR DIARY**

Sealed tenders are invited from registered and experienced Labour Contractors for engagement as Labour Contractor to perform different works on Job Contract Basis & Mandays Basis at Omfed Sambalpur Dairy, Goshala, Sambalpur for a period of 3(three) years. Filled in tenders shall be accepted up to 1400 Hours dtd. 27.12.2019 & shall be opened on the same day at 1500 Hours. For details, please visit our website : www.omfed.com. Interested bidders may visit our website for addendum, corrigendum etc. if any from time to time as it will appear in the official website only. OMFED reserves the right to accept or reject any or all the Tenders without assigning any reason thereof.

06063/11/0002/1920 **Plant Manager, OMFED Sambalpur Dairy**

**ODISHA TRIBAL EMPOWERMENT & LIVELIHOODS PROGRAMME PLUS (OTELP PLUS)**
**ST & SC DEVELOPMENT DEPARTMENT**
**PROGRAMME SUPPORT UNIT (PSU)**
OTELP
2nd Floor, TDCCOL Building, Rupalli Square, Bhubaneswar-751022, Tel : (91) 674-2542709, Telefax : 2541772, Email : support@otelp.org

**EMPANELMENT OF PO (L&NRM - AGRICULTURE) FOR PSU OTELP PLUS, BHUBANESWAR**

No. CAD-676: Programme Director, OTELP Plus invites walk in interview from eligible candidates on 26.12.2019 at 10.00 AM for empanelment of PO (L&NRM-Agril.) to be positioned in PSU, OTELP Plus purely on contractual basis. Application form alongwith the detail ToR can be downloaded from the Website i.e. www.otelp.org.
Programme Director, OTELP Plus reserves the right to accept or reject the applications without assigning any reason thereof.

26024/11/0008/1920 **Sd./- Programme Director**

# ଜିଲାପାଳ ଓ ଜିଲା ମାଜିଷ୍ଟ୍ରେଟଙ୍କ କାର୍ଯ୍ୟାଳୟ, ଅନୁଗୋଳ
## (କାର୍ଯ୍ୟକ୍ଷମ ପ୍ରାଧିକାରୀ ଓ ଭୂ-ଅର୍ଜନ ଉପବିଭାଗ)
## ସର୍ବସାଧାରଣ ବିଜ୍ଞାପନ

**ନୋଟିସ ନଂ. ୧୧୨୬** **ତା. ୨୫।୧୧।୨୦୧୯**

**No.XXIX-1:-** ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଜାତୀୟ ରାଜପଥ ପ୍ରାଧିକରଣ (୫୫) ଅନୁଗୋଳ-ସମ୍ବଲପୁର ଶାଖା (P.D., NHAI), ସମ୍ବଲପୁର ନିମ୍ନ ତଫସିଲରେ ଦର୍ଶିତ ରୟତି ସ୍ୱତ୍ୱ ଜମିକୁ ରାସ୍ତା ନିର୍ମାଣ ପାଇଁ ଜମି ରୟତଙ୍କ ଠାରୁ ଓଡ଼ିଶା ସରକାର ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ନିର୍ଦ୍ଦେଶନାମା ପତ୍ର ସଂଖ୍ୟା ୨୮୪୬ ତା ୨୭।୦୧।୨୦୧୬ ଓ ୧୦୮୧୧ ତା୦୫।୦୪।୨୦୧୬ ମୁତାବକ ସିଧାସଳଖ ଭାବେ ଭାରତୀୟ ନିବନ୍ଧନ ଆଇନ ୧୯୨୮ (Indian Registration Act, 1928) ମୁତାବକ ଓ ଚିଠି ନଂ. ୧୩୭୯ ତା୨୦।୦୯।୨୦୧୯ ଅନୁକ୍ରମେ ଜମି କ୍ରୟ କରିବା ପାଇଁ ଚାହୁଁଛନ୍ତି। ଉକ୍ତ ରୟତି ସ୍ୱତ୍ୱ ଜମିକୁ କ୍ରୟ କରିବା ନିମନ୍ତେ ଜିଲ୍ଲାପାଳ, ଅନୁଗୋଳ ଓ P.D., NHAI, ସମ୍ବଲପୁରଙ୍କ ଦ୍ୱାରା ଅନୁମୋଦିତ ହୋଇଅଛି। ଏହି ଜମିର ମାଲିକାନା/ଉତ୍ତରାଧିକାରୀ ସମ୍ପର୍କିତ ବାବଦରେ ଆପତ୍ତି ଦରଖାସ୍ତ (ଆବଶ୍ୟକୀୟ କାଗଜାତ ସହିତ) ନିମ୍ନ ସ୍ୱାକ୍ଷରକାରୀ ଅଧିକାରୀଙ୍କ ନିକଟରେ ଏହି ସର୍ବସାଧାରଣ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଦରଖାସ୍ତ ଦାଏର କରିପାରିବେ, ଯାହା ବିଚାରକୁ ନିଆଯିବ, ପ୍ରୋକ୍ତ ୧୫ ଦିନ ଅବଧି ପରେ କୌଣସି ଆପତ୍ତି ଦରଖାସ୍ତ ବିଚାରକୁ ନିଆଯିବ ନାହିଁ।

**ସ୍ୱା./- କ୍ଷମତାପନ୍ନ ପ୍ରାଧିକାରୀ ତଥା ଭୂ-ଅର୍ଜନ ଅଧିକାରୀ, ଜାତୀୟ ରାଜପଥ-୪୨ (୫୫), ଅନୁଗୋଳ**

**ତଫସିଲ**

| କ୍ରମିକ ସଂଖ୍ୟା | ତହସିଲ | ମୌଜା ନାମ | ଖାତା ନଂ | ପ୍ଲଟ୍ ନଂ | କିସମ | ଅଧିଗ୍ରହୀତ ଜମିର ପରିମାଣ (ହେକ୍ଟର) | ପ୍ରଜାର ନାମ (ଖତିଆନ ମୁତାବକ) |
|---|---|---|---|---|---|---|---|
| ବି.ଦ୍ର.- ବିବରଣୀ ସଂଲଗ୍ନ କରାଗଲା | | | | | | | |

**SCHEDULE**

**Brief description of the land to be acquired with or without structure falling within the stretch of land from Km.112.000 to Km. 185.450 (Angul - Sambalpur Section) of the National Highway No 42 (New NH No – 55) in the state of Odisha.**

| Sl. No | Name of the District | Name of the Taluk/ Tahasil | Name of the village | Khata | Survey number | Type of land | Nature of land | Area (in Hect.) | Name of the land owner / Interested persons |
|---|---|---|---|---|---|---|---|---|---|
| 1 | Angul | Angul | Rantalai | 465 | 3288 | Private | Taila-I | 0.020 | Srikant Kumar Pattanaik S/o- Dibakar Pattanaik Caste:Karan , Village:Angul Town |
| 2 | Angul | Angul | Rantalai | 465 | 3289 | Private | Patita | 0.1093 | Srikant Kumar Pattanaik S/o- Dibakar Pattanaik Caste:Karan , Village:Angul Town |
| 3 | Angul | Angul | Rantalai | 505/261 | 3288/4301 | Private | Taila-I | 0.004 | Narottam Mishra S/o- Bhaskar Mishra Caste:Brahamin , Village:Hulursinga |
| 4 | Angul | Angul | Rantalai | 505/261 | 3289/4302 | Private | Patita | 0.008 | Narottam Mishra S/o- Bhaskar Mishra Caste:Brahamin , Village:Hulursinga |
| 5 | Angul | Angul | Rantalai | 505/574 | 3288/4456 | Private | Taila-I | 0.0024 | Narottam Mishra S/o- Bhaskar Mishra Caste:Brahamin , Village:Hulursinga , Samir ranjan Das S/o- Mrutyunjaya Das Caste:Karan ,Village Angul Town, Amalapada |
| 6 | Angul | Angul | Rantalai | 505/574 | 3289/4457 | Private | Patita | 0.004 | Narottam Mishra S/o- Bhaskar Mishra Caste:Brahamin , Village:Hulursinga , Samir ranjan Das S/o- Mrutyunjaya Das Caste:Karan ,Village Angul Town, Amalapada |
| 7 | Angul | Angul | Rantalai | 505/718 | 3288/4456/4548 | Private | Taila-I | 0.0016 | Mahesh Kumar Modi S/o- Shyam Sundar Modi Caste:Baishya, Village:Bazar Chaka,Angul Town |
| 8 | Angul | Angul | Rantalai | 505/718 | 3289/4457/4549 | Private | Patita | 0.004 | Mahesh Kumar Modi S/o- Shyam Sundar Modi Caste:Baishya, Village:Bazar Chaka,Angul Town |
| 9 | Angul | Angul | Rantalai | 505/8 | 3289/4129 | Private | Patita | 0.012 | Rajesh Kumar Choudry,Kanhaiyalal Choudry,Narayan Choudry S/o- Giridharilal Choudry Caste:Baishya,Village:Angul Town |
| 10 | Angul | Angul | Rantalai | 505/115 | 3289/4130 | Private | Patita | 0.008 | Rajesh Kumar Choudry S/o- Giridharilal Choudry Caste:Baishya,Village:Angul Town(Sankar Cinema Road) |
| 11 | Angul | Angul | Rantalai | 505/249 | 3289/4148 | Private | Patita | 0.020 | Bidyutlata Dalabehera,W/o-Satyananda Dalabehera Caste:Khytriya,Village:Hemasurapada,Angul |
| 12 | Angul | Angul | Rantalai | 505/88 | 3289/4159 | Private | Patita | 0.012 | Srimati Santirani Sureka W/o- Dwarika Prasad Sureka Caste:Baishya Bania,Village:Hulursinga |
| 13 | Angul | Angul | Chandrabahal | 243/219 | 59/1706/1883 | Private | Bajefasal-II | 0.008 | Nanda Kishor Rout S/o- Dibakar Rout Caste:Gauda,Village:Chandrabahala |
| 14 | Angul | Banarapal | Maratira | 338/341 | 2464/2760 | Private | Sarad-II | 0.036 | Gatikrushna Sahu S/o- Gagan bihari Sahu Caste:Chasa ,Village:Maratira |
| 15 | Angul | Banarapal | Maratira | 338/313 | 2465/2758/3056 | Private | Sarad-III | 0.040 | Pabana Sahu S/o- Jatia Sahu Caste:Chasa ,Village:Maratira |
| 16 | Angul | Banarapal | Maratira | 148 | 1907 | Private | Taila-I | 0.004 | Narindra Sahu,Akarma Sahu S/o- Paikira Sahu Caste: Chasa,Village: Maratira |
| 17 | Angul | Banarapal | Maratira | 329 | 2294 | Private | Taila-I | 0.008 | Subudhi Sahu, & Suniyna Sahu S/o- Sansara Sahu Caste:Chasa,Village:Maratira |
| 18 | Angul | Banarapal | Tubey | 468/938 | 2444 | Private | Taila-I | 0.016 | Pradeep Kumar Pradhan,S/o-Prafulla Kumar Pradhan.Caste:Chasa,Village:Tubey |
| 19 | Angul | Banarapal | Tubey | 468/718 | 2418/5613 | Private | Taila-I | 0.004 | Pranati Sahu W/o- Rabindranath Sahu.Caste:Chasa,Village:Tubey |
| 20 | Angul | Banarapal | Tubey | 468/718 | 2417/5610 | Private | Taila-I | 0.004 | Pranati Sahu W/o- Rabindranath Sahu.Caste:Chasa,Village:Tubey |
| 21 | Angul | Banarapal | Tubey | 468/1178 | 2427/6002 | Private | Taila-I | 0.012 | Digambara Pradhan S/o- Sudarshan Pradhan.Caste:Chasa,Village:Tubey |
| 22 | Angul | Banarapal | Tubey | 468/2 | 2892/5071 | Private | Gharabari | 0.0072 | Banamali Maharana,Madana Maharana,S/o- Rama Maharana.Caste:Kansari,Village:Tubey |
| 23 | Angul | Banarapal | Tubey | 82 | 2892/5072 | Private | Gharabari | 0.0072 | Dinabandhu Burugi S/o- Lochan Burugi,Duari Burugi,Hari Burugi S/o- Lochan Burugi,Sudhakar Burugi,Endra Burugi S/o- Huguru Burugi,Rama Burugi S/o- Kanduru Burugi,Kanak Dai,Budhai Dai S/o-Khetra Burugi.Caste:Keuta ,Village:Tubey |
| 24 | Angul | Banarapal | Tubey | 82 | 2892/5053 | Private | Gharabari | 0.007 | Dinabandhu Burugi S/o- Lochan Burugi,Duari Burugi,Hari Burugi S/o- Lochan Burugi,Sudhakar Burugi,Endra Burugi S/o- Huguru Burugi,Rama Burugi S/o- Kanduru Burugi,Kanak Dai,Budhai Dai S/o-Khetra Burugi.Caste:Keuta ,Village:Tubey |
| 25 | Angul | Banarapal | Tubey | 468/1442 | 2892/5406 | Private | Gharabari | 0.007 | Ranjan Kumar Maharana S/o-Banamali Maharana,Hiren Maharana S/o-Basanta Maharana.Caste:Kansari.Village:Tubey,Jarapada, Angul |
| 26 | Angul | Banarapal | Amantpur | 180 | 733 | Private | Sarada Anjalasechita-I | 0.033 | Srimati Satyabati Majhi W/o- Pramod Kumar Majhi,Caste:Khyatriya,Village:Amantapur |
| 27 | Angul | Banarapal | Amantpur | 44 | 735 | Private | Sarada Anjalasechita-I | 0.027 | Kamini Panda,Chaya Bhanja,Damani Sahu S/D/o-Nuhura Jena,Daitari Jena,Adhikari Jena,Chini Jena,Mena Jena,Kanchana Jena,Chaila Jena,Pramila Jena S/D/o-Jayakrushna Jena,Gunja Jena W/o-Jayakrushna Jena .Caste:Suda,Village Amantapur |
| 28 | Angul | Banarapal | Amantpur | 150 | 712 | Private | Sarada Anjalasechita-II | 0.004 | Mayadhar Das,Dushmanta Kumar Das,Dwitikrushna Das S/o- Pramod Chandra Das,Caste:Khytriya,Village:Jarada |
| 29 | Angul | Banarapal | Bimalbeda | 110 | 787 | Private | Sarada Anjalasechita-I | 0.0197 | Rambha Sahu,Sabitri Sahu,Mukta Pusti S/o- Sadashiba Sahu,Kapila Sahu,Dhapi Sahu,Jai Sahu,S/D/o- Kulamani Sahu,Ghanti Sahu W/o- Kulamani Sahu,Bimala Sahu,Tuani Sahu D/o- Niladri Sahu,Antaryami Sahu,Sara Sahu,S/D/o- Jayakrishna Sahu,Bhama Sahu W/o- Jaya Krishna Sahu,Jaganath Sahu,Somanath Sahu S/o- Janardan Sahu,Caste: Chasa,Village:Bimalbeda |
| 30 | Angul | Banarapal | Bimalbeda | 87 | 788 | Private | Sarada Anjalasechita-I | 0.010 | Banambara Sahu,Uma Sahu,Hema Sahu S/o- Damburu Sahu,Surendra Sahu,Mala Sahu,Shaila Sahu,Ujjala Sahu S/o- Maheswar Sahu,Prahallad Sahu,Michha Sahu,Pramila Sahu,Bilash Sahu,Bani Sahu S/o-Laxmidhara Sahu,Bhaskar Sahu S/o- Bida Sahu,Shukuru Sahu S/o- Brunda Sahu,Caste:Chasa,Village:Bimalbeda |
| 31 | Angul | Chendipada | Tukuda | 136 | 3056 | Private | Sarad-I | 0.040 | Kalia Sahu, Balia Sahu,Ratnakar Sahu S/o- Baji Sahu.Caste:Chasa,Village:Para |
| 32 | Angul | Chendipada | Tukuda | 677/735 | 3167/4803 | Private | Sarad-I | 0.056 | Pramoda Kumar Behera S/o- Raghunath Behera,Benudhara Sahu S/o- Ganeswar Sahu,Caste:Chasa,Village:Tukuda |
| 33 | Angul | Chendipada | Tukuda | 677/452 | 2594/5008 | Private | Gharabari | 0.012 | Usharani Dash W/o- Aswani Ku. Dash,Caste:Brahmin,Village:Jarapada |
| 34 | Angul | Chendipada | Jarapada | 258 | 1164 | Private | Bajefasal | 0.008 | Rushi Pradhan, S/o. Kulamani Pradhan,Indramani Pradhan S/o-Jayakrushna Pradhan, Chandal Pradhan, S/o. Sunia Pradhan,Jadumani PradhanS/o-Ananda Pradhan,Caste :Chasa,Villge:Jarapada |
| 35 | Angul | Chendipada | Jarapada | 303/235 | 1164/3323 | Private | Bajefasal | 0.012 | Basanti Sahu W/o- Ekadasia Sahu,Caste :Chasa,Villge:Kumursing |
| 36 | Angul | Chendipada | Kumursinga | 62 | 692 | Private | Anajalasechita-II | 0.010 | Chandala Sahu,Kulamani Sahu S/o-Mangulu Sahu,Joginath Sahu,Kamar Sahu,Akhari Sahu S/o-Mahi Sahu,Lochan Sahu,Bhuban Sahu,Aibana Sahu,Jiban Sahu,Nekuri Sahu,Kairi Sahu S/o-Gopi Sahu,Kalia Sahu,Kastu Sahu S/o- Punia Sahu,Hrusikesh Sahu S/o-Somanath Sahu,Krupa Sahu,Damburu Sahu,Dina Sahu S/o- Srinibash Sahu,Nanda Sahu S/o- Makuru Sahu,Caste:Teli,Village:Jarapada |
| 37 | Angul | Chendipada | Kumursinga | 62 | 693/1453 | Private | Anajalasechita-II | 0.006 | Chandala Sahu,Kulamani Sahu S/o-Mangulu Sahu,Joginath Sahu,Kamar Sahu,Akhari Sahu S/o-Mahi Sahu,Lochan Sahu,Bhuban Sahu,Aibana Sahu,Jiban Sahu,Nekuri Sahu,Kairi Sahu S/o-Gopi Sahu,Kalia Sahu,Kastu Sahu S/o- Punia Sahu,Hrusikesh Sahu S/o-Somanath Sahu,Krupa Sahu,Damburu Sahu,Dina Sahu S/o- Srinibash Sahu,Nanda Sahu S/o- Makuru Sahu,Caste:Teli,Village:Jarapada |
| 38 | Angul | Chendipada | Jerang Dehurysahi | 271 | 1495 | Private | Taila-I | 0.012 | Sukur Naik S/o- Baisakha Naik,Caste:Pana,Village:Laxmidharapur |
| 39 | Angul | Chendipada | Jerang Dehurysahi | 159 | 1779 | Private | Harafasal | 0.016 | Balakrushna Majhi,Batakrushna Majhi S/o-Damodar Majhi,Caste:Chasa,Village:Jerang Dehurysahi |
| 40 | Angul | Chendipada | Jerang Dehurysahi | 88 | 1790 | Private | Gharabari | 0.016 | Damburu Dehury,Bichitra Dehury,Balaram Dehury,Panchu Dehury S/o- Chakra Dehury,Saila Sahu W/o- Gokulanda Sahu Caste:Chasa,Village:Durgapur, Mangulu Dehury S/o- Gobari Dehury,Caste:Chasa,Village:Jerang Dehurysahi |
| 41 | Angul | Chendipada | Jerang Dehurysahi | 285 | 1731/2223 | Private | Sarada-III | 0.012 | Hrushi Sahu,Dasa Sahu S/o- Kamal Sahu,Caste:Chasa,Village:Jerang Dehurysahi. |
| 42 | Angul | Chendipada | Jerang Dehurysahi | 285/103 | 1731/2223/2356 | Private | Sarada-III | 0.012 | Netrananda Sahu S/o- Achyuta Nanda Sahu,Caste:Teli,Village:Jerang Dehurysahi |
| 43 | Angul | Chendipada | Jerang Dehurysahi | 285/2 | 1731/2222 | Private | Sarada-III | 0.008 | Sudarshan Sahu S/o-Bidhia Sahu,Caste:Teli,Village:Jerang Dehurysahi |
| 44 | Angul | Chendipada | Jerang Dehurysahi | 109 | 1997 | Private | Baje fasal | 0.012 | Narahari Sahu S/o-Krupa Sahu.Caste:Chasa,Village:Jerang Dehurysahi |
| 45 | Angul | Chendipada | Jerang Dehurysahi | 193 | 1860 | Private | Ghara | 0.012 | Bhagirathi Sahu,Mohan Sahu S/o- Panu Sahu,Gobari Sahu & Kathi Sahu S/o- Dama Sahu,Caste:Chasa,Village:Jerang Dehurysahi |
| 46 | Angul | Kishornagar | Jamunali | 86 | 1215 | Private | Taila-II | 0.060 | Seshadev Pradhan S/o- Rama Ch. Pradhan ,Baidyanatha Pradhan,Nilambara Pradhan,Panchu Pradhan,Antaryami Pradhan,S/o-Laxman pradhan,Rangabati Pradhan W/o-Laxman Pradhan,Ghanashyam Pradhan S/o- Jagat Pradhan,Caste:Chasa,village:Jamunali |
| 47 | Angul | Kishornagar | Kadalimunda | 1 | 207 | Private | Sarad-II | 0.0526 | Anirudha Behera S/o- Kanhu Charana Behera,Caste:Gudia,Village:Kadalimunda |
| 48 | Angul | Kishornagar | Kadalimunda | 28 | 508 | Private | Sarad-I | 0.028 | Chabisa Sahu S/o- Krushna Sahu,Caste:Chasa,Village:Kadalimunda |
| 49 | Angul | Kishornagar | Nunukapasi | 114/206 | 503/1468 | Private | Gharabari | 0.004 | Santoh Kumar Behera S/o- Madan Mohan Behera,Caste:Gudia,Village:Nunukapasi |
| 50 | Angul | Kishornagar | Nunukapasi | 114/35 | 506/1277 | Private | Gharabari | 0.010 | Birakishora Satapathy,S/o- Uchhata Satpathy,Caste:Brahmni,Village:Nunukapasi |
| 51 | Angul | Kishornagar | Nunukapasi | 2 | 474 | Private | Sarad-III | 0.008 | Anirudha Behera S/o- Kanhu charan Behera,Caste:Gudia,Village:Nunukapasi |
| 52 | Angul | Kishornagar | Nunukapasi | 40 | 474/1148 | Private | Sarad-III | 0.004 | Trilochan Sahu S/o- Lingaraj Sahu, Caste:Gudia,Village:Nunukapasi |
| 53 | Angul | Kishornagar | Handapa | 176/108 | 2135/3232 | Private | Gharabari | 0.008 | Ghasinath Sahu,Banshidhara Sahu,Chakradhara Sahu S/o-Bhikari Charan Sahu,Caste:Teli,Village:Handapa |
| 54 | Angul | Kishornagar | Handapa | 176/155 | 2135/3306 | Private | Sarad-III | 0.008 | Chanda Charan Behea S/o- Anitha Behera,Caste:Kaibarta,Village:Handapa |
| Total Area of Land Proposed to be Acquired. | | | | | | | | 0.890 | |

24012/14/0004/1920



ନାଗରିକତ୍ୱ ସଂଶୋଧନ ବିଲ୍ ସମ୍ବିଧାନ ବିରୋଧୀ ଓ ସଂଖ୍ୟାଲଘୁଙ୍କୁ ସମ୍ପୂର୍ଣ୍ଣ ଧ୍ୱଂସ କରିଦେବ। ଏହା ଧର୍ମନିରପେକ୍ଷତା ନୀତି ଓ ସାମ୍ବିଧାନିକ ଅଧିକାରର ବିରୋଧୀ।
-ଏଚ୍.ଡି. ଦେବେଗୌଡ଼ା,
ପୂର୍ବତନ ପ୍ରଧାନମନ୍ତ୍ରୀ




ଗୁଆହାଟୀରେ ବିକ୍ଷୋଭକାରୀଙ୍କ ପୋଡ଼ାଜଳା।


ଗୁଆହାଟୀରେ ପୋଲିସ-ବିକ୍ଷୋଭକାରୀ ଖଣ୍ଡଯୁଦ୍ଧ।


ଅଗରତାଲାରେ ଏନ୍ଇଏସ୍ଓର ବନ୍ଦ ପାଳନ ବେଳେ ବିକ୍ଷୋଭକାରୀ ଅଟକ।

# ମା'ବାପାଙ୍କୁ ହଇରାଣ କଲେ ୬ ମାସ ଜେଲ୍

ନୂଆଦିଲ୍ଲୀ,୧୧।୧୨(ପି.ଟି.)



**ଲୋକ ସଭାରେ ଆସିଲା ବିଲ୍**
**ଗଠନ ହେବ ଟ୍ରିବ୍ୟୁନାଲ**
**୬୦ ଦିନରେ ବିଚାର**

ମାତାପିତା କିମ୍ବା ବରିଷ୍ଠ ନାଗରିକଙ୍କୁ ଖରାପ ବ୍ୟବହାର ଦେଖାଇଲେ ୬ ମାସ ଜେଲ୍ କିମ୍ବା ୧୦ ହଜାର ଟଙ୍କା ଜରିମାନା ବା ଉଭୟ ଦଣ୍ଡ ଭୋଗିବାକୁ ପଡିବ। ଏନେଇ ଲୋକ ସଭାରେ ବୁଧବାର ବିଲ୍ ଆଗତ ହୋଇଛି। ମାତାପିତା ଓ ବରିଷ୍ଠ ନାଗରିକ ଭରଣପୋଷଣ ଓ କଲ୍ୟାଣ (ସଂଶୋଧନ) ବିଲ୍, ୨୦୧୯କୁ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରୀ ଥାୱରଚାନ୍ଦ ଗେହଲଟ ଗୃହରେ ଉପସ୍ଥାପନ କରିଥିଲେ। ବିଲ୍ ଅନୁଯାୟୀ ବରିଷ୍ଠ ନାଗରିକ ଭରଣପୋଷଣ ପାଇଁ ଦାବି କରିପାରିବେ ଏବଂ ସେମାନଙ୍କ ପାଇଁ ଉଦ୍ଦିଷ୍ଟ କେୟାର ହୋମ୍ ଓ ଅନ୍ୟ ଅନୁଷ୍ଠାନଗୁଡିକର ପଞ୍ଜୀକରଣ ବାଧ୍ୟତାମୂଳକ ହେବ। ବିଲ୍‌ରେ ଦୁର୍ବ୍ୟବହାରର ସଂଜ୍ଞା ଉଭୟ ଶାରୀରିକ, ଶାବ୍ଦିକ, ଭାବାତ୍ମକ ନିର୍ଯାତନା ଏବଂ ଆର୍ଥିକ ଶୋଷଣ ବୋଲି କୁହାଯାଇଛି। ସେହିପରି ପିଲା ଅର୍ଥ ମାତାପିତା ବା ବରିଷ୍ଠ ନାଗରିକଙ୍କ ଜନ୍ମିତ ଝିଅପୁଅ, ପୋଷ୍ୟ ସନ୍ତାନ କିମ୍ବା ସାବତ ସନ୍ତାନ, ବୋହୂ, ଜ୍ୱାଇଁ, ନାତିନାତୁଣୀ ଓ ନାବାଳକ ପିଲାଙ୍କ ଆଇନଗତ ଅଭିଭାବକଙ୍କୁ ବୁଝାଇବ। ନିର୍ଯାତନାର ସମ୍ମୁଖୀନ ହେଉଥିବା ବରିଷ୍ଠ ନାଗରିକଙ୍କ ଲାଗି ଟ୍ରିବ୍ୟୁନାଲ ଗଠନ ହେବ। ସେମାନେ ଭରଣପୋଷଣ ଓ ସହାୟତା ପାଇଁ ସେଠାରେ ଆବେଦନ କରିପାରିବେ। ୮୦ ବର୍ଷରୁ ଊର୍ଦ୍ଧ୍ୱ ନାଗରିକଙ୍କ କ୍ଷେତ୍ରରେ ଅଭିଯୋଗର ସମାଧାନ ୬୦ ଦିନରେ ସମ୍ପୂର୍ଣ୍ଣ କରିବା ଲାଗି ବିଲ୍‌ରେ ବ୍ୟବସ୍ଥା ରହିଛି। କୌଣସି ଅସାଧାରଣ କାରଣ ପାଇଁ ଟ୍ରିବ୍ୟୁନାଲ ଚାହିଁଲେ ଏହି ସମୟସୀମା ମାତ୍ର ଥରେ ସର୍ବାଧିକ ୩୦ଦିନ ପାଇଁ ବଢ଼ାଇପାରିବେ।

## ବିରୋଧୀ ପାକିସ୍ତାନର ଭାଷା କହୁଛନ୍ତି: ମୋଦି

ନୂଆଦିଲ୍ଲୀ,୧୧।୧୨(ପି.ଟି.)



ନାଗରିକତ୍ୱ (ସଂଶୋଧନ) ବିଲ୍‌କୁ ନେଇ ବିରୋଧୀ ପାକିସ୍ତାନର ଭାଷା କହୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର କହିଛନ୍ତି। ପ୍ରସ୍ତାବିତ ବିଧେୟକ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହେବ ବୋଲି ମୋଦି ଜୋରଦେଇ କହିଛନ୍ତି। ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ଭଳି ଏହି ବିଧାୟକ ଐତିହାସିକ ବୋଲି ମୋଦି ଭାଜପା ସଂସଦୀୟ ଦଳ ବୈଠକରେ କହିଥିବା ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ସାମ୍ବାଦିକମାନଙ୍କୁ ସୂଚନା ଦେଇଛନ୍ତି। ଧର୍ମୀୟ ବିଦ୍ୱେଷର ସମ୍ମୁଖୀନ ହୋଇ ପଳାଇଆସିଥିବା ଅନେକ ଲୋକ ଦୀର୍ଘଦିନ ହେଲା ଭାରତରେ ଅନିଶ୍ଚିତତା ମଧ୍ୟରେ ରହିଛନ୍ତି। ବିଲ୍ କାର୍ଯ୍ୟକାରୀ ହେଲେ ସେମାନଙ୍କୁ ସ୍ଥାୟୀ ଆଶ୍ୱସ୍ତି ମିଳିବ। ବିଲ୍ ପାର୍ଲାମେଣ୍ଟରେ ଗୃହୀତ ହୋଇଗଲେ କାମ ସରିଯିବ ନାହିଁ । ଏ ସମ୍ପର୍କରେ ଜନସାଧାରଣଙ୍କୁ ସବିଶେଷ ଅବଗତ କରାଇବାକୁ ପ୍ରଧାନମନ୍ତ୍ରୀ ଏମ୍‌ପିମାନଙ୍କୁ ପରାମର୍ଶ ଦେଇଥିଲେ।

## ୧୪ରେ କଂଗ୍ରେସର ଭାରତ ବଚାଓ ରାଲି

ନୂଆଦିଲ୍ଲୀ,୧୧।୧୨(ପି.ଟି.)

ସରକାର ନାଗରିକଙ୍କ ସମସ୍ୟା ସମାଧାନ କରିବା ପରିବର୍ତ୍ତେ ବିଭାଜନକାରୀ ନୀତି ଆଣିବାରେ ବ୍ୟସ୍ତ ବୋଲି କଂଗ୍ରେସ ଅଭିଯୋଗ କରିଛି। ଆର୍ଥିକ ମାନ୍ଦାବସ୍ଥା ଓ କୃଷକମାନଙ୍କ ସମସ୍ୟାକୁ ନେଇ ଜନସାଧାରଣଙ୍କ କ୍ରୋଧକୁ ପ୍ରଦର୍ଶନ କରିବା ଲାଗି ବିରୋଧୀ ଦଳ ୧୪ରେ 'ଭାରତ ବଚାଓ ରାଲି' ଆୟୋଜନ କରୁଛି। ସରକାରଙ୍କ ଜନବିରୋଧୀ ନୀତି ବିରୋଧରେ କଂଗ୍ରେସ ଲଢ଼େଇ ଜାରି ରଖିଛି। ଶନିବାର ରାଲିରେ ଲୋକଙ୍କ ବାସ୍ତବ ପ୍ରସଙ୍ଗକୁ ଉପସ୍ଥାପନ କରାଯିବ ବୋଲି କଂଗ୍ରେସ ସାଧାରଣ ସମ୍ପାଦକ (ସଂଗଠନ) କେ.ସି. ବେଣୁଗୋପାଳ କହିଛନ୍ତି। ବେଣୁଗୋପାଳଙ୍କ ସମେତ ଏଆଇସିସି ସାଧାରଣ ସମ୍ପାଦକ ମୁକୁଲ ୱାସ୍ନିକ, ମୁଖ୍ୟ ମୁଖପାତ୍ର ରଣଦୀପ୍ ସୁର୍ଜେୱାଲା ରାଲିର ଲୋଗୋ ଉନ୍ମୋଚନ କରିଥିଲେ। ହେବାକୁ ଥିବା ବିଶାଳ ରାଲିରେ କଶ୍ମୀରଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ନେତା ଓ କର୍ମୀ ଯୋଗଦେବେ। ଆର୍ଥିକ ମାନ୍ଦାବସ୍ଥାକୁ ନେଇ ଲୋକେ ହଇରାଣ ହେଉଥିଲାବେଳେ ଦରଦାମ୍ ଆକାଶଛୁଆଁ ହେଲାଣି। ପ୍ରତିଦିନ ମହିଳାଙ୍କ ବିରୋଧରେ ଅତ୍ୟାଚାର ଘଟଣାମାନ ବଢ଼ି ଚାଲିଛି। ଏଭଳି ସମୟରେ ସରକାର ଅସାମ୍ବିଧାନିକ ନାଗରିକ ସଂଶୋଧନ ବିଲ୍ ଆଣିବା ଦୁର୍ଭାଗ୍ୟଜନକ ବୋଲି ବେଣୁଗୋପାଳ କହିଥିଲେ।

## ଆମେରିକାରେ ଗୁଳିକାଣ୍ଡ
## ପୋଲିସ ଅଧିକାରୀଙ୍କ ସମେତ ୬ ମୃତ

ନ୍ୟୁଜର୍ସି,୧୧।୧୨(ପି.ଟି.)



ଆମେରିକାର ନ୍ୟୁଜର୍ସି ଅନ୍ତର୍ଗତ ଜର୍ସି ସିଟି ରାଜରାସ୍ତାରେ ଗୁଳିକାଣ୍ଡ ହେବାରୁ ଜଣେ ପୋଲିସ ଅଧିକାରୀଙ୍କ ସହ ୬ ଜଣଙ୍କ ମୃତ୍ୟୁ ହୋଇଛି। ପ୍ରାୟ ଏକ ଘଣ୍ଟା ଧରି ଏହି ଗୁଳି ବିନିମୟ ହୋଇଥିଲା। ମୃତକଙ୍କ ମଧ୍ୟରେ ପୋଲିସ ଅଧିକାରୀ ଯୋସେଫ୍ ସିଲ୍ସ, ଦୁଇ ବନ୍ଧୁକଧାରୀ, ୩ ପଥଚାରୀ ଥିବା ଜର୍ସି ସିଟି ପୋଲିସ ମୁଖ୍ୟ ମିଚେଲ କେଲି ପ୍ରକାଶ କରିଛନ୍ତି। ଅନ୍ୟ ଦୁଇ ପୋଲିସ ଅଧିକାରୀ ଆହତ ହୋଇଥିବାବେଳେ ବିପଦମୁକ୍ତ ଥିବା ଦର୍ଶାଯାଇଛି। ବନ୍ଧୁକଧାରୀମାନେ ସିଲ୍ସଙ୍କ ଉପରେ ଗୁଳିମାଡ଼ କରି ଏକ ଭ୍ୟାନ୍‌ରେ ଚାଲିଯିବା ପରେ ପୋଲିସ ସେମାନଙ୍କ ପିଛାକରି ଗୁଳିମାଡ଼ କରିଥିଲା। ଆମେରିକାରେ ବେଆଇନ ବନ୍ଧୁକଧାରୀଙ୍କ ସଂଖ୍ୟା ବଢ଼ିଚାଲିଥିବାବେଳେ ଜିୱିସ୍ ମାର୍କେଟକୁ ଟାର୍ଗେଟ କରିବା ଲାଗି ବନ୍ଧୁକଧାରୀଙ୍କ ଯୋଜନା ରହିଥିଲା ବୋଲି ଜର୍ସି ସିଟି ମେୟର ଷ୍ଟିଭେନ୍ ଫୁଲପ୍ ଟୁଇଟ କରି କହିଛନ୍ତି।

## ଶାହାଙ୍କୁ ବିରୋଧୀ ଘେରିବାରୁ ପ୍ରସାରଣ ବନ୍ଦ କଲା ଆର୍‌ଏସ୍‌ଟିଭି

ନୂଆଦିଲ୍ଲୀ,୧୧।୧୨(ପି.ଟି.)



ରାଜ୍ୟ ସଭାରେ ନାଗରିକତ୍ୱ (ସଂଶୋଧନ) ବିଲ୍ ଆଲୋଚନା ବେଳେ ବିରୋଧୀ ଦଳର ସଦସ୍ୟମାନେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ଉପରେ ବର୍ଷିବାରୁ ଗୃହର ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସଭା ଟିଭି (ଆର୍‌ଏସ୍‌ଟିଭି) ସାମୟିକ ଭାବେ ଏହାର ପ୍ରସାରଣ ବନ୍ଦ କରିଦେଇଥିଲା। ଭାଜପା ସରକାର ଆସାମବାସୀଙ୍କ ଅଧିକାରର ସୁରକ୍ଷା କରିବେ ବୋଲି ଶାହା କହିବା ବେଳେ ବିରୋଧୀମାନେ ଏହାର ଜୋର୍‌ଦାର ବିରୋଧ କରିଥିଲେ। ବିଶୃଙ୍ଖଳା ନ କରିବାକୁ ଭେଙ୍କାୟା ବିରୋଧୀ ସଦସ୍ୟମାନଙ୍କୁ ଚେତାବନୀ ଦେଇଥିଲେ। ବିରୋଧୀ ସଦସ୍ୟଙ୍କ ବିବୃତିକୁ ରେକର୍ଡ ନ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ପରେ ରାଜ୍ୟ ସଭା ଟିଭି ଏହାର ସିଧା ପ୍ରସାରଣ ବନ୍ଦ କରିଦେଇଥିଲା। ଏଥିପାଇଁ ଭେଙ୍କାୟା ରେଡ୍‌ଲାଇଟ ବଟନ ଦବାଇଥିଲେ ବୋଲି ଆର୍‌ଏସ୍‌ଟିଭି ସୂତ୍ରରୁ ଜଣାପଡିଛି।

## ଝାଡ଼ଖଣ୍ଡରେ ତୃତୀୟ ପର୍ଯ୍ୟାୟ ଭୋଟ ଆଜି
## ୧୭ ଆସନ ଲାଗି ମଇଦାନରେ ୩୦୯ ପ୍ରାର୍ଥୀ

ରାଞ୍ଚି,୧୧।୧୨(ପି.ଟି.)

ଝାଡ଼ଖଣ୍ଡ ବିଧାନସଭା ଲାଗି ପାଞ୍ଚ ପର୍ଯ୍ୟାୟରେ ନିର୍ବାଚନ କରାଯାଉଥିବାବେଳେ ଗୁରୁବାର ତୃତୀୟ ପର୍ଯ୍ୟାୟ ଭୋଟଗ୍ରହଣ କରାଯିବ। ଏଥିଲାଗି ପ୍ରସ୍ତୁତି ଶେଷ ହେବା ସହ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହି ପର୍ଯ୍ୟାୟରେ ୧୭ଟି ଆସନ ଲାଗି ମତଦାନ କରାଯାଉଥିବାବେଳେ ମଇଦାନରେ ୩୨ ମହିଳାଙ୍କ ସହ ୩୦୯ ପ୍ରାର୍ଥୀ ଅଛନ୍ତି। ସକାଳ ୭ଟାରୁ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ୭୦୧୬ ପୋଲିଂ ଷ୍ଟେଶନରେ ମତଦାନ କରାଯିବ। ଯେଉଁ ପ୍ରମୁଖ ପ୍ରାର୍ଥୀଙ୍କ ଭାଗ୍ୟ ଏହି ପର୍ଯ୍ୟାୟରେ ଫଇସଲା ହେବ ସେମାନେ ହେଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ବାବୁଲାଲ୍ ମାରାଣ୍ଡି, ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସୁଦେଶ ମହାତୋ, ଭାଜପା ନେତା ସି.ପି. ସିଂ, ନୀରଜ୍ ଯାଦବ ପ୍ରମୁଖ ରହିଛନ୍ତି।

[ଇତିହାସର ଆଇନାରେ]
## ଡିସେମ୍ବର ୧୨ର ପ୍ରମୁଖ ଘଟଣା

୧୯୭୯ ଡିସେମ୍ବର ୧୨ରେ କଲମ୍ବିଆ ଓ ଇକ୍ୱୋଡରରେ ଭୟଙ୍କର ଭୂକମ୍ପ ହୋଇଥିଲା। ଏଥିରେ ୫୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ। ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲ୍‌ରେ ୮.୨ ରହିଥିବାବେଳେ ଭୟଙ୍କର ସୁନାମି ଆସିଥିଲା।

୧୯୮୮ ଡିସେମ୍ବର ୧୨ରେ ବ୍ରିଟେନର କ୍ଲାପ୍‌ହମ ଜଙ୍କଶନରେ ରେଳ ଦୁର୍ଘଟଣା ଘଟି ୩୫ ବ୍ୟକ୍ତିଙ୍କ ପ୍ରାଣହାନି ଘଟିଥିବାବେଳେ ୪୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଥିଲେ। ଦୁର୍ଘଟଣାରେ ୩ ଟ୍ରେନ କ୍ଷତିଗ୍ରସ୍ତ ହୋଇଥିଲା।

## ଟେରର୍ ଫଣ୍ଡିଂ ମାମଲାରେ ହାଫିଜ୍ ଦୋଷୀ



ଲାହୋର,୧୧।୧୨(ପି.ଟି.)

ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ତଥା ନିଷିଦ୍ଧ ଆତଙ୍କବାଦୀ ସଙ୍ଗଠନ ଜେୟୁଡିର ମୁଖ୍ୟ ହାଫିଜ୍ ସଇଦକୁ ପାକିସ୍ତାନର ଆତଙ୍କ ନିରୋଧୀ ଅଦାଲତ ବୁଧବାର ଦୋଷୀ ସାବ୍ୟସ୍ତ କରିଛନ୍ତି। ଆତଙ୍କବାଦକୁ ନେଇ ପାକିସ୍ତାନ ଉପରେ ଅନ୍ତର୍ଜାତୀୟ ଚାପ ବଢୁଥିବାବେଳେ ହାଫିଜ୍ ଓ ତାଙ୍କର ୩ ସହଯୋଗୀ ହାଫିଜ୍ ଅବଦୁଲ ସଲାମ୍ ବିନ୍ ମହମ୍ମଦ, ମହମ୍ମଦ ଅଶ୍ରଫ ଓ ଜାଫର ଇକ୍‌ବାଲଙ୍କୁ ଟେରର୍ ଫାଇନାନ୍ସିଂ ମାମଲାରେ ଦୋଷୀ ସାବ୍ୟସ୍ତ କରାଯାଇଛି। ଲାହୋରର ଆତଙ୍କ ନିରୋଧୀ ଅଦାଲତର ବିଚାରପତି ଆଶ୍ରାଦ୍ ହୁସେନ୍ ଭୁଟ୍ଟୋ ସାକ୍ଷୀଙ୍କୁ ହାଜର ଲାଗି ନିର୍ଦ୍ଦେଶ ଦେଇ ଗୁରୁବାର ପର୍ଯ୍ୟନ୍ତ ଶୁଣାଣି ସ୍ଥଗିତ ରଖିଛନ୍ତି। ବୁଧବାର କଡ଼ା ସୁରକ୍ଷାବଳୟ ମଧ୍ୟରେ ହାଫିଜ୍ ସଇଦ(୬୯) ଓ ଅନ୍ୟ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇଥିଲା। ପରେ ପଞ୍ଜାବ ପୋଲିସର ଆତଙ୍କ ନିରୋଧୀ ବିଭାଗ ଏନେଇ ତଥ୍ୟ ପ୍ରଦାନ କରିଥିଲା। ପ୍ରକାଶଥାଉ କି, ହାଫିଜ୍ ଏବେ କୋଟ୍ ଲଖ୍‌ପତ୍ ଜେଲ୍‌ରେ ଅଛନ୍ତି।

## ନାଗରିକତ୍ୱ ବିଲ୍‌କୁ ପାକିସ୍ତାନୀ ହିନ୍ଦୁଙ୍କ ପ୍ରତୀକ୍ଷା

ନୂଆଦିଲ୍ଲୀ,୧୧।୧୨(ପି.ଟି.)

ନାଗରିକତ୍ୱ ସଂଶୋଧନ ବିଲ୍ ଉପରେ ରାଜ୍ୟ ସଭାରେ ବିତର୍କ ଚାଲିଥିବାବେଳେ ଏହାକୁ ନେଇ ଦିଲ୍ଲୀରେ ଥିବା ପାକିସ୍ତାନୀ ହିନ୍ଦୁମାନଙ୍କ ମଧ୍ୟରେ ବେଶ୍ ଉତ୍କଣ୍ଠା ପରିଲକ୍ଷିତ ହୋଇଥିଲା। କେତେକ ରେଡିଓ ପାଖରେ ଭିଡ଼ ଜମାଇଥିବାବେଳେ ଅନ୍ୟମାନେ ସେମାନଙ୍କ ଫୋନ୍‌ରେ ବିଲ୍ ଗୃହୀତ ହେବା ସମ୍ପର୍କରେ ଖବର ଜାଣିବା ପାଇଁ ଉଦ୍ୟମ ଚଳାଇଥିଲେ।

ପାକିସ୍ତାନରୁ ପଳାଇ ଆସିଥିବା ପାଖାପାଖି ୭୫୦ ହିନ୍ଦୁ ଦିଲ୍ଲୀର ମଜ୍‌ନୁ କା ଟିଲାରେ ଅସ୍ଥାୟୀ ଘରେ ଶରଣାର୍ଥୀ ଭାବେ ରହିଛନ୍ତି। ଅନ୍ୟମାନେ ରୋହିଣୀ ସେକ୍ଟର ୯ ଏବଂ ୧୧, ଆଦର୍ଶ ନଗର ଓ ସିଗ୍‌ନେଚର ବ୍ରିଜ୍ ନିକଟରେ ରହୁଛନ୍ତି। ସେମାନେ ନାଗରିକତ୍ୱ ବିଲ୍ ପାସ୍‌କୁ ଆଗ୍ରହର ସହ ଅପେକ୍ଷା କରି ରହିଥିବା ଦେଖାଯାଇଥିଲା। ଭୋଟ ଅଧିକାର ନ ଥିବାରୁ ସେମାନଙ୍କ ଅସୁବିଧା ସମ୍ପର୍କରେ ଦିଲ୍ଲୀ ସରକାର ଶୁଣୁ ନ ଥିବା ସୋନା ଦାସ(୪୨) ନାମକ ବ୍ୟକ୍ତି କହିଛନ୍ତି। ପାକିସ୍ତାନରେ ଅତ୍ୟାଚାରର ସମ୍ମୁଖୀନ ହୋଇ ୨୦୧୧ର ଏକ ଶୀତ ରାତିରେ ସେ ତାଙ୍କ ପରିବାର ସହ ଦିଲ୍ଲୀ ପଳାଇଆସିଥିଲେ। ଏହି ବିଲ୍ ପାସ୍ ହେଲେ ଭାରତରେ ଅନ୍ୟୁନ ୫ ବର୍ଷ ରହିଥିବା ଅଣମୁସଲମାନଙ୍କୁ ନାଗରିକତ୍ୱ ଅଧିକାର ମିଳିବ।



ଚେନ୍ନାଇରେ ମାଡ୍ରାସ୍ ୟୁନିଭର୍ସିଟି ଛାତ୍ରୀଛାତ୍ରଙ୍କ ବିକ୍ଷୋଭ।


ଗୁଆହାଟୀରେ ଅଗ୍ନିଶମ ବାହିନୀର ଗାଡ଼ିକୁ ଭଙ୍ଗାରୁଜା କରିଛନ୍ତି ଆନ୍ଦୋଳନକାରୀ।



ଦିଲ୍ଲୀ ଯନ୍ତରମନ୍ତରରେ ଏସ୍‌ୟୁସିଆଇ କର୍ମୀଙ୍କ ବିକ୍ଷୋଭ ପ୍ରଦର୍ଶନ।



ଜଣେ ବ୍ୟକ୍ତିଙ୍କୁ ଭଲପାଇବାର ଅର୍ଥ ଭଗବାନଙ୍କ ମୁହଁ ଦେଖିବା। ଏହା କେବଳ ଅନୁଭବ ନୁହେଁ, ତା'ଠାରୁ ଯଥେଷ୍ଟ ବେଶି।

–ଅନୁଷ୍କା ଶର୍ମା,
ବଲିଉଡ୍ ଅଭିନେତ୍ରୀ





# ବ୍ରେକ୍ଅପ୍ ପରେ ବି ଦୋସ୍ତି

**ମୁମ୍ବାଇ:** ବଲିଉଡ୍ ଏକ୍ସ କପଲ୍ କାର୍ତ୍ତିକ ଆର୍ୟନ ଏବଂ ସାରା ଅଲୀ ଖାନ୍ଙ୍କୁ ନେଇ ଏବେ ପୁଣି ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ସୋସିଆଲ୍ ମିଡିଆରେଏକ ଭିଡିଓ ଭାଇରାଲ ହେବା ପରେ ଦୁହେଁ ଚର୍ଚ୍ଚାକୁ ଆସିଛନ୍ତି। କିଛିଦିନ ପୂର୍ବେ ଉଭୟଙ୍କ ବ୍ରେକ୍ଅପ୍ ହୋଇଯାଇଥିବା ଖବର ଆସିଥିଲା। ହେଲେ ଦୁହେଁ ପରସ୍ପର ପ୍ରତି ଏବେ ବି ଯତ୍ନଶୀଳ ଥିବା ଜଣାପଡୁଛି।

କାର୍ତ୍ତିକ-ସାରା ବଲିଉଡ୍‌ର କ୍ୟୁଟ୍ ଲଭ୍-ବାର୍ଡ ତାଲିକାରେ ସାମିଲ ଥିଲେ। କିନ୍ତୁ ପରସ୍ପରକୁ ସମୟ ଦେଇପାରୁ ନ ଥିବାରୁ ଉଭୟ ମ୍ୟୁଚୁଆଲ୍ ବ୍ରେକ୍ଅପ୍ କରିଥିବା ଖବର କିଛିଦିନ ଆଗରୁ ଜଣାପଡ଼ିଥିଲା। ହେଲେ ବ୍ରେକ୍ଅପ୍ ପରେ ବି ସେମାନେ ଭଲ ବନ୍ଧୁ ହୋଇ ରହିବେ ବୋଲି କହିଥିଲେ, ଯାହା ଏବେ ଦେଖିବାକୁ ମିଳିଛି। ଏକ ଆୱାର୍ଡ ସେରିମୋନିରେ ସାରାଙ୍କ ସହ କାର୍ତ୍ତିକଙ୍କୁ ଗୋଟିଏ ମଞ୍ଚରେ ଦେଖିବାକୁ ମିଳିଥିଲା। ଏହି ଅବସରରେ ସାରାଙ୍କୁ ଗୋଟିଏ ଗୋଡ଼ରେ ହିଲ୍ ପିନ୍ଧି କ୍ୟାଟ୍ ୱାକ୍ କରିବାକୁ କାର୍ତ୍ତିକ ଚ୍ୟାଲେଞ୍ଜ କରିଥିଲେ। ଚ୍ୟାଲେଞ୍ଜ ଗ୍ରହଣ କରି ସାରା ଗୋଟିଏ ହିଲ୍ ବାହାର କରି ହାତରେ ଧରି କେବଳ ଗୋଟିଏ ହିଲ୍ ପିନ୍ଧି କ୍ୟାଟ୍ ୱାକ୍ କରିବା ଆରମ୍ଭ କରିଥିଲେ। ଏତିକିବେଳେ ବାଲାନ୍ସ ଫେଲ୍ ହୋଇ ସାରା ପଡ଼ିଯାଉଥିବା ସମୟରେ କାର୍ତ୍ତିକ ତାଙ୍କୁ ସହାୟତାର ହାତ ବଢ଼ାଇ ଧରିପକାଇଥିଲେ। ଏ ସମସ୍ତ ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଫ୍ୟାନ୍‌ମାନେ ପୁଣି ଉଭୟ ଏକାଠି ହେବା ନେଇ ଆଶା ବାନ୍ଧିଛନ୍ତି। ଏଥିରୁ ଲାଗୁଛି ଉଭୟ ଏବେ ବି ଭଲ ବନ୍ଧୁ ହୋଇ ନିଜର ସମ୍ପର୍କ ବଜାୟ ରଖିଛନ୍ତି। ଅନ୍ୟପଟେ ସାରାଙ୍କ ସହ ବ୍ରେକ୍ଅପ୍ ପରେ ଅନନ୍ୟା ପାଣ୍ଡେଙ୍କୁ କାର୍ତ୍ତିକ ଡେଟ୍ କରୁଥିବା ଶୁଣିବାକୁ ମିଳିଛି। ତେବେ ଫିଲ୍ମ 'ଆଜ୍ କଲ୍'ରେ କାର୍ତ୍ତିକ-ସାରାଙ୍କ ରୋମାନ୍ସ ଦେଖିବାକୁ ମିଳିବ। ଫିଲ୍ମଟି ୨୦୨୦ ଫେବୃଆରୀ ୧୪ରେ ରିଲିଜ୍ ହେବ।

# କକ୍ଷପଥରେ ଗୋଇନ୍ଦା ଉପଗ୍ରହ

## 'ରିସାଟ୍-୨ବିଆର୍ ୧'ର ସଫଳ ଉତ୍କ୍ଷେପଣ କଲା ଇସ୍ରୋ

**ନୂଆଦିଲ୍ଲୀ:** ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାରୁ ଭାରତର ଅତ୍ୟାଧୁନିକ ଗୋଇନ୍ଦା ଉପଗ୍ରହ 'ରିସାଟ୍-୨ବିଆର୍ ୧'କୁ ଇସ୍ରୋ ପକ୍ଷରୁ ରକେଟ୍ ଲଞ୍ଚର ମାଧ୍ୟମରେ ସଫଳତାର ସହ ପ୍ରେରଣ କରାଯାଇ ବୁଧବାର କକ୍ଷପଥରେ ଅବସ୍ଥାପିତ କରାଯାଇଛି। ପିଏସ୍ଏଲ୍ଭି- ସି୪୮ ରକେଟ୍‌ରୁ ଏହାକୁ ପ୍ରେରଣ କରାଯାଇଛି। ଏଥିସହ ଆମେରିକା, ଇଟାଲି, ଜାପାନ ଓ ଇସ୍ରାଏଲର ୯ଟି ଉପଗ୍ରହକୁ ମଧ୍ୟ ସଫଳତାର ସହ ପ୍ରେରଣ କରାଯାଇ ପାରିଛି। ଅପରାହ୍ନ ୩ଟା ୨୫ରେ ରକେଟ୍ ଦ୍ୱାରା ଏହାକୁ ପ୍ରେରଣ କରିବାର ମାତ୍ର ୧୬ ମିନିଟରେ 'ରିସାଟ୍-୨ବିଆର୍ ୧' ୫୭୬ କି.ମି. ଉପରେ କକ୍ଷପଥରେ ଅବସ୍ଥାପନ କରିଥିଲା। ଏହା ୫ ବର୍ଷ ଧରି ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରିବ ବୋଲି ଜଣାପଡ଼ିଛି। ମାତ୍ର ୨୧ ମିନିଟ ମଧ୍ୟରେ ଏହି ମିଶନକୁ ସମ୍ପୂର୍ଣ୍ଣ କରାଯାଇଛି। ୬୨୮ କିଲୋର ଏହି ଉପଗ୍ରହ ଭାରତର ପ୍ରତିରକ୍ଷା, କୃଷି, ଜଙ୍ଗଲ ଓ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ସୁଫଳ ଆଣିଦେବ। ସୀମା ଉପରେ ସତର୍କ ନଜର ରଖିବା, ପାଣିପାଗ ସମ୍ପର୍କରେ ସତର୍କ କରାଇବା ଭଳି ତଥ୍ୟ ଏହା ଯୋଗାଇବ। ଚନ୍ଦ୍ରୟାନ-୨ ମିଶନକୁ ମିଶାଇ ୨୦୧୯ରେ ଇସ୍ରୋ ପକ୍ଷରୁ ମହାକାଶକୁ ଏହା ଷଷ୍ଠ ଉପଗ୍ରହ ପ୍ରେରଣ ବୋଲି ଜଣାପଡ଼ିଛି। ପିଏସ୍ଏଲ୍ଭିରୁ ପ୍ରେରଣ କରାଯାଇଥିବା ୫୦ ଉପଗ୍ରହ ମଧ୍ୟରେ ୪୮ଟି ସଫଳ ହୋଇଥିବା ପ୍ରକାଶ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ୧୯୯୩ ସେପ୍ଟେମ୍ବରରେ ଇସ୍ରୋ ୩୧୦ବିଦେଶୀ ଉପଗ୍ରହକୁ ପ୍ରଥମ ମିଶନରେ ସଫଳତାର ସହ ପ୍ରେରଣ କରିବାକୁ ସମର୍ଥ ହୋଇଥିଲା।



# ଇଲେକ୍ଟ୍ରିକ୍ ମାଛକୁ ୩୬ ଲକ୍ଷ ଲାଇକ୍

## ସୋସିଆଲ ମିଡିଆରେ ଭାଇରାଲ

**ୱାଶିଂଟନ:** ମାଛ ପୁଣି ଇଲେକ୍ଟ୍ରିକ୍। ଶୁଣି ଅଡୁଆ ଲାଗୁଥିଲେ ମଧ୍ୟ ଏମିତି ମାଛ ଦେଖିବାକୁ ମିଳିଛି ଆମେରିକାରେ। ମିଗୁଏଲ୍ ୱାଟ୍‌ସନ୍ ନାମକ ଏହି ଇଲେକ୍ଟ୍ରିକ୍ ଇଲ୍ ମାଛ ଦେଖିବାକୁ ସର୍ପାକୃତି ଭଳି। ଏବେ ସୋସିଆଲ ମିଡିଆରେ ଏହା ଭାଇରାଲ ହେବାରେ ଲାଗିଛି। ଯାହାକି ଖ୍ରୀଷ୍ଟମାସ ଟ୍ରି'କୁ ଉଜ୍ଜ୍ୱଳ ଆଲୋକ ଦେବ। ଏହି ଇଲେକ୍ଟ୍ରିକ୍ ଇଲ୍ ମାଛ ସହରର 'ଚଟାନୁଗା'ଆକ୍ୱାରିୟମ୍‌ରେ ରଖାଯାଇଛି। ଖ୍ରୀଷ୍ଟମାସ ଅବସରରେ ଏହି ଆକ୍ୱାରିୟମ୍ ଭିତରେ ଏକ ଖ୍ରୀଷ୍ଟମାସ ଟ୍ରି' ରଖାଯାଇଛି। ଇଲେକ୍ଟ୍ରିକ୍ ଇଲ୍‌ରେ ଜେନେରେଟର ଖଞ୍ଜାଯାଇଛି। ଯାହା ଦ୍ୱାରା ଆକ୍ୱାରିୟମକୁ ବିଦ୍ୟୁତ୍ ମିଳିବ। ଆକ୍ୱାରିୟମ ଇଞ୍ଜିନିୟରମାନେ ୱାଟସନ୍‌ର ଟ୍ୟାଙ୍କ୍‌ରେ ଏକ ଖାସ୍ ସେନ୍‌ସର ଲଗାଇଛନ୍ତି। ଯେତେବେଳେ ଏହା ମଧ୍ୟକୁ କରେଣ୍ଟ ପାସ୍ କରିବ, ସେନ୍‌ସର ଏହି ଗଛରେ ଲାଗିଥିବା ଲାଇଟ୍ ଏବଂ ସାଉଣ୍ଡ୍ ନିକଟରେ ପହଞ୍ଚିବ। ସେତେବେଳେ ଏହା ଆଲୋକମୟ ହେବା ସହ ମ୍ୟୁଜିକ୍ ବାଜିଉଠିବ। ଏହି ଇଲ୍ ୧୦ ଭୋଲ୍‌ଟର ବିଜୁଳି ସୃଷ୍ଟି କରିପାରିବ। ଏହାର ୮୦୦ ଭୋଲ୍‌ଟ ପର୍ଯ୍ୟନ୍ତ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ରହିଛି। ଏହି ଇଲ୍ ଏକ ନାଇଫ୍ ଫିସ୍। ଏହା ଯେତେବେଳେ ସ୍ପାର୍କ କରିବ ସେନ୍‌ସର୍ ଏହି କରେଣ୍ଟକୁ ଏକ ଫ୍ୟୁଜ୍ ବକ୍ସରେ କମ୍ପ୍ୟୁଟର ପ୍ରୋଗ୍ରାମ ସହ ସିଙ୍କ୍ କରିବ ବା ବୁଝିଯିବ। ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଇଲେକ୍ଟ୍ରିକ୍ ଇଲ୍ ମାଛକୁ ପ୍ରାୟ ୩୭ ଲକ୍ଷରୁ ଉର୍ଦ୍ଧ୍ୱ ୟୁଜର ଲାଇକ୍ କରିସାରିଲେଣି।



କିମି କାଟ୍କର



# ୫୪ରେ ଅମିତାଭଙ୍କ 'ଜୁମା ଚୁମା' ଗାର୍ଲ

**ମୁମ୍ବାଇ:** ବଲିଉଡ୍ ସୁପରଷ୍ଟାର ଅମିତାଭ ବଚ୍ଚନଙ୍କ 'ଜୁମା ଚୁମା' ଗାର୍ଲଙ୍କୁ କେହି ବି ଭୁଲିପାରିବେ ନାହିଁ। ୧୯୯୧ରେ ଆସିଥିବା ଫିଲ୍ମ 'ହମ୍'ରେ ବୋଲ୍ଡ ସିନ୍ ଦେଇଥିଲେ ଏହି ଅଭିନେତ୍ରୀ। ସେ ଆଉ କେହି ନୁହନ୍ତି, କିମି କାଟ୍କର ହେଉଛନ୍ତି ବିଗ୍ ବିଙ୍କ 'ଜୁମା ଚୁମା' ଗାର୍ଲ। ବୁଧବାର ତାଙ୍କର ୫୪ତମ ଜନ୍ମଦିବସ। କିମି କାଟ୍କର ୮୦-୯୦ ଦଶକରେ ବୋଲ୍ଡ ହିରୋଇନ୍ଙ୍କ ମଧ୍ୟରୁ ଜଣେ। ୧୯୮୫ରେ ଫିଲ୍ମ 'ପଥର ଦିଲ୍'ଜରିଆରେ କ୍ୟାରିୟର ଆରମ୍ଭ କରିଥିଲେ। ଏହା ପରେ ତାଙ୍କୁ 'ଆଡ୍‌ଭେଞ୍ଚର୍ସ ଅଫ୍ ଟାର୍ଜନ'ରେ ମୁଖ୍ୟ ଭୂମିକା ମିଳିଥିଲା। ଫିଲ୍ମଟି ଫ୍ଲପ୍ ହୋଇଥିଲେ ମଧ୍ୟ ଏହା କିମିଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଥିଲା। ଫିଲ୍ମରେ ସେ ଏତେ ବୋଲ୍ଡ ସିନ୍ ଦେଇଥିଲେ ଯେ, ତାଙ୍କୁ ସେକ୍ସି ହିରୋଇନ୍ ଭାବେ ସମସ୍ତେ ଜାଣିଗଲେ। ଏହି ଫିଲ୍ମ ପରଠାରୁ କିମିଙ୍କ ଭାଗ୍ୟ ବଦଳିଗଲା। ଗୋଟିଏ ପରେ ଗୋଟିଏ ଫିଲ୍ମର ଅଫର ତାଙ୍କ ନିକଟକୁ ଆସିଲା। 'ଜୈସି କର୍‌ନୀ ଉସ୍‌ସେ ଭରନୀ', 'ଗୈର କାନୁନି', 'ମେରା ଲହୁ' ପରି ଅନେକ ଫିଲ୍ମରେ ସେ ଅଭିନୟ କରିଛନ୍ତି। ୧୯୯୧ରେ ଅମିତାଭଙ୍କ ସହ ଅଭିନୟ କରିଥିବା 'ହମ୍' ଫିଲ୍ମ ସବୁଠୁ ହିଟ୍ ହୋଇଥିଲା। ଏହା ପରଠାରୁ କିମି ଫିଲ୍ମ ଲାଇନ୍‌ରୁ ଦୂରେଇ ଯାଇଥିଲେ। ୧୯୯୨ରେ ସେ ଫଟୋଗ୍ରାଫର ତଥା ଆଡ୍ ଫିଲ୍ମ ମେକର ଶାନ୍ତନୁ ଶୌରୀଙ୍କୁ ବିବାହ କରିନେଲେ। ବିବାହ ପରେ ସେ ମେଲବର୍ଣ୍ଣ ଚାଲିଗଲେ। ତାଙ୍କର ସିଦ୍ଧାର୍ଥ ନାମକ ଜଣେ ପୁଅ ଅଛନ୍ତି। କିମି ଏବେ ସପରିବାର ପୁଣେରେ ରହୁଛନ୍ତି।

# ପ୍ରଶଂସା ସାଉଁଟୁଛି 'ସିନିୟର ସଙ୍ଗ୍ ବୁକ୍'

## ଆଲବମ୍‌ରେ ବୟସର ଯନ୍ତ୍ରଣା, ବଞ୍ଚିବାର ମୋହ

**ପେନ୍‌ସିଲଭାନିଆ:** ପରିଣତ ବୟସ ହୋଇଥାଏ ବେଶ୍ ଯନ୍ତ୍ରଣାଦାୟକ। ପାଖରେ ସାଙ୍ଗସାଥୀ ନ ଥାନ୍ତି କି ମନକୁ ବୁଝିଲା ଭଳି ମଣିଷ। ତଥାପି ନିଜର ଭାବନାକୁ ବ୍ୟକ୍ତ କରିବାକୁ ବୟସ୍କମାନେ ଖୋଜୁଥାନ୍ତି ସୁଯୋଗ। ଏହା ମିଳିଗଲେ ସେମାନେ ହୋଇପଡ଼ନ୍ତି ବେଶ୍ ଭାବପ୍ରବଣ। ପେନ୍‌ସିଲଭାନିଆର ଦୁଇଜଣ ସେବାନିବୃତ୍ତ ବନ୍ଧୁ ବାର୍ଦ୍ଧକ୍ୟର କଷ୍ଟକର ଅନୁଭବକୁ ନେଇ ରିଲିଜ କରିଛନ୍ତି 'ସିନିୟର ସଙ୍ଗ୍ ବୁକ୍', ଯାହା ଏବେ ଦେଶବିଦେଶରେ ସାଉଁଟୁଛି ଢେର୍ ପ୍ରଶଂସା।

୧୦୨ ବର୍ଷୀୟ ଟ୍ରିପ୍ପ ଏବଂ ୮୮ ବର୍ଷୀୟ ବିସ୍‌ୱାର୍ଡ ପାଖାପାଖି ରୁହନ୍ତି। ବିସ୍‌ୱାର୍ଡ ଜଣେ ପିଆନୋ ବାଦକ। ଦିନେ ସେ ଏକାଲୟରେ ପିଆନୋ ବଜାଉଥିଲେ। ଏହାର ସ୍ୱରକୁ ଅନୁକରଣ କରି ଟ୍ରିପ୍ପ ଲେଖିଦେଲେ କେଇଧାଡ଼ି। ପରେ ସ୍ୱରକୁ ଦେଖି ସେ ଏହାକୁ କବିତାର ରୂପ ଦେବାକୁ ସ୍ଥିର କଲେ। ତାଙ୍କ ପ୍ରତିଟି ଶବ୍ଦରେ ରହିଥିଲା ବଢୁଥିବା ବୟସର କଷ୍ଟ, ଯନ୍ତ୍ରଣା ଆଉ ଏକାକୀପଣ। ଦୁଇବର୍ଷ ମଧ୍ୟରେ ଉଭୟେ ଦୈନିକ ୩୦ ମିନିଟ ଲେଖାଏ ଅଭ୍ୟାସ କରିଚାଲିଲେ। ଏହାପରେ ବିସ୍‌ୱାର୍ଡଙ୍କ ପିଆନୋର ସ୍ୱର ସହିତ ଟ୍ରିପ୍ପଙ୍କ ଡ୍ରିମ୍ ପ୍ରୋଜେକ୍ଟ ନେଇଥିଲା ଆଲ୍‌ବମର ରୂପ। 'ସିନିୟର ସଙ୍ଗ୍ ବୁକ୍' ନଭେମ୍ବର ୧୫ରେ ରିଲିଜ ହୋଇଛି। ଏଥିରେ ରହିଛି ମୋଟ ୮ଟି ଗୀତ। ବୟସର ଯନ୍ତ୍ରଣା, ବଞ୍ଚିବାର ମୋହକୁ ନେଇ ଉକ୍ତ ଆଲବମରେ ସ୍ୱର ସଂଯୋଜନା କରାଯାଇଛି। ଏଥିରେ ୨୦୨୦ର ଆଧୁନିକତା ସାଙ୍ଗକୁ ୧୯୪୦ର ଭାବନାତ୍ମକ ଦୃଷ୍ଟିଭଙ୍ଗୀକୁ ଚମତ୍କାର ଭାବେ ମିଶ୍ରଣ କରାଯାଇଛି। ଏହି ଆଲବମକୁ କେବଳ ବୟସ୍କ ନୁହନ୍ତି, ଯୁବପିଢ଼ି ମଧ୍ୟ ବେଶ୍ ପସନ୍ଦ କରୁଛନ୍ତି। ଏହାର ପ୍ରତ୍ୟେକଟି ଗୀତ ଏତେ ସୁନ୍ଦର ହୋଇଛି ଯେ, ଆଲବମର ପ୍ରଥମ ସଂସ୍କରଣ ମାତ୍ର କିଛିଦିନ ମଧ୍ୟରେ ବିକ୍ରି ହୋଇଯାଇଛି। ଶ୍ରୋତାମାନେ ଇ-ମେଲ୍‌ରେ ଏହାକୁ ଭରପୂର ପ୍ରଶଂସା କରୁଛନ୍ତି। ଏହାର ମୂଲ୍ୟ ରହିଛି ୧୭ ଆମେରିକୀୟ ଡଲାର, ଯାହା ଭାରତୀୟ ମୁଦ୍ରାରେ ୧୨୦୦ ଟଙ୍କା ହେବ। ଏହାକୁ ଅନ୍‌ଲାଇନରେ ଡାଉନଲୋଡ୍ କଲେ ମାତ୍ର ୧୦ ଡଲାର ଖର୍ଚ୍ଚ କରିବାକୁ ପଡ଼ିବ। ଟ୍ରିପ୍ପ ଏବଂ ବିସ୍‌ୱାର୍ଡଙ୍କ ଏହା ହେଉଛି ପ୍ରଥମ ଆଲବମ। ଏହା ପୂର୍ବରୁ ଦୁହେଁ ସଙ୍ଗୀତ ଜଗତ ସହିତ ଜଡ଼ିତ ନ ଥିଲେ। କବିତା ଆଲବମରେ ନିଜର ଅନୁଭବ ଏବଂ ଅନୁଭୂତିକୁ ବ୍ୟକ୍ତ କରିପାରିଥିବାରୁ ଉଭୟେ ବେଶ୍ ଖୁସି ଅଛନ୍ତି।



# ମଇଁଷିର ଦାମ ୫୧ ଲକ୍ଷ

ମଇଁଷିର ଦାମ ୫୧ ଲକ୍ଷ ଟଙ୍କା ଶୁଣିଲେ ଆଶ୍ଚର୍ଯ୍ୟ ଲାଗିବା ସ୍ୱାଭାବିକ। ତେବେ ଏହା ସତ କଥା। ହରିୟାଣାର ମୁର୍ରା ପ୍ରଜାତିର ଏକ ମଇଁଷିର ଦାମ ଏପରି ରହିଛି। ଏହି ମଇଁଷିକୁ ମାଲିକ ସୁଖବୀର ସିଂ ଦାଣ୍ଡା ଆଦରରେ ସରବତୀ ନାମ ଦେଇଛନ୍ତି। ମଇଁଷିଟି ୩୨.୬୬ ଲିଟର କ୍ଷୀର ଦେଇ ଏବେ ରେକର୍ଡ କରିଛି। ଅନ୍ତର୍ଜାତୀୟ ପିଡ଼ିଏଫ୍ ଡାଏରୀ ଏକ୍ସପୋ-୨୦୧୯ରେ ଏହି ରେକର୍ଡ ହୋଇଛି। ୨୦୧୮ରେ ଏହି ରେକର୍ଡ ପାକିସ୍ତାନର ଫଇସଲାବାଦ୍‌ର ଏକ ମଇଁଷି ନାମରେ ଥିଲା। ସେହି ମଇଁଷିଟି ୩୨.୫୦ ଲିଟର କ୍ଷୀର ଦେଉଥିଲା। ମୁର୍ରା ପ୍ରଜାତିର ମଇଁଷି ଅଧିକ ପରିମାଣ କ୍ଷୀର ଦେଇଥାନ୍ତି।



କିଛିଦିନ ତଳେ ସରବତୀର ବାଛୁରୀକୁ ମାଲିକ ସୁଖବୀର ତାମିଲନାଡୁର ଜଣେ ଲୋକଙ୍କୁ ସାଢ଼େ ୪ ଲକ୍ଷ ଟଙ୍କାରେ ବିକ୍ରି କରିଥିବା ଡାଏରୀ ଏକ୍ସପୋରେ ସୂଚନା ଦେଇଛନ୍ତି।

## ଲିଷ୍ଟ ଜାରି କଲା ଗୁଗଲ୍ ଇଣ୍ଡିଆ

# ଟପ୍ ୧୦ରେ ଅଭିନନ୍ଦନ, ରାନୁ

**ନୂଆଦିଲ୍ଲୀ:** ସର୍ଚ୍ଚ ଇଞ୍ଜିନ୍ ଗୁଗଲ୍‌ରେ ୨୦୧୯ରେ ସର୍ଚ୍ଚ କରାଯାଇଥିବା ସବୁଠୁ ଚର୍ଚ୍ଚିତ ବିଷୟ, ବ୍ୟକ୍ତିବିଶେଷ, ସମାଚାର ଆଦିର ତାଲିକା ଗୁଗଲ ଇଣ୍ଡିଆ ପକ୍ଷରୁ ଜାରି କରାଯାଇଛି। ତାଲିକାରେ ଚଳିତବର୍ଷ ଗୁଗଲ୍‌ରେ ସର୍ଚ୍ଚ କରାଯାଇଥିବା ଟ୍ରେଣ୍ଡି ଟପିକ୍‌ଗୁଡ଼ିକ ସମ୍ପର୍କରେ ସୂଚନା ଦିଆଯାଇଛି। ସର୍ଚ୍ଚ ଇଞ୍ଜିନ ଜଏଣ୍ଟ ପକ୍ଷରୁ କୁହାଯାଇଛି, ୨୦୧୯-କ୍ରିକେଟ୍ ୱାର୍ଲ୍ଡ କପ୍ ସବୁଠୁ ଅଧିକ ଟ୍ରେଣ୍ଡି ଟପିକ୍ ଥିଲା। ଏହାବାଦ୍ ଲୋକସଭା ନିର୍ବାଚନ, ଚନ୍ଦ୍ରାୟନ-୨, କବିର ସିଂ ଓ ଆଭେଞ୍ଜର୍ସ ଏଣ୍ଡଗେମ୍ ଅଧିକ ଥର ସର୍ଚ୍ଚ କରାଯାଇଥିଲା। ସେହିପରି ଗୁଗଲ ଇଣ୍ଡିଆ ପ୍ଲାଟଫର୍ମରେ ସବୁଠୁ ଅଧିକ ସର୍ଚ୍ଚ କରାଯାଇଥିବା ୫ ବ୍ୟକ୍ତିବିଶେଷ ହେଲେ ୱିଙ୍ଗ କମାଣ୍ଡର ଅଭିନନ୍ଦନ ବର୍ଥମାନ, ଲତା ମଙ୍ଗେସକର, ଯୁବରାଜ ସିଂ, ଆନନ୍ଦ କୁମାର ଓ ଭିକି କୌଶଳ। ତେବେ ଏହି ଲିଷ୍ଟରେ ସୋସିଆଲ୍ ମିଡିଆ ମାଧ୍ୟମରେ ରାତିରାତି ଫେମସ୍ ହୋଇଥିବା ରାନୁ ମଣ୍ଡଳ ୧୦ଜଣଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ଗୁଗଲ୍ ବ୍ୟବହାରକାରୀଙ୍କ ଦ୍ୱାରା ପଚରା ଯାଇଥିବା ପ୍ରଶ୍ନ ମଧ୍ୟରେ ଆର୍ଟିକିଲ-୩୭୦ ସମ୍ପର୍କରେ ଅଧିକ ଥର ସର୍ଚ୍ଚ କରାଯାଇଥିଲା। ଏହାବାଦ୍ ଏକ୍‌ଜିଟ୍ ପୋଲ୍, ବ୍ଲାକ୍‌ହୋଲ୍, ହ୍ୱାଟ୍ସଆପ୍ ମୋଦି ଓ ଇ-ସିଗାରେଟ୍ ସମ୍ପର୍କିତ ପ୍ରଶ୍ନ ଅଧିକ ଥର ସର୍ଚ୍ଚ ହୋଇଥିଲା। ସେହିଭଳି ବର୍ଷସାରାର ବିବାଦୀୟ ବିଷୟ ସର୍ଚ୍ଚ କରାଯିବାରେ ପ୍ରଥମେ ରହିଛି ଅଯୋଧ୍ୟା ମାମଲା, ସର୍ଜିକାଲ୍ ଷ୍ଟ୍ରାଇକ୍ ଓ ଏନ୍ଆର୍‌ସି (ନ୍ୟାଶନାଲ ରେଜିଷ୍ଟର ଅଫ୍ ସିଟିଜେନ୍ସ ଅଫ୍ ଇଣ୍ଡିଆ)। ଏହାଛଡ଼ା ଚଳିତବର୍ଷ ଗୁଗଲ୍‌ରେ ଟ୍ରେଣ୍ଡ କରିଥିବା ଫିଲ୍ମ ମଧ୍ୟରେ କବିର ସିଂ ଶୀର୍ଷ ସ୍ଥାନ ଅଧିକାର କରିଥିବା ବେଳେ ଦ୍ୱିତୀୟରେ ରହିଛି ଆଭେଞ୍ଜର୍ସ ଏଣ୍ଡଗେମ୍। ଏହାପରେ ଜୋକର, କ୍ୟାପ୍‌ଟେନ ମାର୍ଭେଲ, ସୁପର-୩୦, ମିଶନ ମଙ୍ଗଲ, ଗଲିବୟ, ଯୁଦ୍ଧ, ହାଉସ୍‌ଫୁଲ୍-୪ ଏବଂ ଉରୀ ଫିଲ୍ମ ଅଧିକ ଥର ସର୍ଚ୍ଚ କରାଯାଇଥିବା ଗୁଗଲ୍ ପକ୍ଷରୁ ପ୍ରକାଶିତ ତାଲିକାରେ ଦର୍ଶାଯାଇଛି।





ସେ ନେପଥ୍ୟ ନାୟକ, ପରଦା ପଛର ସୁପରହିରୋ। ମଞ୍ଚନାଟକ,ଟେଲିଭିଜନ, ସିନେମା ଓ ସାହିତ୍ୟ ଜଗତର ଏହି ଲୋକପ୍ରିୟ ଚେହେରା ହେଉଛନ୍ତି ବିଜୟ ମିଶ୍ର। ଦୀର୍ଘ ୬ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଓଡ଼ିଶାବାସୀଙ୍କର ମନୋରଞ୍ଜନ କରିଆସିଛନ୍ତି। ୧୯୭୨ରେ ଓଡ଼ିଆ ଚଳଚ୍ଚିତ୍ର ଜଗତର ଚିରସବୁଜ ସିନେମା 'ଯାଯାବର' ମାଧମରେ ଫିଲ୍ମ ଦୁନିଆରେ ପାଦ ଦେଇଥିବା ବିଜୟ ଏହି ଫିଲ୍ମର କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ଲେଖିବା ସହ ନିର୍ଦ୍ଦେଶନା ମଧ ଦେଇଛନ୍ତି। 'ରଜନୀଗନ୍ଧା', 'ସୁନା ଚଢେଇ', 'ହାକିମ ବାବୁ', 'ବୋଉ', 'ଲକ୍ଷେ ଶିବ ପୂଜି ପାଇଛି ପୁଅ', 'ପଞ୍ଜୁରି ଭିତରେ ଶାରୀ', 'ପରଦେଶୀ ଚଢେଇ', 'ସପନ ବଣିକ', ଡୋରା', 'ଜନନୀ' ଭଳି ୬୦ରୁ ଊର୍ଦ୍ଧ୍ୱ ଓଡ଼ିଆ ସିନେମାର କାହାଣୀ ବି ଲେଖିଛନ୍ତି। ଚଳଚ୍ଚିତ୍ର ଜଗତକୁ ଜୀବନବ୍ୟାପୀ ସାଧନା ପାଇଁ ଓଡ଼ିଆ ଚଳଚ୍ଚିତ୍ର କ୍ଷେତ୍ରରେ ପ୍ରଦାନ କରାଯାଉଥିବା ସର୍ବୋଚ୍ଚ ସମ୍ମାନ 'ଜୟଦେବ ପୁରସ୍କାର' ହାସଲ କରିଥିବା ବିଜୟ ମିଶ୍ରଙ୍କ ସହ ଅନ୍ତରଙ୍ଗ ଆଳାପ।

# ନେପଥ୍ୟ ନାୟକ ହେବାକୁ ଭଲପାଏ

ଧରିତ୍ରୀ ଆଳାପ


ବିଜୟ ମିଶ୍ର

**ପରଦା ଆଗକୁ ଆସିବାକୁ କେବେ ଇଚ୍ଛା ହୋଇନି? ନା 'ନେପଥ୍ୟ ନାୟକ'ର ଆଖ୍ୟା ବେଶି ଭଲ ଲାଗେ?**

ପରଦା ଆଗକୁ ଆସିବାକୁ କେବେ ଇଚ୍ଛାକରିନି। ମୁଁ ନେପଥ୍ୟ ନାୟକ ହେବାକୁ ଭଲପାଏ। ଏଥିରେ ମୋତେ ଯେଉଁ ଆତ୍ମସନ୍ତୁଷ୍ଟି ମିଳେ ତାହା ଆଉ କେଉଁଥିରେ ମିଳେନା। କାହାଣୀ ଲେଖିବାକୁ ମୁଁ ଭଲପାଏ। ହେଲେ ସ୍ୱର୍ଗତ ହେମନ୍ତ ଦାସ ଓ ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ ସହ ମିଶି ଯେତେବେଳେ ମୁଁ 'ଯାଯାବର'ର ନିର୍ଦ୍ଦେଶନା ଦେଇଥିଲି ସେତେବେଳେ ମୋତେ ଅନୁଭବ ହେଲା ଚଳଚ୍ଚିତ୍ରରେ ନିର୍ଦ୍ଦେଶନା ଦେବା ବଡ଼ କଷ୍ଟକର ବ୍ୟାପାର। ଫିଲ୍ମର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ମୁଁ ଲେଖିଥିଲେ ମଧ ନିର୍ଦ୍ଦେଶନାରେ ଏକ ନୂଆ ଦିଗକୁ ମୁଁ ଆବିଷ୍କାର କରିଥିଲି। ଏହାପରେ ନିର୍ଦ୍ଦେଶନା ଦେବା ଛାଡିଦେଇଥିଲି। ହେଲେ ସମସ୍ତେ ବାଧ କରିବାକୁ ପୁଣିଥରେ ଫେରିବାକୁ ପଡ଼ିଲା। 'ରଜନୀଗନ୍ଧା' ଚଳଚ୍ଚିତ୍ର ପାଇଁ ୬ଟି ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଥିଲି। ସେହି ସ୍ମୃତି ଓ ଯେଉଁ ଆତ୍ମସନ୍ତୁଷ୍ଟି ମିଳିଥିଲା ଆଜି ବି ତାହା ତାଜା ଅଛି। ଅନେକ ଚଳଚ୍ଚିତ୍ରର ଚିତ୍ରନାଟ୍ୟ ଓ ସଂଳାପ ବି ଲେଖିଛି।

**କେବେ ଆଶା କରିଥିଲେ ଏ ବୟସରେ ଜୟଦେବ ପୁରସ୍କାର ପାଇବେ? କାହାକୁ ଏହାର ଶ୍ରେୟ ଦେବେ?**

ମୋ ପୁଅ ମୋତେ ଫୋନ୍ କରି କହିଥିଲା ବାପା ତୁମେ ଜୟଦେବ ପୁରସ୍କାର ପାଇଛ। ଶୁଣିବା ପରେ ବହୁତ ଖୁସି ଲାଗିଲା। ଦୀର୍ଘ ୬୦ବର୍ଷ ଧରି ଚଳଚ୍ଚିତ୍ର ଜଗତରେ କାମ କରିସାରିବା ପରେ ମୋ କାମକୁ ସ୍ୱୀକୃତି ମିଳିଲା। ଦର୍ଶକ ଆଗରୁ ସ୍ୱୀକୃତି ଦେଇଥିଲେ ମଧ ଏହା ପୁରସ୍କାର ସ୍ୱରୂପ ସ୍ୱୀକୃତି ଥିଲା। ଏଥିପାଇଁ ସଂସ୍କୃତି ବିଭାଗ ଓ ଜୁରୀ ସଦସ୍ୟଙ୍କୁ ମୁଁ ସାଧୁବାଦ ଜଣାଉଛି। ପୁରସ୍କାରର ଶ୍ରେୟ ସମସ୍ତଙ୍କୁ ଦେବି। ପ୍ରଥମେ ସେହି ଦର୍ଶକମାନଙ୍କୁ ଦେବି, ଯେଉଁମାନେ ବର୍ଷ ବର୍ଷ ଧରି ମୋ କାହାଣୀକୁ ଭଲପାଇଛନ୍ତି। ଡାଏଲଗ୍ ଶୁଣି ରାଗିଛନ୍ତି ଓ ତାଳି ବାଡେଇ ଉତ୍ସାହିତ କରିଛନ୍ତି। ମୋତେ ଉତ୍ସାହିତ ଓ ପ୍ରେରଣା ଦେଇଥିବା ମୋ ପରିବାର ସଦସ୍ୟଙ୍କୁ ମଧ ଶ୍ରେୟ ଦେବି।

**ଆପଣଙ୍କ ସମୟର ଚଳଚ୍ଚିତ୍ର ଆଉ ଏବେକାର ଚଳଚ୍ଚିତ୍ର ମଧରେ କ'ଣ ଫରକ ଦେଖୁଛନ୍ତି?**

ଅନେକ ଫରକ ରହିଛି। କେବଳ କାହାଣୀ ନୁହେଁ, ପ୍ରଯୁକ୍ତିବିଦ୍ୟା ଦୃଷ୍ଟିରୁ ବର୍ତ୍ତମାନ ଫିଲ୍ମରେ ଅନେକ ପରିବର୍ତ୍ତନ ଘଟିଛି। ଟେକ୍ନିକାଲ ଓ ଟେକ୍ନୋଲୋଜିକାଲ ବିବର୍ତ୍ତନ ହୋଇଛି। ଟେକ୍ନୋଲୋଜୀ ଦୃଷ୍ଟିକୋଣରୁ ଓଡ଼ିଆ ସିନେମା ଆଗକୁ ବଢିଥିବା ବେଳେ କାହାଣୀ ଦୃଷ୍ଟିରୁ କିନ୍ତୁ ପଛକୁ ପଛକୁ ଯାଉଛି। ଚଳଚ୍ଚିତ୍ରର କାହାଣୀ ଦର୍ଶକ ଭିତରେ ଯେପରି ଭେଦିଯାଏ, ତାହା ଆଉ ଏବେକାର କାହାଣୀରେ ଦେଖିବାକୁ ମିଳୁନି। ବାହାରୁ ବିଷୟବସ୍ତୁ ଆଣି ଫିଲ୍ମ କରାଯାଉଛି। ନିଜ ସଂସ୍କୃତି, ପରମ୍ପରା ଛାଡି ଓଡ଼ିଆ ଫିଲ୍ମରେ ମଙ୍ଗଳସୂତ୍ର ପିନ୍ଧିବା ପରମ୍ପରା ଦେଖିବାକୁ ମିଳୁଛି। ମୋଟାମୋଟିଭାବେ ଆମ ଫିଲ୍ମରେ ଆଉ ସେ ଓଡ଼ିଆତ୍ୱର ମହକ ରହୁନି।

**ନିର୍ଦ୍ଦେଶନା, କାହାଣୀ, ସଂଳାପ ରଚନା ନା ମଞ୍ଚନାଟକ । କେଉଁଟି ହୃଦୟର ଅଧିକ ନିକଟବର୍ତ୍ତୀ?**

ଯେଉଁ କାମରେ ମୁଁ ନିଜେ ସଂଶ୍ଳିଷ୍ଟ ନ ଥାଏ, ସେ କାମ କରେ ନାହିଁ। ଯାହା ମୋତେ ଭଲଲାଗେ ତାହା ହିଁ କରେ। ତେଣୁ ମୋର ସବୁକାମ ମୋ ହୃଦୟର ନିକଟତର। ସ୍କ୍ରିପ୍ଟ ଲେଖିବା ହେଉ କି ମଞ୍ଚ ନାଟକର ନିର୍ଦ୍ଦେଶନା ଦେବା, ସବୁଥିରେ ମୁଁ ସନ୍ତୁଷ୍ଟି ପାଏ। ମଞ୍ଚନାଟକ କଥା କହିବି, ବିଷୟବସ୍ତୁକୁ ନ ଧରିବା ପର୍ଯ୍ୟନ୍ତ ମୁଁ ନାଟକ ଲେଖେନାହିଁ। ଚଳଚ୍ଚିତ୍ରରେ କାମ କରି ଚଳଚ୍ଚିତ୍ର ଜଗତକୁ ଆଗେଇନେବା ମୋର ଲକ୍ଷ୍ୟ। 'ଯାଯାବର'ଚଳଚ୍ଚିତ୍ର ପରେ ଓଡ଼ିଆ ଫିଲ୍ମ ଜଗତରେ ଏକପ୍ରକାର ପରିବର୍ତ୍ତନର ଆହ୍ୱାନ ଆସିଥିଲା ଓ ସେଭଳି ଅନେକ ଫିଲ୍ମ ତିଆରି ହୋଇଥିଲା। ଏହି ଫିଲ୍ମ ପରେ ଚଳଚ୍ଚିତ୍ର ଏକ ଲାଭଦାୟକ ବ୍ୟବସାୟ ବୋଲି ଲୋକମାନଙ୍କର ବିଶ୍ୱାସ ଆସିଥିଲା।

**ଜଣେ କଳାକାର ପାଇଁ ପୁରସ୍କାର ଅଧିକ ଗୁରୁତ୍ୱ ବହନ କରେ ନା ଦର୍ଶକଙ୍କ ଭଲପାଇବା ଅଧିକ ଉତ୍ସାହିତ କରେ?**

କିଛି ନୂଆ କାମ କରିବା ପାଇଁ ପୁରସ୍କାର କଳାକାରଙ୍କୁ ଉତ୍ସାହିତ କରେ। ହେଲେ ଏହି ପୁରସ୍କାର ଯଦି ଉଚିତ ସମୟରେ ମିଳେନା ତା'ହେଲେ ଏହା କିଛି କାମରେ ଆସେନା। ଏବେ ମୁଁ ଯେଉଁ ବୟସରେ ଉପନୀତ, ଏ ବୟସରେ ମୁଁ କିଛି କରିବାକୁ ସକ୍ଷମ ନୁହେଁ। ମୋ ଶରୀର ଆଉ ସମର୍ଥ ନୁହେଁ। ତଥାପି ଚଳଚ୍ଚିତ୍ରରେ ଲେଖିବାପାଇଁ ମୋ ପାଖରେ ଅନେକ ଅନୁରୋଧ ରହିଛି। ନିଜକୁ ନିଜେ ପରୀକ୍ଷା କରିବାର ସମୟ ଆସିଛି। ହେଲେ ଏତିକି କହିବି ଦର୍ଶକଙ୍କ ଭଲପାଇବା ସବୁ ସମୟରେ ଓ ସବୁ ମୁହୂର୍ତ୍ତରେ ଆଗକୁ ବଢିବାକୁ ପ୍ରେରଣା ଦିଏ।

**ନିକଟ ଅତୀତରେ ଦେଖିଥିବା କେଉଁ ଓଡ଼ିଆ ଫିଲ୍ମ ଆପଣଙ୍କୁ ଭଲଲାଗିଛି?**

ଆଉ ଫିଲ୍ମ ଦେଖିବାକୁ ଆଖିରେ ଶକ୍ତି ନାହିଁ। ସିନେମା ହଲ୍ ଯାଇ ଓଡ଼ିଆ ଫିଲ୍ମ ଦେଖିବା ଆଉ ମୋ ପକ୍ଷେ ସମ୍ଭବ ହେଉନି। ଯାହା ଦେଖୁଛି ଟେଲିଭିଜନରେ ଦେଖୁଛି। ହେଲେ କେଉଁଟି ଭଲ କେଉଁଟି ଖରାପ କହିବା ଅନୁଚିତ। ଏହା ଏକ ବିବାଦୀୟ ପ୍ରଶ୍ନ।

ସାକ୍ଷାତକାର: ସସ୍ମିତା ପାଇକରାୟ

---

ସମସ୍ତଙ୍କୁ ଗୋଟିଏ ଦିନରେ ୨୪ ଘଣ୍ଟା ସମୟ ମିଳେ। କାହାକୁ ଅଧିକ କି କାହାକୁ କମ୍ ମିଳେନି। ୨୪ଘଣ୍ଟା କିପରି ଅତିବାହିତ କରିବାକୁ ହେବ ସେ ଦିଗରେ ଧାନ ଦେବା ଗୁରୁତ୍ୱପୂର୍ଣ୍ଣ। ମଣିଷ ଯେତେ ବ୍ୟସ୍ତ ଥିଲେ ବି ନିଜ ପାଇଁ ସମୟ କାଢ଼ିବାକୁ ବାଧ। ନିଜକୁ ଫିଟ୍ ରଖିଲେ ମାନସିକ ସ୍ତରରେ ମଧ ଜଣେ ସୁସ୍ଥ ଅନୁଭବ କରିବ। ଜିମ୍‌ରେ ଅତ୍ୟଧିକ ପରିଶ୍ରମ ଓ ନିୟମିତ ଡ୍ୟାନ୍ସ ଯୋଗୁ ମୁଁ କେବେ ମୋଟା ହେଉନାହିଁ ବୋଲି କହିଛନ୍ତି ନାୟକ ସ୍ୱରାଜ ବାରିକ।

## ମୋ ଫିଟ୍‌ନେସ୍‌ର ରହସ୍ୟ

# ଜିମ୍ ଆଉ ଡ୍ୟାନ୍ସ


ସ୍ୱରାଜ ବାରିକ

### ବ୍ରେକ୍‌ଫାଷ୍ଟରେ ସିଝା ଅଣ୍ଡା

ସକାଳ ୫ଟାରୁ ୫.୩୦ ମଧରେ ଆପେଆପେ ନିଦ ଭାଙ୍ଗିଯାଏ। ସକାଳ ସମୟ ମୋର ଜିମ୍‌ରେ କଟେ। ଜିମ୍‌ରେ କେବେ ବି ଠକେନି। ଟ୍ରେନ୍‌ର ଯାହା ଟିପ୍ସ ଦିଅନ୍ତି ତାହାକୁ ନିଜ ସାଧ ଅନୁସାରେ କରେ। ଜିମ୍‌ରୁ ଫେରିବା ପରେ ସିଝା ଅଣ୍ଡା(କେଶରକୁ ବାଦ୍ ଦେଇ) ଖାଇଥାଏ। ଏହା ସହ ସିଝାବୁଟ, ଚିକେନ୍ କିମ୍ବା ଫଳ ମଧ ମୋର ବ୍ରେକ୍‌ଫାଷ୍ଟରେ ସାମିଲ ଥାଏ। କେତେକ ଜିମ୍ ଗଲେ ମଧ ବ୍ରେକ୍‌ଫାଷ୍ଟ କରିବାକୁ ଭୁଲି ଯାଆନ୍ତି, ଏହା ଆଦୌ ଉଚିତ ନୁହେଁ।

### ଘରେ ମଟନ୍ ହେଲେ ଡାଏଟ୍ ଭୁଲିଯାଏ

ଯଦି ଘରେ ମଟନ୍ ରୋଷେଇ ହୋଇଛି ତା'ହେଲେ କିଛି ଡାଏଟ୍ ମାନେନି। ମା'ଙ୍କ ହାତରନ୍ଧା ମଟନ୍ ଖାଇବା ପ୍ରତି ଅହେତୁକ ଦୁର୍ବଳତା ଅଛି। ମୁଁ ବାରିପଦା ଅଞ୍ଚଳର ହୋଇଥିବାରୁ ମଟନ୍ ପ୍ରିୟ ହେବା ସ୍ୱାଭାବିକ କଥା। ଏହାଛଡ଼ା ମୋର ଚଳଣି ଅତ୍ୟନ୍ତ ସାଧାରଣ। ଘରେ ଯାହା ରୋଷେଇ ହୁଏ ଦିନ ଏବଂ ରାତିରେ ତାହା ଖାଏ। ସନ୍ଧ୍ୟାରେ ଡ୍ୟାନ୍ସ କ୍ଲାସ୍ ଯିବାକୁ ଭୁଲେନି।

### ଶୁଟିଂ ସମୟରେ ଅସୁବିଧା ହୁଏ

ଶୁଟିଂ ଆରମ୍ଭ ହେଲେ ପ୍ରତ୍ୟେକ ଦିନର କାର୍ଯ୍ୟ ଏପଟସେପଟ ଆପେଆପେ ହୋଇଯାଏ। ଏହି ସମୟରେ ଜଗିରଖି ଚଳିବାକୁ ପଡ଼େ। ମୁଖ୍ୟକଥା ହେଲା ଆଦୌ ବାହାରର ଖାଦ୍ୟ ଖାଏନି। ତେବେ ଶୁଟିଂ ବେଳେ ବାହାରର ଖାଦ୍ୟ ଖାଇବାକୁ ବାଧ। ଶୁଟିଂ ସେଟ୍‌ରେ ଯାହା ଖାଇବା ଦିଆଯାଏ ତାହା ଉପରେ ଅଳ୍ପବହୁତ ଧାନ ଦେବାକୁ ପଡ଼େ। ଓଜନ କିପରି ନ ବଢ଼ିବ ସେ ଚିନ୍ତା ବି ଶୁଟିଂ ସମୟରେ ମୁଣ୍ଡରେ ଥାଏ।

– କୁମାରଶ୍ରୀ ସାହୁ

---

ସମୟର ପରିବର୍ତ୍ତନ ସହ ଲୋକଙ୍କ ଖାଦ୍ୟ ରୁଚିରେ ମଧ ପରିବର୍ତ୍ତନ ହେଉଛି। ଦିନ ଥିଲା ସମ୍ବଲପୁର ସହରରେ ହାତଗଣତି ରେଷ୍ଟୁରାଣ୍ଟ ଥିଲା। ପରବର୍ତ୍ତୀ ସମୟରେ ଗ୍ରାହକମାନଙ୍କ ଚାହିଦାକୁ ଦୃଷ୍ଟିରେ ରଖି ରେଷ୍ଟୁରାଣ୍ଟ ସଂଖ୍ୟା ମଧ ବଢ଼ିଛି। ସେହିପରି ଯୁବପିଢ଼ି ମଧ ଫାଷ୍ଟଫୁଡ୍, ଚିଟ୍‌ପଟି ଓ ସ୍ପେଶିଆଲ ଡିସ୍ ଖାଇବାକୁ ପସନ୍ଦ କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ରେଷ୍ଟୁରାଣ୍ଟରେ ନିଆରା ଖାଦ୍ୟ ପ୍ରସ୍ତୁତ ହେଉଛି। ଏହି କ୍ରମରେ ସମ୍ବଲପୁର ଗେଟି ରୋଡ ଶ୍ରୀୟା ରେଷ୍ଟୁରାଣ୍ଟ ମଧ ଯୁବପିଢ଼ିଙ୍କ ଚାହିଦା ଅନୁସାରେ ଖାଦ୍ୟ ପ୍ରସ୍ତୁତ କରୁଛନ୍ତି। ଏହି ରେଷ୍ଟୁରାଣ୍ଟରେ 'ଶ୍ରୀୟା ସ୍ପେଶିଆଲ ଭେଜ୍' ଏକ ସ୍ୱତନ୍ତ୍ର ଡିସ୍। ଏହା ସମ୍ପୂର୍ଣ୍ଣ ନିଜସ୍ୱ ଶୈଳୀରେ ହୁଏ। ଏହାର ମୂଲ୍ୟ ୨ଶହ ଟଙ୍କା ରହିଛି। ଏହି ଡିସ୍କୁ ଗ୍ରାହକମାନେ ମେନ୍ କୋର୍ସରେ ଖାଇଥାନ୍ତି ବୋଲି ରେଷ୍ଟୁରାଣ୍ଟର ମୁଖ୍ୟ ଶେଫ୍ ଅଙ୍ଗଦ କୁମାର ସାହୁ କହିଛନ୍ତି।



## ଖାଦ୍ୟ ରୁଚି

# ଶ୍ରୀୟା ସ୍ପେଶାଲ ଭେଜ୍

### ଆବଶ୍ୟକ ସାମଗ୍ରୀ

ବେବିକର୍ନ: ୫୦ ଗ୍ରାମ
ମଶରୁମ୍: ୫୦ ଗ୍ରାମ
ଫୁଲକୋବି: ୧୦ ଗ୍ରାମ
ବିନ୍ସ: ୧୦ ଗ୍ରାମ
ଗାଜର: ୧୦ ଗ୍ରାମ
ଗ୍ରୀନ୍ ମଟର: ୧୦ ଗ୍ରାମ
କ୍ୟାପ୍‌ସିକମ୍: ୧୦ ଗ୍ରାମ
ତେଲ: ୧୦୦ ଗ୍ରାମ
ବଟର: ୨୦ ଗ୍ରାମ
ଫ୍ରେସ୍ କ୍ରିମ୍: ୩୦ ଗ୍ରାମ
କଟା ପିଆଜ: ୫୦ ଗ୍ରାମ
କାଜୁ: ୧୦ ଗ୍ରାମ
କିସ୍‌ମିସ୍: ୫ ଗ୍ରାମ
ଟମାଟୋ: ୨୦ ଗ୍ରାମ
ଫ୍ରୁଟ୍ କକ୍‌ଟେଲ୍: ୨୫ ଗ୍ରାମ
ଚେରି: ୧୦ ଗ୍ରାମ
ଧନିଆପତ୍ର: ୫ ଗ୍ରାମ
ରସୁଣ: ୧୦ ଗ୍ରାମ
ଅଦା: ୧୦ ଗ୍ରାମ
କଞ୍ଚାଲଙ୍କା: ୫ ଗ୍ରାମ
ଲୁଣ: ସ୍ୱାଦ ଅନୁସାରେ

### ପ୍ରସ୍ତୁତି

ପ୍ରଥମେ ସମସ୍ତ ପରିବାକୁ ପାଣିରେ ଧୋଇ ସ୍ୱଚ୍ଛ ପାତ୍ରରେ ରଖା ଯାଇଥାଏ। ଗରମ ତେଲରେ ପରିବାକୁ ୩ ମିନିଟ ପର୍ଯ୍ୟନ୍ତ ଫ୍ରାଏ କରାଯାଏ। ଏହାପରେ ଫ୍ରାଇପେନ୍‌ରେ ଅଳ୍ପ ତେଲ ପକାଇ ଗରମ କରାଯାଏ। ତେଲ ଗରମ ହେବା ପରେ ଅଦା, ରସୁଣ, କାଜୁ, କିସ୍‌ମିସ୍, ଟମାଟୋକୁ ଲାଲ ରଙ୍ଗ ହେବା ପର୍ଯ୍ୟନ୍ତ ଭଜାଯାଇ ତା'ଉପରେ କଟା ପିଆଜ ପକାଯାଇ ଗ୍ରେଭି କରାଯାଏ। ଏହାପରେ ପୂର୍ବରୁ ଭଜା ସ୍ୱଚ୍ଛ ପାତ୍ରରେ ରଖାଯାଇଥିବା ପରିବାକୁ ଗ୍ରେଭି ଉପରେ ପକାଯାଇଥାଏ। ୩ ମିନିଟ ପରେ ଶ୍ରୀୟା ସ୍ପେଶିଆଲ ଭେଜ ପ୍ରସ୍ତୁତ ହୋଇଥାଏ। ଏହାପରେ ସୁସଜ୍ଜିତ ପାତ୍ରରେ ଶ୍ରୀୟା ସ୍ପେଶିଆଲ ଭେଜ ରଖାଯାଇ ସେଥିରେ ଫ୍ରୁଟ୍ କକ୍‌ଟେଲ ଦିଆଯାଇ ଗ୍ରାହକଙ୍କୁ ପରଷା ଯାଇଥାଏ।



ପ୍ରସ୍ତୁତି
ବି. ଶଙ୍କର

ଶେଫ୍
ଅଙ୍ଗଦ କୁମାର ସାହୁ

---

ସେଲ୍‌ଫି କର୍ନରେ ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
latecityselfie@gmail.com


ନିର୍ମାଲ୍ୟ


ଅମରେଶ


ସୋମନାଥ


ସ୍ନେହାଶିଷ


କାର୍ତ୍ତିକେଶ୍ୱର


ତୋଫା


ସୁଜିତ


ଶର୍ମିଷ୍ଠା


ନିରଞ୍ଜନ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

## ସଂକ୍ଷେପରେ

### ସାନଭାଇ ଏକାଦଶାହରେ ବଡ଼ଭାଇଙ୍କ ମୃତ୍ୟୁ

**ରାଜନଗର, ୧୧।୧୨ (ଡି.ଏନ.ଏ.):** ସାନଭାଇଙ୍କ ବୁଧବାର ଥିଲା ଏକାଦଶାହ। ଦଶାହ କର୍ମ ପରେ ଘରେ ବନ୍ଧୁ ପରିଜନଙ୍କ ଭିଡ଼ ଲାଗିଥିଲା। ଏକାଦଶାହ ଭୋଜି ନିମନ୍ତେ ଲୋକଙ୍କୁ ନିମନ୍ତ୍ରଣ ହୋଇଥିଲା। ମାତ୍ର ଭୋର ୪ଟା ୪୦ରେ ବଡଭାଇଙ୍କ ଜୀବନ ଚାଲିଯାଇଛି। ରାଜନଗର ବ୍ଲକ ବ୍ରାହ୍ମଣସାହି ପଞ୍ଚାୟତ ନାଉକୋଣା ଗାଁରେ ଏହି ଅଭାବନୀୟ ଘଟଣା ଘଟିଛି। ନାଉକୋଣା ଗାଁର ପରିକ୍ଷିତ ମଲ୍ଲିକ (୭୨) ଚଳିତମାସ ୧ ତାରିଖରେ ମୃତ୍ୟୁବରଣ କରିଥିଲେ। ମଙ୍ଗଳବାର ପରିକ୍ଷିତଙ୍କ ଦଶାହ କର୍ମ ସରିଥିଲା। ତେବେ ତାଙ୍କ ବଡଭାଇ ନରହରି (୭୭) ବୁଧବାର ଭୋର ସମୟରେ ହୃଦଘାତରେ ଟଳି ପଡିଥିଲେ। ଏହି ଘଟଣା ପରେ ପରିବାର ଲୋକେ ଦୁଃଖରେ ମ୍ରିୟମାଣ ହୋଇପଡିଛନ୍ତି।

### ବିବାଦୀୟ ବିଜୁ ସ୍ମୃତି ସଂସଦ ସ୍ଥାନରେ ନିର୍ମାଣ ହେବ ଶିଶୁ ଉଦ୍ୟାନ

**ରାଜନଗର, ୧୧।୧୨ (ଡି.ଏନ.ଏ.):** ରାଜନଗର ବ୍ଲକ ଗର୍ଜ୍ଜନପୁର ତ୍ରିନାଥବଜାର ନିକଟସ୍ଥ ବିଜୁ ସ୍ମୃତି ସଂସଦ ପରିସରରେ ଥିବା ପ୍ରବାଦପୁରୁଷ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିକୁ ମଙ୍ଗଳବାର କେହି ଦୁର୍ବୃତ୍ତ ଭାଙ୍ଗି ଦେଇଥିଲା । ଏହାକୁ ନେଇ ରାଜନଗର ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇବା ସହ ବିଜୁପ୍ରେମୀମାନଙ୍କ ପକ୍ଷରୁ ରାସ୍ତାରୋକୋ କରାଯାଇଥିଲା । ଥରେ ନୁହେଁ ଦୁଇଥର ଏଭଳି ଘଟଣା ଘଟିବା ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ଘଟଣା ପରେ ବିବାଦୀୟ ସ୍ଥାନରେ ବିଜୁ ବାବୁଙ୍କ ନାଁରେ ବିଜୁ ଶିଶୁ ଉଦ୍ୟାନ ନିର୍ମାଣ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଅପରପକ୍ଷରେ ବୁଧବାର ବିଜୁ ବାବୁଙ୍କ ଭଙ୍ଗା ପ୍ରତିମୂର୍ତ୍ତିରେ ମୁଣ୍ଡକୁ ଯୋଡା ଯାଇଛି। ରାଜନଗର ତହସିଲଦାର, ସୁପରଭାଇଜର ଓ କେରଡାଗଡ ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳରେ ପହଞ୍ଚି କେନାଲ ନିକଟରେ ପଡିଥିବା ବିଜୁବାବୁଙ୍କ ମୁଣ୍ଡକୁ ଆଣି ପ୍ରତିମୂର୍ତ୍ତିରେ ଯୋଡିବା ବ୍ୟବସ୍ଥା କରିଥିଲେ । ବୁଧବାର ରାଜନଗର ବିଧାୟକ ଧ୍ରୁବ ସାହୁ ଓ କେନ୍ଦ୍ରାପଡା ଜିଲାପାଳ ସମର୍ଥ ବର୍ମାଙ୍କ ମଧ୍ୟରେ ଆଲୋଚନା ପରେ ଶିଶୁ ଉଦ୍ୟାନ ହେବା ପାଇଁ ନିଷ୍ପତ୍ତି ନିଆଯାଇଛି। ଶିଶୁ ଉଦ୍ୟାନ ପାଇଁ ବିଧାୟକ ସାହୁ ବ୍ୟକ୍ତିଗତ ପାଣ୍ଠିରୁ ୫ ଲକ୍ଷ ଟଙ୍କା ମଞ୍ଜୁର କରିବା ସହ ଚିଠି ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ଏଥିସହ ଏମ୍‌ଜିଏନ୍‌ଆର୍‌ଇଜିଏସ ପାଣ୍ଠିରୁ ଜିଲାପାଳ ୧୦ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ପ୍ରଥମ ଦଫାରେ ୧୫ ଲକ୍ଷ ଟଙ୍କାରେ ଏହି ଶିଶୁ ଉଦ୍ୟାନ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାର ନିଷ୍ପତ୍ତି ହୋଇଛି। ବିବାଦୀୟ ବିଜୁ ସ୍ମୃତି ସଂସଦକୁ ଭାଙ୍ଗିବା ପରେ ଜମିକୁ ବିଡିଓଙ୍କୁ ହସ୍ତାନ୍ତର କରିବାକୁ ରାଜନଗର ତହସିଲଦାରଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜମି ହସ୍ତାନ୍ତର ପ୍ରକ୍ରିୟା ପରେ ଖୁବଶୀଘ୍ର ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ କାର୍ଯ୍ୟ ଆରମ୍ଭ ହେବ। ଏଥିସହ ଶିଶୁ ଉଦ୍ୟାନ ପରିସରରେ ବିଜୁ ବାବୁଙ୍କ ନୂତନ ପ୍ରତିମୂର୍ତ୍ତି ସ୍ଥାପନ ହେବ ବୋଲି ସୂଚନା ମିଳିଛି। ରାଜନଗର ବ୍ଲକରେ ପୂର୍ବରୁ କୌଣସି ସ୍ଥାନରେ ଶିଶୁ ଉଦ୍ୟାନ ନାହିଁ। ଏହି ନିଷ୍ପତ୍ତିକୁ ରାଜନଗରବାସୀ ସ୍ୱାଗତ କରିଛନ୍ତି।

## ■ ଆବାସ ଯୋଜନାରେ ଗୃହ ନିର୍ମାଣ ଦାବି

# ପୌର କାର୍ଯ୍ୟାଳୟ ଆଗରେ ଅନଶନ

**ପଟ୍ଟାମୁଣ୍ଡାଇ, ୧୧।୧୨ (ସ୍ୱ.ପ୍ର)**

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଯୋଗାଇ ଦେବା ଦାବିରେ ଷଣ୍ଢପଲ୍ଲୀ ଗ୍ରାମ ୧ ଓ ୨ନଂ. ୱାର୍ଡର ୧୫ରୁ ଊର୍ଦ୍ଧ୍ୱ ମହିଳାପୁରୁଷ ପଟ୍ଟାମୁଣ୍ଡାଇ ପୌର କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଥିଲେ। ସେମାନଙ୍କ ଦାବି ମୁତାବକ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଷଣ୍ଢପଲ୍ଲୀ ଗ୍ରାମ ହରିଜନ ସାହିବାସିନ୍ଦାଙ୍କୁ କାର୍ଯ୍ୟାଦେଶ ମିଳିଛି। ମାତ୍ର ଲେଆଉଟ୍ ଦେବା ଓ ଫଟୋ ଉଠାଇବା ପାଇଁ ଦାୟିତ୍ୱରେ ଥିବା କର୍ମଚାରୀମାନେ ଯାଉନାହାନ୍ତି। ଷଣ୍ଢପଲ୍ଲୀ ହରିଜନ ସାହିରେ ବସବାସ କରୁଥିବା ଲୋକମାନେ ଦୀର୍ଘ ଦିନ ହେଲା ହୋଲ୍ଡିଂ ଟ୍ୟାକ୍ସ ପ୍ରଦାନ କରୁଛନ୍ତି। ହେଲେ କେତେକ ଲୋକଙ୍କର ଘର ଷଣ୍ଢପଲ୍ଲୀ ସୀମାକୁ ଲାଗିଥିବା ଖଡିପାଳ ମୌଜାରେ ରହିଛି ବୋଲି ପୌର କର୍ମଚାରୀ ଯୁକ୍ତି ବାଢ଼ିଛନ୍ତି। ଷଣ୍ଢପଲ୍ଲୀଠାରୁ ଖଡ଼ିପାଳ ମୌଜା ପ୍ରାୟ ୧ କି.ମି. ଦୂରରେ ରହିଥିବା ବେଳେ ପୌରକର୍ମଚାରୀଙ୍କ ଯୁକ୍ତିଙ୍କୁ ଅନଶନକାରୀମାନେ ଅବାସ୍ତବ ଦର୍ଶାଇଛନ୍ତି। ଏହାର ପ୍ରତିବାଦରେ ଷଣ୍ଢପଲ୍ଲୀ ଗ୍ରାମର ଜୟନ୍ତ ମଲିକ, କୈକେୟୀ ମଲିକ, ଜ୍ୟୋତ୍ସ୍ନା ମଲିକ, ନିରୁପମା ମଲିକ, ଆରତୀ ମଲିକ, ରଶ୍ମିତା ମଲିକ, ସୁଚିତ୍ରା ମଲିକ, ସୁଲୋଚନା ମଲିକ, କାବେରୀ ମଲିକ, ବିଦ୍ୟୁଲତା ମଲିକ, ଗୋଲେଖ ମଲିକ(କ), ଗୋଲେଖ ମଲିକ(ଖ), ନିର୍ମଳ ମଲିକ, ଦୀପକ ମଲିକ, ମମତା ମଲିକଙ୍କ ସମେତ ୧୫ଜଣ ଆମରଣ ଅନଶନରେ ବସି ରହିଥିଲେ। ପୌର ନିର୍ବାହୀ ଅଧିକାରୀ ସମ୍ପଦ କୁମାର ସ୍ୱାଇଁ ଅନଶନସ୍ଥଳକୁ ଯାଇ ଅନଶନକାରୀଙ୍କ ସହିତ ଆଲୋଚନା କରିଥିଲେ। ତେବେ ଆସନ୍ତା ୩ ଦିନ ମଧ୍ୟରେ ଲେଆଉଟ୍ ଦିଆଯିବା ସହିତ ଫଟୋ ଉଠାଯିବ ବୋଲି ପ୍ରତିଶ୍ରୁତି ଦେବା ସହିତ ଲେଆଉଟ୍ ପାଇଁ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା।



ଆମରଣ ଅନଶନସ୍ଥଳରେ ଷଣ୍ଢପଲ୍ଲୀ ଗ୍ରାମ ୧ ଓ ୨ନଂ. ୱାର୍ଡବାସୀ।

# ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ


ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂ ପ୍ରକଳ୍ପ ଉଦ୍‌ଘାଟନ କରୁଛନ୍ତି।

**ପଟ୍ଟାମୁଣ୍ଡାଇ, ୧୧।୧୨ (ସ୍ୱ.ପ୍ର.)**

ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ଲକ୍ଷ୍ୟରେ ପଟ୍ଟାମୁଣ୍ଡାଇ ବ୍ଲକ ଚନ୍ଦନନଗର ପଞ୍ଚାୟତ ଗୋପ୍ତିରା ଗ୍ରାମରେ ଏକ ପାନୀୟ ଜଳ ପ୍ରକଳ୍ପ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ୨୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଉକ୍ତ ପ୍ରକଳ୍ପକୁ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବ୍ଲକ ଅଧ୍ୟକ୍ଷା ଜ୍ୟୋତିର୍ମୟୀ ବେହେରା, ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ କୁମାର ଦାସ, ରାଜ୍ୟ ନିର୍ମାଣ ଶ୍ରମିକ ବୋର୍ଡ ଅଧ୍ୟକ୍ଷ ସୁବାସ ସିଂହ, ପାନୀୟ ଜଳ ବିଭାଗ ସହକାରୀ ଯନ୍ତ୍ରୀ ଦିଲୀପ କୁମାର ସାମନ୍ତରାୟ, କନିଷ୍ଠ ଯନ୍ତ୍ରୀ ସୁଦାମ ସାହୁ, ସ୍ଥାନୀୟ ସରପଞ୍ଚ ବନ୍ଦିତା ଦାସଙ୍କ ସମେତ ଦଳୀୟ ନେତା, କର୍ମୀ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

# ବୈଜ୍ଞାନିକ ମନୋବୃତ୍ତି ନେଇ ପାଠ ପଢ଼ିବାକୁ ଆହ୍ୱାନ


ମେଳାରେ ପ୍ରଦର୍ଶିତ ଏକ ପ୍ରକଳ୍ପ।

**ଡେରାବିଶ,୧୧।୧୨(ସ୍ୱ.ପ୍ର.)** ଛାତ୍ରୀଛାତ୍ରମାନେ ବୈଜ୍ଞାନିକ ମନୋବୃତ୍ତି ନେଇ ପାଠ ପଢିବା ସହ ଦେଶ ଗଠନରେ ସହାୟକ ହେବାକୁ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ ମତବ୍ୟକ୍ତ କରିଛନ୍ତି । ଡେରାବିଶ ବ୍ଲକସ୍ତରୀୟ ବିଜ୍ଞାନମେଳା ବ୍ଲକ ଅଧୀନ ବେଲାରପୁରସ୍ଥିତ ଭଗବତୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ମେଳାର ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଧାୟିକା ଅଗ୍ରୱାଲ ଉପରୋକ୍ତ ମତ ପ୍ରକାଶ କରିଥିଲେ । ମେଳାରେ ବ୍ଲକ ଅଧୀନ ୮୭ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗ ନେଇ ସେମାନଙ୍କ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଏହି ଉତ୍ସବରେ ଡେରାବିଶ ବ୍ଲକ ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ଓଝା ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ସମ୍ମାନିତ ଅତିଥି ଭାବେ ଯୁବ ନେତା ସଞ୍ଜୟ ଅଗ୍ରୱାଲ, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ତଥା ବ୍ଲକ ସାଧନ କେନ୍ଦ୍ର ସଂଯୋଜକ ନରହରି ସୂତାର ଓ ରାମସାର ଜିଲା ସଂଯୋଜକ ପୀତବାସ ପଣ୍ଡା ଯୋଗଦେଇଥିଲେ। ଗୁରୁବାର ହେବାକୁ ଥିବା ଜିଲାସ୍ତରୀୟ ବିଜ୍ଞାନ ମେଳାରେ ଭାଗ ନେବା ପାଇଁ ମନୋନୀତ ହୋଇଥିବା ୧୨ଜଣଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ମେଳାରେ ପ୍ରକଳ୍ପ ପ୍ରଦର୍ଶନରେ ଶ୍ରେଷ୍ଠ ହୋଇଥିବା ନେତୁଆ ବିଦ୍ୟାଳୟର ଛାତ୍ର ପ୍ରୀତିଷ ରଞ୍ଜନ ସାହୁ ଓ ତାଙ୍କୁ ଗାଇଡ କରିଥିବା ବିଜ୍ଞାନ ଶିକ୍ଷୟିତ୍ରୀ ସ୍ମୃତିରେଖା ବଳଙ୍କୁ ଏହି ଅବସରରେ ମୁଖ୍ୟଅତିଥି ବିଧାୟିକା ଅଗ୍ରୱାଲ ଅନନ୍ତ କିଶୋର ମହାପାତ୍ର ସ୍ମାରକୀ ଟ୍ରଫି ପ୍ରଦାନ କରିଥିଲେ। ପୂର୍ବାହ୍ନରେ ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହି ମେଳାକୁ ଉଦ୍‌ଘାଟନ କରିଥିଲେ । ଏହି ଉପଲକ୍ଷେ ବ୍ଲକ ଶିକ୍ଷାଧିକାରୀ ଓଝାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ବିଡିଓ ଗୋପବନ୍ଧୁ ଭୋସାଗର, ମୁଖ୍ୟବକ୍ତା ପ୍ରାକ୍ତନ ପ୍ରାଧ୍ୟାପକ ଡ. ବୀରେନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବେ ହରିବୋଲ ପଣ୍ଡା, ବ୍ଲକ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଗୁରୁଚରଣ ଷଡଙ୍ଗୀ ଓ ରବୀନ୍ଦ୍ରନାଥ ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ । ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଶ୍ରୀ ବରାଳ ଧନ୍ୟବାଦ ଦେଇଥିଲେ।

## ରାଜନଗର-ଭିତରକନିକା ରାସ୍ତାରେ ଲାଗିବ ଲାଇଟ୍

**ରାଜନଗର, ୧୧।୧୨ (ଡି.ଏନ.ଏ.):** କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକର ଭିତରକନିକା ଜାତୀୟଉଦ୍ୟାନକୁ ସ୍ଥଳପଥରେ ସଂଯୋଗ କରୁଥିବା ରାଜନଗର-ଡାଙ୍ଗମାଳ ରାସ୍ତା ଆଲୋକୀକରଣ କରାଯିବ। ୩୦ କିଲୋମିଟର ବ୍ୟାପୀ ରାସ୍ତାରେ ଷ୍ଟ୍ରିଟଲାଇଟ ଲାଗିବ। ରାଜନଗର ବିଧାୟକ ଧ୍ରୁବ ସାହୁ ସ୍ପେଶାଲ ଡେଭଲପମେଣ୍ଟ ପ୍ରୋଗ୍ରାମ ପାଣ୍ଠିରୁ ଏଥିପାଇଁ ୫୦ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି । ବିଧାୟକମାନଙ୍କୁ ପ୍ରତିବର୍ଷ ସ୍ପେଶାଲ ଡେଭଲପମେଣ୍ଟ ପ୍ରୋଗ୍ରାମ (ଏସଡିପି) ରେ ୫୦ଲକ୍ଷ ଟଙ୍କା ମିଳିଥାଏ। ପୂର୍ତ୍ତ ବିଭାଗ ରାଜନଗରରୁ ଭିତରକନିକା ଜାତୀୟଉଦ୍ୟାନ ମୁଖ୍ୟ ଫାଟକ ଯାଏ ରାସ୍ତା କଡେ କଡେ ଏହି ଲାଇଟ ଲଗାଯିବ। ୧୦ ଦିନ ମଧ୍ୟରେ ଏହି କାର୍ଯ୍ୟ ଆରମ୍ଭ ହେବ ବୋଲି ବିଧାୟକ ସାହୁ ସୂଚନା ଦେଇଛନ୍ତି। ସେ ଏହି ଅର୍ଥ ମଞ୍ଜୁରୀ ସଂପର୍କିତ ଚିଠିକୁ କେନ୍ଦ୍ରାପଡା ଜିଲାପାଳ ସମର୍ଥ ବର୍ମାଙ୍କୁ ପ୍ରଦାନ କରିଛନ୍ତି।

## କାଦୁଆ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଭାଗ୍ୟ ସୁଧୁରିବ

# ନୂତନ ଶ୍ରେଣୀଗୃହ ପାଇଁ ଶୁଭ ଦିଆଗଲା

**ଡେରାବିଶ,୧୧।୧୨(ସ୍ୱ.ପ୍ର)**

ସମସ୍ୟା ଘେରରେ ଦୀର୍ଘ ବର୍ଷ ଧରି ଥିବା ରତାଦିଆ ଖଣ୍ଡସାହି ପଞ୍ଚାୟତ ଅଧୀନ କାଦୁଆ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦୟନୀୟ ଅବସ୍ଥା ସୁଧୁରିବାକୁ ଯାଉଛି । ଖୋଲା ପଡିଆରେ ଦୀର୍ଘ ଏକ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଏହି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରାଯାଉଥିଲା । ତେବେ ବୁଧବାର ବିଡିଓ ଗୋପବନ୍ଧୁ ଭୋସାଗର ବିଦ୍ୟାଳୟର ନୂତନ ଗୃହ ନିର୍ମାଣ ପାଇଁ ଶୁଭ ଦେଇଛନ୍ତି । ଏ ନେଇ କାଦୁଆ ଗ୍ରାମର ଛାତ୍ରୀଛାତ୍ର, ଅଭିଭାବକ ଓ ସାଧାରଣରେ ଆନନ୍ଦ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ , ଗତ ୨୦୧୭ ମସିହାରୁ ଡେରାବିଶ ବ୍ଲକର କାଦୁଆ ପ୍ରାଥମିକ ବିଦ୍ୟାଳୟ ଗୃହ ଅସୁରକ୍ଷିତ ଘୋଷଣା ହେବା ପରେ ଗ୍ରାମରେ ଥିବା ଏକ ଯୁବକ ସଂଘ ଗୃହରେ ୧ମରୁ ୫ମ ଶ୍ରେଣୀ ଯାଏ ଅସ୍ଥାୟୀ ଭାବେ ଶିକ୍ଷାଦାନ କରାଯାଉଥିଲା । ଗତ ନଭେମ୍ବର ପ୍ରଥମ ସପ୍ତାହରେ ଉକ୍ତ ଯୁବକ ସଂଘ ନିଜ କାର୍ଯ୍ୟାଳୟ ସେଠାରେ ଆରମ୍ଭ କରିବାରୁ ବାଧ୍ୟ ହୋଇ ବିଦ୍ୟାଳୟ ପରିସରରେ ଥିବା ପଡିଆରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ଦିଆଯାଇଥିଲା । ଏ ସଂପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଜିଲାପାଳ ସମର୍ଥ ବର୍ମା ଏହାକୁ ଅତି ଗୁରୁତ୍ୱର ସହ ନେଇଥିଲେ । ତୁରନ୍ତ ଏହି ବିଦ୍ୟାଳୟ ପାଇଁ ନୂତନ ଗୃହ ନିର୍ମାଣ ଲାଗି ବିଡିଓ ଭୋସାଗରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବିଡିଓ ଭୋସାଗର ରତାଦିଆ ଖଣ୍ଡସାହି ପଞ୍ଚାୟତ ପାଣ୍ଠିରୁ ୫ ଲକ୍ଷ ଟଙ୍କା ବ୍ୟୟରେ ବିଦ୍ୟାଳୟ ନୂତନ ଗୃହର ଶୁଭ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ସରପଞ୍ଚଙ୍କ ପ୍ରତିନିଧି ତଥା ପୂର୍ବତନ ସରପଞ୍ଚ ଅମିୟ ମିଶ୍ର, ସମିତି ସଭ୍ୟା ସୌଦାମିନୀ ବେହେରା, ବିଦ୍ୟାଳୟର ପୁରାତନ ଛାତ୍ର ଦାମୋଦର ତ୍ରିପାଠୀଙ୍କ ସମେତ ପରିଚାଳନା କମିଟିର କର୍ମକର୍ତ୍ତାମାନେ ସାମିଲ ହୋଇଥିଲେ ।


ଶିଳାନ୍ୟାସ ଉତ୍ସବରେ ବିଡିଓ ଗୋପବନ୍ଧୁ ଭୋସାଗର ଓ ଅନ୍ୟମାନେ।

## ରାଜକନିକା ମଣ୍ଡଳସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ

# ଜିଲାସ୍ତରକୁ ୬ ପ୍ରକଳ୍ପ ମନୋନୀତ

**ରାଜକନିକା, ୧୧।୧୨ (ଡି.ଏନ୍.ଏ.):** ରାଜକନିକା ମଣ୍ଡଳସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ମଙ୍ଗଳବାର ରାଜେନ୍ଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ରାଜକନିକା ବ୍ଲକ ଶିକ୍ଷାଧିକାରୀ ସରୋଜକାନ୍ତ ବିହାରୀ ପୌରହିତ୍ୟ କରିଥିଲେ। ଏଥିରେ ଚାନ୍ଦିପୁର ଡିଆର୍‌ଡିଏର ଯୁଗ୍ମ ନିର୍ଦ୍ଦେଶକ ବୈଜ୍ଞାନିକ ଦିଲ୍ଲୀପ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କୁନିକୁନି ପିଲାମାନେ ପୂର୍ବତନ ରାଷ୍ଟ୍ରପତି ସ୍ୱର୍ଗତ ଅବଦୁଲ କାଲାମଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ମୁଖ୍ୟଅତିଥି ଆହ୍ୱାନ ଦେଇଥିଲେ। ଓଡ଼ିଶା ସରକାରୀ ଭେଷଜ ମହାବିଦ୍ୟାଳୟ ଶିକ୍ଷକ ସଂଘ ସଭାପତି ଡ. ଆଶିଷ କୁମାର ବାରିକ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ରାଜକନିକା ବିଜ୍ଞାନ କମିଟି ସଭାପତି ସଞ୍ଜୟ କୁମାର ସାମଲ ଅତିଥି ପରିଚୟ ଦେଇଥିଲେ। ସମ୍ପାଦକ ନିରଞ୍ଜନ ବେହେରା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସେହିପରି ରାଜେନ୍ଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ଦଳାଇ ସ୍ୱାଗତ ଭାଷଣ ଦେଇଥିଲେ। ରାଜକନିକା ପଞ୍ଚାୟତ ସମିତି ଅଧ୍ୟକ୍ଷା ସାବିତ୍ରୀ ଦାସ ଉତ୍ସବ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜାଗୁଳାଇପଡା ସରପଞ୍ଚ ବର୍ଷା ନାୟକ, ଏବିଇଓ ରଞ୍ଜନ କୁମାର ନାୟକ ଓ ତୀର୍ଥାନନ୍ଦ ପ୍ରଧାନ ଓ ନୋଡାଲ ପ୍ରଧାନ ଶିକ୍ଷକ ଅନ୍ନଦା ପ୍ରସାଦ ରାଉତ ପ୍ରମୁଖ ଯୋଗଦେଇଥିଲେ। ମେଳାରେ ପ୍ରାଥମିକ ବିଦ୍ୟାଳୟଠାରୁ ହାଇସ୍କୁଲ ପର୍ଯ୍ୟନ୍ତ ୭୫ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଅଯୋଦ୍ଧା ବିଦ୍ୟାପୀଠ ବାଁଶରିଆର ଛାତ୍ରୀ ମୋନାଲିଶା ଦାସ, କଣ୍ଠିଆହାଟ ବିପି ହାଇସ୍କୁଲ ଛାତ୍ରୀ ଅର୍ଚ୍ଚିତା ସାହୁ, ପଣସଗଣ୍ଡ ଉତ୍କଳମଣି ହାଇସ୍କୁଲ ଛାତ୍ରୀ ଯାଜ୍ଞସେନୀ ସାମଲ, ତରାଶ ହାଇସ୍କୁଲ ଛାତ୍ରୀ ପୁଷ୍ପାଞ୍ଜଳି ସାହୁ, ଚାରିଦେଶ ମଡେଲ ବାଳିକା ବିଦ୍ୟାଳୟର ଛାତ୍ରୀ ଲିପ୍‌ସା ରାଣି ବାରିକ ଓ ଜୟକୁଣ୍ଡା ଉନ୍ନୀତ ଉ.ପ୍ରା ବିଦ୍ୟାଳୟର ଛାତ୍ର ନିହାର ବିଶ୍ୱାଳ ପ୍ରମୁଖଙ୍କ ପ୍ରକଳ୍ପ ଜିଲାସ୍ତରୀୟ ମେଳାରେ ପ୍ରଦର୍ଶିତ ହେବାକୁ ମନୋନୀତ ହୋଇଥିଲା। ଶେଷରେ ଶିକ୍ଷକ ପ୍ରସନ୍ନ ଧଳ ଧନ୍ୟବାଦ ଦେଇଥିଲେ।

# ଜିଲାପାଳଙ୍କ ସମୀକ୍ଷା ବୈଠକ


କଲେଜ ଛାତ୍ରୀଛାତ୍ରଙ୍କ ସହିତ ଜିଲାପାଳ ଆଲୋଚନା କରୁଛନ୍ତି।

**ରାଜକନିକା, ୧୧।୧୨ (ଡି.ଏନ୍.ଏ.)**

କେନ୍ଦ୍ରାପଡ଼ା ଜିଲାପାଳ ରାଜକନିକା ବ୍ଲକ ଗସ୍ତ କରିବା ସହ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ଅବସରରେ ଆୟୋଜିତ ସମୀକ୍ଷା ବୈଠକରେ ଉଭୟ ଆଳି ଓ ରଜକନିକା ବ୍ଲକ ଅଞ୍ଚଳରେ ଆବାସ ଯୋଜନାରେ ଗୃହ ନିର୍ମାଣ, ପ୍ରତି ପଞ୍ଚାୟତରେ ଉଦ୍ୟାନ, ଗ୍ରାମ୍ୟ ପାଠାଗାର, ଖେଳପଡ଼ିଆ, ଅଙ୍ଗନୱାଡି ଗୃହ ନିର୍ମାଣ ଓ ପଞ୍ଚାୟତର ଉନ୍ନତୀକରଣ ଦିଗରେ ଆଲୋଚନା ହୋଇଥିଲା। ତେବେ ଆବାସ ଯୋଜନାରେ ଗୃହ ନିର୍ମାଣ ସମ୍ପର୍କିତ ସମୀକ୍ଷା ପରେ ସମସ୍ତ ହିତାଧିକାରୀଙ୍କୁ ଚଳିତମାସ ଦ୍ୱିତୀୟ ସପ୍ତାହ ସୁଦ୍ଧା ଦ୍ୱିତୀୟ କିସ୍ତି ଅର୍ଥ ପ୍ରଦାନ କରିବାକୁ ଜିଲାପାଳ ବିଡିଓ, ଜେଇ ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ କବାଟ ନଥିବା ଗାଁ ଶିଆଳିଆରେ ପହଞ୍ଚି ସେହି ଗାଁର ଜନଜୀବନକୁ ପରଖିବା ପରେ ମା' ଖରାଖାଇଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ। ତେବେ ମା'ଙ୍କ ପୀଠ ନିକଟ ପଡିଆରେ ଏକ ପାର୍କ, ଖେଳପଡିଆ ଓ ଶୌଚାଳୟ ନିର୍ମାଣ ପାଇଁ ଜିଲାପାଳ ଘୋଷଣା କରିବା ସହ ଆସନ୍ତା ଦୁଇମାସ ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ କହିଥିଲେ। ଶିଆଳିଆ ଗସ୍ତ ସାରି ଜିଲାପାଳ ତରାସ ପଞ୍ଚାୟତ କ୍ଲବ ଘର, ଅଙ୍ଗନୱାଡ଼ି କେନ୍ଦ୍ର, ଖେଳପଡ଼ିଆ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଏହାପରେ ଜିଲାପାଳ ସର୍ମା ବରାଡିଆ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ନିର୍ମାଣଧୀନ ପାର୍କ କାମ ତଦାରଖ କରିବା ସହ ଏହା କେମିତି ଓଡ଼ିଶାରେ ନମ୍ବର ୧ ହେବ ସେଥିପାଇଁ ପିଡି, ସହକାରୀ ଯନ୍ତ୍ରୀ ଓ ସରପଞ୍ଚଙ୍କ ସହ ଆଲୋଚନା କରିଥିଲେ।

# ମୌଳିକତା ହରାଇଛି ମୌଳିକ ବିଦ୍ୟାଳୟ

## ପିଲାଙ୍କୁ ମିଳୁନି ଧନ୍ଦାମୂଳକ ଶିକ୍ଷା ପ୍ରଶିକ୍ଷଣ

**କେନ୍ଦ୍ରାପଡ଼ା ଅଫିସ୍, ୧୧।୧୨**

ମାଧ୍ୟମିକସ୍ତରରେ ଗୁଣାତ୍ମକ ଶିକ୍ଷାର ବିକାଶ ଓ ଡ୍ରପ ଆଉଟ୍ ରୋକିବା ପାଇଁ ରାଜ୍ୟର ସମସ୍ତ ସ୍କୁଲରେ ଧନ୍ଦାମୂଳକ ଶିକ୍ଷା ପ୍ରଚଳିତ ହେବ ବୋଲି ୨୦୧୬ରେ ଗଣଶିକ୍ଷା ମନ୍ତ୍ରୀ କହିଥିଲେ। ଏବେ ରାଜ୍ୟର ୨୦୮ ବିଦ୍ୟାଳୟରେ ୪ଟି ବିଷୟରେ ଧନ୍ଦାମୂଳକ ଶିକ୍ଷା ପ୍ରଚଳନ କରାଯାଉଛି। ହେଲେ ପ୍ରାୟ ୮୦ବର୍ଷ ପୂର୍ବେ ଡେରାବିଶ ବ୍ଲକ କୁଶିଆପାଳ ଗ୍ରାମରେ ଥିବା ଧନ୍ଦାମୂଳକ ଶିକ୍ଷା ପ୍ରତିଷ୍ଠାନ ନିଜର ମୌଳିକତା ହରାଇ ବସିଛି। ଉକ୍ତ ପ୍ରତିଷ୍ଠାନରେ ସେଠାରେ ଅରଟ ଓ ତନ୍ତ ରହିଥିଲେ ବି ଧନ୍ଦାମୂଳକ ଶିକ୍ଷା ପ୍ରଦାନ କରାଯାଉନାହିଁ। ଏହି ପ୍ରତିଷ୍ଠାନ ଏବେ ସରକାରୀ ଉଚ୍ଚ ମୌଳିକ ବିଦ୍ୟାଳୟର ମାନ୍ୟତା ପାଇଛି। କିନ୍ତୁ ସରକାରୀକରଣ ହେବାର କିଛିବର୍ଷ ପରେ ଏଠାରେ ପିଲାମାନଙ୍କୁ ସାଧାରଣ ପାଠ୍ୟକ୍ରମ ପଢ଼ାଯାଉଥିବା ବେଳେ ଧନ୍ଦାମୂଳକ ଶିକ୍ଷାକୁ ଗୁରୁତ୍ୱ ଦିଆଯାଉନାହିଁ।

ମୌଳିକ ବିଦ୍ୟାଳୟ ସମ୍ପର୍କରେ ଅବସରପ୍ରାପ୍ତ ଶିକ୍ଷକ ବାବାଜୀ ଚରଣ ସାହୁ କୁହନ୍ତି, ୧୯୩୬ରେ ବିଦ୍ୟାଳୟ ପ୍ରତିଷ୍ଠା ସମୟରେ ଅରଟରୁ ସୂତା କାଟିବା, ତନ୍ତରେ ଲୁଗା ବୁଣିବା ସହିତ ବିଭିନ୍ନ ଧନ୍ଦାମୂଳକ ଶିକ୍ଷା ପ୍ରଦାନ କରାଯାଉଥିଲା। ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ପାଇଁ ପ୍ରତିଯୋଗିତା କରାଯାଇ ବରିଷ୍ଠ ବ୍ୟକ୍ତିବିଶେଷଙ୍କ ଦ୍ୱାରା ପୁରସ୍କୃତ କରାଯାଉଥିଲା। ବିଦ୍ୟାଳୟଟି ସ୍ୱାଧୀନତା ସଂଗ୍ରାମୀଙ୍କର ମେଳି ସ୍ଥାନ ଥିଲା। ସ୍ଥାନୀୟ ଅଞ୍ଚଳର ଯଦୁମଣି ମଙ୍ଗରାଜ, ପୁରୁଷୋତ୍ତମ ନାୟକ, ମାୟାଧର ସାହୁ, କୁଳମଣି ନାୟକଙ୍କ ସହିତ ବହୁ ସ୍ୱାଧୀନତା ସଂଗ୍ରାମୀ ଏଠାରେ ମେଳି ହୋଇ ଗାନ୍ଧୀ, ଗୋପବନ୍ଧୁଙ୍କ ବାର୍ତ୍ତା ପ୍ରଚାର ପ୍ରସାର କରୁଥିଲେ। ୧୯୪୬ ରେ ଏହି ପ୍ରତିଷ୍ଠାନ ସରକାରୀକରଣ ହେବା ସହିତ ମୌଳିକ ଶିକ୍ଷାନୁଷ୍ଠାନ ମାନ୍ୟତା ପାଇଲା। ଏକଦା ପୂର୍ବତନ ରାଜ୍ୟପାଳ ଅଯୋଧ୍ୟାନାଥ ଖୋସଲା ବିଦ୍ୟାଳୟକୁ ଆସି ଏତେ ଖୁସି ଅନୁଭବ କରିଥିଲେ ଯେ, ପୁରସ୍କାର ସ୍ୱରୂପ ଏକ ରେଡିଓ ପ୍ରଦାନ କରିଥିଲେ। କିନ୍ତୁ ସରକାରୀକରଣ ହେବାର କିଛିବର୍ଷ ପରେ ଏଠାରେ ପିଲାମାନଙ୍କୁ କେବଳ ସାଧାରଣ ପାଠ୍ୟକ୍ରମ ପଢ଼ାଯାଉଛି ବୋଲି ବାବାଜୀ କହିଛନ୍ତି। ଗ୍ରାମର ଆଇନଜୀବୀ ଶ୍ରୀକାନ୍ତ ସାହୁ କୁହନ୍ତି, ସେତେବେଳେ ଗ୍ରାମର ହଳଧର ସାହୁ ବିଦ୍ୟାଳୟକୁ ଅର୍ଦ୍ଧାଧିକ ସମ୍ପତ୍ତି ଦାନ କରିଦେଇଥିଲେ। ଏଥିସହ ଗ୍ରାମବାସୀଙ୍କ ସହଯୋଗରେ ସ୍କୁଲ ଗଢ଼ି ଉଠିଥିଲା। ୧୯୮୮ରେ ରାଜ୍ୟର ୨୩୧ ଉଚ୍ଚ ବିଦ୍ୟାଳୟରେ ରାଜ୍ୟ ସରକାର ଧନ୍ଦାମୂଳକ ଶିକ୍ଷା ବ୍ୟବସ୍ଥା ପ୍ରଚଳନ କଲେ। ଏହି ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହୋଇ ଅନେକେ ନିଜର କର୍ମ କୁଶଳତା ମଧ୍ୟ ଦେଖାଇଛନ୍ତି ବୋଲି ସାହୁ କହିଛନ୍ତି। ପୂର୍ବରୁ ଉକ୍ତ ବିଦ୍ୟାଳୟରେ ଧନ୍ଦାମୂଳକ ଶିକ୍ଷା ବ୍ୟବସ୍ଥା ବେଶ୍ ସୁଦୃଢ଼ ଥିଲା। ନିଜ କାମ ନିଜେ କରିବା ବିଦ୍ୟାଳୟର ଆଦର୍ଶ ଥିଲା। ଏବେ ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାରେ ଧନ୍ଦାମୂଳକ ଶିକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦେବା ସହିତ ନବମ ଓ ଦଶମ ଶ୍ରେଣୀ ପ୍ରଚଳନ ପାଇଁ ବହୁ ବୁଦ୍ଧିଜୀବୀ ଦାବି କରିଛନ୍ତି।

ଗ୍ରାମର ପ୍ରଫୁଲ୍ଲ କୁମାର ସ୍ୱାଇଁ ଓ ମାଧବ ସ୍ୱାଇଁ କୁହନ୍ତି, ୨୦୦୨ରୁ ସ୍କୁଲରେ ହାଇସ୍କୁଲ ପ୍ରତିଷ୍ଠା ପାଇଁ ଉଦ୍ୟମ ହୋଇଛି। ସ୍ଥାନୀୟ ରାଜନେତା ଏ ଦିଗରେ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ବେଳେ କେବେ ଏହା କାର୍ଯ୍ୟକାରୀ ହେଉଛି ତାହା ଦେଖିବାକୁ ବାକି ରହିଛି। ସେହି ସ୍କୁଲର ପ୍ରଧାନ ଶିକ୍ଷକ ବସନ୍ତ କୁମାର ସାହୁ କୁହନ୍ତି, ୨୦୧୦ରେ ବିଦ୍ୟାଳୟଟି ନିମ୍ନ ମୌଳିକ ବିଦ୍ୟାଳୟରୁ ଉଚ୍ଚ ମୌଳିକ ବିଦ୍ୟାଳୟରେ ପରିଣତ ହୋଇଛି। ଯେହେତୁ ଏହା ଏକ ମୌଳିକ ବିଦ୍ୟାଳୟ, ଏଠାରେ ଧନ୍ଦାମୂଳକ ଶିକ୍ଷା ବ୍ୟବସ୍ଥା ସୁଦୃଢ଼ ହେବା ଆବଶ୍ୟକ। ଅଞ୍ଚଳବାସୀଙ୍କ ଦାବି ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମା କୁହନ୍ତି, ଗ୍ରାମବାସୀଙ୍କ ଦାବି ସମ୍ପର୍କରେ ଅବଗତ ଅଛନ୍ତି । ଜିଲା ଶିକ୍ଷା ବିଭାଗର ତଦନ୍ତ ପରେ ଏ ଦିଗରେ ପଦକ୍ଷେପ ନେବା ପାଇଁ ସୁପାରିସ କରାଯିବ।




**କୁଶିଆପାଳର ସରକାରୀ ଉଚ୍ଚ ମୌଳିକ ବିଦ୍ୟାଳୟ**

- ■ ଧନ୍ଦାମୂଳକ ଶିକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦେବାକୁ ଦାବି
- ■ ସ୍କୁଲରେ ପଡ଼ିରହିଛି ସ୍ୱାଧୀନତା ସଂଗ୍ରାମୀଙ୍କ ଅରଟ ଓ ତନ୍ତ

▶▶ ଜିଲା ଶିକ୍ଷା ବିଭାଗର ତଦନ୍ତ ପରେ ଧନ୍ଦାମୂଳକ ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଓ ଏହାକୁ ହାଇସ୍କୁଲରେ ପରିଣତ କରିବା ଦିଗରେ ସୁପାରିସ କରାଯିବ।

–ସମର୍ଥ ବର୍ମା
କେନ୍ଦ୍ରାପଡ଼ା ଜିଲାପାଳ

## ସଂକ୍ଷେପରେ

### ଭାଲୁ-ବୃଦ୍ଧଙ୍କ ଲଢେଇ

### ଗୁରୁତର ଅବସ୍ଥାରେ ଗଛ ଉପରୁ ବୃଦ୍ଧ ଉଦ୍ଧାର

**ମୈଦଲପୁର, ୧୧।୧୨ (ଡି.ଏନ.ଏ.):** ଜଙ୍ଗଲକୁ କାଠ ସଂଗ୍ରହ କରିବାକୁ ଯାଇଥିବା ବେଳେ ଭାଲୁ ଆକ୍ରମଣ କରିଥିଲା। ଜୀବନ ବଞ୍ଚାଇବା ପାଇଁ ଭାଲୁ ସହ ଲଢେଇ କରି ଗୁରୁତର ହୋଇଛନ୍ତି ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ କେନ୍ଦୁଗୁଡା ଗାଁର ସଗ ପୂଜାରୀ (୬୦)। ଗୁରୁତର ଅବସ୍ଥାରେ ସଗଙ୍କୁ ମୈଦଲପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। କେନ୍ଦୁଗୁଡା ଗାଁର ସଗ ପୂଜାରୀ(୬୦) ବୁଧବାର ସକାଳେ ବାର୍ଲି ଗାଁ ନିକଟ ଜଙ୍ଗଲକୁ ଜାଳେଣି କାଠ ପାଇଁ ଯାଇଥିଲେ। ହଠାତ ଏକ ଭାଲୁ ଆସି ତାଙ୍କୁ ଆକ୍ରମଣ କରିଥିଲା। ଜୀବନ ରକ୍ଷା ପାଇଁ ଭାଲୁ ସହ ସଗ ଲଢେଇ କରିଥିଲେ। ସଗ ଧରିଥିବା ଟାଙ୍ଗିଆରେ ଭାଲୁକୁ ଆକ୍ରମଣ କରିଥିଲେ। ଭାଲୁଟି ଘଟଣାସ୍ଥଳରୁ ଚାଲି ଯାଇଥିଲା। ରକ୍ତାକ୍ତ ଅବସ୍ଥାରେ ସଗ ଏକ ଗଛ ଉପରେ ଚଢିଯାଇଥିଲେ। ସଗ ଜଙ୍ଗଲରୁ ଆସିବା ବିଳମ୍ବ ହେବା ନେଇ ପରିବାର ଲୋକ ଖୋଜିବାକୁ ଯାଇଥିଲେ। ସଗଙ୍କୁ ଗଛ ତଳକୁ ଓହ୍ଲାଇ ପରିବାର ଲୋକ ଡାକ୍ତରଖାନା ଆଣିଥିଲେ। ସଗଙ୍କ ବାମକାନ୍ଧ, ଛାତିକୁ ଭାଲୁ କାମୁଡିଥିବା ଜଣାପଡିଛି। ଏ ନେଇ ସଗଙ୍କ ପୁତୁରା ପର୍ଶୁରାମ ମାଝି ମୈଦଲପୁର ପୋଲିସ ଫାଣ୍ଡିରେ ଲିଖିତ ଭାବେ ଜଣାଇଛନ୍ତି।

### ସାଧାରଣ ଉପଭୋକ୍ତାଙ୍କୁ ମାଡ଼, କମ୍ପାନୀକୁ ଛାଡ଼: କଂଗ୍ରେସ

**ଭୁବନେଶ୍ୱର,୧୧।୧୨(ବ୍ୟୁରୋ):** ବକେୟା ବିଦ୍ୟୁତ ବିଲ୍ ପୈଠ ନ କଲେ ଆସନ୍ତା ୧୫ରୁ ଉପଭୋକ୍ତାଙ୍କ ବିଦ୍ୟୁତ୍ ସଂଯୋଗ କାଟିଦେବା ପ୍ରସଙ୍ଗକୁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ବିରୋଧ କରିଛି। ସାଧାରଣ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ମାଡ ଏବଂ କମ୍ପାନୀଙ୍କୁ ଛାଡ ନୀତିରେ ରାଜ୍ୟ ସରକାର ନିୟମ ବନାଉଛନ୍ତି। କେଉଁ କମ୍ପାନୀ ଉପରେ କେତେ ବିଦ୍ୟୁତ୍ ବିଲ୍ ବାକି ପଡିଛି ଏବଂ ତାହା କେବେ ସୁଦ୍ଧା ଆଦାୟ ହେବ ସରକାର କୁହନ୍ତୁ। ଏହାସହ କେଉଁସବୁ କମ୍ପାନୀ ବିଲ୍ ବାକି ରଖିବା ଯୋଗୁ ସେମାନଙ୍କ ବିଦ୍ୟୁତ୍ ବିଚ୍ଛିନ୍ନ କରାଯାଇଛି ତା'ର ମଧ ସବିଶେଷ ତଥ୍ୟ ସମ୍ବଳିତ ଶ୍ୱେତପତ୍ର ସରକାର ଜନସାଧାରଣଙ୍କ ଆଗରେ ରଖିବାକୁ ପିସିସି ଦାବି କରିଛି। କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳ ନେତା ମନୋଜ ମହାପାତ୍ର କହିଛନ୍ତି ଯେ, ୭ଲକ୍ଷ ବିଦ୍ୟୁତ୍ ଉପଭୋକ୍ତା ଘରୋଇ ବ୍ୟବହୃତ ବିଲ୍ ପୈଠ ନ କଲେ ବିଦ୍ୟୁତ୍ ସଂଯୋଗ କାଟି ଦିଆଯିବ ବୋଲି ସେସୁ କାର୍ଯ୍ୟନିର୍ବାହୀ ଅଧିକାରୀ ଅରୁଣ ବୋଥ୍ରା ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ବହୁ ଘରୋଇ ଶିଳ୍ପ ସଂସ୍ଥା, ସରକାରୀ ଉଦ୍ୟୋଗ ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଉପରେ କୋଟି କୋଟି ଟଙ୍କାର ବିଦ୍ୟୁତ୍ ବିଲ୍ ବାକି ପଡିଛି। ୨୦୧୬ରେ ତତ୍କାଳୀନ ଅର୍ଥମନ୍ତ୍ରୀଙ୍କ ଲିଖିତ ଉତ୍ତରରୁ ଜଣାପଡିଛି, କୋର୍ଟରେ ମକଦ୍ଦମା ଆଳ ଦେଖାଇ ବହୁ ଘରୋଇ କମ୍ପାନୀଠାରୁ ପ୍ରାୟ ହଜାରେ କୋଟି ଟଙ୍କାରୁ ଅଧିକ ବିଦ୍ୟୁତ୍ ବିଲ୍ ଆଦାୟ କରାଯାଇ ନାହିଁ କିମ୍ବା ସେମାନଙ୍କ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇନାହିଁ। ଏହି ଅର୍ଥ ସରକାର ଆଦାୟ କରିବାରେ ଅସମର୍ଥ। ବିଦ୍ୟୁତ୍ ବିତରଣକାରୀ ସଂସ୍ଥା କୋଟି କୋଟି ଟଙ୍କାର ବିଦ୍ୟୁତ୍ ରାଜସ୍ୱ ନେଇ ଫେରାର। ଓଡ଼ିଶାରୁ ବିଦ୍ୟୁତ୍ କିଣି ଦିଲ୍ଲୀରେ ୨ଶହ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଦ୍ୟୁତ ଦିଆଯାଉଥିବା ବେଳେ ଓଡ଼ିଶାର ଉପଭୋକ୍ତାଙ୍କ ଉପରେ ଅଧିକରୁ ଅଧିକ ଶୁଳ୍କ ନିଆଯାଉଛି। ଚାଷୀଙ୍କୁ ମାଗଣା ବିଦ୍ୟୁତ୍ ଯୋଗାଣ କରିବା ନେଇ ଶାସକ ଦଳ ପକ୍ଷରୁ ନିର୍ବାଚନ ସମୟରେ ଯେଉଁ ଘୋଷଣା କରାଯାଇଥିଲା ତାହା ସମ୍ପ୍ରତି ରାଜନୈତିକ ଧୂଆଁବାଣରେ ପରିଣତ ହୋଇଛି। ଆଗାମୀ ଦିନରେ ଦରକାର ପଡ଼ିଲେ ଏହି ଘଟଣାକୁ ନେଇ ବ୍ୟାପକ ଜନଆନ୍ଦୋଳନ କରାଯିବ ବୋଲି ମନୋଜ କହିଛନ୍ତି।

# ଲଘୁ ଖଣିଜ ଚୋରି ରୋକିବାକୁ ୧୦ ଜିଲାପାଳଙ୍କୁ ଚିଠି

## ଫୋକସ୍‌ରେ କଟକ, ଖୋର୍ଦ୍ଧା, ଯାଜପୁର

**କଟକ ଅଫିସ, ୧୧।୧୨**

କେନ୍ଦ୍ରାଞ୍ଚଳ ଅଧୀନ ୧୦ଟି ଜିଲାରେ ଆଖିବୁଜା ଲଘୁ ଖଣିଜଦ୍ରବ୍ୟ ଚୋରି ହେଉଛି। ଏହି ଚୋରିକୁ ରୋକିବା ପାଇଁ ଆର୍‌ଡିସି ଅନିଲ କୁମାର ସାମଲ ୧୦ ଜିଲାପାଳଙ୍କୁ ତାଗିଦ୍ କରିଛନ୍ତି। ବିଶେଷକରି ଉପଜିଲାପାଳ ଓ ତହସିଲଦାରମାନେ ଏଥିପ୍ରତି ଧ୍ୟାନ ଦେଉ ନ ଥିବାରୁ ଏହା ଏବେ ଉଦ୍‌ବେଗଜନକ ପରିସ୍ଥିତି ସୃଷ୍ଟି କରିଛି। ଏହାକୁ ନେଇ ବିଧାନସଭାରେ ଆଲୋଚନା ହୋଇଥିଲା। ତେଣୁ ଉପଜିଲାପାଳ ଓ ତହସିଲଦାରମାନଙ୍କ ଏଭଳି ସ୍ଥାଣୁତାକୁ ବରଦାସ୍ତ କରାଯିବନାହିଁ ବୋଲି ଆରଡିସି କହିଛନ୍ତି। ଏହି ଚୋରିକୁ ରୋକିବା ପାଇଁ ଆରଡିସି ସାମଲ କେତେଗୁଡିଏ ନିର୍ଦ୍ଦେଶନାମା ଜିଲାପାଳମାନଙ୍କ ଉଦ୍ଦେଶ୍ୟରେ ଜାରି କରିଛନ୍ତି। ଜିଲାପାଳମାନେ ନିୟମିତ ଭାବେ ସମୀକ୍ଷା କରି ପରିସ୍ଥିତି ଉପରେ ନଜର ରଖିବାକୁ କୁହାଯାଇଛି। ସଇରାତଗୁଡିକର ଡିଜିପିଏସ(ଡିଫରେନସିଆଲ ଗ୍ଲୋବାଲ ପୋଜିଶନିଂ ସିଷ୍ଟମ) ସର୍ଭେ କରିବା ସହିତ ସଇରାତ ଚିହ୍ନଟ କରିବାକୁ ଆରଡିସି ନିର୍ଦ୍ଦେଶ ଦେଇଛନ୍ତି। ଖଣି ଅଞ୍ଚଳଗୁଡିକର ତଦାରଖ ପାଇଁ ସ୍ୱତନ୍ତ୍ର ସ୍କ୍ୱାଡ୍ ମୁତୟନ କରିବାକୁ ଆରଡିସି କହିଛନ୍ତି। ଏହି ଖଣିଜଦ୍ରବ୍ୟଗୁଡିକ ମଧ୍ୟରେ ଆଖିବୁଜା ବାଲି ଚୋରି ଅଧିକ ଉଦ୍‌ବେଗଜନକ ପରିସ୍ଥିତି ସୃଷ୍ଟି କରିଛି।

ବାଲି ଚୋରି ଫୋକସ୍‌ରେ କଟକ ଓ ଯାଜପୁର ଜିଲା ରହିଥିବା ବେଳେ ପଥର ଚୋରି ଫୋକସ୍‌ରେ ଖୋର୍ଦ୍ଧା ରହିଛି। ଯାଜପୁର ଜିଲାରେ ୨୦୧୮ ଏପ୍ରିଲ ପହିଲାରୁ ୨୦୧୯ ମାର୍ଚ୍ଚ ୩୧ ତାରିଖ ମଧ୍ୟରେ ଲଘୁ ଖଣିଜଦ୍ରବ୍ୟ ରୟାଲ୍‌ଟି ବାବଦରେ ମୋଟ ୧୩କୋଟି ୨୩ଲକ୍ଷ ୩୩ହଜାର ୨୩୨ ଟଙ୍କା ଆଦାୟ ହୋଇଥିବାବେଳେ ବେଆଇନ ଉତ୍ତୋଳନ ପାଇଁ ଜରିମାନା ବାବଦକୁ ୧କୋଟି ୯୩ଲକ୍ଷ ୧୦ହଜାର ୫୩୦ଟଙ୍କା ଆଦାୟ କରାଯାଇଛି। ଏହି ସମୟ ମଧ୍ୟରେ ପ୍ରଶାସନ ପକ୍ଷରୁ ୬୪୯ ଥର ଚଢାଉ କରାଯାଇ ୧୨୦୧ ଗାଡିକୁ ଜବତ କରାଯାଇଛି।

ଖୋର୍ଦ୍ଧା ଜିଲାର ପଥର ଖଣିକୁ ଦେଖିଲେ ଅଧିକାଂଶ ଖଣି ପୁରୀ ଶ୍ରୀଜଗନ୍ନାଥଙ୍କ ଜମିରେ ରହିଛି। ସେପ୍ଟେମ୍ବର ୫ ତାରିଖ ସୁଦ୍ଧା ଜିଲାର ମୋଟ ୧୩୧ଟି ଖଣି ମଧ୍ୟରୁ ୬୫ଟି କାର୍ଯ୍ୟ କରୁଥିବା ରିପୋର୍ଟରୁ ଜଣାପଡିଛି। ତେବେ ଜିଲାରେ କାର୍ଯ୍ୟ କରୁଥିବା ବେଆଇନ କ୍ରଶର ୟୁନିଟ୍‌ଗୁଡିକ ଉପରେ କଡା ନଜର ରଖିବାକୁ ଆର୍‌ଡିସି ତାଗିଦ କରିଛନ୍ତି। ଜଟଣୀ ତହସିଲ ଅଞ୍ଚଳରୁ ବେଆଇନଭାବେ ପଥର ଉତ୍ତୋଳନ କରାଯାଇ ଡେଲାଙ୍ଗ ଓ କଣାସ ଅଞ୍ଚଳକୁ ଚାଲାଣ କରାଯାଉଥିବା ଜଣାପଡିଛି।

ବାଲି ଚୋରି କଟକ ଜିଲାରେ ଲାଭଜନକ ବ୍ୟବସାୟରେ ପରିଣତ ହୋଇଛି। ଦିନ ଦ୍ୱିପ୍ରହରରେ ମହାନଦୀ, କୋଠଯୋଡି, ଲୁଣା, ଚିତ୍ରୋପ୍ତଳା ଓ ବିରୂପା ଆଦି ନଦୀରୁ ବେଆଇନଭାବେ ବାଲି ଚୋରି କରାଯାଉଛି। ସ୍ଥାନୀୟ ପୋଲିସ ଓ ତହସିଲ ପ୍ରଶାସନ ସହାୟତାରେ ଏଭଳି କରାଯାଉଥିବା ଅଭିଯୋଗ ହୋଇଛି। ଗ୍ୟାଙ୍ଗଷ୍ଟର ଧଳସାମନ୍ତ ଭ୍ରାତା ଗିରଫ ହେବା ପରେ ସେମାନଙ୍କର ବାଲି ଘାଟ ଲିଙ୍କ ପଦାକୁ ଆସିଥିଲା। ଏହାପରେ କଟକ ସଦର ତହସିଲ ଅଞ୍ଚଳରେ ତହସିଲ ପ୍ରଶାସନ ଖୋଳତାଡ କରିବାରୁ ବଡ ଧରଣର ବାଲି ଚୋରି ର୍‍ୟାକେଟ ଧରାପଡିଥିଲା। ଲିଜ୍‌ଧାରୀମାନେ ଯେତିକି ଇଲାକା ଲିଜ୍ ସୂତ୍ରରେ ଆଣିଛନ୍ତି ତାହାଠୁ ଅଧିକ ଇଲାକାରୁ ବାଲି ଉତ୍ତୋଳନ କରୁଥିବା ତଦନ୍ତରୁ ଜଣାପଡିଥିଲା। ଫଳରେ ଏହି ଲିଜ୍‌ଧାରୀମାନଙ୍କ ଉପରେ ଜରିମାନା ଲାଗୁ କରାଯାଇଥିଲା। ମୁଖ୍ୟତଃ ନଦୀର ସମ୍ବେଦନଶୀଳ ଅଞ୍ଚଳରୁ ବାଲି ଉତ୍ତୋଳନ କରାଯାଉଥିବାରୁ ଭବିଷ୍ୟତରେ ନଦୀର ଗତିପଥ ପରିବର୍ତ୍ତନ ହେବା ଆଶଙ୍କା ରହିଛି। ଉଦାହରଣଭାବେ ସାଲେପୁର ତହସିଲ ଅଧୀନ ମହାନଦୀର ବାରଗଡିଆ ବାଲିଘାଟର ସମ୍ବେଦନଶୀଳ ଅଞ୍ଚଳରୁ ବାଲି ଉଠାଣକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶାସନ ନିକଟରେ ଫେରାଦ ହୋଇଥିଲେ। ଏପରି କି ଅତୀତରେ କଟକରୁ ଟ୍ରେନ୍ ଯୋଗେ ଉତ୍ତରପ୍ରଦେଶକୁ ବାଲି ଚାଲାଣ ହେଉଥିବାବେଳେ ତତ୍କାଳୀନ ଜିଲାପାଳ ନିର୍ମଳ ମିଶ୍ର ନିର୍ଗୁଣ୍ଡି ଷ୍ଟେଶନରୁ ତାହାକୁ ଜବତ କରିଥିଲେ। ଏ ସମ୍ପର୍କରେ ଆରଡିସିଙ୍କ କାର୍ଯ୍ୟାଳୟରେ ରାଜସ୍ୱ ଦାୟିତ୍ୱରେ ଥିବା ଅଧିକାରୀ ଏଲୋରା ଭାରତୀ ଜେନାଙ୍କୁ ପଚାରିବାରୁ ଲଘୁ ଖଣିଜଦ୍ରବ୍ୟ ଉପରେ କଡା ନଜର ରଖାଯାଇଛି। ଏହି ଚୋରିରେ ସାମିଲ ରହୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି କହିଥିଲେ।

## ୧୩ରେ ବାଚସ୍ପତିଙ୍କ ପୁଣେ ଗସ୍ତ

**ଭୁବନେଶ୍ୱର,୧୧।୧୨(ବ୍ୟୁରୋ):** ଓଡ଼ିଶା ବିଧାନସଭା ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଡିସେମ୍ବର ୧୩ରେ ପୁନେ ଅଭିମୁଖେ ଯାତ୍ରା କରିବେ। ସେଠାରେ ପାତ୍ର ଏମ୍‌ଆଇଟି ସ୍କୁଲ୍ ଅଫ୍ ଗଭର୍ନମେଣ୍ଟଠାରେ ଆୟୋଜିତ ଆଦର୍ଶ ସଂସଦରେ ଅଧ୍ୟକ୍ଷତା କରିବେ। ୧୭ତାରିଖରେ ପାତ୍ର ଡେରାଡୁନ୍‌ରେ ପହଞ୍ଚି ଅଖିଳ ଭାରତୀୟ ବାଚସ୍ପତିମାନଙ୍କ ସମ୍ମିଳନୀରେ ଯୋଗଦେବେ। ଏଥିପାଇଁ ସେ ସେଠାରେ ୧୭ରୁ ୨୧ତାରିଖ ପର୍ଯ୍ୟନ୍ତ ଅବସ୍ଥାନ କରିବେ। ଡିସେମ୍ବର ୨୧ରେ ବାଚସ୍ପତି ପ୍ରତ୍ୟାବର୍ତ୍ତନ କରିବେ।

### କୁଜଙ୍ଗ ବଳାତ୍କାର ଘଟଣା

## ୧୮ ସୁଦ୍ଧା ଅଭିଯୁକ୍ତ ଗିରଫ ନ ହେଲେ ରେଳରୋକୋ: ଭାଜପା

**ଭୁବନେଶ୍ୱର,୧୧।୧୨(ବ୍ୟୁରୋ)**

ରାଜ୍ୟରେ ନାରୀ ନିର୍ଯାତନା, ମହିଳା ଓ ନାବାଳିକା ବଳାତ୍କାର ଭଳି ନିନ୍ଦନୀୟ ଘଟଣା ଦିନକୁ ଦିନ ବୃଦ୍ଧି ପାଇଚାଲିଛି। ରାଜ୍ୟର ବହୁଚର୍ଚ୍ଚିତ ବଳାତ୍କାର ଏବଂ ନିର୍ଯାତନା ଘଟଣାଗୁଡିକରେ ଶାସକ ଦଳର ସମ୍ପୃକ୍ତି ଥିବା ପ୍ରମାଣିତ ହୋଇଛି ବୋଲି ଭାଜପା ଅଭିଯୋଗ କରିଛି। ଭାଜପା ନେତା ବିଭୁ ପ୍ରସାଦ ତରାଇ ବୁଧବାର ଏକ ଖବରଦାତା ସମ୍ମିଳନୀ କରି କହିଛନ୍ତି ଯେ, ସରକାର '୫-ଟି ଏବଂ ମୋ ସରକାର'କୁ ବ୍ୟବହାର କରି 'ବଳାତ୍କାର ଏବଂ ହତ୍ୟା' ଭଳି ଘଟଣାକୁ ଆତ୍ମହତ୍ୟାର ରୂପ ଦେଉଛନ୍ତି। ଗତ ନଭେମ୍ବର ୧୦ରେ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବ୍ଲକ ଅଞ୍ଚଳର ଜଣେ ଯୁବତୀଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିଲା। ପରେ ସେହି ମୃତଦେହ ତିର୍ତ୍ତୋଲ ଅଞ୍ଚଳର ବନ୍ଧବାଟୀ ରେଲୱେ ଟ୍ରାକ୍ ନିକଟରୁ ଉଦ୍ଧାର କରାଗଲା। ଏନେଇ ପୀଡିତାଙ୍କ ବାପା ଏତଲା ଦେଇଥିଲେ। ମାତ୍ର ଏତଲାକୁ ଗ୍ରହଣ ନ କରି ଥାନାଧିକାରୀ ଏହାକୁ ୟୁଡି କେସ୍ ଭାବେ ଗ୍ରହଣ କରିଥିଲେ। ପରବର୍ତ୍ତୀ ସମୟରେ ପୀଡିତାଙ୍କ ବାପା ଏସ୍‌ପିଙ୍କୁ ଲିଖିତଭାବେ ଜଣାଇବା ପରେ ନଭେମ୍ବର ୨୪ରେ ମୁଖ୍ୟ ଅଭିଯୁକ୍ତଙ୍କ ବିରୋଧରେ ହତ୍ୟା ମକଦ୍ଦମା ରୁଜୁ ହେଲା। ମାତ୍ର ଏ ପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଧରାଯାଇନାହିଁ। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ଆସନ୍ତା ୧୮ରେ ପାରାଦୀପ ନିକଟସ୍ଥ ବଗଦିଆଠାରେ ରେଳରୋକୋ କରାଯିବା ସହ ଆଗାମୀ ଦିନରେ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ତରାଇ ସୂଚନା ଦେଇଛନ୍ତି।


## BERHAMPUR UNIVERSITY

**BHANJA BIHAR, BERHAMPUR - 760007 (ODISHA)**

**No.: 9241/SEC (CA)** **Date: 09.12.19**

### TENDER FOR THE SUPPLY OF SECURITY PERSONS INSIDE CAMPUS

Sealed tenders are hereby invited by Berhampur University, Berhampur for deployment of Security Person (Ex-Army) inside campus. The details specification is available in Annexure - (I). The tenderers should submit the duly completed documents alongwith a Bank Draft drawn in favour of the "Comptroller of Finance, Berhampur University" payable at Berhampur for Rs.500/- as the non-refundable tender fee.

The tenders should be accompanied with EMD amount of Rs.50,000/- (refundable) in the form of Demand Draft drawn in favour of "Comptroller of Finance, Berhampur University" payable at Berhampur.

Tenders marked as **"TENDER FOR THE SUPPLY OF SECURITY PERSONS INSIDE BERHAMPUR UNIVERSITY CAMPUS"**, on top of the envelope should reach the **Registrar, Berhampur University, Berhampur** on or before **1 P.M. on 28.12.2019,** which will be opened on same day.

**Sd./- Registrar**



## OFFICE OF THE NOTIFIED AREA COUNCIL, CHAMPUA

**Phone No.06767-240050, Email- champuanac@gmail.com**

**No.2097** **'e'-Procurement Notice** **Dt.10.12.2019**

**Bid Identification No.EOCHAMPUANACNO.24/2019-20**

Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. **www.tendersodisha.gov.in**

1. Nature of Work : Civil Works. 2. No. of Works : 01 No. 3. Estimated Cost : Rs.1,15,42,987/-. 4. Bid Identification No. : 2019_ORULB_57983_1. 5. Date & time of availability of the documents in the portal : From 11.00 A.M. on dt.12.12.2019 to 5.00 P.M. of Dt.24.12.2019. 6. Last date / time for receipt of Bids in the portal : On dt.24.12.2019 upto 5.00 P.M. 7. Last date for submission & drop the Bid documents in the box : From 10.00 A.M. on dt.26.12.2019 to dt.28.12.2019 up to 5.00 P.M. 8. Technical Bids received online shall be opened : At 11.00 A.M. on Dt.30.12.2019. 9. Financial Bids received online shall be opened : At 11.30 A.M. on Dt.31.12.2019. 10. Name and address of the Officer Inviting Bid : Executive Officer, Champua NAC. Further, the details can be seen from the e-Procurement Portal : **www.tendersodisha.gov.in.**

**Sd./- Executive Officer, Champua NAC**



## GOVERNMENT OF ODISHA
## INFORMATION AND PUBLIC RELATIONS DEPARTMENT

**No. 14150 / IPR, Bhubaneswar** **Dated the 11th December, 2019**
**(File No.RTI-48/2019)**

### CORRIGENDUM

For Selection of Agency for Annual Maintenance Contract, e-reporting tool, Mobile Application Development & Setting up of PMU for State RTI Portal **www.rtiodisha.gov.in**

***Bid Ref : RFP No.12445/IPR, dated.04.11.2019***

No.Z-15 :- This is for information of all the intending bidders that the detailed corrigendum in respect of the relevant sections of the RFP document is available in the Government of Odisha website **www.inpr.odisha.gov.in.** The bidders are advised to take into account this revised corrigendum before submission of their bids against this RFP. If any bidder has already submitted his/her bid then he/she should resubmit his/her bids taking into account this corrigendum on or before the last date of submission of bid.

| Sl. No. | RFP Clause Reference | Description |
|---|---|---|
| 1. | Key Events | 1. Last date and time for Submission of Bid is extended till 19.12.2019 by 05.00 P.M. 2. Opening of Pre-Qualification, Technical Bid and Technical Presentation is on 20.12.2019 at 11.30 A.M. 3. Opening of Commercial bids is on 30.12.2019 |

**Sd./- Director**
**Information & Public Relations Department**

**15001/11/0097/1920**



## GODAVARIS MAHAVIDYALAYA, BANPUR, KHORDHA, ODISHA-752031

### QUOTATION CALL NOTICE

Sealed quotations are invited from intending firms / suppliers / authorized dealers having valid PAN / GST and IT clearance for supply of First Aid Box, Fire Extinguisher, Water purifier-cum-cooler, Computers (HP / Acer) & printers (HP), Books, Lab. equipments, Sports items, Teaching Aids by registered post / speed post on or before dt.24.12.2019 by 4 P.M. The items shall be purchased from IDP fund under OHEPEE-2019-20. The undersigned reserves the right to cancel part or whole of quotations without assigning any reason thereof.

**Sd./- Principal**



## GOVERNMENT OF ODISHA
## DEPARTMENT OF WATER RESOURCES,
## OFFICE OF THE EXECUTIVE ENGINEER, JONK IRRIGATION DIVISION, NUAPADA

**e-Procurement Notice No- (JID) 02/2019-20**
**e-mail address: ee.jid.npd@gmail.com**

**No.A-463:-** **PERCENTAGE RATE e-TENDER**

1. The Executive Engineer Jonk Irrigation Division, Nuapada, Dist-Nuapada, Pin-766105, (Odisha) on behalf of Governor of Odisha invites "PERCENTAGE RATE Bids" IN DOUBLE COVER SYSTEM, in electronic tendering system for the construction works detailed in the table below, which are eventually to be draw on P1 agreement.

| | |
|---|---|
| Package No | BID ID No (JID) 12/19-20 |
| Name of Work | Treatment to gallery walls U/S and D/S faces of concrete and stone masonry structure of Upper Jonk spillway by PICC mortar or equivalent non shrinkable mortar and grouting works for eradication of the D/S stress condition of spillway. (One) No. |
| Approximate value of work | Rs. 85.612 Lakhs |
| Cost of Tender documents on-line | Rs. 10,000/- |
| Bid security / EMD on-line | Rs. 86,000/- |
| Period of Completion | 03 (Three) calendar Months. |
| Classification of Bidder | 'B', 'A' or any specialized agency in similar nature experience only. |
| Bid documents available Date and Time | 14.12.2019 at 3.00 Pm to 24.12.2019 upto 5.00 PM |
| Bid clarification start date & Closing date | 14.12.2019 to 23.12.2019 during office hours |
| Last date and time of Receipt of relevant document in hard copy | 24.12.2019 during office hours |
| Date, Time and Venue of opening of bid online. | 26.12.2019 at 11.30 AM at O/o the Executive Engineer, Jonk Irr Division, Nuapada. |
| If stipulation arises the Tender will be decided through transparency Lottery System. | Date will be intimated after financial bid evaluation. |

Further details can be seen any addendum/ corrigendum/ cancellatin to the above notice will be published in the Govt. website **www.tendersodisha.gov.in** only.

**Sd./- Executive Engineer,**
**Jonk Irrigation Division, Nuapada**

**32393/11/0004/1920**



## DIRECTORATE OF MEDICAL EDUCATION & TRAINING, ODISHA

### WALK-IN-INTERVIEW FOR SENIOR RESIDENTS/ TUTORS/ASST. PROFESSORS/ASSOC. PROFESSORS/PROFESSORS/JR. RESIDENT

**No.: 17709** **Dt.11.12.2019**

No.: E-570: Eligible candidates are invited to Walk-in-Interview for recruitment for the Posts of Senior Residents/Tutors/Asst. Professors/Assoc. Professors/ professors/Jr. Residents in Govt. Medical Colleges of the State on Contractual/Deployment Basis. The details of Posts, Mode of Recruitment, Remuneration, Qualification etc. is available in the website of DMET, Odisha i.e. **www.dmetodisha.gov.in**.

**Sd./- Director of Medical Education & Training, Odisha**

**10016/11/0040/1920**



ତା୧୪।୧୨।୨୦୧୯ରିଖରେ ରାଜ୍ୟସ୍ତରୀୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ଜୟନ୍ତୀ ଏବଂ ତା୧୭।୧୨।୨୦୧୯ରିଖରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀ ଉପଲକ୍ଷେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା

**ସ୍ଥାନ: ଜୟଦେବ ଭବନ**

**ପ୍ରବନ୍ଧ ପ୍ରତିଯୋଗିତା** **ସମୟ: ଡିସେମ୍ବର ୧୪ ଏବଂ ୧୭ ପ୍ରତ୍ୟହ ପୂର୍ବାହ୍ନ ଘ.୧୦.୩୦ ମିନିଟ୍**

ପ୍ରଥମ ବର୍ଗ (ପଞ୍ଚମରୁ ସପ୍ତମ ଶ୍ରେଣୀ)
ଦ୍ୱିତୀୟ ବର୍ଗ (ଅଷ୍ଟମରୁ ଦଶମ ଶ୍ରେଣୀ)
ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

**ସ୍ଥାନ: ଗୀତଗୋବିନ୍ଦ ସଦନ**

**ବକ୍ତୃତା ପ୍ରତିଯୋଗିତା** **ସମୟ: ଡିସେମ୍ବର ୧୪ ଏବଂ ୧୭ ପ୍ରତ୍ୟହ ମଧ୍ୟାହ୍ନ ୧୨ ଘଟିକା**

ପ୍ରଥମ ବର୍ଗ (ପଞ୍ଚମରୁ ସପ୍ତମ ଶ୍ରେଣୀ)
ଦ୍ୱିତୀୟ ବର୍ଗ (ଅଷ୍ଟମରୁ ଦଶମ ଶ୍ରେଣୀ)
ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

- ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ, ସେମାନେ ନିର୍ଦ୍ଧାରିତ ସମୟର ୧ଘଣ୍ଟା ପୂର୍ବରୁ ଆସି ନାମ ପଞ୍ଜୀକରଣ କରାଇବେ।
- ପ୍ରତିଯୋଗିତା ଆରମ୍ଭର ୧ଘଣ୍ଟା ପୂର୍ବରୁ ପ୍ରତିଯୋଗିତାର ଶୀର୍ଷକ ପ୍ରଦାନ କରାଯିବ।
- ପ୍ରତିଯୋଗିତା କେବଳ ଓଡ଼ିଆ ଭାଷାରେ ଅନୁଷ୍ଠିତ ହେବ।
- ପ୍ରବନ୍ଧ ପ୍ରତିଯୋଗିତା ପାଇଁ ଉତ୍ତର ଖାତା ଯୋଗାଇ ଦିଆଯିବ। ପ୍ରତିଯୋଗୀମାନେ ସାଙ୍ଗରେ ପରିଚୟ ପତ୍ର/ ପ୍ରଧାନ ଶିକ୍ଷକ / ପ୍ରଧାନ ଶିକ୍ଷୟିତ୍ରୀ / ଅଧ୍ୟକ୍ଷ / ଅଧ୍ୟକ୍ଷାଙ୍କ ଅନୁମତି ପତ୍ର ଆଣିବା ଆବଶ୍ୟକ।
- ପ୍ରତ୍ୟେକ ବର୍ଗରୁ ତିନିଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର (ତା୧୪।୧୨।୨୦୧୯ରିଖ ଏବଂ ୧୭।୧୨।୨୦୧୯) ଦିନ ସନ୍ଧ୍ୟା ଘ.୫.୩୦ ମିନିଟ୍ ସମୟରେ ଜୟଦେବ ଭବନଠାରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ସଭାରେ ପ୍ରଦାନ କରାଯିବ।

15001/13/0098/1920 **ନିର୍ଦ୍ଦେଶକ, ସୂଚନା ଓ ଲୋକସମ୍ପର୍କ ବିଭାଗ**

DADLS-66



## ODISHA STATE CIVIL SUPPLIES CORPORATION LIMITED, SUBARNAPUR
## OFFICE OF THE DISTRICT MANAGER, SUBARNAPUR

**QUOTATION / TENDER CALL NOTICE**

**No.: 2927** **Dt.10.12.19**

### TENDER CALL FOR HIRING VEHICLE

No.: CAD-677: The Collector, Subarnapur has been pleased to pass orders for engagement of 1 (One) hired vehicle for Official use in the Office of the District Manager, OSCSC Ltd., Subarnapur for the KMS 2019-20 w.e.f. 01.01.2020 as per Govt. Office Memorandum No. 30464 dated 06.09.2019.

Fresh sealed quotation/tenders are invited from interested reputed Travel Agencies/Tour Operators or Private Individuals for providing 1 (One) No. of Non AC/AC Vehicles preferably BS-IV (Tiago/Bolt/Celerio) petrol vehicle with a mileage of 17 Kms. Per Ltr. (Prefereable).

**Or**

1 (One) No. of Non AC/AC vehicles (Bolero/Sumo Gold/Scorpio) diesel vehicle with a mileage of 10 Kms. per ltr. which shall confirm to the terms and condition for official use in the Office of the CSO-cum-District Manager, OSCSC Ltd., Subarnapur on monthly rental basis for aforesaid purpose.

Tender paper shall be reached to the Office of the undersigned by Speed Post/Registered Post/Courier on or before Dt.19.12.2019 by 2 P.M.

The non refundable cost of Tender Application is Rs.100/- (Rupees One Hundred) only to be deposited with the undersigned in shape of Cash/DD/Pay Order drawn in favour of "District Manager, OSCSC Ltd., Subarnapur" payable on Sonepur.

**The detail tender guide line is available in this Office/District website**.

| PROGRAMME OF TENDER SELECTION | DATE & TIME |
|---|---|
| Date of Advertisement | 11.12.2019 |
| Sale of Tender Paper (All Working Days) | 11.12.19 to 18.12.19 (upto 3.00 P.M.) |
| Receipt of Tender Application | By 19.12.2019 (upto 2.00 P.M.) |
| Opening & Finalization of Tenders/Bids | 19.01.2019 at 4.00 P.M. |

**By order of Collector**
**Sd./- District Manager**
**OSCSC Ltd., Subarnapur**

**07030/11/0001/1920**



## COUNCIL OF HIGHER SECONDARY EDUCATION, ODISHA

**No.: N-70**

**C-2, PRAJNAPITHA, SAMANTAPUR, BHUBANESWAR-13**

### QUOTATION CALL NOTICE

**Bhubaneswar dated the 10th December, 2019**

No. ADM-II-26/2019/7297/CHSE(O)/Sealed quotations are invited from intending Travel Agencies located at Bhubaneswar having GST Registration, IT-Permanent Account Number with capability to supply bulk numbers of different types of vehicles to the Council on hiring basis, as and when required during the period from 01.01.2020 to 31.12.2020 for the purpose of transportation of men and materials of the Council to different colleges of Odisha.

The quotation document can be downloaded from the official website of the Council at **http://www.chseodisha.nic.in**. Quotation complete in all respect requires to be submitted with the tender fee (non-refundable) of Rs.1,000/- (Rupees one thousand) only and Earnest Money Deposit (EMD) of Rs.10,000/- (Rupees Ten thousand) only in shape of Demand Draft/Banker's Cheque payable at Bhubaneswar drawn in favour of **"Finance Officer, C.H.S.E., Odisha, Bhubaneswar"** in an sealed cover addressing **Secretary, Council of Higher Secondary Education, Odisha, C-2, Prajnapitha, Samantapur, Bhubaneswar-13**, through Speed Post/Registered Post/in Drop-Box **on or before Dt.31.12.2019 by 2 P.M.** The quotations shall be opened at 4 P.M. on the same day in the conference hall of the Council. Tender papers without requisite tender fees, Earnest Money and any conditional bids shall be summarily rejected.

The Council, in its discretion, reserves the right to accept or reject any or all of the quotations without assinging any reasons thereof.

**By Order of Chairman**
**Sd./- Finance Officer**
**C.H.S.E., Odisha, Bhubaneswar**

**11003/11/0013/1920**



## OFFICE OF THE EXECUTIVE ENGINEER, BHADRAK (R&B) DIVISION, BHADRAK

**INVITATION FOR BIDS (IFB)**

**Bid Identification No. EE, BDK (R&B) 27 / 2019-20.**
**E-procurement Notice No. 4837 / dated 09.12.2019.**

**No.B-416:-** The Executive Engineer, Bhadrak (R&B) Division, Bhadrak, Odisha on behalf of Governor of Odisha invites Percentage rate bids in P-1 agreement in single cover system for the work as mentioned in the table below from the class of contractors as mentioned in Column-7 against the work, registered with the State Government and contractors of equivalent grade/ Class registered with Central Government/ MES/ Railways for execution of Civil works. The proof of registration from the appropriate authority shall be enclosed alongwith the bid.

| Sl. No. | Name of Work | Value of Work (In Rs.) | Concerned E.E. with Headquarter | Security (In Rs.) | Cost of documents (In Rs.) | Class of Bidder | Period of Completion |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1. | S/R to Ichhapur-Basudevpur PWD road, India Sahi to Parachacheri Via PWD Office, Danguapokhari & Muslimsahi Road (ODR) for the year 2019-20 such as Construction of RCC drain at LHS from Km 3/825 to 3/880 Km and pot hole repair from 0/300 Km to 3/950 KM | 8,22,398/- | Executive Engineer, (R&B) Division, Bhadrak | 8,224/- (On-line) | 4,000.00 (On-line) | 'D' & 'C' | 2 (Two) Calendar months |
| 2. | S/R to Basudevpur-Anantapur (Salt) Road (Such as construction of RCC drain from 0/022 Km to 0/250 Km. | 22,32,111/- | Executive Engineer, (R&B) Division, Bhadrak | 22,322/- (On-line) | 6,000.00 (On-line) | 'C' & 'B' | 2 (Two) Calendar months |

**2.** Bid documents consisting of plans, specifications, the schedule of quantities and the set of terms and conditions of contract and other necessary documents can be seen in the website **www.tenderssodisha.Gov.in. 3.** The bidder shall transfer online the Earnest Money Deposit / Bid security of the amount specified for the work in the table col. 5 above as part of its bid through a process as mentioned under DTCN. Bidders desirous to hire machineries or equipments from outside the State of owned but deployed outside the State are required to transfer online 2% of the amount put to tender as bid security. **4.** The bid documents will be available in the website: **www.ternerssodisha.govt.in** from 10.00 AM of 17.12.2019 to 5.00 PM of 23.12.2019 for online bidding. **5.** The bidder must possess compatible Digital Signature Certificate (DSC) of Class-II or Class-III. **6.** Bids shall be received only on online on or before 5.00 PM of 23.12.2019. **7.** Bids received on line shall be opened at 11.30 hours on 24.12.2019 in the Office of the Executive Engineer, (R&B) Division, Bhadrak in the presence of the biders who wish to attend. Bidders who participated in the bid can witness the opening of bids after logging on the site through their DSC. If the office happens to be close on the last date of opening the bids as specified, the bids will be opened on the next working day at the same time and venue. **8.** The bidder shall transfer online the cost of bid documents for 6000.00 towards cost of bid through a process as mentioned under DTCN. **9.** Other details can be seen the bidding documents. **10.** The authority reserves the right to cancel any or all bids without assigning any reason. **11.** The Addendum/ Corrigendum if any will be hosted in the website only.

**Sd./- Executive Engineer,**
**Bhadrak (R&B) Division**

**34079/11/0014/1920**

## ସୁନୀଲଙ୍କ ୟାଦେଁ

୧୯୬୪ରେ ମୁକ୍ତିଲାଭ କରିଥିଲା ଏକ ଭିନ୍ନ ଧରଣର ହିନ୍ଦୀ ସିନେମା 'ୟାଦେଁ'। ଏଥିରେ କେବଳ ଜଣେ ଅଭିନେତାଙ୍କୁ ହିଁ ଦେଖିବାକୁ ମିଳିଥିଲା। ସେ ହେଲେ ହିନ୍ଦୀ ସିନେମାର ବିଶିଷ୍ଟ ଅଭିନେତା ସୁନୀଲ ଦତ୍ତ। ଏକ ଘଟଣାକ୍ରମକୁ ସେ ଏଥିରେ ବର୍ଣ୍ଣନା କରିଥିଲେ। ମାତ୍ର ୧୧୩ ମିନିଟ୍ ଅବଧିବିଶିଷ୍ଟ ଏହି ଫିଲ୍ମଟି ସେତେବେଳେ ଦର୍ଶକାଦୃତ ହୋଇପାରିଥିଲା। ଏପରି ସଫଳତା ପାଇଁ ଏହି ସିନେମାକୁ ଗିନିଜ ୱାର୍ଲ୍ଡ ରେକର୍ଡ ଅନ୍ତର୍ଭୁକ୍ତ କରାଯାଇଥିଲା।

# ପରଦାରେ ବିଶ୍ୱରୂପ


ଶିବ୍ –ବିଶ୍ୱରୂପ

ଆକ୍ସନଭିତ୍ତିକ ଓଡିଆ ସିନେମା 'ବିଶ୍ୱରୂପ–ବର୍ନ ଟୁ ଫାଇଟ୍' ଚଳିତ ମାସ ୧୩ ତାରିଖରେ ପରଦା ଉପରକୁ ଆସୁଛି। ଚଳଚ୍ଚିତ୍ରର ମେଲ୍ ଲିଡ୍‌ରେ ଅଭିନୟ କରିଥିବା କଳାକାରଙ୍କର ନାମ ଯାହା ଫିଲ୍ମର ଟାଇଟଲ ମଧ୍ୟ ସେଇଆ। ସେ ହେଲେ ବିଶ୍ୱରୂପ। କଥା କ'ଣ ଏହି ଫିଲ୍ମର ନାୟକ ସାଜିଛନ୍ତି ସେ। ଜଣେ ଫାଇଟର କିପରି ବିଭିନ୍ନ ପ୍ରକାର ଝଡ଼ଝଞ୍ଜାକୁ ସାମ୍ନା କରି ନିଜ ଲକ୍ଷ୍ୟ ପଥରେ ଅଗ୍ରସର ହେଉଛି ତାହା ସିନେମାରେ ଦେଖିବାକୁ ମିଳିବ। ଏ.ବି. କ୍ରିଏସନ୍ସ ବ୍ୟାନରରେ ଏହି ଚଳଚ୍ଚିତ୍ରର ପ୍ରଯୋଜନା କରିଛନ୍ତି ବିଶ୍ୱଜିତ ମିଶ୍ର। ଅନ୍ୟପକ୍ଷରେ ନିର୍ଦ୍ଦେଶନା ଦାୟିତ୍ୱ ସମ୍ଭାଳିଛନ୍ତି 'ପ୍ରେମ ନିଶା ନିଆରା ନିଆରା', 'ତୋ ପ୍ରେମରେ ପଡ଼ିଲା ପରେ' ଏବଂ 'ଚାଲ୍ ଟିକେ ପ୍ରେମ କରିବା'ର ନିର୍ଦ୍ଦେଶକ ସରୋଜ କାନ୍ତ। ମନୋରଞ୍ଜନ ଦାସ ସଂଳାପ ରଚନା କରିଥିବାବେଳେ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ବିଭୂତି ଭୂଷଣ ଗଡ଼ନାୟକ। ଏହି ଫିଲ୍ମରେ ବିଶ୍ୱରୂପଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ନବାଗତା ଅମ୍ରିତା। ଏହି ନୂଆ ଯୋଡି ବ୍ୟତୀତ ମନୋଜ ମିଶ୍ର, ତନୁଶ୍ରୀ, ଶିବ୍, ରକ୍ ପାତ୍ର, ଶ୍ୱେତା ଆଚାର୍ଯ୍ୟ, ଜୟା ସ୍ୱାମୀ, ଦେବୀ ବାରିକ, କାଳି ଏବଂ ଶିଶୁ କଳାକାର ଓମ୍। ତେବେ ଫିଲ୍ମଟି ଦର୍ଶକଙ୍କୁ କେତେ ଏଣ୍ଟରଟେନ କରୁଛି ତାହା ଦେଖିବାକୁ ବାକି ରହିଲା।


ତାପସୀ

## ବଲିଉଡ୍ ହାଲଚାଲ

■ 'ମୋ ବ୍ୟକ୍ତିଗତ ଜୀବନକୁ ନେଇ ଅନେକ ଆଲୋଚନା ଚାଲିଛି। ମୁଁ କୁଆଡ଼େ ଜଣେ ନାୟିକାଙ୍କ ପ୍ରେମରେ ଉବୁଟୁବୁ ବୋଲି ଶୁଣିବାକୁ ମିଳୁଛି। ହେଲେ ଏସବୁ ସମ୍ପୂର୍ଣ୍ଣ ଅମୂଳକ ବୋଲି କହିଛନ୍ତି କାର୍ତ୍ତିକ ଆର୍ଯ୍ୟନ।

■ କରନ୍ ଜୋହରଙ୍କ ଆଗାମୀ ଫିଲ୍ମରେ ସାନା ଫାତିମା ଶେଖ୍ ଅଭିନୟ କରିବେ। ଏହାର ନିର୍ଦ୍ଦେଶନା ଦେବେ ଶଶାଙ୍କ ଖୈତାନ।

■ 'ପାଗଲପନ୍ଥୀ'ର ବିଜନେସ୍‌କୁ ନେଇ ଜନ୍ ଆବ୍ରାହମ ବେଶ୍ ଖୁସ୍ ଅଛନ୍ତି। ଏହି ଫିଲ୍ମରେ ଜନ୍‌ଙ୍କ ବ୍ୟତୀତ ଅନିଲ କପୁର ମଧ୍ୟ ଅଭିନୟ କରିଛନ୍ତି।

■ ରଣବୀର ସିଂ, କରୀନା କପୁର, ଆଲିୟା ଭଟ୍ଟଙ୍କ ଅଭିନୀତ 'ତକ୍ତ' ଆସନ୍ତାବର୍ଷ ଫେବୃୟାରୀରେ ରିଲିଜ୍ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

■ ଭାରତୀୟ ମହିଳା କ୍ରିକେଟ୍ ଦଳର ନାମୀ ଖେଳାଳି ମିଥାଲି ରାଜଙ୍କ ଜୀବନୀକୁ ନେଇ ନିର୍ମିତ ହେଉଛି ହିନ୍ଦୀ ସିନେମା 'ସାବାସ ମିଥୁ'। ଫିଲ୍ମର ଟାଇଟଲ ଭୂମିକାରେ ଅଭିନୟ କରିବେ ତାପସୀ ପାନ୍ନୁ। ନିର୍ଦ୍ଦେଶନା ଦେବେ ରାହୁଲ ଢୋଲକିଆ। ଏଥିପାଇଁ ତାପସୀ ଏବେ କ୍ରିକେଟ୍ ପ୍ରାକ୍ଟିସ୍ କରୁଛନ୍ତି।

## ଖୁସି ଅନ୍ତରାଳେ..


କ୍ରିତି

କ୍ରିତିଙ୍କ ଖୁସି ଏବେ କହିଲେ ନ ସରେ। କାରଣ ତାଙ୍କୁ ଏକ ମନଲାଖି ଚରିତ୍ରଟିଏ ମିଳିଯାଇଛି। ବର୍ତ୍ତମାନ ସେ 'ମିମି' ଟାଇଟଲ ବିଶିଷ୍ଟ ସିନେମାରେ ଅଭିନୟ କରୁଛନ୍ତି। ଏଥିରେ ଜଣେ ସରୋଗେଟ ମା' ଚରିତ୍ରରେ ଅବତୀର୍ଣ୍ଣ ହୋଇଛନ୍ତି କ୍ରିତି। 'ଏହି ଭୂମିକା ମୋ ପାଇଁ ଏକ ଚ୍ୟାଲେଞ୍ଜ ବୋଲି କହିବି। ଏପରି ଏକ ଭୂମିକାରେ ଅଭିନୟ କରିବା ସହଜ କଥା ନୁହେଁ। ଏ କ୍ଷେତ୍ରରେ ଫିଲ୍ମର ନିର୍ଦ୍ଦେଶକ ଲକ୍ଷ୍ମଣ ଉତକେର ମୋତେ ଯେଉଁ ସାହାଯ୍ୟ କରିଛନ୍ତି ତାହା ମୁଁ ଭୁଲିପାରିବି ନାହିଁ।' ଏଥିରେ କ୍ରିତିଙ୍କ ଅପୋଜିଟ୍‌ରେ ଅଛନ୍ତି ପଙ୍କଜ ତ୍ରିପାଠୀ। ଦିନେଶ ଭିଜାନ୍‌ଙ୍କ ପ୍ରଯୋଜନାରେ ଏହି ଫିଲ୍ମଟି ଆସନ୍ତା ବର୍ଷ ରିଲିଜ ହେବାର ଯୋଜନା ରହିଛି।

# ଅଭିନବ ପ୍ରୟାସ


ରମେଶ ବାରିକ

ଓଡ଼ିଆ ସିନେମାର ବର୍ତ୍ତମାନର ଅବସ୍ଥାକୁ ନେଇ ଏବେ ଅନେକ ପ୍ରଶ୍ନବାଚୀ। ସିନେମା ଦେଖିବାକୁ ଦର୍ଶକ ପୂର୍ବଭଳି ଆଗ୍ରହ ପ୍ରକାଶ କରୁନାହାନ୍ତି, ଅନ୍ୟ ପ୍ରାନ୍ତୀୟ ସିନେମାରୁ ଅଧିକାଂଶ ଓଡ଼ିଆ ସିନେମା କପି କରାଯାଉଛି–ଏପରି ଅନେକ ପ୍ରଶ୍ନ ମନ ଭିତରେ ଉଙ୍କି ମାରୁଛି। ତଥାପି ଓଡ଼ିଆ ସିନେମା ପ୍ରତି ଦର୍ଶକଙ୍କ ମନୋଭାବରେ ପରିବର୍ତ୍ତନ ଆଣିବାକୁ କେତେ ଜଣ ପ୍ରଯୋଜକ ଅଣ୍ଟା ଭିଡିଛନ୍ତି। ଆଉ ଏପରି ଅଭିନବ ପ୍ରୟାସର ମଙ୍ଗ ଧରିଛନ୍ତି ପ୍ରଯୋଜକ ତଥା ଆଗଧାଡିର ଇଭେଣ୍ଟ ମ୍ୟାନେଜର ରମେଶ ବାରିକ। ଏହି ଗ୍ରୁପ୍‌ର ଚେୟାରମ୍ୟାନ ଦାୟିତ୍ୱ ସେ ନିର୍ବାହ କରୁଥିବାବେଳେ ଲୁଟୁ ମହାନ୍ତି (ସଭାପତି), ଲୋକନାଥ ଦାଶ (ଉପସଭାପତି), ରବୀନ୍ଦ୍ର ପଣ୍ଡା (ସମ୍ପାଦକ) ଏବଂ ଶ୍ରୀଧର ମାର୍ଥା (ସହ ସମ୍ପାଦକ) ଅଛନ୍ତି। ନିଜର ଆଭିମୁଖ୍ୟ ସମ୍ପର୍କରେ ରମେଶ କହନ୍ତି, 'ଆମେ ପଞ୍ଚୁ ପାଣ୍ଡବ ଏକାଠି ହେବା ପରେ ସାମ୍ପ୍ରତିକ ସ୍ଥିତିରେ ଓଡ଼ିଆ ସିନେମା ପ୍ରତି ଆମର କି କର୍ତ୍ତବ୍ୟ ରହିଛି ତାହା ସ୍ଥିର କରି ଆଗଉଛୁ। ସିନେମା ପ୍ରଯୋଜନା ତ ଜାରି ରହିବ। ତା'ସହ ଓଡ଼ିଆ କଳାକାରଙ୍କୁ ଆହୁରି ଉତ୍ସାହିତ କରିବା ପାଇଁ ଆମେ 'ଷ୍ଟାର ଫିଲ୍ମ ଆୱାର୍ଡ' ପ୍ରଦାନ ଜାରି ରଖିବାକୁ ନିଷ୍ପତ୍ତି ନେଇଛୁ। ମୋ ମତରେ ଆମ ପାଖରେ ଅନେକ ନିଛକ କାହାଣୀ ରହିଛି, ଯାହାକୁ ନେଇ ସୁନ୍ଦର ଓଡ଼ିଆ ସିନେମା ନିର୍ମାଣ କରିହେବ। ଏ ନେଇ ପ୍ରୟାସ ଜାରି ରଖିବୁ। ଏ ପର୍ଯ୍ୟନ୍ତ ମୁଁ ଯେତୋଟି ଓଡିଆ ସିନେମା ପ୍ରସ୍ତୁତ କରିଛି ସେଥିରେ ଦର୍ଶକଙ୍କ ମାନସିକତାକୁ ଗୁରୁତ୍ୱ ଦେଇଛି। ଆମର ଏପରି ଅଭିନବ ପ୍ରୟାସକୁ ଓଡ଼ିଆ ସିନେପ୍ରେମୀଙ୍କ ପ୍ରେରଣା ନିଶ୍ଚୟ ଆଗକୁ ଆଗେଇ ନେବ। ଅନ୍ୟପକ୍ଷରେ ବେଶ୍ କେତୋଟି ରିୟାଲିଟି ଶୋ' ଆୟୋଜନ କରିବା ପରେ ମୁଁ ଏଥିପ୍ରତି ମଧ୍ୟ ଗୁରୁତ୍ୱ ଦେବି।' ସୂଚନାଯୋଗ୍ୟ 'ଟାଇଗର', 'ରୋମିଓ ଜୁଲିଅଟ୍', 'ଜଷ୍ଟ ମୋହବତ୍', 'ଦେଖାହେଲା ପ୍ରେମ ହେଲା', 'ବ୍ରେକ୍‌ଅପ୍ ଲଭ୍' ପରେ ରମେଶ ଏବେ ପିନୁ ନାୟକଙ୍କ ନିର୍ଦ୍ଦେଶନାରେ ସମ୍ବିତ, ଦେବଜାନୀ ଏବଂ ସିଦ୍ଧାନ୍ତ ମହାପାତ୍ରଙ୍କୁ ନେଇ ନିର୍ମିତ ହେବାକୁ ଯାଉଥିବା ଏକ ଅନଟାଇଟଲଡ୍ ଫିଲ୍ମର ପ୍ରାରମ୍ଭିକ କାମରେ ବ୍ୟସ୍ତ ଅଛନ୍ତି।

























ଦେଶର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଲାଗି ସରକାର ବିଭିନ୍ନ ସଂସ୍କାର ଧାରା ଜାରି ରଖିଛନ୍ତି।
– ପୀୟୂଷ ଗୋୟଲ, କେନ୍ଦ୍ର ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରୀ



ଗତ ୧୧ ମାସ ମଧ୍ୟରେ ସରକାର ଟେଲିକମ କମ୍ପାନୀଗୁଡିକ ବିରୋଧରେ ୪୪,୮୯୦ ଅଭିଯୋଗ ଗ୍ରହଣ କରିଛନ୍ତି।
– ସଞ୍ଜୟ ଧ୍ରୋତେ, କେନ୍ଦ୍ର ଯୋଗାଯୋଗ ରାଷ୍ଟ୍ର ମନ୍ତ୍ରୀ



# କେନ୍ଦ୍ରକୁ ରାଜସ୍ୱ ବୃଦ୍ଧି ଚିନ୍ତା

ନୂଆଦିଲ୍ଲୀ,୧୧-୧୨

ଗତ କିଛି ମାସ ଧରି ପରୋକ୍ଷ ଟିକସ ବାବଦ ରାଜସ୍ୱ ହ୍ରାସ ହେଉଥିବାରୁ ଏହା କେନ୍ଦ୍ର ସରକାରଙ୍କ ଚିନ୍ତାକୁ ବଢାଇଛି। ଟିକସ ସଂଗ୍ରହକୁ ନେଇ ସରକାର ଚାପରେ ରହିଥିବା ବେଳେ ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ହାର ଏବଂ ସ୍ଲାବରେ ପରିବର୍ତ୍ତନ କରିପାରନ୍ତି ବୋଲି ଅନୁମାନ କରାଯାଉଛି। ଡିସେମ୍ବର ୧୮ରେ ଜିଏସ୍‌ଟି ପରିଷଦ ବୈଠକ ଅନୁଷ୍ଠିତ ହେବ। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଉକ୍ତ ବୈଠକରେ ରାଜସ୍ୱ ହ୍ରାସ ସଂକ୍ରାନ୍ତ ବିଭିନ୍ନ ଦିଗ ଉପରେ ରାଜ୍ୟର ଅର୍ଥମନ୍ତ୍ରୀ ମାନେ ଆଲୋଚନା କରିବେ ବୋଲି ସୂଚନା ରହିଛି। ସେହିଭଳି ଆଶାଠାରୁ କମ୍ ପରୋକ୍ଷ ଟିକସ ସଂଗ୍ରହ ଏବଂ ରାଜ୍ୟଗୁଡିକର ଜିଏସ୍‌ଟି କ୍ଷତିପୂରଣ ବକେୟା ପ୍ରସଙ୍ଗ ମଧ୍ୟ ବୈଠକରେ ସାମିଲ କରାଯିବ। ଜିଏସଟିରେ ବର୍ତ୍ତମାନ




■ ବଢ଼ିପାରେ ଜିଏସ୍‌ଟି ହାର
■ ଲୋକଙ୍କୁ ଦେବାକୁ ପଡିପାରେ ଅଧିକ ଟିକସ

୫,୧୨,୧୮ ଏବଂ ୨୮% ସ୍ଲାବ ରହିଛି। ୨୮% ସ୍ଲାବରେ ଥିବା ସାମଗ୍ରୀ ଉପରେ ଜିଏସ୍‌ଟି ବା ସେସ୍ ବା ଉପକାର ଲାଗୁ ହେଉଛି। ଏହି ସେସ୍ ୧ରୁ ୨୫% ମଧ୍ୟରେ ରହୁଛି।

ଟିକସ ସଂକ୍ରାନ୍ତ ବିଭିନ୍ନ ପ୍ରସଙ୍ଗ ଉପରେ ନିଷ୍ପତ୍ତି ନେବା ଲାଗି ମଙ୍ଗଳବାର କେନ୍ଦ୍ର ଏବଂ ରାଜ୍ୟସ୍ତରର ଅଧିକାରୀଙ୍କ ଉଚ୍ଚ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଏହା ବିଭିନ୍ନ ବିକଳ୍ପ ଉପରେ ବିଚାର କରିଥିବା ଜଣାପଡିଛି। ୫% ଟିକସ ହାରକୁ ୮%କୁ ବୃଦ୍ଧି, ୧୨% ହାରକୁ ୧୫%କୁ ବଢାଇବା ନେଇ ଆଲୋଚନା କରାଯାଇଥିବା ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ କହିଛନ୍ତି। ସେହିଭଳି ଟିକସ ସ୍ଲାବ କମାଇବା ଲାଗି ସ୍ଲାବର ମିଶ୍ରଣ ଉପରେ ରହିଥିବା ସମ୍ଭାବନାକୁ ମଧ୍ୟ ବିଚାର କରାଯାଉଛି। ଟିକସ ଛାଡ ପାଇଥିବା ସାମଗ୍ରୀ ତାଲିକା ଉପରେ ଧ୍ୟାନ ରଖାଯାଇଛି। କେତେକ ସେବା ଉପରେ ସେସ୍ ଲାଗୁ ହୋଇ ପାରିବ କି ନାହିଁ ତାହା ମଧ୍ୟ ବିଚାର କରାଯାଇଛି ବୋଲି ଅଧିକାରୀ ସୂଚନା ଦେଇଛନ୍ତି। ଚଳିତ ଆର୍ଥିକ ବର୍ଷ ଏପ୍ରିଲ-ନଭେମ୍ବର ସମୟ ମଧ୍ୟରେ ପରୋକ୍ଷ ଟିକସ ସଂଗ୍ରହ ବଜେଟ ଧାର୍ଯ୍ୟଠାରୁ ୪୦% କମ୍ ରହିଛି।

ଏପ୍ରିଲ-ନଭେମ୍ବରରେ ସରକାର କେନ୍ଦ୍ର ଜିଏସ୍‌ଟି ବାବଦକୁ ୩.୨୮ ଲକ୍ଷ କୋଟି ସଂଗ୍ରହ କରିଛନ୍ତି। ୫.୨୦ ଲକ୍ଷ କୋଟି କେନ୍ଦ୍ର ଜିଏସ୍‌ଟି ଆଦାୟ ଲାଗି ସରକାର ଲକ୍ଷ୍ୟ ରଖିଥିଲେ। ୨୦୧୮-୧୯ରେ ସରକାର ୬.୦୩ ଲକ୍ଷ କୋଟି ଟଙ୍କାର କେନ୍ଦ୍ର ଜିଏସ୍‌ଟି ଆଦାୟ ଲାଗି ଲକ୍ଷ୍ୟ ରଖିଥିଲେ ମଧ୍ୟ ଏହା ୪.୫୭ ଲକ୍ଷ କୋଟି ଟଙ୍କାକୁ ଖସିଥିଲା। ସେହିଭଳି ୨୦୧୭-୧୮ରେ ଏହା ୨.୦୩ ଲକ୍ଷ କୋଟି ଟଙ୍କା ଥିଲା। ଭାରତର ଦ୍ୱିତୀୟ ତ୍ରୈମାସ ଜିଡିପି ଅଭିବୃଦ୍ଧି ୨୬ ତ୍ରୈମାସର ସର୍ବନିମ୍ନ ସ୍ତର ୪.୫%କୁ ଖସିଛି। ମାନୁଫାକଚରିଂ କ୍ଷେତ୍ରକୁ ଗ୍ରସ ଭାଲ୍ୟୁ ଆଡେଡ ୯ ତ୍ରୈମାସରେ ପ୍ରଥମଥର ଲାଗି ନିମ୍ନରେ ରହିଛି। ରାଜ୍ୟଗୁଡିକୁ ଜିଏସ୍‌ଟି କ୍ଷତିପୂରଣ ପ୍ରଦାନ ଲାଗି ସରକାର ଅତିରିକ୍ତ ସେସ୍ ଲାଗୁ କରିପାରନ୍ତି। ମାତ୍ର ଗତ କିଛି ମାସ ଧରି ଜିଏସ୍‌ଟି ଏବଂ କ୍ଷତିପୂରଣ ସେସ୍ ସଂଗ୍ରହ କମୁଥିବାରୁ ଏଦିଗରେ କି ପ୍ରକାରର ପଦକ୍ଷେପ ନିଆଯିବ ତାହା ଆଗାମୀ ଦିନରେ ଜଣାପଡିବ।

# ଅବସରକାଳୀନ ପାଣ୍ଠି ଲାଗି ଶୀଘ୍ର ସଞ୍ଚୟ କରନ୍ତୁ

## ଅର୍ଥର ଅର୍ଥ



Rupkumar Pradhan
CERTIFIED FINANCIAL PLANNER[CM], CHARTERED WEALTH MANAGER
"Director, SmartFin Wealth Management Pvt. Ltd."

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

ଅବସରକାଳୀନ ପାଣ୍ଠି ଗଠନ କରିପାରିବେ। ପ୍ରାୟତଃ ଅଧିକାଂଶ ଲୋକ ପିପିଏଫରେ ନିବେଶ କରନ୍ତି ଏହାର କାରଣ ହେଉଛି ପ୍ରଥମତଃ ବାର୍ଷିକ ସୁଧହାର ଆୟକର ମୁକ୍ତ ଏବଂ ଦ୍ୱିତୀୟତଃ ଚକ୍ରବୃଦ୍ଧି ସୁଧହାରର ଉପକାର। ୧୫ ବର୍ଷ କିମ୍ବା ପରବର୍ତ୍ତୀ ବର୍ଦ୍ଧିତ ନିବେଶ ସମୟସୀମାରେ ଚକ୍ରବୃଦ୍ଧି ସୁଧହାରର ପ୍ରଭାବ ଅନେକ କିଛି ରହିବ। ଯାହା କିଛି ସୁଧ ମିଳିବ ତାହା ସ୍ଥିର ନୁହେଁ କିନ୍ତୁ ଏହା ସୁରକ୍ଷିତ ସ୍କିମ। ବର୍ତ୍ତମାନ ପିପିଏଫର ବାର୍ଷିକ ସୁଧହାର ୭.୯୦% ଅଛି କିନ୍ତୁ ପ୍ରତ୍ୟେକ ତ୍ରୈମାସିକ ସୁଧହାର ସମୀକ୍ଷା ବୈଠକରେ କେନ୍ଦ୍ର ସରକାର ଏହି ସ୍କିମର ସୁଧହାର ଉପରେ ନିଷ୍ପତ୍ତି ନିଅନ୍ତି। ପିପିଏଫ ସ୍କିମର ବାର୍ଷିକ ସୁଧହାର କମ୍ ହେବାରେ ଲାଗିଛି ଯାହାକି ଆପଣଙ୍କ ଅବସରକାଳୀନ ପାଣ୍ଠି ଗଠନ ଯୋଜନାରେ ଏକ ବଡ ପ୍ରଭାବ ପକାଇବ। ଆପଣ ନିମ୍ନଲିଖିତ ଟେବୁଲକୁ ଦୃଷ୍ଟି ଦେଲେ ସ୍କିମର ସୁଧହାର କମିବାର ଧାରାକୁ ବୁଝିପାରିବେ। ଯଦି ଆପଣ ବାର୍ଷିକ ୪୦ ହଜାର ଟଙ୍କା ପିପିଏଫ୍ ସ୍କିମରେ ନିବେଶ କରନ୍ତି ଓ ବାର୍ଷିକ ସୁଧହାର ୭.୯% ଧରିନେବା ତବେ ଆପଣ ୬୦ ବର୍ଷ ବେଳକୁ ୬୨.୧୦ ଲକ୍ଷ (୬୨,୧୦,୪୬୪) ପାଣ୍ଠି ଗଠନ କରିପାରିବେ । ପିପିଏଫ ନିୟମ ଅନୁଯାୟୀ ୧୫ ବର୍ଷ ପରେ

■ ମ୍ୟୁଚୁଆଲ ଫଣ୍ଡରେ ମାସିକ ୧୦୦ ନିବେଶ କରିପାରିବି କି ? ମାସିକ ୧୦୦ ଟଙ୍କା ନିବେଶ କରି ୨୫ ବର୍ଷ ପରେ କେତେ ପାଣ୍ଠି ଗଠନ ହୋଇପାରିବ ?
– ସାଗରିକା ସାହୁ, ଛତ୍ରପୁର

➤ ହଁ ଆପଣ ମ୍ୟୁଚୁଆଲ ଫଣ୍ଡରେ ଏସ୍‌ଆଇପି (ସିଷ୍ଟମେଟିକ୍ ଇନଭେଷ୍ଟମେଣ୍ଟ ପ୍ଲାନ) ମାଧ୍ୟମରେ ମାସିକ ୧୦୦ ଟଙ୍କା ନିବେଶ କରିପାରିବେ । ମାସିକ ୧୦୦ ଟଙ୍କା ୨୫ ବର୍ଷ (୩୦୦ ମାସ) ନିବେଶ କରିବେ ଓ ଧରିନେବା ଇକ୍ୟୁଟି ଡାଇଭର୍ସିଫାଏଡ ମ୍ୟୁଚୁଆଲ ଫଣ୍ଡ ବାର୍ଷିକ ସୁଧହାର ବା ଲାଭ ୧୨% ତେବେ ୨୫ ବର୍ଷ ପରେ ଆପଣ ୩୦,୦୦୦ ଟଙ୍କା ନିବେଶ କରି ୧.୮୯ ଲକ୍ଷ ଟଙ୍କା (୧,୮୯,୭୬୩) ଏକ ପାଣ୍ଠି ଗଠନ କରିପାରିବେ । ଅନେକ ମ୍ୟୁଚୁଆଲ ଫଣ୍ଡ କମ୍ପାନୀ ଯଥା- ୟୁଟିଆଇ ମ୍ୟୁଚୁଆଲ ଫଣ୍ଡ, ଆଦିତ୍ୟ ବିରଲା ସନ୍‌ଲାଇଫ ମ୍ୟୁଚୁଆଲ ଫଣ୍ଡ, ଆଇସିଆଇସିଆଇ ପ୍ରୁଡେନସିଆଲ ମ୍ୟୁଚୁଆଲ ଫଣ୍ଡ, ଆଇଡିଏଫ୍‌ସି ମ୍ୟୁଚୁଆଲ ଫଣ୍ଡ, ନିପନ୍ ଇଣ୍ଡିଆ ମ୍ୟୁଚୁଆଲ ଫଣ୍ଡ, ଇନଭେସ୍କୋ ମ୍ୟୁଚୁଆଲ ଫଣ୍ଡ ଇତ୍ୟାଦି କମ୍ପାନୀରେ ୧୦୦ ଟଙ୍କା ମାସିକ ଏସ୍‌ଆଇପି ଆରମ୍ଭ କରିପାରିବେ।

### ପବ୍ଲିକ ପ୍ରୋଭିଡେଣ୍ଟ ଫଣ୍ଡ(ପିପିଏଫ)ର ସୁଧ ହାର ଧାରା

**୧୯୮୬-୨୦୧୬ ଆର୍ଥିକ ବର୍ଷ**

| ସମୟକାଳ | ସୁଧହାର |
|---|---|
| ଏପ୍ରିଲ ୧୯୮୬- ଜାନୁୟାରୀ ୨୦୦୦ | ୧୨.୦% |
| ଜାନୁୟାରୀ୨୦୦୦-ଫେବୃୟାରୀ ୨୦୦୧ | ୧୧.୦% |
| ମାର୍ଚ୍ଚ ୨୦୦୧-ଫେବୃୟାରୀ ୨୦୦୨ | ୯.୫% |
| ମାର୍ଚ୍ଚ ୨୦୦୨- ଫେବୃୟାରୀ ୨୦୦୩ | ୯.୦% |
| ମାର୍ଚ୍ଚ ୨୦୦୩-ନଭେମ୍ବର୨୦୧୧ | ୮.୦% |
| ଡିସେମ୍ବର ୨୦୧୧-ମାର୍ଚ୍ଚ ୨୦୧୨ | ୮.୬% |
| ଏପ୍ରିଲ ୨୦୧୨-ମାର୍ଚ୍ଚ ୨୦୧୩ | ୮.୮% |
| ଏପ୍ରିଲ ୨୦୧୩- ମାର୍ଚ୍ଚ ୨୦୧୬ | ୮.୭% |
| **୨୦୧୬-୨୦୧୭ ଆର୍ଥିକ ବର୍ଷ** | |
| ଏପ୍ରିଲ ୨୦୧୬- ସେପ୍ଟେମ୍ବର ୨୦୧୬ | ୮.୧% |
| ଅକ୍ଟୋବର୨୦୧୬-ମାର୍ଚ୍ଚ ୨୦୧୭ | ୮.୦% |

**୨୦୧୭-୧୮ ଆର୍ଥିକ ବର୍ଷ**

| ସମୟକାଳ | ସୁଧହାର |
|---|---|
| ଏପ୍ରିଲ ୨୦୧୭- ଜୁନ ୨୦୧୭ | ୭.୯% |
| ଜୁଲାଇ୨୦୧୭-ଡିସେମ୍ବର ୨୦୧୭ | ୭.୮% |
| ଜାନୁୟାରୀ ୨୦୧୮-ମାର୍ଚ୍ଚ ୨୦୧୮ | ୭.୬% |
| **୨୦୧୮-୧୯ ଆର୍ଥିକ ବର୍ଷ** | |
| ଏପ୍ରିଲ ୨୦୧୮-ସେପ୍ଟେମ୍ବର ୨୦୧୮ | ୭.୬% |
| ଅକ୍ଟୋବର ୨୦୧୮-ମାର୍ଚ୍ଚ ୨୦୧୯ | ୮.୦% |
| **୨୦୧୯-୨୦ ଆର୍ଥିକ ବର୍ଷ** | |
| ଏପ୍ରିଲ୨୦୧୯-ଜୁନ ୨୦୧୯ | ୮.୦% |
| ଜୁଲାଇ୨୦୧୯-ଡିସେମ୍ବର୨୦୧୯ | ୭.୯% |

■ ମୁଁ ଭାବୁଛି ପିପିଏଫ ସ୍କିମରେ ସଞ୍ଚୟ ଆରମ୍ଭ କରିବି। ବର୍ଷକୁ ୪୦,୦୦୦/- ଟଙ୍କା ସଞ୍ଚୟ କରି ଅବସରଗ୍ରହଣ ସମୟକୁ କେତେ ଟଙ୍କାର ପାଣ୍ଠି ଗଠନ କରିପାରିବି?
– ମନୋଜ ମିଶ୍ର, ଅନୁଗୋଳ

➤ ଅବସରକାଳୀନ ପାଣ୍ଠି ଗଠନ ଯୋଜନା ସମୟରେ ମୁଦ୍ରାସ୍ଫୀତିର ପ୍ରଭାବ, ଆପଣଙ୍କ ନିବେଶ ପୋର୍ଟଫୋଲିଓ,ବାର୍ଷିକ ଲାଭ ବା ସୁଧହାର ଆପଣଙ୍କ ବୟସ ଓ ମାସିକ ଦୈନନ୍ଦିନ ଜୀବନଶୈଳୀ ଖର୍ଚ୍ଚ ସବୁକୁ ଦୃଷ୍ଟି ଦେଇ ପ୍ରସ୍ତୁତ କରାଯାଇଥାଏ। ଏହା ଏକ ପାଣ୍ଠି ଗଠନ କରିବାର ରଣନୀତି। ଆପଣ ପବ୍ଲିକ ପ୍ରୋଭିଡେଣ୍ଟ ଫଣ୍ଡ(ପିପିଏଫ) ମାଧ୍ୟମରେ ନିଜର ଆପଣ ୫ ବର୍ଷ ହିସାବରେ ବୃଦ୍ଧି କରିପାରିବେ ଅର୍ଥାତ୍ ଥରେ ୫ ବର୍ଷ ପାଇଁ ସ୍କିମ୍ ଅବଧି ବୃଦ୍ଧି କରି ସଞ୍ଚୟ କରିପାରିବେ । ଯଦି ଅଧିକ ବୃଦ୍ଧି କରିବାକୁ ଚାହୁଁଛନ୍ତି ପୁନର୍ବାର ଆଉ ୫ ବର୍ଷ ପାଇଁ ବୃଦ୍ଧି କରିପାରିବେ । ଅବସରକାଳୀନ ପାଣ୍ଠି ଗଠନ ଯୋଜନା ଏକ ଯୋଜନା ଯାହାକି ଅନେକ ଦିଗକୁ ଦୃଷ୍ଟି ଦେଇ ପ୍ରସ୍ତୁତ କରାଯାଏ । ଆମର ପରାମର୍ଶ ଆପଣ ଜଣେ ଚାର୍ଟାର୍ଡ ୱେଲଥ ମ୍ୟାନେଜର କିମ୍ବା ସାର୍ଟିଫାଏଡ୍ ଫାଇନାନସିଆଲ ପ୍ଲାନରଙ୍କ ସହ ସାକ୍ଷାତ କରି ଓ ଆଲୋଚନା ଦ୍ୱାରା ନିଜର ଅବସରକାଳୀନ ପାଣ୍ଠି ଗଠନ ପାଇଁ ସଞ୍ଚୟ ଆରମ୍ଭ କରନ୍ତୁ ।

■ ଅବସରକାଳୀନ ପାଣ୍ଠି ପାଇଁ ଏବେଠୁ ସଞ୍ଚୟ ଆରମ୍ଭ କରିବି କି ? ମୋର ବୟସ ୨୭ ବର୍ଷ ବେଳେବେଳେ ଭାବୁଛି ୪୦/୪୫ ବର୍ଷ ହେଲେ ଆରମ୍ଭ କରିବି ।
– ଶକ୍ତି ରଞ୍ଜନ ମିଶ୍ର, ପାରାଦୀପ

➤ ଏବେଠୁ ଅବସରକାଳୀନ ପାଣ୍ଠି ଗଠନ ପାଇଁ ସଞ୍ଚୟ ଆରମ୍ଭ କରନ୍ତୁ ଯେତେଶୀଘ୍ର ଆରମ୍ଭ କରିବେ ସେତେ ଭଲ ହେବ । ଆଦୌ ଅବହେଳା କରନ୍ତୁ ନାହିଁ ।

ଆମ ଠିକଣା
ବିଜ୍‌ନେସ ଧରିତ୍ରୀ
ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ,
ଭୁବନେଶ୍ୱର - ୧୦

# ଭି-ଗାର୍ଡ ପକ୍ଷରୁ ସ୍ୱତନ୍ତ୍ର ଶୋ'ରୁମ୍




ଭୁବନେଶ୍ୱର,୧୧-୧୨

ଭି-ଗାର୍ଡ ପକ୍ଷରୁ ଏକ ସ୍ୱତନ୍ତ୍ର ଶୋ'ରୁମ ସ୍ଥାନୀୟ ବାପୁଜୀ ନଗରସ୍ଥିତ ଶ୍ରୀବାଲାଜି ଡିଷ୍ଟ୍ରିବ୍ୟୁଟର୍ସଠାରେ ଶୁଭାରମ୍ଭ ହୋଇଛି। କମ୍ପାନୀର ବ୍ରାଞ୍ଚ ହେଡ୍ ସୁମନ୍ତ କୁମାର ପ୍ରଧାନ ନୂଆ ଶୋ'ରୁମକୁ ଉନ୍ମୋଚନ କରିଥିଲେ। ଏଠାରେ କମ୍ପାନୀର ବିଭିନ୍ନ ପ୍ରଡକ୍ଟ ଗ୍ରାହକ ଲାଭ କରିପାରିବେ।

## ଯାନ ଦର ବଢାଇବ ହ୍ୟୁଣ୍ଡାଇ

ନୂଆଦିଲ୍ଲୀ,୧୧-୧୨

ହ୍ୟୁଣ୍ଡାଇ ମୋଟର୍ସ ଇଣ୍ଡିଆ ଲିମିଟେଡ ପକ୍ଷରୁ ଏହାର ବିଭିନ୍ନ ମଡେଲ ଯାନ ଉପରେ ଦରବୃଦ୍ଧି ସମ୍ପର୍କରେ ଘୋଷଣା କରାଯାଇଛି। ୨୦୨୦ ଜାନୁୟାରୀ ଠାରୁ ଏହି ଦରବୃଦ୍ଧି ଲାଗୁ ହେବ। ଇନପୁଟ ଏବଂ ମାଟେରିଆଲ ମୂଲ୍ୟ ବୃଦ୍ଧିକୁ ଧ୍ୟାନରେ ରଖି କମ୍ପାନୀ ଏଭଳି ନିଷ୍ପତ୍ତି ନେଇଛି। ବିଭିନ୍ନ ମଡେଲ ଏବଂ ଇନ୍ଧନ ପ୍ରକାର ଭେଦକୁ ନେଇ ମୂଲ୍ୟ ବୃଦ୍ଧି ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ବିଭିନ୍ନ ସେଗମେଣ୍ଟରେ କମ୍ପାନୀ ବର୍ତ୍ତମାନ ୧୨ ମଡେଲ ପ୍ରଦାନ କରୁଛି।

## ଆମେରିକା ଭାରତର ୬ଷ୍ଠ ବୃହତ୍ ତୈଳ ଯୋଗାଣକାରୀ

ନୂଆଦିଲ୍ଲୀ,୧୧-୧୨

କୁଏଟକୁ ପଛରେ ପକାଇ ଯୁକ୍ତରାଷ୍ଟ୍ର ଆମେରିକା ଭାରତ ଲାଗି ୬ଷ୍ଠବୃହତ୍ ତୈଳ ଯୋଗାଣକାରୀ ସ୍ଥାନ ହାସଲ କରିଛି। ଚଳିତ ବର୍ଷ ଏପ୍ରିଲ-ନଭେମ୍ବର ସମୟରେ ଆମେରିକା ଭାରତକୁ ୭୦%ରୁ ଉର୍ଦ୍ଧ୍ୱ ଅଶୋଧିତ ତୈଳ ଯୋଗାଇଛି। ପାର୍ଲାମେଣ୍ଟାରୀ କମିଟି ଡାଟା ମୁତାବକ ଆମେରିକା ଏହି ସମୟରେ ୫.୪ ନିୟୁତ ଟନ୍ ଅଶୋଧିତ ତୈଳ ଯୋଗାଣ କରିଛି। ଗତ ବର୍ଷ ସମାନ ସମୟରେ ଏହା ୩.୧ ନିୟୁତ ଟନ୍ ରହିଥିଲା।

# ସଂଶୋଧିତ ଇନ୍‌ସଲଭେନ୍ସି ଆଇନକୁ କ୍ୟାବିନେଟ ମଞ୍ଜୁରୀ

ନୂଆଦିଲ୍ଲୀ,୧୧-୧୨

ସଂଶୋଧିତ ଇନ୍‌ସଲ୍‌ଭେନ୍ସି ଆଇନକୁ କେନ୍ଦ୍ର କ୍ୟାବିନେଟ ପକ୍ଷରୁ ବୁଧବାର ମଞ୍ଜୁରୀ ପ୍ରଦାନ କରାଯାଇଛି। ଇନସଲଭେନ୍ସି ପ୍ରକ୍ରିୟାରେ ଆସୁଥିବା ବିଭିନ୍ନ ଅସୁବିଧାକୁ ସମାଧାନ ଲାଗି ଏଭଳି ପଦକ୍ଷେପ ନିଆଯାଇଥିବା ସରକାର କହିଛନ୍ତି। ଏହି କୋଡ୍‌ର ପ୍ରକୃତ ଉଦ୍ଦେଶ୍ୟ ଏବଂ ଇଜ୍ ଅଫ୍ ଡୁଇଙ୍ଗ ବିଜନେସ୍‌କୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ଯୋଜନା ହାତକୁ ନିଆଯାଉଛି। ଏହା ଲାଗୁ ହେଲେ ବିଭିନ୍ନ ଧାରାର ପରିବର୍ତ୍ତନ ହେବା ସହ ନୂଆ ଉପଧାରା ଲାଗୁ ହେବ।

# ଆଦିତ୍ୟ ଗ୍ରୁପର ଚତୁର୍ଥ ବାର୍ଷିକ ଉତ୍ସବ



ଭୁବନେଶ୍ୱର,୧୧-୧୨

ଆଦିତ୍ୟ ଗ୍ରୁପର ଚତୁର୍ଥ ବାର୍ଷିକ ଉତ୍ସବ କଟକର ଫୁଲନଖରାସ୍ଥିତ ଆଦିତ୍ୟ ମୋଟର୍ସ ଶୋ'ରୁମଠାରେ ଅନୁଷ୍ଠିତ ହୋଇଯାଇଛି। ଗ୍ରୁପ ଅଧ୍ୟକ୍ଷ ପଦ୍ମଚରଣ ପାତ୍ର ତାଙ୍କ ୬୭ତମ ଜନ୍ମ ଦିବସରେ ଏହି ଉତ୍ସବକୁ ଶୁଭାରମ୍ଭ କରିଥିଲେ। ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ଆଦିତ୍ୟ ପାତ୍ର ଏବଂ କମ୍ପାନୀ ଅଧିନସ୍ଥ ବିଭିନ୍ନ ବାଣିଜ୍ୟ ଗ୍ରୁପର ମୁଖ୍ୟ ଭାବେ କାର୍ଯ୍ୟରତ ମନୋଜ ରଥ, ରାଜୀବ ପଣ୍ଡା ଏବଂ ଅଜିତ ଆଚାର୍ଯ୍ୟ ଏହି ଅବସରରେ ଉପସ୍ଥିତ ଥିଲେ। ଏମ୍‌ଡି ପାତ୍ର ବାର୍ଷିକ ରିପୋର୍ଟ ଉପସ୍ଥାପନା କରିବା ସହ ଗ୍ରୁପର ସଫଳତା ଲାଗି ଅଂଶୀଦାର ଏବଂ କର୍ମଚାରୀଙ୍କୁ ଧନ୍ୟବାଦ ଦେଇଥିଲେ। ଗ୍ରୁପର ବିଭିନ୍ନ ୟୁନିଟରେ ରକ୍ତଦାନ ଶିବିର, ଚକ୍ଷୁ ପରିକ୍ଷା ଶିବିର, ମାଗଣା ସ୍ୱାସ୍ଥ୍ୟ ଶିବିର, ଦନ୍ତ ଏବଂ ମଧୁମେହ ପରିକ୍ଷା ଅନୁଷ୍ଠିତ ହୋଇଥିଲା। ଏଥିରେ ୧୬୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ୪୦୨ ଲୋକଙ୍କ ସ୍ୱାସ୍ଥ୍ୟ ମଧ୍ୟ ଶିବିରଗୁଡିକରରେ ପରିକ୍ଷା କରାଯାଇଛି।

PARADIP PORT TRUST
e-TENDER CALL NOTICE
Name of the work : "Providing Assistance in various works under Engineering Department on job work basis-Roads & Building Division". Estimated cost ₹.88,38,960. Last date & time of submission of Bid 23.12.2019 at 17:00 Hrs. For details please refer our website https://eprocure.gov.in/eprocure/app
Executive Engineer
Roads & Building Division
PPT/PR/541/19-20 Dt.11.12.2019

ODISHA ELECTRICITY REGULATORY COMMISSION
Plot No. 4, Chunukoli, Sailashree Vihar, Chandrasekharpur, Bhubaneswar - 751021
Ph: +91 (674) 2721048/2721049, Fax: 2721053/2721057
E-mail: orierc@rediffmail.com/orierc@gmail.com
Together, Let us light up our lives
QUOTATION CALL NOTICE
Admn.-51(II)/1850 Dated:11.12.2019
Sealed quotations are invited from intending Printers/Firms having minimum 3 years of experience in printing of Annual Reports/Souvenir/Journal etc for printing of Odisha Gazette (New Supply Code) of OERC latest by 26.12.2019. Details are available in OERC website www.orierc.org.
Sd/-
(S.K.ROUT)
OSD (P&A)

BHUBANESWAR MUNICIPAL CORPORATION
No : 34530 Dt.06.12.2019
E-PROCUREMENT NOTICE
1. Bid reference No : Short Tender Call Notice
2. Tender Call Notice No : No.34530, Dt.06.12.2019
3. No. of work : 2 Nos.
4. Bid Value : Rs.81,671.00 & Rs.94,682.00
5. Period of completion : 1 Month
Date and time of schedule

| Start | End | Opening |
|---|---|---|
| 11.00 A.M of 12.12.19 | 5 P.M of 21.12.19 | 11.00 A.M.of 24.12.19 |

6. Tender details : can be seen for the procurement portal : BMC website https:// www.bmc.gov.in.
Executive Engineer,BMC, Division No.II
Progress Through Partnership for a Better Bhubaneswar

Odisha Tribal Development Society (OTDS) CAD-679
(under Administrative control of ST & SC Dev. Dept., Government of Odisha)
Walk in interview for engagement of professionals in OTDS
Chief Executive Officer, OTDS invites candidates for walk in interview for following posts to be filled in State Support Unit of OTDS, Bhubaneswar.

| Name of Post | No. of Posts | Place of posting | Education Qualification and Experience | Date and time of walk-in interview/Venue |
|---|---|---|---|---|
| Technical Expert (Capacity Building & PLET) | 1 | Bhubaneswar | MBA / PG Diploma in Rural Management / Development, Masters in Social Work or equivalent from a recognised university/ reputed institutes & 5 years of post qualification experience in the relevant field. | 26.12.2019 Time-10.00 am Venue-SCSTRTI CRP Square, Unit - VIII, Bhubaneswar, Odisha 751012 |
| Technical Expert (Civil) | 1 | Bhubaneswar | B.Sc. (Engg.), B.Eng./ B. Tech. in Civil Eng. or equivalent from a recognised university/ reputed institutes & 5 years of post qualification experience in the relevant field.. | 27.12.2019 Time-10.00 am Venue-SCSTRTI CRP Square, Unit - VIII, Bhubaneswar, Odisha 751012 |

The engagement is purely contractual & project specific and does not assure of any regular engagement in future. Application Form along with Terms of Reference for the position can be downloaded from the website www.stscodisha.gov.in.
Interested candidates shall attend the walk in interview with all relevant documents in support of qualification and experiences, duly filled application form complete in all respect at SCSTRTI, CRP Square, Unit - VIII, Bhubaneswar, Odisha 751012 on scheduled date and time.
26017/11/0002/1920 Sd/- Chief Executive Officer, OTDS

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, CUTTACK
NOTICE INVITING TENDER FOR PROVIDING PEST CONTROL SERVICE
Advt. No.16219 Dtd: 11.12.2019
Sealed tenders are invited from interested Agencies for Providing Pest Control Service to different Health Institution of Cuttack District under O/O-CDM & PHO, Cuttack. The details of the tender, EMD, Eligibility Criteria, Terms & Conditions, etc. are available in the website www.cuttack.nic.in. A Pre-Bid Meeting will be held in the office of the undersigned on 18.12.2019 at 11 A.M. Interested parties may submit their tenders superscribing as "Tender for Providing Pest Control Service in reference to Advertisement No.................Dt.................." to the undersigned through Speed Post / Registered Post only. Which should reach on or before 2 P.M. of 23.12.2019 and will be opened at 3.30 P.M. on the same day. The undersigned reserves the right to reject any or all the tenders without assigning any reason thereof.
Sd./-
CDM & PHO cum District Mission Director, Cuttack

ଧରିତ୍ରୀ
DHARITRI
ଗୁରୁବାର, ଡିସେମ୍ବର ୧୨, ୨୦୧୯



"୨୦୨୦ ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ଆଥ୍ଲେଟଙ୍କ ନିକଟରୁ ସବୁଠାରୁ ଅଧିକ ପଦକ ଅଶାରହିଛି ।
–କିରନ ରିଜିଜୁ, କ୍ରୀଡ଼ାମନ୍ତ୍ରୀ



"ଜଙ୍ଗଲରେ ନିଆଁ ଲାଗିଯିବା କାରଣରୁ ସିଡ୍‌ନୀ ସହରରେ ଯେଉଁ ଧୂଆଁ ଦେଖାଯାଉଛି ତାହା ମୋତେ ଭାରତରେ ଖେଳିବା ବେଳର କଥା ମନେ ପକାଇ ଦେଉଛି ।
–ଉସମାନ ଖ୍ୱାଜା, ଅଷ୍ଟ୍ରେଲିଆ କ୍ରିକେଟର୍



## ସଂକ୍ଷେପରେ

### ବିମାନବନ୍ଦରରେ ଧୋନୀଙ୍କ ବ୍ୟାଗ ଅଦଳବଦଳ

କୋଲକାତା,୧୧।୧୨- ପୂର୍ବତନ ଭାରତୀୟ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ବ୍ୟକ୍ତିଗତ କାରଣ ଯୋଗୁ କୋଲକାତାରେ ପହଞ୍ଚିଛନ୍ତି। ସ୍ଥାନୀୟ ସୁଭାଷ ଚନ୍ଦ୍ର ବୋଷ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପହଞ୍ଚିବା ପରେ ତାଙ୍କ ଲଗେଜ ଅଦଳବଦଳ ହୋଇଯାଇଥିଲା। ଏ ସମ୍ପର୍କରେ ଜାଣି ନ ଥିବା ଧୋନୀ ଅନ୍ୟ ଜଣଙ୍କ ବ୍ୟାଗ ନେଇ ବିମାନ ବନ୍ଦରରୁ ବାହାରକୁ ଚାଲି ଯାଇଥିଲେ। ସମାନ ପ୍ରକାର ଲଗେଜ ହୋଇଥିବାରୁ ଧୋନୀ ଏହା ଜାଣି ପାରି ନ ଥିଲେ। ମାତ୍ର ବିମାନ ବନ୍ଦର କର୍ମଚାରୀଙ୍କ ସୂଚନା ପରେ ଭେଟେରାନ ଉଇକେଟକିପର ଜାଣି ପାରିଥିଲେ, ତାହା ତାଙ୍କ ବ୍ୟାଗ ନୁହେଁ। କିଛି ଘଣ୍ଟା ପରେ ଧୋନୀଙ୍କୁ ତାଙ୍କର ଲଗେଜ ମିଳିଯାଇଥିବା ଜଣାପଡ଼ିଛି।

### ୫୦ ବର୍ଷରେ ଚେସ୍ ଯାଦୁଗର ଆନନ୍ଦ

ଚେନ୍ନାଇ, ୧୧।୧୨ (ପି.ଟି.)- ଭାରତର କିମ୍ବଦନ୍ତୀ ଚେସ୍ ତାରକା ତଥା ୫ ଥର ବିଶ୍ୱ ଚାମ୍ପିୟନ ବିଶ୍ୱନାଥନ ଆନନ୍ଦ ବୁଧବାର ୫୦ ବର୍ଷରେ ପଦାର୍ପଣ କରିଛନ୍ତି। ଚେନ୍ନାଇ ଜନ୍ମିତ ବିଶ୍ୱନାଥନ ପରିବାର ସଦସ୍ୟଙ୍କ ଗହଣରେ ଜନ୍ମଦିନ ପାଳନ କରିଛନ୍ତି। ପୁଅ ଅଖିଲଙ୍କ ସହ ଏକ ଫଟୋ ମଧ ସେ ନିଜ ଟୁଇଟର୍ ପେଜ୍‌ରେ ଶେୟାର କରିଛନ୍ତି। ସେହିଭଳି କ୍ରୀଡ଼ା ଖବରଦାତା ସୁସାନ ନିନାନ୍‌ଙ୍କ ସହଯୋଗରେ ଆନନ୍ଦଙ୍କ ଦ୍ୱାରା ଲିଖିତ ବହି 'ମାଇଣ୍ଡ ମାଷ୍ଟର୍ସ' ମଧ ସଂଯୋଗକ୍ରମେ ବୁଧବାର ରିଲିଜ ହୋଇଛି। ଚେସ୍‌ରେ ଆନନ୍ଦ ହେଉଛନ୍ତି ଭାରତର ପଥ ପ୍ରଦର୍ଶକ ଏବଂ ଦେଶର ପ୍ରଥମ ଗ୍ରାଣ୍ଡସ୍ଲାମ ବିଜେତା। ପ୍ରଥମଥର ଲାଗି ସେ ୨000 ମସିହାରେ ବିଶ୍ୱ ଚେସ୍‌ରେ ଚାମ୍ପିୟନ ହୋଇଥିଲେ। ସେହିଭଳି ୨00୩ ଓ ୨00୭ରେ ସେ ବିଶ୍ୱ ର୍‍ୟାପିଡ୍ ଚେସ୍ ଚାମ୍ପିୟନଶିପ୍‌ରେ ବିଜୟୀ ମୁକୁଟ ପିନ୍ଧିଥିଲେ।

### ୪୦୦ ଉଇକେଟ୍ କ୍ଲବରେ ବିନୟ



ପାଟନା, ୧୧।୧୨- କର୍ଣାଟକ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ଆର୍ ବିନୟ କୁମାର ଦ୍ୱିତୀୟ ଦ୍ରୁତ ବୋଲର ଭାବେ ରଣ୍ଜୀ ଟ୍ରଫି କ୍ରିକେଟ୍ ପ୍ରତିଯୋଗିତାରେ ୪୦୦ ଉଇକେଟ୍ ହାସଲ କରିବାର ସୌଭାଗ୍ୟ ଲାଭ କରିଛନ୍ତି। ୨୦୧୯-୨୦ ରଣ୍ଜୀ ସିଜନ ଆରମ୍ଭ ହୋଇଥିବାବେଳେ ପୁଡୁଚେରୀ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ବିନୟ କୁମାର ବିହାର ବିପକ୍ଷ ମ୍ୟାଚ୍‌ରେ ଏହି ସଫଳତା ପାଇଛନ୍ତି। ୪୦୦ ଉଇକେଟ୍ କ୍ଲବରେ ସାମିଲ ହେବାକୁ ତାଙ୍କୁ ମ୍ୟାଚ୍ ପୂର୍ବରୁ ୩ଟି ଉଇକେଟ୍ ଆବଶ୍ୟକ ହେଉଥିଲା। ବିହାର ପ୍ରଥମ ଇନିଂସରେ ଉଇକେଟ୍ ଶୂନ୍ୟ ରହିଥିବା ବିନୟ ୨ୟ ଇନିଂସରେ ୪ ଉଇକେଟ୍ ନେଇ ଏହି ମାଇଲଖୁଣ୍ଟ ସ୍ପର୍ଶ କରିଥିଲେ। ଗତ ସିଜନରେ ରାଜସ୍ଥାନ ଡାହାଣହାତୀ ବୋଲର ପଙ୍କଜ ସିଂ ପ୍ରଥମ ବୋଲର ଭାବେ ରଣ୍ଜୀ ଟ୍ରଫିରେ ୪୦୦ ଉଇକେଟ୍ ଅକ୍ତିଆର କରିଥିଲେ। ପଙ୍କଜ ମଧ ଗତ ସିଜନରେ ଦଳ ଅଦଳ ବଦଳ କରି ପୁଡୁଚେରୀ ପକ୍ଷରୁ ଖେଳିଥିଲେ। ବିନୟ (୪୦୧) ଯଦି ଆଉ ୯ଟି ଉଇକେଟ୍ ହାସଲ କରନ୍ତି ତେବେ ପଙ୍କଜ (୪୦୯)ଙ୍କୁ ପଛରେ ପକାଇ ଦ୍ରୁତ ବୋଲର ଭାବେ ରଣ୍ଜୀ ଟ୍ରଫିରେ ସର୍ବାଧିକ ଉଇକେଟ୍ ନେବାର କୃତିତ୍ୱ ହାସଲ କରିବେ।

# ଟି୨୦: ଭାରତ ସିରିଜ ବିଜୟୀ









୩ ଅର୍ଦ୍ଧଶତକ ହାସଲକାରୀ ଲୋକେଶ ରାହୁଲ, ରୋହିତ ଶର୍ମା ଓ ବିରାଟ କୋହଲି

ମୁମ୍ବାଇ, ୧୧।୧୨

ରୋହିତ ଶର୍ମା, ଲୋକେଶ ରାହୁଲ ଓ ଅଧିନାୟକ ବିରାଟ କୋହଲିଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଭାରତ ବୁଧବାର ଅନୁଷ୍ଠିତ ତୃତୀୟ ତଥା ଅନ୍ତିମ ଟି୨୦ କ୍ରିକେଟ ମ୍ୟାଚରେ ୱେଷ୍ଟଇଣ୍ଡିଜକୁ ୬୭ ରନରେ ହରାଇ ଦେଇଛି। ଭାରତ ପକ୍ଷରୁ ଧାର୍ଯ୍ୟ ବୃହତ୍ ୨୪୧ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ୱେଷ୍ଟଇଣ୍ଡିଜ ୨୦ ଓଭରରେ ୮ ଉଇକେଟ ହରାଇ ୧୭୩ ରନ କରିବାକୁ ସକ୍ଷମ ହୋଇଥିଲା। ଏଥି ସହିତ ଭାରତ ଟି୨୦ ସିରିଜକୁ ୨-୧ ବ୍ୟବଧାନରେ ସିରିଜ ବିଜୟୀ ହୋଇଛି।

ବୃହତ୍ ବିଜୟ ଲକ୍ଷ୍ୟ ଜନିତ ଚାପରୁ ମୁକୁଳି ପାରି ନ ଥିଲା ୱେଷ୍ଟଇଣ୍ଡିଜ। ଦଳର ଇନିଂସ ଆରମ୍ଭରେ ଏହା ପରିଲକ୍ଷିତ ହୋଇଥିଲା। ବଡ଼ ଶଟ୍ ଖେଳିବା ଆଶାରେ ମାତ୍ର ୧୭ ରନ ମଧ୍ୟରେ ୱେଷ୍ଟଇଣ୍ଡିଜର ୩ ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ ବ୍ରେଣ୍ଡନ କିଙ୍ଗ(୫), ଲେଣ୍ଡଲ ସିମନ୍ସ(୭) ଓ ନିକୋଲାସ ପୁରନ(୦) ଆଉଟ ହୋଇ ଯାଇଥିଲେ। ଶିମରନ ହେଟମେର ଓ ଅଧିନାୟକ କିରନ ପୋଲାର୍ଡ ଦ୍ରୁତ ହାରରେ ରନ ସଂଗ୍ରହ କରି ୪ର୍ଥ ଉଇକେଟ ଯୋଡ଼ିରେ ୭୪ ରନ ଯୋଗ କରିଥିଲେ। ମାତ୍ର ତାହା ପର୍ଯ୍ୟାପ୍ତ ହୋଇ ନ ଥିଲା। ହେଟମେର ୨୪ ବଲ୍‌ରୁ ୧ ଚୌକା ଓ ୫ ଛକା ସହାୟତାରେ ୪୧ ରନ କରିଥିବାବେଳେ କୁଲଦୀପ ଯାଦବଙ୍କ ବଲ୍‌ରେ କ୍ରମାଗତ ତୃତୀୟ ଛକା ମାରିବା ଉଦ୍ୟମରେ ଆଉଟ ହୋଇଥିଲେ। ମିଡଲ ଅର୍ଡରରେ ଜାସନ ହୋଲ୍ଡର ମାତ୍ର ୮ ରନ କରିବାକୁ ସକ୍ଷମ ହୋଇଥିଲେ। ପୋଲାର୍ଡ ଷ୍ଟୋକପୂର୍ଣ୍ଣ ଅର୍ଦ୍ଧଶତକ ହାସଲ କରିଥିଲେ ହେଁ ତାଙ୍କ ଆଉଟ ସହ ୱେଷ୍ଟଇଣ୍ଡିଜ ଲଢ଼େଇ ଶେଷ ହୋଇ ଯାଇଥିଲା। ୩୯ଟି ବଲ୍‌ର ସମ୍ମୁଖୀନ ହୋଇଥିବା ପୋଲାର୍ଡ ୫ ଚୌକା ଓ ୬ ଛକା ସହାୟତାରେ ସର୍ବାଧିକ ୬୮ ରନ ସ୍କୋର କରିଥିଲେ। ଭାରତ ପକ୍ଷରୁ ଭୁବନେଶ୍ୱର କୁମାର, କୁଲଦୀପ ଯାଦବ, ଦୀପକ ଚହର ଓ ମହମ୍ମଦ ଶାମି ୨ଟି ଲେଖାଏ ଉଇକେଟ ହାସଲ କରିଥିଲେ।

**ରୋହିତ-ରାହୁଲଙ୍କ ଶତକୀୟ ଭାଗୀଦାରି**

ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା ୱେଷ୍ଟଇଣ୍ଡିଜ। ସିରିଜ ନିର୍ଣ୍ଣାୟକ ମ୍ୟାଚ ହୋଇଥିବାରୁ ଏହାକୁ ଚ୍ୟାଲେଞ୍ଜଭାବେ ନେଇଥିଲା ଟିମ୍ ଇଣ୍ଡିଆ। ଦୁଇ ଓପନର ରୋହିତ ଶର୍ମା ଓ ଲୋକେଶ ରାହୁଲ ପ୍ରଥମ ଉଇକେଟରେ ଦ୍ରୁତ ଶତକୀୟ ଭାଗୀଦାରି ଗଢ଼ି ଦଳପାଇଁ ବଡ଼ ସ୍କୋରର ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲେ। ରୋହିତ ଏଠାରେ ଖେଳିଥିଲେ ଦର୍ଶନୀୟ ଇନିଂସ। ଦଳୀୟ ସ୍କୋର ୧୧.୪ ଓଭରରେ ୧୩୫ରେ ପହଞ୍ଚିବାପରେ ସେ ବ୍ୟକ୍ତିଗତଭାବେ ୭୧ ରନ କରି ଆଉଟ ହୋଇଥିଲେ। ମାତ୍ର ୩୪ଟି ବଲ୍‌ର ସମ୍ମୁଖୀନ ହୋଇଥିବା ରୋହିତ ନିଜ ଇନିଂସ ମଧ୍ୟରେ ୬ ଚୌକା ଓ ୫ ଛକା ମାରିଥିଲେ। ଏହି ଅବସରରେ ସେ ଅନ୍ତର୍ଜାତୀୟ କ୍ରିକେଟରେ ୪୦୦ ଛକା ପୂରଣ କରିଥିଲେ। ପ୍ରଥମ ଭାରତୀୟ ବ୍ୟାଟ୍ସମ୍ୟାନଭାବେ ସେ ଏହି ଗୌରବ ଅର୍ଜନ କରିଥିଲେ। ରୋହିତଙ୍କୁ ଆଉଟ କରି କେସରିକ୍ ୱିଲିୟମ୍ସ ୱେଷ୍ଟଇଣ୍ଡିଜକୁ ପ୍ରତୀକ୍ଷିତ ବ୍ରେକ୍‌ଥ୍ରୁ ଦେଇଥିଲେ। ଯୁବ ଉଇକେଟ କିପର ରିଷଭ ପନ୍ତ ଆରମ୍ଭରୁ ବଡ଼ ଶଟ୍ ଖେଳିବା ଚକ୍କରରେ ଖାତା ଖୋଲିବା ପୂର୍ବରୁ ପ୍ୟାଭିଲିୟନ ଫେରିଥିଲେ। ତେବେ ଏହାର କୌଣସି ପ୍ରଭାବ ଭାରତୀୟ ଇନିଂସ ଉପରେ ପଡ଼ି ନ ଥିଲା। ଅଧିନାୟକ କୋହଲି କ୍ରିଜରେ ଯୋଗ ଦେବାପରେ ରନହାର ପୂର୍ବାପେକ୍ଷା ଦ୍ରୁତ ହାରରେ ବୃଦ୍ଧି ପାଇଥିଲା। ଭଲ ଆରମ୍ଭ କରିଥିବା ରାହୁଲ ନିଜ ଇନିଂସର ଶେଷ ଭାଗରେ ଅପେକ୍ଷାକୃତ ଧିମା ହୋଇଯାଇଥିଲେ ହେଁ ବିରାଟ ଖେଳିଥିଲେ ବିସ୍ଫୋରକ ଇନିଂସ। ଉଭୟ ବ୍ୟାଟ୍ସମ୍ୟାନ ୱେଷ୍ଟଇଣ୍ଡିଜ ବୋଲରଙ୍କୁ ଧୂଳି ଚଟେଇ ଭାରତର ସ୍କୋରକୁ ୨୦୦ ଅତିକ୍ରମ କରାଇଥିଲେ। ୨୦ତମ ଓଭରର ୪ର୍ଥ ବଲ୍‌ରେ ଆଉଟ ହୋଇଥିଲେ ରାହୁଲ। ୫୬ଟି ବଲ୍‌ର ସମ୍ମୁଖୀନ ହୋଇଥିବା ରାହୁଲ ୯ ଚୌକା ଓ ୪ ଛକା ସହାୟତାରେ ୯୧ ରନ କରି ପ୍ୟାଭିଲିୟନ ଫେରିଥିଲେ। ଫଳରେ ସେ ମାତ୍ର ୯ ରନ ପାଇଁ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ତେବେ ୱାଙ୍ଖେଡେ ଷ୍ଟାଡିୟମରେ ରାହୁଲଙ୍କ ଚମତ୍କାରିତା ଅବ୍ୟାହତ ରହିଥିଲା। ଏଠାରେ ନିଜର ପୂର୍ବ ୨ ଇନିଂସରେ ୯୪(୬୦ ବଲ) ଓ ୧୦୦*(୬୪) ରନ କରିଥିବା ରାହୁଲ ଏଥର ମଧ ୯୦ରୁ ଅଧିକ ରନ ସ୍କୋର କରିଥିଲେ। ଫର୍ମରେ ଥିବା ବିରାଟଙ୍କୁ ରୋକିବା ୱେଷ୍ଟଇଣ୍ଡିଜ ବୋଲରଙ୍କ ପାଇଁ ଅସମ୍ଭବ ହୋଇ ପଡ଼ିଥିଲା। ଶେଷ ବଲ୍‌ରେ ଛକା ମାରି ଭାରତୀୟ ଇନିଂସର ମୁଣ୍ଡି ମାରିଥିଲେ ଏହି ଅଧିନାୟକ। ସେ ମାତ୍ର ୨୯ଟି ବଲ୍‌ର ସମ୍ମୁଖୀନ ହୋଇ ୪ ଚୌକା ଓ ୭ ଛକା ସହାୟତାରେ ୭୦ ରନ କରି ଅପରାଜିତ ରହିଥିଲେ। ଫଳରେ ଭାରତ ୨୦ ଓଭରରେ ୩ ଉଇକେଟ ହରାଇ ୨୪୦ ରନ କରିବାକୁ ସକ୍ଷମ ହୋଇଥିଲା। ୱେଷ୍ଟଇଣ୍ଡିଜ ପକ୍ଷରୁ ଶେଲଡନ କଟ୍ରେଲ, କେସରିକ୍ ୱିଲିୟମ୍ସ ଓ କିରନ ପୋଲାର୍ଡ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୨୪୦ ରନ ଟି୨୦ କ୍ରିକେଟରେ ଭାରତର ତୃତୀୟ ସର୍ବାଧିକ ସ୍କୋର। ଏହି ଫର୍ମାଟରେ ୨୬୦/୫(ବନାମ ଶ୍ରୀଲଙ୍କା) ଏବଂ ୨୪୪/୪(ବନାମ ୱେଷ୍ଟଇଣ୍ଡିଜ) ଭାରତର ସର୍ବାଧିକ ସ୍କୋର ରହିଛି।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୨୪୦/୩(ରାହୁଲ-୯୧, ରୋହିତ-୭୧, କୋହଲି-୭୦*, କଟ୍ରେଲ-୧/୪୦, ୱିଲିୟମ୍ସ-୧/୩୭, ପୋଲାର୍ଡ-୧/୩୩)। ୱେଷ୍ଟଇଣ୍ଡିଜ ୨୦ ଓଭରରେ ୧୭୩/୮(ପୋଲାର୍ଡ-୬୮,ହେଟମେର-୪୧, ଶାମି-୨/୨୫, ଚହର-୨/୨୦, ଭୁବନେଶ୍ୱର-୨/୪୧, କୁଲଦୀପ-୨/୪୫)।

## 'ଟୋକିଓରେ ଭାରତ ଉନ୍ନତ ପ୍ରଦର୍ଶନ କରିବ'





ନବମ ଗ୍ଲୋବାଲ ସ୍ପୋର୍ଟ୍ସ ସମିଟ-ଟର୍ଫ-୨୦୧୯ରେ ଅନ୍ୟ ଅତିଥିମାନଙ୍କ ସହ କେନ୍ଦ୍ର କ୍ରୀଡାମନ୍ତ୍ରୀ କିରନ ରିଜିଜୁ ଓ ରାଜ୍ୟ କ୍ରୀଡା ମନ୍ତ୍ରୀ ତୁଷାରକାନ୍ତି ବେହେରା।

ନୂଆଦିଲ୍ଲୀ, ୧୧।୧୨

ଆସନ୍ତା ବର୍ଷ ଟୋକିଓରେ ଆୟୋଜନ ହେବାକୁ ଥିବା ଅଲିମ୍ପିକ୍ସରେ ପୂର୍ବାପେକ୍ଷା ଭାରତ ଏଥର ଉନ୍ନତ ପ୍ରଦର୍ଶନ କରିବ ବୋଲି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି। ଏଠାରେ ବୁଧବାର ଆୟୋଜିତ ହୋଇଥିବା ନବମ ଗ୍ଲୋବାଲ ସ୍ପୋର୍ଟ୍ସ ସମିଟ୍ – ଟର୍ଫ ୨୦୧୯ରେ ଯୋଗ ଦେଇ ସେ ଭାରତର ପ୍ରଦର୍ଶନ ନେଇ ଆଶାବାଦୀ ଥିବା କହିଛନ୍ତି। ଏହି ଅଲିମ୍ପିକ୍ସ ଉପରେ ସରକାରଙ୍କ ନଜର ରହିଛି। ତେବେ ରାତାରାତି କୌଣସି ଚାମ୍ପିୟନ ଖେଳାଳିଙ୍କୁ ସୃଷ୍ଟି କରାଯାଇପାରିବ ନାହିଁ। ଏଥିପାଇଁ ବର୍ଷବର୍ଷ ସମୟ ଆବଶ୍ୟକ ହୋଇଥାଏ। କ୍ରୀଡ଼ା ଭିତ୍ତିଭୂମୀ ନିର୍ମାଣ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ୨୦୨୪ ପ୍ୟାରିସ ଅଲିମ୍ପିକ୍ସ ଓ ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସରେ ଭାରତର ପ୍ରଦର୍ଶନରେ କ୍ରମାଗତ ଭାବେ ଉନ୍ନତି ହେବ। ଅଲିମ୍ପିକ୍ସରେ ଭାରତକୁ ଏବେ କେହି ହେୟ ମନେ କରିବେ ନାହିଁ ବୋଲି ସେ କହିଛନ୍ତି। ଦେଶରେ ଭରପୂର କ୍ରୀଡ଼ା ପ୍ରତିଭା ରହିଛି। କ୍ରୀଡ଼ା ଏବେ ଗ୍ଲାମର ଓ ବିଜ୍‌ନେସରେ ପରିଣତ ହୋଇଛି। ଭାରତରେ କ୍ରୀଡ଼ାକୁ ନେଇ ଅସୀମିତ ସୁଯୋଗ ରହିଛି। ଦେଶର ପ୍ରତ୍ୟେକ ରାଜ୍ୟ କ୍ରୀଡ଼ା ବିକାଶ ପାଇଁ ଆଗଭର ହେବା ଉଚିତ ବୋଲି ସେ ମତ ଦେଇଛନ୍ତି।

ଦେଶରେ ଫିଟ୍ ଇଣ୍ଡିଆ ଅଭିଯାନ ସମସ୍ତଙ୍କୁ ପ୍ରଭାବିତ କରିଛି ବୋଲି ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗମନ୍ତ୍ରୀ ତୁଷାରକାନ୍ତି ବେହେରା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ କହିଛନ୍ତି। ପ୍ରତିଭାର ବିକାଶ ପାଇଁ ରାଜ୍ୟ ସରକାର ବିଭିନ୍ନ ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ କରୁଛନ୍ତି ବୋଲି ସେ କହିଛନ୍ତି। ଏହି ଅବସରରେ ଏଫ୍ଆଇସିସିଆଇ ଅଧକ୍ଷ ସନ୍ଦୀପ ସୋମାନୀ, କେନ୍ଦ୍ର ସରକାରଙ୍କ କ୍ରୀଡ଼ା ସଚିବ ରାଧେଶ୍ୟାମ ଝୁଲନିୟା, ଆଫଗାନିସ୍ତାନ ସ୍ପୋର୍ଟ୍ସ ଫେଡେରେଶନ ପ୍ରତିଷ୍ଠାତା ଆଜମଲ ଘନୀ ଉପସ୍ଥିତ ରହି ନିଜର ମତାମତ ପ୍ରଦାନ କରିଥିଲେ।

**ସାହାଣୀ କପ୍**

## ଫାଇନାଲରେ ରାଉରକେଲା–ସୁନ୍ଦରଗଡ଼

କଟକ ଅଫିସ,୧୧।୧୨

ବରଗଡ଼ ଓ ଢେଙ୍କାନାଳରେ ଚାଲିଥିବା ୬୦ତମ ସିନିୟର ପୁରୁଷ ଆନ୍ତଃ ଜିଲା ଫୁଟବଲ ଚାମ୍ପିୟନଶିପ୍‌ରେ ରାଉରକେଲା ଓ ସୁନ୍ଦରଗଡ଼ ଫାଇନାଲରେ ପ୍ରବେଶ କରିଛନ୍ତି । ବୁଧବାର ଦୁଇଟି ଯାକ ସେମିଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମ ସେମିଫାଇନାଲରେ ସୁନ୍ଦରଗଡ଼ ୪-୧ ଗୋଲରେ ବରଗଡ଼କୁ ହରାଇଥିଲା। ସୁନ୍ଦରଗଡ଼ ପକ୍ଷରୁ ସ୍ୱାଧୀନ ବଡ଼େଇ ହ୍ୟାଟ୍ରିକ ଗୋଲ ସ୍କୋର କରିଥିଲେ। ମହେଶ ପ୍ରଧାନ ଗୋଟିଏ ଗୋଲ ଦେଇଥିଲେ। ବରଗଡ଼ ପକ୍ଷରୁ ଭରତ ମୁଣ୍ଡା ଅତିରିକ୍ତ ମିନିଟରେ ଗୋଟିଏ ଗୋଲ ସ୍କୋର କରିଥିଲେ। ଦ୍ୱିତୀୟ ସେମିଫାଇନାଲରେ ରାଉରକେଲା ୩-୦ ଗୋଲରେ ଢେଙ୍କାନାଳକୁ ହରାଇଛି। ରାଉରକେଲା ପକ୍ଷରୁ ସୁଶୀଲ ଟପ୍ପୋ, ଆଶିଷ ଲାକ୍ରା, ଅରବିନ ଲାକ୍ରା ଗୋଟିଏ ଲେଖାଏ ଗୋଲ ଦେଇଥିଲେ।

## ଆଇଏସ୍ଏଲ୍: ଓଡ଼ିଶାର ଦ୍ୱିତୀୟ ବିଜୟ



ଗୋଲ ସ୍କୋର ପରେ ଓଡ଼ିଶା ଏଫ୍‌ସିର ଖେଳାଳି ଖୁସି ମନାଉଛନ୍ତି।

ଭୁବନେଶ୍ୱର, ୧୧।୧୨(ସ୍ପୋର୍ଟ୍ସ ବ୍ୟୁରୋ) ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ରେ ଓଡ଼ିଶା ଏଫ୍‌ସି ତା'ର ଦ୍ୱିତୀୟ ବିଜୟ ହାସଲ କରିଛି। ବୁଧବାର ପୁଣେର ଶ୍ରୀ ଶିବ୍ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଖେଳାଯାଇଥିବା ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଓଡ଼ିଶା ୩-୨ ଗୋଲରେ ହାଇଦ୍ରାବାଦ ଏଫ୍‌ସିକୁ ପରାସ୍ତ କରିଛି। ସିଜନର ଦ୍ୱିତୀୟ ବିଜୟ ହାସଲ କରି ଓଡ଼ିଶା ୮ଟି ମ୍ୟାଚ୍ ଖେଳି ୨ଟି ବିଜୟ, ୩ ପରାଜୟ, ୩ ଡ୍ର ସହ ୯ ପଏଣ୍ଟ ପାଇ ତାଲିକାର ଷଷ୍ଠ ସ୍ଥାନରେ ରହିଛି। ଅନ୍ୟପଟେ ହାଇଦ୍ରାବାଦ ୮ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ , ଗୋଟିଏ ଡ୍ର ଓ ୬ ପରାଜୟ ସହ ୪ ପଏଣ୍ଟ ପାଇ ତାଲିକାର ସର୍ବନିମ୍ନ ଦଶମ ସ୍ଥାନରେ ରହିଛି। ପ୍ରଥମାର୍ଦ୍ଧରେ କାର୍ଲୋସ ଡେଲଗାଡୋ ୨୭ ଓ ଜିସ୍କୋ ହେର୍ନଣ୍ଡେଜ୍ ୪୧ତମ ମିନିଟ୍‌ରେ ଗୋଲ ଦେଇ ଓଡ଼ିଶାକୁ ଅଗ୍ରଣୀ କରାଇଥିଲେ। ୬୪ତମ ମିନିଟ୍‌ରେ ବିନିତ ରାୟଙ୍କୁ ଦ୍ୱିତୀୟ ଅଫେନ୍ସ ପାଇଁ ରେଡ କାର୍ଡ ଦେଖାଯାଇଥିଲା। ଫଳରେ ଓଡ଼ିଶା ୧୦ଜଣଙ୍କୁ ନେଇ ଖେଳିଥିଲା। ୭୧ତମ ମିନିଟ୍‌ରେ ମାର୍ଟିନ ପେରେଜ ଗୁଏଡେସ ପେନାଲ୍ଟି ଜରିଆରେ ଓଡ଼ିଶା ପାଇଁ ତୃତୀୟ ଗୋଲ ସ୍କୋର କରିଥିଲେ। ତେବେ ୬୫ତମ ମିନିଟ୍‌ରେ ବୋବୋ ହାଇଦ୍ରାବାଦ ତରଫରୁ ଗୋଲ ଦେଇ ମ୍ୟାଚ୍‌ରେ ଉତ୍କଣ୍ଠା ବଢାଇଥିଲେ। ୮୯ତମ ମିନିଟ୍‌ରେ ହାଇଦ୍ରାବାଦ ପାଇଁ ରୋହିତ କୁମାର ଗୁରତେଜ ସିଂଙ୍କ ପାସକୁ ହେଡ୍ ଜରିଆରେ ଗୋଲ ଦେଇ ପରାଜୟ ବ୍ୟବଧାନ କମାଇଥିଲେ।

## ଡାଏଟ୍ ପ୍ଲାନ୍‌ରେ ଚିକେନ୍‌କୁ ଗୁରୁତ୍ୱ

କଟକ ଅଫିସ,୧୧।୧୨

ଉଭୟ ଭାରତ ଓ ୱେଷ୍ଟଇଣ୍ଡିଜ ଦଳର ଡାଏଟ୍ ପ୍ଲାନ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ରେ ପହଞ୍ଚିଛି। ଉଭୟ ଦଳର ଖେଳାଳିଙ୍କ ଖାଦ୍ୟ ତାଲିକାରେ ଚିକେନ୍‌ର ବିଭିନ୍ନ ଆଇଟମ୍‌କୁ ଗୁରୁତ୍ୱ ଦିଆଯାଇଛି। ଅଭ୍ୟାସ ଓ ମ୍ୟାଚ୍ ଦିନ ଖେଳାଳିଙ୍କ ଖାଦ୍ୟରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ଭାବେ ଗ୍ରୀଲଡ ଚିକେନ୍, ବେକ୍‌ଡ ଚିକେନ୍, ରୋଷ୍ଟେଡ ଚିକେନ୍ ପ୍ରଭୃତି ରହିବ। ଖେଳାଳିମାନେ ଅଭ୍ୟାସ ପୂର୍ବରୁ ସ୍ୟାଣ୍ଡୱିଚ୍, ଫଳ, ମୃଦୁପାନୀୟ ନେବେ। ସ୍ୟାଣ୍ଡୱିଚ୍‌ରେ ସିଝା ଅଣ୍ଡା, ଅଣ୍ଡା ସାଲାଡ, ସ୍ଲାଇସ୍‌ଡ ଚିକେନ୍ ବ୍ରିଷ୍ଟ ରହିଛି। ଫଳ ଭାବେ ଖେଳାଳିମାନଙ୍କ ଖାଦ୍ୟ ତାଲିକାରେ ଆମ୍ବ, କଦଳୀ, କମଳା, ତରଭୁଜ, ଅମୃତଭଣ୍ଡା, ସପୁରି ରହିଛି। ହଟ୍ ଚକୋଲେଟ୍ ମଧ ମ୍ୟାଚ୍ ପୂର୍ବରୁ ଖେଳାଳିମାନଙ୍କ ନିମନ୍ତେ ରଖାଯିବ। ଅଭ୍ୟାସ ପରେ କଖାରୁ, ମିଠାମକା ସୁପ୍ ସହିତ ମୁଖ୍ୟ ଖାଦ୍ୟ ଭାବେ ଭାତ, ପାସ୍ତା ରଖାଯାଇଛି। ମ୍ୟାଚ୍ ଦିନ ଖେଳାଳିଙ୍କ ଖାଦ୍ୟ ତାଲିକା ବେଶ୍ ଲମ୍ବା ଥିବା ବେଳେ ବିଭିନ୍ନ ଆମିଷ ଜାତୀୟ ଖାଦ୍ୟକୁ ସାମିଲ କରାଯାଇଛି।



**ବାରବାଟୀ ଦିନିକିଆ ଆଉ ୧୦ ଦିନ**

## ନିମାପଡ଼ା ଫୁଟବଲ: ଫାଇନାଲରେ ସାଇ ହଷ୍ଟେଲ



ଅତିଥିଙ୍କ ଗହଣରେ ଦୁଇ ଦଳର ଖେଳାଳିମାନେ।

ନିମାପଡ଼ା, ୧୧।୧୨(ଡି.ଏନ.ଏ.)

ନିମାପଡ଼ା ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ଚାଲିଥିବା ରାଜ୍ୟସ୍ତରୀୟ ନିମାପଡ଼ା ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛି କଟକର ସାଇ ହଷ୍ଟେଲ। ବୁଧବାର ସାଇ ହଷ୍ଟେଲ ଓ ଭୁବନେଶ୍ୱରର ସଂଘର୍ଷ କ୍ଲବ ମଧ୍ୟରେ ପ୍ରଥମ ସେମିଫାଇନାଲ ଅନୁଷ୍ଠିତ ହୋଇଥିଲା। ମ୍ୟାଚ ଡ୍ର ରହିବାରୁ ପେନାଲ୍ଟି ଶୁଟ୍ ଆଉଟରେ ସାଇ ହଷ୍ଟେଲ ୩-୨ ଗୋଲରେ ସଂଘର୍ଷକ୍ଲବକୁ ହରାଇ ପ୍ରଥମଦଳଭାବେ ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛି। ବିଜୟୀ ଦଳର ଗୋଲକିପର ଆଲୋକ ଏକ୍କା ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ହାସଲ କରିଥିଲେ। ରେଫରି ଜ୍ୟୋତିରଞ୍ଜନ ସ୍ୱାଇଁ, ସୁଦୀପ ଦାସ, ନିର୍ମଳ ମିଶ୍ର, ସରୋଜ ମହାରଣା, ମ୍ୟାଚ ପରିଚାଳନା କରିଥିବାବେଳେ ବିଶ୍ୱଜିତ ମଲିକ ମ୍ୟାଚ କମିଶନର ଥିଲେ। ସ୍ଥାନୀୟ ତହସିଲଦାର କମଳଜିତ ଦାସ, ବିଡିଓ ମନୋଜ ବେହେରା, ନିମାପଡ଼ା ଥାନା ଆଇଆଇସି ଜନାର୍ଦ୍ଦନ ପାଢ଼ୀ, କ୍ରୀଡ଼ାବିତ୍ ଗୋବିନ୍ଦ ଚନ୍ଦ୍ର ରଥ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଗୁରୁବାର ୩ୟ କ୍ୱାର୍ଟର ଫାଇନାଲ କଟକ ନିପେନ ଫୁଟବଲ କ୍ଲବ ଓ ଭଦ୍ରକ ଚରମ୍ପା ୟୁନାଇଟେଡ ମଧ୍ୟରେ ଅନୁଷ୍ଠିତ ହେବ।

## ସଂକ୍ଷେପରେ

### ବିରୁଷ୍କାଙ୍କ ଦ୍ୱିତୀୟ ବିବାହ ବାର୍ଷିକୀ

ନୂଆଦିଲ୍ଲୀ,୧୧।୧୨- ଭାରତୀୟ ଅଧିନାୟକ ବିରାଟ କୋହଲି ଓ ଅନୁଷ୍କା ଶର୍ମା (ବିରୁଷ୍କା) ବୁଧବାର ଦ୍ୱିତୀୟ ବିବାହ ବାର୍ଷିକୀ ପାଳନ କରିଛନ୍ତି। ଏହି ଅବସରରେ ପତ୍ନୀ ଅନୁଷ୍କାଙ୍କ ଏକ ଫଟୋ ଶେୟାର କରି କୋହଲି କ୍ୟାପଶନରେ ଲେଖିଛନ୍ତି, ଆମ ଭିତରେ କେବଳ ଭଲ ପାଇବା ହିଁ ଅଛି। ଆଉ କିଛି ନାହିଁ। ସେହିଭଳି ଅନୁଷ୍କା ମଧ ବିବାହ ବେଳର ଫଟୋ ଶେୟାର କରି ଶୁଭେଚ୍ଛା ଜଣାଇଛନ୍ତି। ଦୁହେଁ ୨୦୧୭ ଆଜିର ଦିନରେ ପରିବାର ଓ ବନ୍ଧୁଙ୍କ ଉପସ୍ଥିତିରେ ଇଟାଲିରେ ବିବାହ କରିଥିଲେ।

### ଜୁନିୟର ଭଲିବଲ ଦଳ ପାଇଁ ଚୟନ ଟ୍ରାଏଲ

ଭୁବନେଶ୍ୱର, ୧୧।୧୨(କ୍ରୀଡ଼ା ପ୍ରତିନିଧି): ଜାତୀୟ ଜୁନିୟର ଭଲିବଲ (ମହିଳା ଓ ପୁରୁଷ) ଚାମ୍ପିୟନଶିପ୍ ପାଇଁ ଓଡ଼ିଶା ଦଳର ଚୟନ ଟ୍ରାଏଲ ଆସନ୍ତା ୧୪ ତାରିଖରେ କିଟ୍ ଭଲିବଲ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ। ରାଜ୍ୟ ଭଲିବଲ ଆସୋସିଏଶନ ସହିତ ଅନୁବନ୍ଧିତ ସମସ୍ତ ଜିଲା ଓ ୟୁନିଟ ଗୁଡ଼ିକ ସର୍ବାଧିକ ୫ ଜଣ ଲେଖାଏ ଖେଳାଳି ଏହି ଟ୍ରାଏଲ ପାଇଁ ପଠାଇ ପାରିବେ। ୧।୧।୨୦୦୨ପରେ ଜନ୍ମଗ୍ରହଣ କରିଥିବା ଖେଳାଳିମାନେ ଚୟନ ଟ୍ରାଏଲ ପାଇଁ ଯୋଗ୍ୟ ବିବେଚିତ ହେବେ ବୋଲି ରାଜ୍ୟ ଭଲିବଲ ଆସୋସିଏଶନ ପକ୍ଷରୁ ପ୍ରକାଶ କରାଯାଇଛି।

## ରଣଜୀ ଟ୍ରଫି: ପେସ୍ ବୋଲରଙ୍କ କମାଲ୍

# ଓଡ଼ିଶାର ଇନିଂସ ବିଜୟ

କଟକ ଅଫିସ,୧୧।୧୨

ପେସ୍ ବୋଲରଙ୍କ ଚମତ୍କାର ପ୍ରଦର୍ଶନ ବଳରେ ଓଡ଼ିଶା ଚଳିତ ରଣଜୀଟ୍ରଫି କ୍ରିକେଟ ସିଜନରେ ଇନିଂସ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ରାୟପୁରସ୍ଥିତ ଶହୀଦ ବୀର ନାରାୟଣ ସିଂ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ବୁଧବାର ଓଡ଼ିଶା ଏକ ଇନିଂସ ଓ ୩ରନରେ ଛତିଶଗଡ଼କୁ ପରାସ୍ତ କରିଛି। ଓଡ଼ିଶାର ଘାତକ ପେସ୍ ବୋଲିଂ ଆଗରେ ଛତିଶଗଡ଼ ବ୍ୟାଟିଂ ବିଭାଗ ତିଷ୍ଠିପାରି ନ ଥିଲା। ଦ୍ୱିତୀୟ ଇନିଂସରେ ରାଜେଶ ମହାନ୍ତି, ସୂର୍ଯ୍ୟକାନ୍ତ ପ୍ରଧାନ ୪ଟି ଲେଖାଏ ଓ ବସନ୍ତ ମହାନ୍ତି ୨ଟି ଉଇକେଟ ଅକ୍ତିଆର କରିଥିଲେ। ପେସ୍ ବୋଲରଙ୍କୁ ସୁହାଉଥିବା ପିଚ୍‌ରେ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିବା ସୁଜିତ ଲେଙ୍କାଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଛି।

ଛତିଶଗଡ଼ର ପ୍ରଥମ ଇନିଂସ ୧୩୪ରନ ଜବାବରେ ଓଡ଼ିଶା ୨୧୫ରନରେ ଅଲଆଉଟ ହୋଇଥିଲା। ମଙ୍ଗଳବାର ଦ୍ୱିତୀୟ ଦିବସ ଖେଳର ଷ୍ଟମ୍ପ ଅପସାରଣ ସୁଦ୍ଧା ଛତିଶଗଡ଼ ଦ୍ୱିତୀୟ ଇନିଂସ ବ୍ୟାଟିଂ ଆରମ୍ଭ କରି ଗୋଟିଏ ଉଇକେଟ ହରାଇ ୪୫ରନ କରିଥିଲା। ଜୀବନଜ୍ୟୋତ୍ ସିଂ ୧୨ ଓ ଆଶୁତୋଷ ସିଂ ୨୬ରନରେ ଅପରାଜିତ ଥିଲେ। ବୁଧବାର ଜୀବନଜ୍ୟୋତ୍ କୌଣସି ରନ୍ ଯୋଡ଼ିବା ପୂର୍ବରୁ ବସନ୍ତଙ୍କ ଶିକାର ହୋଇଥିଲେ। ପରେ କ୍ରମାଗତ ଭାବେ ଛତିଶଗଡ଼ର ଉଇକେଟ ପତନ ଘଟିଥିଲା। ଦଳ ୭୮ରନରେ ଅଲଆଉଟ ହୋଇଥିଲା। ଆଶୁତୋଷ ସିଂ ସର୍ବାଧିକ ୪୩ରନ କରିଥିଲେ। ୮ଜଣ ଖେଳାଳି ଦୁଇ ଅଙ୍କ ଛୁଇଁ ପାରି ନଥିଲେ। ରାଜେଶ ୧୯ରନ ବିନିମୟରେ ୪ଟି, ସୂର୍ଯ୍ୟକାନ୍ତ ୩୪ରନ ବିନିମୟରେ ୪ଟି ଓ ବସନ୍ତ ୨୩ରନ ବିନିମୟରେ ୨ଟି ଉଇକେଟ ହାସଲ କରିଥିଲେ।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ସୁଜିତ ଲେଙ୍କା।



ଓଡ଼ିଶାର ୩ ଦ୍ରୁତ ବୋଲର ସୂର୍ଯ୍ୟକାନ୍ତ ପ୍ରଧାନ, ବସନ୍ତ ମହାନ୍ତି, ରାଜେଶ ମହାନ୍ତି।

### ସଂକ୍ଷିପ୍ତ ସ୍କୋର

- ଛତିଶଗଡ଼ ପ୍ରଥମ ଇନିଂସ: ୧୩୪
- ଓଡ଼ିଶା ପ୍ରଥମ ଇନିଂସ: ୨୧୫
- ଛତିଶଗଡ଼ ଦ୍ୱିତୀୟ ଇନିଂସ: ୭୮/ଅଲଆଉଟ (ଆଶୁତୋଷ ସିଂ-୪୩, ରାଜେଶ ମହାନ୍ତି-୪/୧୯, ସୂର୍ଯ୍ୟକାନ୍ତ ପ୍ରଧାନ-୪/୩୪, ବସନ୍ତ ମହାନ୍ତି-୨/୨୩)।
- ପ୍ଲେୟର ଅଫ ଦି ମ୍ୟାଚ: ସୁଜିତ ଲେଙ୍କା।

### ରେକର୍ଡ ରଚିଲେ ରାଜେଶ

ପ୍ରଥମଶ୍ରେଣୀ କ୍ରିକେଟରେ ୧୦ଟି ମ୍ୟାଚ୍‌ରୁ ରାଜେଶ ମହାନ୍ତି ୫୦ଟି ଉଇକେଟ ଦଖଲ କରି ରାଜ୍ୟ କ୍ରିକେଟ ପାଇଁ ରେକର୍ଡ ସୃଷ୍ଟି କରିଛନ୍ତ। ଦ୍ରୁତ ୫୦ଟି ଉଇକେଟ ଦଖଲ କରିବାରେ ରାଜେଶଙ୍କ ନାମ ଶୀର୍ଷରେ ରହିଛ। ପୂର୍ବରୁ ବସନ୍ତ ମହାନ୍ତି ୧୨ ମ୍ୟାଚ୍‌ରୁ, ଦୀପକ ମଙ୍ଗରାଜ ୧୩ ଓ ସୌରଜିତ ମହାପାତ୍ର, ସୂର୍ଯ୍ୟକାନ୍ତ ପ୍ରଧାନ ୧୪ଟି ମ୍ୟାଚ୍‌ରୁ ୫୦ ଉଇକେଟ ପୂରଣ କରିଥିଲେ। ଏଠାରେ ରାଜେଶ ପ୍ରଥମ ଇନିଂସରେ ୬ଟି ଓ ଦ୍ୱିତୀୟ ଇନିଂସରେ ୪ଟି ଉଇକେଟ ନେଇଥିଲେ। ଫଳରେ ନିଜର ପ୍ରଥମ ୧୦ଟି ରଣଜୀ ଟ୍ରଫି ମ୍ୟାଚରେ ସେ ୨ ଥର ୧୦ ଉଇକେଟ ସଫଳତା ଲାଭ କରିଛନ୍ତି।

First Anniversary



Bhabani & Banita
Wishing you happy, peace & healthy married life.
With compliments from:
Family & Friends
D-15678

### ଖ୍ରୀଷ୍ଟକୁ ହରାଇ ସେମିରେ ଡିଏଭି

କଟକ ଅଫିସ,୧୧।୧୨

ବୋଷ ଗ୍ରାଉଣ୍ଡରେ ଚାଲିଥିବା ୧୪ତମ ପିଭିଆର ମୂର୍ତ୍ତି ସ୍ମାରକୀ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟରେ ବୁଧବାର ସିଡ଼ିଏ ଡିଏଭି ସ୍କୁଲ ସେମିଫାଇନାଲରେ ପ୍ରବେଶ କରିଛି। ସିଡ଼ିଏ ଡିଏଭି ୭୨ରନରେ ଖ୍ରୀଷ୍ଟ କଲିଜିଏଟ୍‌କୁ ହରାଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଡିଏଭି ସାଇଦୀପ ମହାପାତ୍ରଙ୍କ ୭୧ରନ ସହାୟତାରେ ୫ଉଇକେଟ ହରାଇ ୧୨୬ରନ କରିଥିଲା। ଖ୍ରୀଷ୍ଟ କଲିଜିଏଟ୍ ପକ୍ଷରୁ ଓମ କୁମାର ସ୍ୱାଇଁ ୨ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଖ୍ରୀଷ୍ଟ କଲିଜିଏଟ୍ ମାତ୍ର ୫୪ରନରେ ଅଲଆଉଟ ହୋଇଥିଲା। ଆନିନ୍ଦ୍ୟ ମାଝୀ ସର୍ବାଧିକ ୧୧ରନ କରିଥିଲେ। ଡିଏଭି ପକ୍ଷରୁ ସାଇଦୀପ ମହାପାତ୍ର ୩ଟି ଉଇକେଟ ଦଖଲ କରିବା ସହ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ ହୋଇଛନ୍ତି।

# ଦଶନ୍ଧି ପରେ ପାକିସ୍ତାନକୁ ଫେରିଲା ଟେଷ୍ଟ କ୍ରିକେଟ

ରାୱଲପିଣ୍ଡି,୧୧।୧୨(ଏଏଫ୍‌ପି)

ପାଖାପାଖି ଏକ ଦଶନ୍ଧି ପରେ ପାକିସ୍ତାନରେ ପୁଣି ଥରେ ଟେଷ୍ଟ କ୍ରିକେଟ ଖେଳାଯାଇଛି। ସ୍ଥାନୀୟ ରାୱଲପିଣ୍ଡି କ୍ରିକେଟ ଷ୍ଟାଡିୟମରେ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ବୁଧବାରଠାରୁ ପାକିସ୍ତାନ ଓ ଭ୍ରମଣକାରୀ ଶ୍ରୀଲଙ୍କା ମଧ୍ୟରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଛି। ୨୦୦୯ ମାର୍ଚ୍ଚରେ ଲାହୋରର ଗଦ୍ଦାଫି ଷ୍ଟାଡିୟମରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଖେଳାଯିବା ଅବସରରେ ଶ୍ରୀଲଙ୍କା ଟିମ୍ ବସ୍ ଉପରେ ଆତଙ୍କବାଦୀମାନେ ଆକ୍ରମଣ କରିଥିଲେ। ଏଥିରେ ଶ୍ରୀଲଙ୍କା କ୍ରିକେଟରମାନେ ଅଳ୍ପକେ ବର୍ତ୍ତିଯାଇଥିଲେ। ଏହି ଘଟଣାରେ ୮ଜଣ ଲୋକ ପ୍ରାଣ ହରାଇଥିଲେ। ଏହାପରେ ପାକିସ୍ତାନ ଯିବା ପାଇଁ କୌଣସି ଦେଶ ଆଗ୍ରହ ପ୍ରକାଶ କରି ନ ଥିଲେ ଓ ପାକିସ୍ତାନରେ କୌଣସି ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନ ହୋଇ ନ ଥିଲା। ତେବେ ଦୀର୍ଘ ଦଶ ବର୍ଷ ପରେ ଶ୍ରୀଲଙ୍କା ପୁଣି ଥରେ ପାକିସ୍ତାନ ଗସ୍ତ କରି ଟେଷ୍ଟ ଖେଳିଛି। ବୁଧବାର ପାକିସ୍ତାନ କ୍ରିକେଟ ପାଇଁ ଏକ ଐତିହାସିକ ଦିବସ ସାବ୍ୟସ୍ତ ହୋଇଛି। ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ କରାଚୀରେ ୧୯ ତାରିଖରୁ ଆରମ୍ଭ ହେବ। ଏହି ସିରିଜ ସଫଳତାର ଆୟୋଜନ ହୋଇପାରିଲେ ଅନ୍ୟ ଦେଶମାନଙ୍କୁ ଆମନ୍ତ୍ରଣ କରିବା ପାଇଁ ପାକିସ୍ତାନ ସକ୍ଷମ ହେବ ବୋଲି ଆଶା କରାଯାଉଛି।



ଦର୍ଶକଭରା ରାୱଲପିଣ୍ଡି କ୍ରିକେଟ ଷ୍ଟାଡିୟମ।

### ଶ୍ରୀଲଙ୍କା ୨୦୨/୫

ସକାଳୁ ଟସ୍ ଜିତି ଶ୍ରୀଲଙ୍କ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପାକିସ୍ତାନ ଦ୍ରୁତ ବୋଲରମାନେ ପ୍ରଭାବୀ ସାବ୍ୟସ୍ତ ହୋଇଛନ୍ତି। ଖରାପ୍ ଆଲୋକ କାରଣରୁ ଖେଳ ଶୀଘ୍ର ସମାପ୍ତ ହୋଇଥିଲା। ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ଶ୍ରୀଲଙ୍କା ୬୮.୧ ଓଭରରେ ୫ ଉଇକେଟ ହରାଇ ୨୦୨ ରନ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଧନଞ୍ଜୟ ଡି ସିଲଭା ୩୮ ଓ ଉଇକେଟକିପର ବ୍ୟାଟ୍ସମ୍ୟାନ ନିରୋଶାନ ଡିକ୍‌ୱାଲା ୧୧ ରନ କରି ଅପରାଜିତ ରହିଛନ୍ତି। ଅଧିନାୟକ ତଥା ଓପନର ଦିମୁଥ କରୁଣାରତ୍ନେ ସର୍ବାଧିକ ୫୯ ରନର ଅର୍ଦ୍ଧଶତକୀୟ ପାଳି ଖେଳିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଓଶାଡା ଫର୍ନାଣ୍ଡୋ ୪୦, ଆଞ୍ଜେଲୋ ମାଥ୍ୟୁସ୍ ୩୧, କୁଶଲ ମେଣ୍ଡିସ୍ ୧୦ ଓ ଦୀନେଶ ଚାଣ୍ଡିମଲ ୨ ରନ କରି ଆଉଟ ହୋଇଥିଲେ। ବୋଲିଂରେ ପାକିସ୍ତାନ ତରଫରୁ ନଶିମ ଶାହା ୨, ମହମ୍ମଦ ଆବାସ, ଶାହିନ ଶାହ ଆଫ୍ରିଦି, ଉସ୍‌ମାନ ଶିନୱାରୀ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର:**
ଶ୍ରୀଲଙ୍କା ପ୍ରଥମ ଇନିଂସ- ୬୮.୧ ଓଭରରେ ୨୦୨/୫ (ଦିମୁଥ କରୁଣାରତ୍ନେ- ୫୯, ଓଶାଡା ଫର୍ଣ୍ଣାଣ୍ଡୋ- ୪୦, ଆଞ୍ଜେଲୋ ମାଥ୍ୟୁସ- ୩୧, ଧନଞ୍ଜୟ ଡି ସିଲଭା- ୩୮*, ନିରୋଶାନ ଡିକ୍‌ୱାଲା- ୧୧*, ନଶିମ ଶାହା- ୨/୫୧, ମହମ୍ମଦ ଆବାସ- ୧//୫୦, ଶାହିନ ଶାହ ଆଫ୍ରିଦି- ୧/୩୭, ଉସ୍‌ମାନ ଶିନୱାରୀ- ୧/୪୭)।

## ୱେଷ୍ଟଇଣ୍ଡିଜ ବିପକ୍ଷ ଦିନିକିଆ ସିରିଜ୍

# ଧାୱନଙ୍କ ସ୍ଥାନ ନେଲେ ମୟଙ୍କ

ନୂଆଦିଲ୍ଲୀ,୧୧।୧୨(ପି.ଟି.)

ଆଗାମୀ ୱେଷ୍ଟଇଣ୍ଡିଜ ବିପକ୍ଷ ଦିନିକିଆ ସିରିଜ୍ ଲାଗି ଘୋଷିତ ଭାରତୀୟ ଦଳରେ ପରିବର୍ତ୍ତନ ହୋଇଛି। ଆହତ ସମସ୍ୟା ଦେଇ ଗତି କରୁଥିବା ଶିଖର ଧାୱନଙ୍କ ବଦଳ ଖେଳାଳି ଭାବେ ଟେଷ୍ଟ ଓପନର ମୟଙ୍କ ଅଗ୍ରୱାଲଙ୍କୁ ବୁଧବାର ସାମିଲ କରାଯାଇଛି। ଧାୱନ ଆଣ୍ଠୁ ସମସ୍ୟାରୁ ମୁକୁଳିବାରେ ସଫଳ ହୋଇନାହାନ୍ତି। ଚଳିତ ମାସରେ ଶେଷ ହୋଇଥିବା ସୟଦ ମୁସ୍ତାକ ଅଲି ଟି୨୦ ପ୍ରତିଯୋଗିତା ବେଳେ ଧାୱନଙ୍କ ଆଣ୍ଠୁରେ କ୍ଷତ ହୋଇଥିଲା। ଧାୱନଙ୍କ ଷ୍ଟିଚ୍ ଖୋଲାଯାଇଛି ଓ ତାଙ୍କ କ୍ଷତ ଧୀରେ ଧୀରେ ଠିକ୍ ହେବାରେ ଲାଗିଛି। ତାଙ୍କୁ ସମ୍ପୂର୍ଣ୍ଣ ଫିଟ୍ ହେବା ପାଇଁ ଆହୁରି ସମୟ ଦରକାର ବୋଲି ବିସିସିଆଇ ମେଡିକାଲ ଦଳ ଅନୁଭବ କରିଥିବା ବିସିସିଆଇ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ତାଙ୍କ ବଦଳରେ ମୟଙ୍କ ଅଗ୍ରୱାଲଙ୍କୁ ଚୟନ କରାଯାଇଥିବା ଏଥିରେ କୁହାଯାଇଛି। ଭାରତୀୟ ଦଳ ଓ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ମଧ୍ୟରେ ୩ଟି ଦିନିକିଆ ମ୍ୟାଚ୍ ଯଥାକ୍ରମେ ଚେନ୍ନାଇ (୧୫ ତାରିଖ), ବିଶାଖାପଟନମ(୧୮ରେ) ଓ କଟକ (୨୨ରେ)ଠାରେ ଖେଳାଯିବ। ରଣଜୀ ଟ୍ରଫିରେ ତାମିଲନାଡୁ ବିପକ୍ଷରେ ଖେଳୁଥିବା ଅଗ୍ରୱାଲ ଚେନ୍ନାଇ ମ୍ୟାଚ୍ ପୂର୍ବରୁ ଦଳରେ ଯୋଗଦେବେ। ତେବେ ଦଳରେ ଓପନିଂ ପାଇଁ ଲୋକେଶ ରାହୁଲ ଓ ରୋହିତ ଶର୍ମା ଥିବାରୁ ଅଗ୍ରୱାଲଙ୍କୁ ଦିନିକିଆ ପଦାର୍ପଣ ଲାଗି ଅପେକ୍ଷା କରିବାକୁ ପଡ଼ିପାରେ। ୨୮ ବର୍ଷୀୟ ବେଙ୍ଗାଲୁରୁ ବ୍ୟାଟ୍ସମ୍ୟାନ କ୍ୟାରିୟରରେ ୯ ଟେଷ୍ଟ ଖେଳି ୮୭୨ ରନ୍ କରିଛନ୍ତି। ଏଥିରେ ୩ ଶତକ ଓ ସମାନସଂଖ୍ୟକ ଅର୍ଦ୍ଧଶତକ ରହିଛି।



ମୟଙ୍କ ଅଗ୍ରୱାଲ

**ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା (ଉପଅଧିନାୟକ), ମୟଙ୍କ ଅଗ୍ରୱାଲ, ଲୋକେଶ ରାହୁଲ, ଶ୍ରେୟାସ ଆୟାର, ମନୀଷ ପାଣ୍ଡେ, ରିଷଭ ପନ୍ତ (ଉଇକେଟକିପର), ଶିଭମ ଦୁବେ, କେଦାର ଯାଦବ, ରବୀନ୍ଦ୍ର ଜାଡେଜା, ୟୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, ଦୀପକ ଚହର, ମହମ୍ମଦ ଶାମି ଓ ଭୁବନେଶ୍ୱର କୁମାର।

### ପ୍ରିକ୍ୱାର୍ଟର ଫାଇନାଲରେ ଲିଭରପୁଲ, ଚେଲ୍‌ସି

ପ୍ୟାରିସ,୧୧।୧୨

ଚଳିତ ସିଜନର ୟୁଏଫା ଚାମ୍ପିୟନ୍ସ ଲିଗ୍‌ର ପ୍ରିକ୍ୱାର୍ଟର ଫାଇନାଲରେ ଲିଭରପୁଲ ଓ ଚେଲ୍‌ସି ସ୍ଥାନ ପକ୍କା କରିଛନ୍ତି। ଅନ୍ୟପକ୍ଷରେ ଆଜାକ୍ସ ଓ ଇଣ୍ଟର ମିଲନ ଭଳି କ୍ଲବ ଗ୍ରୁପ ପର୍ଯ୍ୟାୟରୁ ବିଦାୟ ନେଇଛନ୍ତି। ମଙ୍ଗଳବାର ରେଡ ବୁଲ୍ ବିପକ୍ଷରେ ଅନୁଷ୍ଠିତ ମ୍ୟାଚ୍‌ରେ ଲିଭରପୁଲ ଦଳକୁ କେବଳ ଡ୍ର' ଦରକାର ଥିଲା। ମାତ୍ର ମହମ୍ମଦ ସାଲା ଓ ନାବି କେଇଟାଙ୍କ ଗୋଲ ଯୋଗୁ ମ୍ୟାଚରେ ଡିଫେଣ୍ଡିଂ ଚାମ୍ପିୟନ ଲିଭରପୁଲ ୨-୦ ଗୋଲରେ ବିଜୟୀ ହୋଇଥିଲା। ଫଳରେ ଗ୍ରୁପ ଇ'ର ଟପ୍ପର ଭାବେ ଲିଭରପୁଲ ଓ ଦ୍ୱିତୀୟ ସ୍ଥାନରେ ଥିବା ନାପୋଲି ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ଗ୍ରୁପ ଏଚ୍ ମ୍ୟାଚ୍‌ରେ ଭାଲେନ୍ସିଆ ୧-୦ ଗୋଲରେ ଆଜାକ୍ସକୁ ହରାଇ ଦେଇଛି। ଅନ୍ୟ ଏକ ମ୍ୟାଚ୍‌ରେ ଟାମି ଆର୍ବ୍ରହାମ ଓ ସିଜାର ଜପିଲୁଟାଙ୍କ ଗୋଲରେ ୨୦୧୨ ସଂସ୍କରଣ ଚାମ୍ପିୟନ ଚେଲ୍‌ସି ୨-୧ରେ ଲିଲେକୁ ପରାସ୍ତ କରିଛି। ବିଜୟ ଯୋଗୁ ଚେଲସିର ପଏଣ୍ଟ ସଂଖ୍ୟା ଭାଲେନ୍ସିଆ (୧୧) ସହ ସମାନ ହୋଇଥିଲା। ହେଲେ ପରସ୍ପର ମଧ୍ୟରେ ହେଡ୍ ଟୁ ହେଡ୍ ରେକର୍ଡ ଯୋଗୁ ଚେଲ୍‌ସି ଦ୍ୱିତୀୟ ସ୍ଥାନରେ ରହି ଅନ୍ତିମ ୧୬ ରାଉଣ୍ଡରେ ପ୍ରବେଶ କରିଛି।

# ଶୁଟର ରବି, ବକ୍ସର ସୁମିତ୍ ଡୋପରେ ବିଫଳ

ପୁଣେ,୧୧।୧୨

ଟୋକିଓ ଅଲିମ୍ପିକ୍ସ ପାଇଁ ଆଉ ମାତ୍ର ୭ ମାସ ବାକି ରହିଥିବାବେଳେ ଭାରତୀୟ ଦଳର ପଦକ ଆଶାକୁ ଶକ୍ତ ଝଟ୍‌କା ଲାଗିଛି। ଶୁଟର ରବି କୁମାର ଓ ବକ୍ସର ସୁମିତ୍ ସାଙ୍ଗୱାନ ଡୋପ ଟେଷ୍ଟରେ ଫେଲ ହୋଇଛନ୍ତି। ଏହା ସଭିଙ୍କୁ ଚକିତ କରିଦେଇଛି। କାରଣ ଦୁଇ କ୍ରୀଡ଼ାରେ ପ୍ରାୟ ଡୋପ ନିୟମ ଭଙ୍ଗ କରିବା ଦେଖା ଯାଏନାହିଁ। ୨୯ ବର୍ଷୀୟ ରବି କୁମାର ଦେଶ ପାଇଁ ବିଶ୍ୱକପ୍, ରାଜ୍ୟଗୋଷ୍ଠୀ କ୍ରୀଡ଼ା ଭଳି ବହୁ ଅନ୍ତର୍ଜାତୀୟ ଇଭେଣ୍ଟରେ ପଦକ ଜିତି ସାରିଛନ୍ତି। ନାଡା ଅନୁଯାୟୀ, ଦିଲ୍ଲୀଠାରେ ଗତ ଜୁନ୍‌ରେ ଅନୁଷ୍ଠିତ କୁମାର ସୁରେନ୍ଦର ସିଂ ସ୍ମାରକୀ ପ୍ରତିଯୋଗିତା ବେଳେ ତାଙ୍କ ଟେଷ୍ଟ କରାଯାଇଥିଲା। ତାଙ୍କ ନମୁନାରେ ପ୍ରୋପ୍ରାନୋଲୋଲ ନାମକ ନିଷିଦ୍ଧ ଔଷଧ ମିଳିଛି। ଅଲିମ୍ପିଆନ ସୁମିତ୍ (୯୧ କିଗ୍ରା)ଙ୍କ ନମୁନାରେ ଏସିଟାଜୋଲାମାଇଡ୍ ନାମକ ଔଷଧ ମିଳିଛି, ଯାହା ୱାଡା ପକ୍ଷରୁ ଜାରି ନିଷିଦ୍ଧ ଔଷଧ ତାଲିକାରେ ରହିଛି। ୨୬ ବର୍ଷୀୟ ବକ୍ସର ୨୦୧୭ ଏସିଆନ ଚାମ୍ପିୟନଶିପରେ ରୌପ୍ୟ ଓ ବିଶ୍ୱ ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲରେ ସ୍ଥାନ ପାଇଥିଲେ। ଗତ ଦୁଇ ସପ୍ତାହ ମଧ୍ୟରେ ଦ୍ୱିତୀୟ ବକ୍ସର ଭାବେ ସେ ଡୋପ୍ ଟେଷ୍ଟରେ ବିଫଳ ହୋଇଛନ୍ତି। ତାଙ୍କ ପୂର୍ବରୁ ମହିଳା ବକ୍ସର ନିରଜ (୫୭ କେଜି) ଡୋପ୍‌ରେ ବିଫଳ ହୋଇ ବାସନ୍ଦ ହୋଇଥିଲେ। ଶୁଟର ରବି କହିଛନ୍ତି, ମୁଁ ମ୍ୟୁନିକ ବିଶ୍ୱକପ୍‌ରୁ ଫେରିବା ପରେ ମାଇଗ୍ରେନ କାରଣରୁ ମୋର ପ୍ରବଳ ମୁଣ୍ଡବିନ୍ଧା ହେଉଥିଲା। ଏ ସମସ୍ୟା ମୋ ଭଉଣୀର ମଧ ରହିଛି। ମୋ ପରିବାର ଲୋକେ ଡାକ୍ତରଙ୍କୁ ଘରକୁ ଆଣିଥିଲେ। ମୁଁ ତାଙ୍କୁ ଶୁଟର ବୋଲି କହିଥିଲି। ତାଙ୍କ ପରାମର୍ଶ କ୍ରମେ ମେଡିସିନ ଗ୍ରହଣ କରିଥିଲି। ଅନ୍ୟପକ୍ଷରେ ୨୦୧୨ ଅଲିମ୍ପିକ୍ସରେ ଭାରତ ପାଇଁ ପ୍ରତିନିଧିତ୍ୱ କରିଥିବା ସାଙ୍ଗୱାନ ଏବେ ଆଖିରେ ଲାଗିଥିବା ଆହତ ସମସ୍ୟାରୁ ମୁକୁଳିବାକୁ ଚେଷ୍ଟା କରୁଛନ୍ତି। ଏଥିନେଇ ଫିଜିସିଆନଙ୍କ ପରାମର୍ଶରେ ମେଡିସିନ ନେଉଛନ୍ତି। ଉକ୍ତ ମେଡିସିନଗୁଡ଼ିକ ମଧ୍ୟରୁ ଗୋଟିଏରେ ଏସିଟାଜୋଲାମାଇଡ୍ ଥିଲା। ଏଣୁ ଟୋକିଓ ଅଲିମ୍ପିକ୍ କ୍ୱାଲିଫାୟର୍ସ ପାଇଁ ଚୟନ ପ୍ରକ୍ରିୟାରେ ଭାଗ ନେବାର ଖୁବ୍ କମ୍ ସୁଯୋଗ ରହିଛି।



ରବି କୁମାର



ସୁମିତ୍ ସାଙ୍ଗୱାନ

ମନେ ପଡ଼ନ୍ତି

ଅଷ୍ଟାଦଶ ଶ୍ରାଦ୍ଧ ବାର୍ଷିକୀ ସ୍ମୃତି ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ତାରିଣୀ ଦେବୀ ଶର୍ମା
କଟି-ଭଗବାନ କୁଟୀରମ୍
(ତାରିଣୀ ବୈକୁଣ୍ଠ)
ପ୍ଲଟ. ନଂ.: ଏ-୧୨୯
ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ତିରୋଧାନ : ତା ୧୨/୧୨/୨୦୦୧
"ଏ କୁଟୀରଟି ତୋର ବୈକୁଣ୍ଠ, ତୋ ଲୀଳା ଖେଳା ସଦା ପ୍ରକଟ। ତୋ ସ୍ନେହଧାରା ଝରୁଛି ଯହିଁ ଆମକୁ ଛାଡି ଯାଇନୁ ତୁହି"।
ସ୍ମୃତି ଶୋକାପ୍ଲୁତ
ସ୍ୱାମୀ ଆଚାର୍ଯ୍ୟ ଦାମୋଦର ଶର୍ମା, ଝିଅ-ଜ୍ୱାଇଁ, ପୁଅ-ବୋହୂ, ନାତି-ନାତୁଣୀ, ପ୍ରିୟ-ପରିଜନ ଏବଂ ସମସ୍ତ ବନ୍ଧୁବାନ୍ଧବ।
ଧ-୬୮୦୩୬

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ଲକ୍ଷ୍ମୀ ସାଇଁ
(ପଞ୍ଚସଖା ନଗର, ଝୁମ୍‌ଝୁମା, ଭୁବନେଶ୍ୱର)
ଆବିର୍ଭାବ : ୦୧/୦୧/୧୯୫୩ | ତିରୋଧାନ : ୦୩/୧୨/୨୦୧୭
(ମାର୍ଗଶିର ମାସ ପୂର୍ଣ୍ଣିମା)
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣା ବିନ୍ଦରେ ବିନମ୍ର ନିବେଦନ
ଶୋକସନ୍ତପ୍ତ : ସ୍ୱାମୀ- ଶ୍ରୀ ଶିବରାମ ସାଇଁ, ପୁଅ- ବୋହୂ, ଝିଅ-ଜ୍ୱାଇଁ, ପୁତୁରା-ପୁତୁରାବୋହୂ, ଝିଆରି- ଝିଆରି ଜ୍ୱାଇଁ, ନାତି-ନାତୁଣୀ ଏବଂ ପରିବାର ବର୍ଗ।
ଧ-୬୮୯୨୫

ଶ୍ରାଦ୍ଧବାର୍ଷିକ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ବିନୋଦିନୀ ଦେବୀ
ସ୍ୱାମୀ- ସ୍ୱର୍ଗତ କବିରାଜ କୃଷ୍ଣଚନ୍ଦ୍ର ତ୍ରିପାଠୀ ଶର୍ମା
କବିରାଜ ଭବନ, ଆସିକା, ଗଞ୍ଜାମ
ଆବିର୍ଭାବ: ୨୩।୦୮।୧୯୨୪
ତିରୋଧାନ: ମାର୍ଗଶିର ପୂର୍ଣ୍ଣିମା, ୨୦୦୬
ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମକୁ ସର୍ବଦା ଦିଗ୍‌ଦର୍ଶନ ଦେଉଥାଉ।
ଶୋକସନ୍ତପ୍ତ:
ପୁତ୍ର- ପ୍ରଶାନ୍ତ, ବୋହୂ- ବିଜୟଲକ୍ଷ୍ମୀ, ଝିଅ- ରଞ୍ଜିତା, ଜ୍ୱାଇଁପୁଅ-ଡ. ଏନ୍.ସି. ପାଢୀ ଓ ପରିବାରବର୍ଗ, ଆତ୍ମୀୟସ୍ୱଜନ।
ଧ-୧୫୬୬୭

ତୃତୀୟ ଶ୍ରାଦ୍ଧବାର୍ଷିକୀ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଗଙ୍ଗାଧର କର
ଭୁବନେଶ୍ୱର
ଆବିର୍ଭାବ: ୧୩।୦୨।୧୯୩୭
ତିରୋଧାନ: ୧୩।୧୨।୨୦୧୬
ବାପା, ଆପଣଙ୍କ ମହନୀୟ ଆଦର୍ଶ ଆମ୍ଭମାନଙ୍କୁ ମାର୍ଗଦର୍ଶନ କରୁଥାଉ। ଆଜି ତୁମ ତୃତୀୟ ଶ୍ରାଦ୍ଧବାର୍ଷିକୀରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ଏତିକି କାମନା।
ଶୋକସନ୍ତପ୍ତ:
ପୁଅ: ଚିତ୍ତରଞ୍ଜନ, ଶରତଚନ୍ଦ୍ର, ସତ୍ୟବ୍ରତ, ଗତିକୃଷ୍ଣ, ହୃଷୀକେଶ, କନ୍ୟା ଓ ଜାମାତା: ଗୀତାଞ୍ଜଳି, ବିଶ୍ୱରଞ୍ଜନ, ଜୟଶ୍ରୀ, ବାସୁଦେବନ୍, ପୁତ୍ରବଧୂ: ସୁମିତ୍ରା, ଦେବଯାନୀ, ବନ୍ଦିତା, ଅନୁରାଧା, ଇଶ୍ୱିନ୍, ନାତିନାତୁଣୀ: ପଙ୍କଜ, ଗୌରବ, ଆକାଂକ୍ଷା, ଯୋଶିକା, ଚିନ୍ମୟ, ଅନିଶ୍ଚିତି, ଅମନ, ଋଦ୍ଧିକ୍, ଅକ୍ଷଦା, ନୁର୍ ଏବଂ ଆତ୍ମୀୟସ୍ୱଜନ ଓ କର ପରିବାର।
ଧ-୧୫୬୬୬

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଇଂ. ଗିରିଶ ଚନ୍ଦ୍ର ମହାପାତ୍ର
ହୁଲୁରିସିଙ୍ଗା, ଅନୁଗୁଳ
ଆବିର୍ଭାବ: ୦୨।୧୧।୧୯୩୯
ତିରୋଧାନ: ୦୨।୧୨।୨୦୧୯
ଆପଣଙ୍କ ଅସାମୟିକ ବିୟୋଗରେ ଆମ୍ଭେ ମର୍ମାହତ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦ ପଦ୍ମରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ପରିବାର ଓ ଶୁଭେଚ୍ଛୁ ବୃନ୍ଦ।
ଧ-୧୫୬୭୫

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

ଧର୍ମଶାଳା,୧୧।୧୨(ଡି.ଏନ୍.ଏ.) ଧର୍ମଶାଳା ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ଗୋକର୍ଣ୍ଣେଶ୍ୱର ମନ୍ଦିର ନିକଟରେ ବୁଧବାର ଅଜଣା ଟ୍ରକ୍ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ଜଣଙ୍କ ଉତ୍ତରପ୍ରତାପ ପଞ୍ଚାୟତ ଅଧୀନ ଜଳେଶ୍ୱରପୁର ଗ୍ରାମର କେଶବ ନାୟକ(୬୦)। ସକାଳେ ଗୋକର୍ଣ୍ଣେଶ୍ୱର ମନ୍ଦିର ଯାଉଥିବାବେଳେ ଟ୍ରକ୍ ତାଙ୍କୁ ଧକ୍କାଦେଇ ପଳାଇଥିଲା। ସ୍ଥାନୀୟ ଲୋକେ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରୟ ପରେ କଟକ ନିଆଯାଇଥିଲା। ସେଠାରେ କେଶବଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି।

### ପାଟ୍ରୋଲିଂ ବେଳେ ଧରାପଡ଼ିଲା ୧ଶହ ପେଟି ଆସ୍କା ଫର୍ଟି

ଯାଜପୁର ଟାଉନ,୧୧।୧୨(ଡି.ଏନ୍.ଏ.) ରାତିରେ ଚାଲୁଥିଲା କାରବାର, ଚୋରାରେ ମଦ ଆଣି କରୁଥିଲେ ବିକ୍ରି ଯାହାର ସୁରାକ ମିଳିପାରୁ ନ ଥିଲା। ଅବକାରୀବିଭାଗ ପାଟ୍ରୋଲିଂ ସମୟରେ ମଙ୍ଗଳବାର ବିଳମ୍ବିତ ରାତିରେ ଯାଜପୁର ଜିଲା ମୁଗପାଳ ଅଞ୍ଚଳରୁ ଚୋରା ମଦ କାରବାର କରୁଥିବା ୨ଜଣ ଅଭିଯୁକ୍ତ ଙ୍କୁ ଅବକାରୀ ବିଭାଗ ଗିରଫ କରିଛି। ଘଟଣାରେ ଏକ ପିକ୍‌ଅପ୍ ଗାଡିରେ ବୋଝେଇ ହୋଇଥିବା ୧ଶହ ପେଟି ଆସ୍କାଫର୍ଟି ମଦ ଜବତ କରାଯାଇଥିବା ବେଳେ ମଙ୍ଗଳପୁରର ଗୌରିଶଙ୍କର ରାଉତ ଓ ବଡଚଣାର ଟୁନା ରାଉତଙ୍କୁ ଗିରଫ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ନିରୀକ୍ଷକ ସ୍ୱପ୍ନାରାଣୀ ସାହୁ, ଉପନିରୀକ୍ଷକ ବାସନ୍ତୀ ସିର୍କା ଓ ବିଜୟଲକ୍ଷ୍ମୀ ଦାସଙ୍କ ନେତୃତ୍ୱରେ କ୍ଷିରୋଦ କୁମାର ସାହୁ, ସଞ୍ଜୀବ କୁମାର ବେହେରା, ବିପିନ କୁମାର ପ୍ରଧାନ, ରଶ୍ମିତା ତରାଇ ପ୍ରମୁଖ ସାମିଲ ଥିଲେ।

### ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ଯାଜପୁର ଟାଉନ/ଦଶରଥପୁର, ୧୧।୧୨ (ଡି.ଏନ୍.ଏ.) ଶୌଚ ହେବାକୁ ଯାଉଥିବାବେଳେ ପୋଖରୀରେ ବୁଡ଼ି ଯୁବକଙ୍କ ମୃତୁ ଘଟିଛି। ଯାଜପୁର ଜିଲା ମଙ୍ଗଳପୁର ଥାନା ଛଣ୍ଡୁଣା ଗ୍ରାମର ପବିତ୍ର କୁମାର ରାଉତ (୩୫) ମଙ୍ଗଳବାର ବିଳମ୍ବିତ ରାତିରେ ଘର ପଛପଟେ ଥିବା ପୋଖରୀକୁ ଶୌଚ ହେବାକୁ ଯାଇଥିବା ସମୟରେ ଗୋଡ଼ ଖସିଯିବାରୁ ବୁଡ଼ିଯାଇଥିଲେ। ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ଘର ଲୋକମାନେ ଖୋଜାଖୋଜି ସମୟରେ ପୋଖରୀ କୂଳରେ ପବିତ୍ରଙ୍କ ଲୁଗାପଟା ପଡିଥିବା ଦେଖି ଦଶରଥପୁର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ଦୀର୍ଘ ସମୟ ଖୋଜାଖୋଜି କରିବା ପରେ ପବିତ୍ରଙ୍କୁ ପୋଖରୀରୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମଙ୍ଗଳପୁର ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ମୃତ ଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### କେଡିଏମ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ : ଚକ୍ରଧରପୁର, ପୁରୁଣା ବଉଳମାଳ ବିଜୟୀ

ଧର୍ମଶାଳା,୧୧।୧୨(ଡି.ଏନ୍.ଏ.)- କଳ୍ପତରୁ ଦାସ ନ୍ୟାଶନାଲ ମେମୋରିଆଲ ଫାଉଣ୍ଡେଶନ ପକ୍ଷରୁ ମଧୁପୁରଗଡ ଖେଳ ପଡ଼ିଆରେ ଅନୁଷ୍ଠିତ ୫ମ କେଡିଏମ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ବୁଧବାର ୨ଟି ମ୍ୟାଚ୍ ଶେଷ ହୋଇଛି। ପ୍ରଥମ ମ୍ୟାଚ୍‌ରେ ଅଣ୍ଡିଆ ଦଳକୁ ୮୨ ରନ୍‌ରେ ପରାସ୍ତ କରି ଚକ୍ରଧରପୁର ବିଜୟୀ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ କବାଟବନ୍ଧ ଦଳକୁ ୪୧ ରନ୍‌ରେ ପରାସ୍ତ କରି ପୁରୁଣା ବଉଳମାଳ ବିଜୟୀ ହୋଇଛି। ଚକ୍ରଧରପୁର ଦଳ ପ୍ରଥମେ ବ୍ୟାଟିଂ କରି ୧୪ ଓଭରରେ ୫ ଉଇକେଟ୍ ହରାଇ ୨୫୨ ରନ୍ ସଂଗ୍ରହ କରିଥିଲା। ଜବାବରେ ଅଣ୍ଡିଆ ବ୍ୟାଟିଂ କରି ୧୪ ଓଭରରେ ୫ ଉଇକେଟ୍ ହରାଇ ୧୭୦ ରନ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ପୁରୁଣା ବଉଳମାଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭର୍‌ରେ ୬ ଉଇକେଟ୍ ହରାଇ ୨୦୨ ରନ୍ କରିଥିଲା। ଜବାବ୍‌ରେ କବାଟବନ୍ଧ ବ୍ୟାଟିଂ କରି ୧୫ ଓଭର୍‌ରେ ୯ ଉଇକେଟ୍ ହରାଇ ୧୬୧ ରନ୍ କରି ପରାସ୍ତ ହୋଇଥିଲା।

## ଭିଜିଲାନ୍ସ ଜାଲରେ ଜହ୍ନା ପିଇଓ

# ଆବାସ ହିତାଧିକାରୀଙ୍କଠାରୁ ଲାଞ୍ଚ ନେବାବେଳେ ଧରାପଡ଼ିଲେ

ଯାଜପୁର ଅଫିସ,୧୧।୧୨

ଯାଜପୁର ଜିଲା କୋରେଇ ବ୍ଲକ ଜହ୍ନା ପଞ୍ଚାୟତର ପଞ୍ଚାୟତ ନିର୍ବାହି ଅଧିକାରିଣୀ(ପିଇଓ) ସିତାରାଣୀ ସୋରେନ ବୁଧବାର ଅପରାହ୍ନ ୪ଟା ୨୫ ମିନିଟ ସମୟରେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି । ସୂଚନା ଅନୁସାରେ ଜହ୍ନା ଗ୍ରାମର ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀ ରଞ୍ଜିତ ରାଏଙ୍କୁ ତାଙ୍କ ଆବାସ ନିର୍ମାଣର ବିଲ୍ କରାଇ ଦେବାପାଇଁ ପିଇଓ ସୋରେନ ୫ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ବହୁ କଷ୍ଟରେ ଧାର ଉଧାର କରି ଆବାସ ଘର ସମ୍ପୂର୍ଣ୍ଣ କରିଥିବା ହିତାଧିକାରୀ ରଞ୍ଜିତ ଲାଞ୍ଚ ଟଙ୍କା ଦେବାକୁ


ଭିଜିଲାନ୍ସ ଜାଲରେ ଧରା ପଡିଥିବା ପିଇଓ ।

ଅସମର୍ଥତା ପ୍ରକାଶ କରିଥିଲେ । ଏହାପରେ ପିଇଓ ହିତାଧିକାରୀ ରଞ୍ଜିତଙ୍କୁ ଆବାସ ଘର ବିଲ୍ ପ୍ରଦାନ କରିବାରେ ବିଳମ୍ବ କରିଥିଲେ। ଟଙ୍କା ନ ଦେବା ପର୍ଯ୍ୟନ୍ତ ବିଲ୍ ପାସ ହେବ ନାହିଁ ବୋଲି ପରୋକ୍ଷରେ ଚେତାବନୀ ଦେଇ ଆସୁଥିଲେ। ଏନେଇ ମଙ୍ଗଳବାର ହିତାଧିକାରୀ ରଞ୍ଜିତ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ଅନୁସାରେ ଯାଜପୁର ଭିଜିଲାନ୍ସ କାର୍ଯ୍ୟାଳୟରେ ୪୬/୨୦୧୯ରେ ଏକ ମାମଲା ରୁଜୁ ହୋଇଥିଲା। ଏହାପରେ ଭିଜିଲାନ୍ସ ପୂର୍ବ ପ୍ରସ୍ତୁତି ଅନୁସାରେ ହିତାଧିକାରୀଙ୍କୁ କେମିକାଲ ମିଶ୍ରିତ ୫ ହଜାର ଟଙ୍କା ଦେଇ ପିଇଓଙ୍କୁ ଦେବାକୁ କହିଥିଲେ। ରଞ୍ଜିତ ପିଇଓ ସୋରେନଙ୍କୁ ଫୋନ କରିବା ପରେ କୋରେଇ ବ୍ଲକରେ ସେ ଅଛନ୍ତି ସେଠାକୁ ଆସି ଦେଇଯାଅ ବୋଲି କହିଥିଲେ। ପୂର୍ବର ପ୍ରସ୍ତୁତି ଅନୁସାରେ ଭିଜିଲାନ୍ସ ଟିମ୍ ଜଗି ବସିଥିଲେ। କୋରେଇ ବ୍ଲକ କାର୍ଯ୍ୟାଳୟରେ ହିତାଧିକାରୀ ରଞ୍ଜିତ ପିଇଓ ସୋରେନଙ୍କୁ କେମିକାଲ ମିଶ୍ରିତ ଟଙ୍କା ଦେବା ବେଳକୁ ଭିଜିଲାନ୍ସ ଟିମ୍ ମାଡ଼ି ବସି ପିଇଓ ସୋରେନଙ୍କୁ କାବୁ କରିଥିଲେ। ସୋରେନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି। ଭିଜିଲାନ୍ସ ଟିମ୍ ଆଇନ ଅନୁସାରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ପିଇଓ ସୋରେନଙ୍କୁ ଗିରଫ କରାଯାଇଛି। ଭିଜିଲାନ୍ସ ଟିମ୍‌ରେ ଡିଏସପି ବନମାଳି ଧଳ, ଅନୁସୟା ସେନାପତି, ଭାଗ୍ୟଲତା ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

## ସୁକିନ୍ଦା ମେଗା ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟରେ ଅବ୍ୟବସ୍ଥା

# ଗାତରେ ପଡ଼ି ଯୁବକ ଗୁରୁତର

ସୁକିନ୍ଦା,୧୧।୧୨(ଡି.ଏନ୍.ଏ)

ଯାଜପୁର ଜିଲା ଖଣିଜ ପ୍ରତିଷ୍ଠାନ (ଡିଏମ୍‌ଏଫ୍) ପାଣ୍ଠିରୁ ନିର୍ମାଣାଧୀନ ସୁକିନ୍ଦା ମେଗା ଜଳଯୋଗାଣ ପ୍ରକଳ୍ପରେ ଅନ୍ୟ ଏକ ଅବହେଳା ଦେଖିବାକୁ ମିଳିଛି। ସମ୍ପୃକ୍ତ ଠିକାସଂସ୍ଥା ଏନ୍‌ସିସି (ନାଗାର୍ଜୁନ କନ୍‌ଷ୍ଟ୍ରକ୍ସନ କମ୍ପାନୀ) ଦ୍ୱାରା ବିନା ବେରିକେଟରେ ଖୋଳା ଯାଇଥିବା ଗାତରେ ପଡ଼ି ଜଣେ ଆହତ ହୋଇଛନ୍ତି। ବୁଧବାର ରାତି ସାଢେ ୭ଟାରେ ମଙ୍ଗଳପୁର ମଠଛକରୁ ଦାମୋଦରପୁର ପର୍ଯ୍ୟନ୍ତ ବିନା ବାରିକେଟରେ ଗାତ ଖୋଳା ଯାଇଥିଲା। ଏହାକୁ ଦେଖି ନ ପାରି ଗାତରେ ପଡି ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଆହତ ଯୁବକ ଜଣକ ହେଉଛନ୍ତି ସୁକିନ୍ଦା ଥାନା ଅଧିନସ୍ଥ ଦାମୋଦରପୁର ଗ୍ରାମର ଗଣେଶ୍ୱର ରଣା। ତାଙ୍କ ଗୋଟେ ହାତ ଓ ଗୋଡ଼ ହାଡ଼ ଭାଙ୍ଗି ଯାଇଛି। ପ୍ରଥମେ ତାଙ୍କୁ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସାପରେ କଟକ ସ୍ଥାନାନ୍ତର କରାଯାଇଛି। ସେ ମଙ୍ଗଳପୁର ହାଟରୁ ଫେରୁଥିବାବେଳେ ଏଭଳି ଘଟଣା ଘଟିଛି। ସୂଚନାଯୋଗ୍ୟ ଯେ, ସୁକିନ୍ଦା ମେଗା ମେଗା ଜଳଯୋଗାଣ ପ୍ରକଳ୍ପ ପାଇଁ ପାଇପ ସଂଯୋଗିକରଣ କାର୍ଯ୍ୟ ହେଉଛି। ବିନା ବାରିକେଟରେ ଗାତ ଖୋଳି ମାଟି ଗୁଡିକ ରାସ୍ତା କଡରେ ଉଚ୍ଚା କରି ପକାଇ ରଖିବା ଦ୍ୱାରା ଯାତ୍ରୀମାନଙ୍କ ଯାତାୟତରେ ବାଧା ସୃଷ୍ଟି ହେଉଛି। ଏନେଇ ଠିକାସଂସ୍ଥା କର୍ତ୍ତୃପକ୍ଷଙ୍କ କୌଣସି ମତାମତ ମିଳିପାରି ନାହିଁ।

## ଅନନ୍ୟ ଉଦାହରଣ

# ବିବାହ ବାର୍ଷିକରେ ରକ୍ତଦାନ କଲେ ଯୁବ ଦମ୍ପତି

ଯାଜପୁର ଟାଉନ, ୧୧।୧୨(ଡି.ଏନ୍.ଏ.) :

ସାଧାରଣଭାବେ ବିବାହ ବାର୍ଷିକକୁ ସ୍ମରଣୀୟ କରିବା ପାଇଁ ଦମ୍ପତିମାନେ କୌଣସି ପର୍ଯ୍ୟଟନ ସ୍ଥଳ, ଦେବାଳୟ ଅବା ବଡ଼ ବଡ଼ ହୋଟେଲକୁ ଯାଇ କିମ୍ବା ପରିବାର ପରିଜନଙ୍କ ମଧ୍ୟରେ ଭୋଜିଭାତ କରି ପାଳନ କରିଥାନ୍ତି। କିନ୍ତୁ ଯାଜପୁର ଜିଲାର ବରୀ ବ୍ଲକ ଅନ୍ତର୍ଗତ ବାଇଁଶ୍ରୀୟା ଗ୍ରାମପଞ୍ଚାୟତ ଇଚ୍ଛାପୁର ଗ୍ରାମର ଯୁବ ଦମ୍ପତି ସତ୍ୟରଞ୍ଜନ କର ଓ ଶ୍ରାବଣୀ ପଣ୍ଡା ନିଜର ୭ମ ବିବାହ ବାର୍ଷିକରେ ରକ୍ତଦାନ କରି ଏକ ନିଆରା ପରମ୍ପରା ସୃଷ୍ଟି କରିବା ସହିତ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି । ସତ୍ୟରଞ୍ଜନ ଜଣେ ଯୁବ ସମାଜସେବୀ, ସୁସଂଗଠକ ଓ ସୁବକ୍ତା ହିସାବରେ ସମଗ୍ର ଜିଲାରେ ପରିଚିତ। କୌଣସି ବିବାହ ଅବା


ଜିଲା ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ଦମ୍ପତି ରକ୍ତଦାନ କରୁଛନ୍ତି ।

ଜନ୍ମଦିନ ଉତ୍ସବକୁ ସତ୍ୟରଞ୍ଜନ ସସ୍ତ୍ରିକ ଯାଇ ନବ ଦମ୍ପତି ଅବା ଜନ୍ମଦିନ ପାଳନ କରୁଥିବା ପିଲାଟିକୁ ଗଛର ଚାରାଟିଏ ଦେଇ ତାକୁ ରୋପଣ ପୂର୍ବକ ପରିବେଶର ସୁରକ୍ଷା ପାଇଁ ନିବେଦନ କରିଥାନ୍ତି। ବୁଧବାର ନିଜ ବିବାହ ବାର୍ଷିକରେ ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀ ତଥା ଭାରାପ୍ରାପ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତିଙ୍କ ଉପସ୍ଥିତିରେ ସସ୍ତ୍ରୀକ ରକ୍ତଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଭାରାପ୍ରାପ୍ତ ଜିଲାପାଳଙ୍କ ସହିତ ଜିଲା ଜରୁରୀକାଳୀନ ଅଧିକାରୀ ଉମେଶ ଚନ୍ଦ୍ର ଲେଙ୍କା ଓ ସହକାରୀ ଜିଲାପାଳ ତରଣୀସେନ ସେନାପତି ପହଞ୍ଚି ଉଭୟ ରକ୍ତଦାତା ଦମ୍ପତିଙ୍କୁ ଶୁଭେଚ୍ଛା ଜଣାଇ ଉତ୍ସାହିତ କରିଥିଲେ।

# ବ୍ୟାଙ୍କ ଜମା ଖାତାରୁ ୪୦ ହଜାର ଟଙ୍କା ଗାଏବ, ଥାନାରେ ଅଭିଯୋଗ

ଧର୍ମଶାଳା,୧୧।୧୨(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଜାରକା ଏସ୍‌ବିଆଇ ଶାଖାର ଗ୍ରାହକ ଧୀରେନ୍ଦ୍ର ମହାନ୍ତିଙ୍କ ବ୍ୟାଙ୍କ ଜମା ଖାତାରୁ ୪୦ ହଜାର ଟଙ୍କା ଗାଏବ ହୋଇଥିବା ବୁଧବାର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ଗତ ନଭେମ୍ବର ୭ରେ ଧୀରେନ୍ଦ୍ର ଏଟିଏମ୍‌ରୁ ୨ ହଜାର ଟଙ୍କା ଉଠାଇଥିଲେ। ଏହାପରେ ତାଙ୍କ ଜମାଖାତାରେ ୧ ଲକ୍ଷ ୨୯ହଜାର ଟଙ୍କା ଗଚ୍ଛିତ ରହିଥିବା ମୋବାଇଲକୁ ମେସେଜ୍ ଆସିଥିଲା। କିନ୍ତୁ ଡିସେମ୍ବର ୯ରେ ଧୀରେନ୍ଦ୍ର ଟଙ୍କା ଉଠାଇବାକୁ ଯାଇଥିବା ବେଳେ ଏଟିଏମ୍ କାର୍ଡ କାମ କରି ନ ଥିଲା। ଏ ନେଇ ସେ ବ୍ୟାଙ୍କ ଶାଖା ସହ ଯୋଗାଯୋଗ କରିବାରୁ ତାଙ୍କ ଏଟିଏମ୍ ବ୍ଲକ ହୋଇଯାଇଥିବା ଜାଣିବାକୁ ପାଇଥିଲେ। ପରଦିନ ବ୍ୟାଙ୍କରେ ଜମାଖାତା ଆଣି ଯାଞ୍ଚ କରିବା ପରେ ତାଙ୍କ ଆକାଉଣ୍ଟରୁ ୪୦ହଜାର ଟଙ୍କା ଉଠାଣ ହୋଇଥିବା ଜାଣିବାକୁ ପାଇଥିଲେ। ଏହି ଟଙ୍କା ଝାଡଖଣ୍ଡ ରାଞ୍ଚି କଣ୍ଟାଟୋଲି ଛକସ୍ଥିତ ଏଟିଏମ୍‌ରୁ ୮ ତାରିଖ ରାତି ୧୧.୧୯ ମିନିଟରେ କ୍ରମାନ୍ୱୟରେ ୧୦ହଜାର ଟଙ୍କା କରି ୪ଥର ଉଠାଯାଇଥିବା ବ୍ୟାଙ୍କ ଷ୍ଟେଟମେଣ୍ଟରୁ ଜଣାବାକୁ ପାଇଥିଲେ। ଏ ସମ୍ପର୍କରେ ଧୀରେନ୍ଦ୍ର ଶାଖା ପରିଚାଳକ ଓ ଧର୍ମଶାଳା ଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଶାଖା ପରିଚାଳକଙ୍କୁ ପଚାରିବାରୁ ଘଟଣା ବାବଦରେ ଏସ୍‌ବିଆଇ ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟକୁ ଅଭିଯୋଗ ପଠାଇ ଦେଇଥିବା କହିଛନ୍ତି। ତେବେ ଧୀରେନ୍ଦ୍ରଙ୍କ ପାଖରେ ଏଟିଏମ୍ କାର୍ଡ ଥାଇ ମଧ୍ୟ ଆକାଉଣ୍ଟରୁ ଟଙ୍କା ଉଠାଣ ହେବା, ଏପରିକି ମୋଇବାଲ ନମ୍ବରକୁ ମେସେଜ୍ ନ ଆସିବା ନେଇ ସାଧାରଣରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଅବକାରୀ ଚଢାଉ, ୩ କୋର୍ଟ ଚାଲାଣ

କାରେଇ,୧୧।୧୨(ସ୍ୱ.ପ୍ର.): ଡୋଳିପୁର ଅବକାରୀ ବିଭାଗ ବୁଧବାର କୋରେଇ ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢାଉ କରି ୨୦ ଲିଟର ଦେଶୀମଦ ଜବଦ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ କୋରେଇ ଥାନା ଅନ୍ତର୍ଗତ ସାହୁପଡ଼ା ଗ୍ରାମର ଜଟାଧାରୀ ଭଞ୍ଜ (୬୦)ଙ୍କଠାରୁ ୩ ଲିଟର, ଆଲଡ଼ା ଜଳେଶ୍ୱରପୁର ଗ୍ରାମର କୃଷ୍ଣ ସାହୁ (୪୨)ଙ୍କ ଠାରୁ ୧୦ ଲିଟର ଓ କେଉଟ ନଗୁଆଁ ଗ୍ରାମର ନିମାଇଁ ଜେନା (୪୦)ଙ୍କ ଠାରୁ ୧୦ ଲିଟର ଦେଶି ମଦ ଜବତ କରାଯାଇଛି। ଏ ନେଇ ପୃଥକ୍‌ମାମଲା (ନଂ,୭୪/୧୯,୭୫/୧୯ ଓ ୭୬/୧୯) ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଚଢାଉରେ ଅବକାରୀ ବିଭାଗ ଅଧିକାରୀ ରଜତ ପ୍ରହରାଜଙ୍କ ସହ ସ୍ୱପ୍ନାରାଣୀ ସାହୁ, ପ୍ରଶାନ୍ତ ମହାନ୍ତି, ପ୍ରଦୋଷ ପରିଡ଼ା, ଜୟ ପ୍ରକାଶ ବେହୁରିଆ ଓ ଶୁଭସ୍ମିତା ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।




# ସର୍ବଭାରତୀୟ କ୍ରିକେଟ୍ କପ୍, ଶହୀଦ୍ ସ୍ପୋର୍ଟିଂ ଫାଇନାଲରେ ପ୍ରବେଶ

ରସୁଲପୁର,୧୧।୧୨(ଡି.ଏନ୍.ଏ.)

ଯାଜପୁର ବ୍ଲକ ଅନ୍ତର୍ଗତ ଝାଲପଡ଼ା ପଞ୍ଚାୟତ କାକୁଡିକୁଦ ଗ୍ରାମର ସତ୍ୟସାଇ କ୍ରିକେଟ ଖେଳ ପଡିଆରେ ଅନୁଷ୍ଠିତ ସର୍ବଭାରତୀୟ କ୍ରିକେଟ କପ୍‌ର ବୁଧବାର ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଛି। ଏହି ମ୍ୟାଚ୍‌ରେ ଭୁବନେଶ୍ୱର ଶହୀଦ ସ୍ପୋର୍ଟିଂ କ୍ଲବ ଭୁବନେଶ୍ୱର ସ୍କାନକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ସ୍କାନ କ୍ରିକେଟ ଦଳ ଟସ୍ ଜିଣି ବ୍ୟାଟିଂ ନିଷ୍ପତି ନେଇଥିଲା । ନିର୍ଦ୍ଧାରିତ ୩୦ଓଭର ଖେଳ ସରିବାକୁ ୧୦ଟି ବଲ ବାକି ଥିବାବେଳ ଦଳ ତା'ର ସମସ୍ତ ୱିକେଟ ହରାଇ ୧୭୦ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସ୍ମୃତି ପାତ୍ର ସର୍ବାଧିକ ୪୯ରନ୍ ସଂଗ୍ରହ କରିଥିଲେ। ବିପକ୍ଷ ଦଳ ଶହୀଦ ସ୍ପୋର୍ଟିଂ ୧୭୧ ରନ୍ ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ ଆରମ୍ଭ କରିଥିଲା। ଦଳ ୫ୱିକେଟ ହରାଇ ୨୪.୩ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିବାକୁ ସକ୍ଷମ ହୋଇପାରିଥିଲା। ଦଳ ପକ୍ଷରୁ ଆୟୁଷ ନାୟକ ସର୍ବାଧିକ ୫୧ ରନ୍ ସଂଗ୍ରହ କରିଥିଲେ। ଆୟୁଷ ନାୟକଙ୍କ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ମ୍ୟାନ ଅଫ ଦି ମ୍ୟାଚ ଭାବରେ ପୁରସ୍କୃତ କରାଯାଇଥିଲା। ଗୁରୁବାର ଇଲେଭେନ ଷ୍ଟାର,ଯାଜପୁର ଓ ବିଶ୍ୱଭାରତୀ, କଟକ ମଧ୍ୟରେ ୨ୟ ସେମିଫାଇନାଲ ଅନୁଷ୍ଠିତ ହେବ।

## କଳିଙ୍ଗନଗର ମହୋତ୍ସବ

# 'ଶିଳ୍ପର ବିକାଶରେ ଦେଶର ବିକାଶ ସମ୍ଭବ


ମନ୍ତ୍ରୀ ଜଗନ୍ନାଥ ସାରକା ଦିବ୍ୟାଙ୍ଗ ସୁଧାଂଶୁଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

କଳିଙ୍ଗନଗର,୧୧।୧୨(ଡି.ଏନ୍.ଏ.)

କଳିଙ୍ଗନଗର ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ତେଲିବାହାଳୀ ଗ୍ରାମ ମା' ମହାପାଟ ପଡ଼ିଆରେ ଆୟୋଜିତ ୩ ବାର୍ଷିକ କଳିଙ୍ଗନଗର ମହୋତ୍ସବରେ ବୁଧବାର ବହୁ ଜନସମାଗମ ହୋଇଛି। ତୃତୀୟ ଦିନର ସନ୍ଧ୍ୟାରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି, ଜନଜାତି ଓ ପଛୁଆ ବର୍ଗ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ରାଜ୍ୟର ଉନ୍ନତି ପାଇଁ ସମସ୍ତେ ଏକତ୍ରିତ ହୋଇ କାମ କରିବା ପାଇଁ ମନ୍ତ୍ରୀ ସାରକା କହିଥିଲେ। ଏଥିସହ କଳିଙ୍ଗନଗରରେ ଶିଳ୍ପାୟନ ପରେ ଲୋକଙ୍କ ଜୀବନ ଶୈଳୀ ବଦଳିଛି ସତ କଳା ଓ ସଂସ୍କୃତି ଆଜି ବି ଜୀବତ ରହିଛି ବୋଲି କହିଥିଲେ। ଯାଜପୁର ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ ସମ୍ମାନୀତ ଅତିଥିଭାବେ ଯୋଗଦେଇ ମହୋତ୍ସବ ସମସ୍ତଙ୍କୁ ଏକତାରେ ବାନ୍ଧି ରାଖେ ବୋଲି କହିଥିଲେ। ଏଭଳି ଏକ ଆୟୋଜନ ପାଇଁ ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇ ଏବଂ ମହୋତ୍ସବର କର୍ମକର୍ତ୍ତାଙ୍କୁ ନାୟକ ପ୍ରସଂଶା କରିଥିଲେ। ଏହି ଅବସରରେ ଯାଜପୁର ଜିଲାର ଦିବ୍ୟାଙ୍ଗ ସୁଧାଂଶୁ ଶେଖର ପରିଛାଙ୍କୁ ସମ୍ବର୍ଦ୍ଧନା କରାଯାଇଛି। ସୁଧାଂଶୁ ସବୁଦିନ ସ୍କୁଲ ନ ଯାଇ ମଧ୍ୟ ମାଟ୍ରିକ୍ ଓ +୨ ପରୀକ୍ଷାରେ ୮୦ ପ୍ରତିଶତ ମାର୍କ ରଖିଥିଲେ। ଇଣ୍ଟରନେଟ୍ ସହାୟତାରେ ପାଠପଢି ସୁଧାଂଶୁ ସ୍କୁଲ ସମୟରୁ ସଫ୍ଟୱେର୍ ସମ୍ବନ୍ଧରେ ପାରଙ୍ଗମ ହୋଇପାରିଥିଲେ। ସେ ବର୍ତ୍ତମାନ ବେଦ ଶାସ୍ତ୍ରରେ ଗବେଷଣା ଜାରି ରଖିବା ସହ ଆଷ୍ଟ୍ରୋଲୋଜିରେ ପ୍ରତିଷ୍ଠା ଲାଭ କରିପାରିଛନ୍ତି। କାର୍ଯ୍ୟକ୍ରମ ଶେଷରେ ମହୋତ୍ସବ କମିଟି ସଭାପତି ଭାଗୀରଥୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ବ୍ୟାସଶ୍ରୀ କଳାନିକେତନର ଶିଶୁ କଳାକାର ତେଜସ୍ୱିନୀ ରାଉତ ଏବଂ ଆୟନ୍ସ ମିଶ୍ରଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ସଙ୍ଗୀତ କଳାକାର ମଣ୍ଟୁ ଛୁରିଆ ଓ ଅସୀମା ପଣ୍ଡାଙ୍କ ସଙ୍ଗୀତରେ ଦର୍ଶକ ମତୁଆଲା ହୋଇଥିଲେ। ଅନ୍ୟ କଳାକାରଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ଓ ସାଇ ସଙ୍ଗମ ମେଲୋଡିର ବିଶ୍ୱ ନାରାୟଣଙ୍କ ସଙ୍ଗୀତ ମଧ୍ୟ ଦର୍ଶକଙ୍କୁ ବାନ୍ଧି ରଖିପାରିଥିଲା।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ସଞ୍ଜୀବନୀ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ଅସ୍ତ୍ରୋପଚାର ପାଇଁ ଗଲେ ୧୪ଛାତ୍ରୀଛାତ୍ର

**ଯାଜପୁର ଟାଉନ,୧୧।୧୨(ଡି.ଏନ୍.ଏ.):** ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ଯାଜପୁରର ୧୪ ଜଣ ଛାତ୍ରଛାତ୍ରୀଙ୍କୁ ହୃଦ ଅପରେଶନ ପାଇଁ ଅହମ୍ମଦାବାଦସ୍ଥିତ ସତ୍ୟସାଇ ହୃଦୟାଳୟକୁ ପଠାଯାଇଛି। ଜିଲାରେ ଉପରୋକ୍ତ ସଂଖ୍ୟକ ଛାତ୍ରୀଛାତ୍ର ହୃଦରୋଗରେ ଆକ୍ରାନ୍ତ ଥିବା ଜଣାପଡ଼ିବା ପରେ ଜିଲାପାଳ ରଞ୍ଜନ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ଜିଲା ସ୍ୱାସ୍ଥ୍ୟ ସମିତି ଓ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ରାଜ୍ୟ ସଂଗଠନ ପକ୍ଷରୁ ଦାୟିତ୍ୱ ନିଆଯାଇ ସେମାନଙ୍କ ସମସ୍ତ ଚିକିତ୍ସା ଓ ପରିବହନ ଖର୍ଚ୍ଚ ଯୋଗାଇ ଦିଆଯାଇଛି। ବଡଚଣା ବ୍ଲକରୁ ୪ ଜଣ, ବରୀରୁ ୨, ବିଞ୍ଝାରପୁରରୁ ଜଣେ, ଦାନଗଦୀରୁ ଜଣେ, କୋରେଇରୁ ୩ ଜଣ, ଦଶରଥପୁରରୁ ଜଣେ ଓ ଯାଜପୁର ବ୍ଲକରୁ ୨ ଜଣ ଛାତ୍ରଛାତ୍ରୀଙ୍କୁ ଏହି ଯୋଜନାରେ ସାମିଲ କରାଯାଇ ଡା. ବସନ୍ତ କୁମାର ପଣ୍ଡା ଓ ଡା. ସୁଶାନ୍ତ କୁମାର ଦାସଙ୍କ ନେତୃତ୍ୱରେ ଅମହମ୍ମଦାବାଦ ପଠାଯାଇଛି। ପୂର୍ବରୁ ମଧ ୮୫ ଜଣ ଛାତ୍ରଛାତ୍ରୀଙ୍କୁ ଉକ୍ତ ଯୋଜନା ମାଧମରେ ସୂଚନାରୁ ରୂପେ ଅସ୍ତ୍ରୋପଚାର କରାଯାଇଛି।

### ଚଣ୍ଡିଖୋଲ-ଡୁବୁରୀ ଜାତୀୟ ରାଜପଥ ପରିଦର୍ଶନ କଲେ ଏସ୍‌ପି

**ଜେନାପୁର,୧୧।୧୨(ଡି.ଏନ୍.ଏ.):** ଚଣ୍ଡିଖୋଲ-ଡୁବୁରୀ ୫୩ନଂ ଜାତୀୟ ରାଜପଥରେ ଦୈନନ୍ଦିନ ସଡ଼କ ଦୁର୍ଘଟଣାରେ ବହୁ ଧନଜୀବନ ହାନୀ ହେଉଛି। ଏହାକୁ ଦୃଷ୍ଟିରେ ରଖି ବୁଧବାର ଯାଜପୁର ଏସ୍‌ପି ଚରଣ ସିଂ ମୀନାଙ୍କ ସହ ଜେନାପୁର ଥାନାଧିକାରୀ ସୁଶାନ୍ତ କୁମାର ଦାସ ବ୍ରାହ୍ମଣୀ ସେତୁ ଏବଂ ଜାତୀୟ ରାଜପଥ ପରିଦର୍ଶନ କରିଛନ୍ତି। ବ୍ରାହ୍ମଣୀ ସେତୁର ହୋଇଥିବା ଅସମ୍ପୂର୍ଣ୍ଣ କାର୍ଯ୍ୟ ରାସ୍ତାର ଦୂରାବସ୍ଥା ଦେଖି ଏସ୍‌ପି ମୀନା ଅସନ୍ତୋଷ ବ୍ୟକ୍ତ କରିଥିଲେ। ଜାତୀୟ ରାଜପଥ ଅଧିକାରୀ ତଥା ପିଡିଙ୍କୁ ଫୋନ ଯୋଗାଯୋଗ କରି ତୁରନ୍ତ କାମ କରିବାକୁ କହିଥିଲେ। ଏସ୍‌ପିଙ୍କ ପରିଦର୍ଶନ ବେଳେ ନାଗରିକ ମଞ୍ଚର ଉପଦେଷ୍ଟା ପରମାନନ୍ଦ ସାହୁଙ୍କ ସମେତ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। ମଙ୍ଗଳବାର ଏକ ଆଇରନ ବୋଝେଇ ଡ୍ରମ୍ଫର କବାଟବନ୍ଧ ନିକଟସ୍ଥ ବ୍ରାହ୍ମଣୀ ସେତୁର ଫୁଟପାତରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସେହପରି ବଙ୍ଗଳା ଛକନିକଟରେ ଏକ ଟିପ୍ପର ଦୁର୍ଘଟଣାଗ୍ରସ୍ତ ହୋଇ ଦମ୍ପତିଙ୍କ ଉପରେ ଓଲଟି ଥିଲା। ଏଥିରେ ୩ ଜଣ ଗୁରୁତର ହୋଇଥିଲେ।

### ଯୌତୁକ ନିର୍ଯାତନା ଅଭିଯୋଗ

**କୋରେଇ,୧୧।୧୨(ସ୍ୱ.ପ୍ର.):** କୋରେଇ ଥାନା ଅନ୍ତର୍ଗତ ସାଦକପୁର ଗ୍ରାମର ଜାନୁ ଖାଁଙ୍କ ସ୍ତ୍ରୀ ତାରା ବିବିଙ୍କୁ ଶାଶୁ ଘରଲୋକେ ଯୌତୁକ ନିର୍ଯାତନା ଦେଉଥିବା ବୁଧବାର ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଏକ ମାମଲା (ନଂ. ୩୦୦/୧୯) ରୁଜୁକରି ତଦନ୍ତ ଜାରି ରଖିଥିବା ଜଣାପଡିଛି। ଶାଶୁ, ଶ୍ୱଶୁର ସମେତ ପରିବାରର ଅନ୍ୟ ସଦସ୍ୟ ମିଶି ବାରମ୍ବାର ଶରିରୀକ ଓ ମାସିକ ନିର୍ଯାତନା ଦେଉଥିବା ତାରା ଅଭିଯୋଗରେ ଦର୍ଶାଇଛନ୍ତି।

## ସମସ୍ୟା ଘେରରେ ବୈରୀ ଆୟୁର୍ବେଦିକ ଚିକିତ୍ସା କେନ୍ଦ୍ର

# ସପ୍ତାହର ଅଧା ଦିନ ମିଳୁଛି ସେବା

**ଚଣ୍ଡିଖୋଲ,୧୧।୧୨(ଡି.ଏନ୍.ଏ.)**

ବଡ଼ଚଣା ବ୍ଲକ ଅନ୍ତର୍ଗତ ବୈରୀଠାରେ ରହିଛି ଆୟୁର୍ବେଦିକ ଚିକିତ୍ସା କେନ୍ଦ୍ର। ଏହି ଚିକିତ୍ସା କେନ୍ଦ୍ର ଉପରେ ୫ଗୋଟି ପଞ୍ଚାୟତ ଯଥା ବୈରୀ, ସମିଆ, ପାରିଆ, ବନ୍ତଳା ଓ ସୋଲର ଆଦି ଜନସାଧାରଣ ନିର୍ଭର କରିଥାନ୍ତି। ସରକାର ୫-ଟି ବ୍ୟବସ୍ଥା ଲାଗୁ କରି ବିଭିନ୍ନ ମେଡ଼ିକାଲ ଉପରେ ଫୋକସ କରୁଥିବାବେଳେ ଏହି ଚିକିତ୍ସା କେନ୍ଦ୍ର ପ୍ରତି କାହାରି ନଜର ପଡୁନାହିଁ। ଏଠାରେ ଜଣେ ମାତ୍ର ଡ଼ାକ୍ତରଙ୍କୁ ନିଯୁକ୍ତି ମିଳିଥିବାବେଳେ ସେ ଆଉ ଏକ ଡ଼ାକ୍ତରଖାନାକୁ ଅଧା ସମୟ ଯାଉଛନ୍ତି। ଡ଼ାକ୍ତର ଜଣଙ୍କ ପାଳି କରି ୩ଦିନ ବୈରୀଠାରେ ରହୁଥିବାବେଳେ ଅନ୍ୟ ୩ ଦିନ ସିହାସ୍ଥିତ ଆୟୁର୍ବେଦିକ ଚିକିତ୍ସାଳୟକୁ ଯାଉଛନ୍ତି। ଏଠାରେ ଫାର୍ମାସିଷ୍ଟ ରହିବାର ନିୟମ ଥିଲାବେଳେ ଦୀର୍ଘ ୧୮ବର୍ଷ ହେଲା ଫାର୍ମାସିଷ୍ଟ ପଦ ଖାଲିପଡ଼ିଛି। ୧୯୭୨ ମସିହାରୁ ତିଆରି ହୋଇଥିବା ଏହି ଆୟୁର୍ବେଦିକ ଚିକିତ୍ସା କେନ୍ଦ୍ରଟି ନାନା ଅସୁବିଧା ଦେଇ ଗତି କରୁଛି। ଦୀର୍ଘ ଦିନ ତଳେ ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରାଚୀରକୁ ବଣୁଆ ହାତୀପଲ ପଶି ଭାଙ୍ଗି ଦେଇଥିଲେ, ହେଲେ ତାହା ଅଦ୍ୟାବଧି ମରାମତି କରାଯାଇ ନାହିଁ। ଫଳରେ ଗୋରୁଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ଜୀବଜନ୍ତୁ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ପଶି ପରିବେଶ ନଷ୍ଟ ହେଉଥିବା ଲକ୍ଷ୍ୟ କରାଯାଇଛି। ସରକାର ମାଗଣା ଔଷଧ ବ୍ୟବସ୍ଥା କରିଥିବାବେଳେ ଦୀର୍ଘ ବର୍ଷ ଧରି ମାଗଣା ଔଷଧ ଯୋଗାଣ ବନ୍ଦ ରହିବା ପରେ ଗତ ସପ୍ତାହରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ହାତଗଣତି କେତେଗୋଟି ଔଷଧ ଯୋଗାଣ ହୋଇଛି। ଅନ୍ୟାନ୍ୟ ଔଷଧ ଗୁଡ଼ିକ ମିଳୁ ନ ଥିବାରୁ ରୋଗୀମାନେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତି ବିମୁଖ ହେଉଥିବା ଲକ୍ଷ୍ୟ କରାଯାଇଛି। ଏପର୍ଯ୍ୟନ୍ତ ଏଠାରେ କୌଣସି ପାନୀୟ ଜଳର ବ୍ୟବସ୍ଥା କରାଯାଇ ନାହିଁ। ଜଣେ ଡାକ୍ତର ଓ ଅନ୍ୟଜଣେ ଅସ୍ଥାୟୀ ଝାଡୁଦାରରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଚାଲୁଛି। ଡାକ୍ତରଙ୍କୁ ବୈରୀ ସହିତ ସିହାରେ ନିଯୁକ୍ତି ମିଳିଥିବାରୁ ଅନେକ ସମୟରେ ରୋଗୀମାନେ ଆସି ଡାକ୍ତରଖାନାରୁ ଫେରି ଯାଉଛନ୍ତି। ଡାକ୍ତର ନ ରହିଲେ କେବଳ ଝାଡୁଦାର ଜଣଙ୍କ ଡାକ୍ତରଖାନା ଜଗିକି ବସୁଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ଆୟୁର୍ବେଦିକ ଚିକିତ୍ସା କେନ୍ଦ୍ରକୁ ଉନ୍ନତମାନର ଚିକିତ୍ସା କେନ୍ଦ୍ର କରାଯିବ ବୋଲି ଘୋଷଣା କରାଯାଇଥିବାବେଳେ ଏହା ଯଥା ପୂର୍ବଂ ତଥା ପରମ୍ ହୋଇ ରହିଯାଇଛି। ପୂର୍ବରୁ ଏଠାକୁ ବହୁ ସଂଖ୍ୟାରେ ରୋଗୀ ଆସୁଥିବା ବେଳେ ବର୍ତ୍ତମାନ ରୋଗୀଙ୍କ ଆସିବା କମିଯାଇଛି। ରାଜ୍ୟ ଓ କେନ୍ଦ୍ର ସରକାର ଏହି ଡାକ୍ତରଖାନା ପ୍ରତି ଦୃଷ୍ଟି ଦେଇ ଭିତ୍ତିଭୂମି ସଜାଡ଼ିବା ସହ କର୍ମଚାରୀ ନିଯୁକ୍ତି ନେଇ ବାରମ୍ବାର ଦାବି ହେଉଥିବା ସତ୍ତ୍ୱେ କୌଣସି ଫଳପ୍ରଦ ନ ହେବା ସାଧାରଣରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ଏସମ୍ପର୍କରେ ଆୟୁର୍ବେଦିକ ଚିକିତ୍ସା କେନ୍ଦ୍ରର ଡାକ୍ତର ଶାରଦା ପ୍ରସନ୍ନ ବିଶ୍ୱାଳଙ୍କୁ ପଚାରିବାରେ ସେ କହିଛନ୍ତି ଯେ, ୨୦୧୪ରୁ ସେ ଏଠାରେ ଯୋଗଦେବା ସମୟରୁ ଫାର୍ମାସିଷ୍ଟ ନାହାନ୍ତି। ସେହିଭଳି ପୂର୍ବରୁ ଆଦୌ ଔଷଧ ଆସୁ ନ ଥିଲା। ଗତ ୬ ତାରିଖରେ କିଛି ଔଷଧ ସରକାରଙ୍କ ତରଫରୁ ଦିଆଯାଇଛି। ତେବେ ଏହାର ଭିତ୍ତିଭୂମି ସଜାଡ଼ିବା ପାଇଁ ବାରମ୍ବାର ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନାହିଁ।



ବୈରୀ ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଅଁଳକହୀ ରାଧା;**
**ଘରକୁ ଗଲେ କଥା ନ କୁହନ୍ତି,**
**ବାଟରେ ବଡ଼ ଶରଧା।**

ଉପରଠାଉରିଆ ଶ୍ରଦ୍ଧା ଓ ସରାଗ। ବାଟରେ ଘାଟରେ ଦେଖିଲେ କଥାବାର୍ତ୍ତାରୁ ଜଣାପଡ଼େ ସତରେ ଯେମିତି ଗୋଟାପଣେ ନିଜର। ନ ଦେଖିଲେ ଭାତ ରୁଚେନି। କିନ୍ତୁ ଘରକୁ ଆସିଲେ ଆଡ଼ ଆଡ଼ ହୋଇ କଥା କହି, ନ ଜାଣିଲା ନ ଚିହ୍ନିଲା ଭଳି ବ୍ୟବହାର। ଛଳନା ଓ କପଟର ଇଏ ଏକ ରୂପ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କାଚ କାଚ ମଣି ମଣି,**
**କ୍ରୟ ବିକ୍ରୟ କାଳେ ଜାଣି।**

ଦୂରରୁ ଦେଖିଲେ କାଚ ଓ ମଣି ଭିତରେ ବିଶେଷ ଫରକ ଜଣାପଡ଼ି ନ ଥାଏ। ପରନ୍ତୁ କିଣାକିଣି କଲାବେଳେ କେଉଁଟା କାଚ ଓ କେଉଁଟା ମଣି ତାହା ସହଜରେ ଜାଣି ହୋଇ ଯାଇଥାଏ। ପରୋକ୍ଷରେ ମଣିଷ କେତେ ଗୁଣବନ୍ତ ଓ ପ୍ରତିଭାବନ୍ତ ତାହା ତା'ର କାର୍ଯ୍ୟଦକ୍ଷତାରୁ ହିଁ ଜଣାପଡ଼ିଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ବାଦାମ ଫସଲରେ ସୁପର ଫସ୍‌ଫେଟ୍ ବ୍ୟବାହର ଉପରେ ଗୁରୁତ୍ୱ

**ରସୁଲପୁର,୧୧।୧୨(ଡି.ଏନ୍.ଏ.)**

**କୃଷି ବିଭାଗ ପକ୍ଷରୁ ସଚେତନତା**

ବାଦାମ ଚାଷକୁ କୃଷକାଭିମୁଖୀ କରିବା ପାଇଁ କୃଷି ବିଭାଗ ପକ୍ଷରୁ ସଚେତନତା ଜାରି ରହିଛି। ବାଦାମ ଚାଷରେ ସୁପର ଫସ୍‌ଫେଟ୍ (ରାସାୟନିକ ସାର) ବ୍ୟବହାର ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଛି। ଏ ଦିଗରେ ସରକାରୀ ରିହାତି ମଧ ପ୍ରଦାନ କରାଯାଉଛି। ଏହି ସାର ବ୍ୟବହାର ଫଳରେ ବାଦାମ ଚାଷରେ ଚାଷୀ ବେଶ୍ ଲାଭବାନ ହୋଇପାରିବ ବୋଲି ରସୁଲପୁର ବ୍ଲକ କୃଷି ବିଭାଗ ପକ୍ଷରୁ କୁହାଯାଇଛି। ଦୋରଷା ଓ ହାଲୁକା ମାଟି ବାଦାମ ଚାଷ ପାଇଁ ଉପଯୋଗୀ ଅଟେ। ସେହି ମୁତାବକ ଏହି ଚାଷ ପାଇଁ ମାଟିକୁ ଭଲଭାବରେ ଚାଷ କରିବା ସହ କ୍ଷେତକୁ ସମତୁଲ ଓ ମାଟିକୁ ଗୁଣ୍ଡ କରିବା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଛି। ଏହି ସାର ବ୍ୟବହାର ଦ୍ୱାରା ମାଟି ହାଲୁକା ରହିବ। ଅଧିକ ଅମଳ ହେବା ସହ ବାଦାମ ଭଲଭାବରେ ପାକଳ ହୋଇପାରିବ। ଏହା ଚାଷୀଙ୍କୁ ଲାଭବାନ ହେବା ଦିଗରେ ସହାୟକ ହେବ। ଏହି ସାରରେ ବିଶେଷକରି ଫସ୍‌ଫରସ୍ ଶତକଡ଼ା ୧୬ଭାଗ, କ୍ୟାଲ୍‌ସିୟମ ୧୨ଭାଗ, ସଲ୍‌ଫର ୨୧ ଭାଗ, ଅନ୍ୟାନ୍ୟ ୩୧ ଭାଗ ରହୁଛି। ଏହି ସମସ୍ତ ସାର ବାଦାମ ଫସଲକୁ ଅଧିକ ଅମଳକ୍ଷମ କରିବାରେ ସହାୟକ ହେବ। ୧ଏକର ବାଦମ କ୍ଷେତରେ ୧ କୁଇଣ୍ଟାଲ ସୁପର ସାର ବ୍ୟବହାର କରିବାର ନିୟମ ରହିଛି। ଏହି ସାର କୁଇଣ୍ଟାଲ ପିଛା ୧ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ଏଥିରେ କୁଇଣ୍ଟାଲ ପିଛା ଚାଷୀମାନଙ୍କୁ ୩୦୦ଟଙ୍କା ରିହାତି ମିଳିବ। ରିହାତି ଅର୍ଥ ଚାଷୀଙ୍କ ବ୍ୟାଙ୍କ ଜମାଖାତାକୁ ସିଧାସଳଖ ପ୍ରଦାନ କରାଯିବ। ଏଥିପାଇଁ କୃଷି ବିଭାଗ ପକ୍ଷରୁ ସ୍ୱୀକୃତିପ୍ରାପ୍ତ ଡିଲର ଭାବରେ ତାରିଣୀ ଫର୍ଟି ଲାଇଜର ଏହି ସାର ପ୍ରଦାନ କରୁଛନ୍ତି। ଉକ୍ତ ଲାଇସେନ୍ସ ପ୍ରାପ୍ତ ଡିଲର ନିକଟରୁ ସାର କିଣିବାକୁ ହେଲେ ଚାଷୀମାନଙ୍କୁ ସେମାନଙ୍କ ଆଧାର କାର୍ଡ ଓ ବ୍ୟାଙ୍କ ପାସବୁକ୍‌ର ଜେରକ୍ସ କପି ପ୍ରଦାନ କରିବା ସହ ସାରର ମୂଳ ଦାମ୍ ପ୍ରଦାନ କରିବା ପରେ ସାର ମିଳିବ। ରିହାତି ମୂଲ୍ୟକୁ ପରେ ଚାଷୀର ଜମାଖାତାକୁ ପ୍ରଦାନ କରାଯିବ ବୋଲି ବ୍ଲକ ସହକାରୀ କୃଷି ଅଧିକାରୀ ଭାଗ୍ୟଧର ସାହୁ ପ୍ରକାଶ କରିଛନ୍ତି।

## ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ, ଅଭିଯୁକ୍ତ ଗିରଫ

**କାଳିଆପାଣି,୧୧।୧୨(ଡି.ଏନ୍.ଏ.)**

କାଳିଆପାଣି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ହୋଇଥିବା ବୁଧବାର ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ.୧୧୩/୧୯) ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ କରିଛି। ଏଥିସହ ଉଭୟଙ୍କୁ ଡାକ୍ତରୀ ମାଇନା ପାଇଁ ପଠାଯାଇଥିବା ପୋଲିସ ସୂଚନା ଦେଇଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ କାଙ୍କଡପାଳ ପଞ୍ଚାୟତର ବିପିନ ମହାନ୍ତ (୩୫)। ମଙ୍ଗଳବାର ଥାନା ଅଞ୍ଚଳର ସମ୍ପୃକ୍ତ ନାବାଳିକା ଜଣଙ୍କ ବାପାଙ୍କ ସହ ଗୋରୁ ଚରାଇବାକୁ ଯାଇଥିଲେ। ସନ୍ଧ୍ୟାରେ ଘରକୁ ଫେରୁଥିବା ବେଳେ ବାପା ଆଗରେ ଘରକୁ ପଳାଇଆସିଥିଲେ। ଏହି ସମୟରେ ନାବାଳିକାଙ୍କୁ ବିପିନ ବଳାତ୍କାର ଉଦ୍ୟମ କରିଥିଲେ। ପୀଡିତା ଜଣଙ୍କ କୌଶଳକ୍ରମେ ସେଠାରୁ ଖସି ଆସି ଘରେ ସମସ୍ତ ଘଟଣା କହିଥିଲେ।

## ଚଳଚ୍ଚିତ୍ର 'ସୁରିୟା'ର ମହୁରତ



**ଯାଜପୁର ଟାଉନ,୧୧।୧୨(ଡି.ଏନ୍.ଏ.)**

ଯାଜପୁର ସହରର ଟେଲିଭିଜନ ଏଡିଟିଂ ୟୁନିଟ୍ ସୋନି ଭିଜନ ଏବଂ ମେସର୍ସ କ୍ରିଏସନର ମିଳିତ ସହଯୋଗରେ ଏକ ନୂତନ ଚଳଚ୍ଚିତ୍ର 'ସୁରିୟା' ଦି ପାୱାର ଅଫ ଗଡ୍ ନାମକ ଏକ ଓଡିଆ ଚଳଚ୍ଚିତ୍ରର ଶୁଭମହୁରତ ଅନୁଷ୍ଠିତ ହୋଇଛି। ମା' ବିରଜାଙ୍କ ମନ୍ଦିରରେ ହୋଇଥିବା ଏହି ମହୁରତ କାର୍ଯ୍ୟକ୍ରମରେ ସୋନି ଭିଜନର ପ୍ରତିଷ୍ଠାତା ତଥା ପ୍ରଯୋଜକ ପ୍ରଶାନ୍ତ କୁମାର ମିଶ୍ର ଉପସ୍ଥିତ ଥିଲେ। ଚଳଚ୍ଚିତ୍ରର ସଙ୍ଗୀତ ନିର୍ଦ୍ଦେଶନା ଦାୟିତ୍ୱରେ କୁମାର ଟୁଟୁ ରହିଥିବା ବେଳେ କ୍ୟାମେରା ଦାୟିତ୍ୱ ପପୁ ଓ କାହ୍ନା ନେଇଛନ୍ତି। ମୁଖ୍ୟ ନାୟକ ଭୂମିକାରେ ପ୍ରଥମରଥର ପାଇଁ ଆଶିଷ ଓ ମୁଖ୍ୟ ନାୟିକା ଭାବେ ଜିମି ଅଭିନୟ କରୁଛନ୍ତି। ଅଭିନେତା ଭୂପତି ତ୍ରିପାଠୀ, ଚୌଧୁରୀ ବିକାଶ ଦାସ, ଚୌଧୁରୀ ଜୟପ୍ରକାଶ ଦାସ, ସୁରଜ ସିଂ, ରାକେଶ, ରାଜା, ଗୌର ପ୍ରସାଦ ଦାସ, ଅର୍ଚ୍ଚନା ସାହୁ ଓ ସୁମନ୍ତ ପ୍ରମୁଖ ପୁରାତନ କଳାକାର ଏହି ଚଳଚ୍ଚିତ୍ରରେ ଅଭିନୟ କରୁଛନ୍ତି। ରୋମାଣ୍ଟିକ, କମେଡି ଏବଂ ଆକ୍ସନରେ ଭରପୁର ଏହି ସିନେମାରେ ଉନ୍ନତ ଜ୍ଞାନକୌଶଳ ପ୍ରୟୋଗ କରାଯାଇଥିବାରୁ ଦର୍ଶକ ମହଲରେ ଏହା ବେଶ୍ ଆଦୃତ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଛି। ଆସନ୍ତା ରଜରେ ଏହି ଚଳଚ୍ଚିତ୍ରଟି ମୁକ୍ତିଲାଭ କରିବ ବୋଲି ପ୍ରଯୋଜକ ମିଶ୍ର କହିଛନ୍ତି।

## ସରସ୍ୱତୀ ଶିଶୁ ମନ୍ଦିରର ୭ମ ବାର୍ଷିକ କ୍ରୀଡା ପ୍ରତିଯୋଗିତା

**ରସୁଲପୁର,୧୧।୧୨(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ନିକଟସ୍ଥ ସରସ୍ୱତୀ ଶିଶୁ ମନ୍ଦିରରେ ୭ମ ବାର୍ଷିକ କ୍ରୀଡ଼ା ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ୨ଦିନ ବ୍ୟାପି ଅନୁଷ୍ଠିତ ଏହି କ୍ରୀଡାକୁ ରସୁଲପୁର ସମିତି ସଭ୍ୟ ବିଶ୍ୱନାଥ ପଣ୍ଡା ମୁଖ୍ୟଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଖେଳରେ ବିଦ୍ୟାର୍ଥିମାନଙ୍କୁ କନିଷ୍ଠ, ଉପକନିଷ୍ଠ, ବରିଷ୍ଠ, ଉପବରିଷ୍ଠ ଭଳି ୪ଟି ବର୍ଗରେ ବିଭକ୍ତ କରାଯାଇଥିଲା। ବିଦ୍ୟାମନ୍ଦିର ପିରଚାଳନା କମିଟିର ସଭାପତି ଅରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ରସୁଲପୁର ସରପଞ୍ଚ ଗୋଲକ ବିହାରୀ ପଣ୍ଡା,ସମ୍ମାନିତ ଅତିଥି ଭାବରେ ସମ୍ପାଦକ ଭାସ୍କର ମଲିକ, ସନ୍ତୋଷ କୁମାର ରାଉତ, ଶେଷଦେବ ନାୟକ, ଅଶୋକ କୁମାର ସାହୁ, ଦିପ୍ତିମୟୀ ସାହୁ, ପ୍ରଧାନ ଆଚାର୍ଯ୍ୟ ଦିଲୀପ କୁମାର ମଲିକ, ଶରତ କୁମାର ଜେନା ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ କ୍ରିଡା ନୈପୁଣ୍ୟତାକୁ ପ୍ରଶଂସା କରିବା ସହ ପୁରସ୍କୃତ କରିଥିଲେ।

# ଜାତୀୟ ରାଜପଥ ପାର୍ଶ୍ୱରୁ ହାଣ୍ଡିଆ ହାଟ ଉଚ୍ଛେଦ

**କଳିଙ୍ଗନଗର,୧୧।୧୨(ଡି.ଏନ.ଏ)**

କଳିଙ୍ଗନଗର ଥାନା ଅଧୀନ ୫୩ ନମ୍ବର ଜାତୀୟ ରାଜପଥର ଡୁବୁରୀଠାରୁ ବ୍ରାହ୍ମଣୀ ସେତୁ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ଥିବା ହାଣ୍ଡିଆ ହାଟକୁ ବୁଧବାର ପୋଲିସ ଉଚ୍ଛେଦ କରିଛି। ଏହି ଉଚ୍ଛେଦରେ କଳିଙ୍ଗନଗର ଥାନାଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକଙ୍କୁ ଆମ ପୋଲିସ ସଭ୍ୟ ଓ ସ୍ଥାନୀୟ ନିର୍ବାଚିତ ପ୍ରତିନିଧି ସହଯୋଗ କରିଥିଲେ। ଚଣ୍ଡିଖୋଲଠାରୁ ଡୁବୁରୀ ପର୍ଯ୍ୟନ୍ତ ୩୯.୫ କିମି ଜାତୀୟ ରାଜପଥରେ ଦୈନନ୍ଦିନ ଦୁର୍ଘଟଣା ହେଉଛି। ଗତ ୨ ମାସ ମଧ୍ୟରେ ମଦ ଓ ହାଣ୍ଡିଆ ନିଶାରେ ୧୩ ଦୁର୍ଘଟଣା ହୋଇଥିବାବେଳେ ସେଥିରୁ ୭ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ସୋମବାର ଏକ ଟିପ୍ପର ଓଲଟି ପଡିବାରୁ ୨ଜଣ ଗୁରୁତର ହୋଇଥିବାବେଳେ ଜଣେ ଗର୍ଭବତୀ ମହିଳାଙ୍କର ଗର୍ଭସ୍ଥ ଶିଶୁ ନଷ୍ଟ ହୋଇଯାଇଥିବା ସୂଚନା ମିଳିଛି। ମଙ୍ଗଳବାର ଏକ ଟମ୍ପର ଚାଳକ ନିଶାସକ୍ତ ଅବସ୍ଥାରେ ଗାଡି ଚଳାଉଥିବାବେଳ ଭାରସାମ୍ୟ ହରାଇ ବସିଥିଲେ। ଫଳରେ ଟିପ୍ପର ବ୍ରାହ୍ମଣୀ ବ୍ରିଜର ବାଡା ଭାଙ୍ଗି ଚଢି ଯାଇ ବ୍ରିଜ୍ ଉପରେ ଝୁଲି ରହିଥିଲା। ବୁଧବାର ସକାଳେ ଘଟଣାସ୍ଥଳରେ ଯାଜପୁର ଏସ୍‌ପି ଚରଣ ସିଂ ମୀନା ପହଞ୍ଚି ଦୁର୍ଘଟଣା ସମ୍ପର୍କରେ ସମୀକ୍ଷା କରିଥିଲେ। ନିଶାସେବନ ଯୋଗୁ ବହୁ ଦୁର୍ଘଟଣା ଘଟିଥିବା ଏସ୍‌ପି ମୀନା ଜାଣିବାକୁ ପାଇଥିଲେ। ଏହାର ନିରାକରଣ ପାଇଁ ପୋଲିସ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ହାଣ୍ଡିଆ କୁଡିଆକୁ ଭାଙ୍ଗି ଦେଇଥିଲା। ଏହିଭଳି ବିଆର୍‌ପିଏଲ ଛକଠାରୁ ବିଜୁ ପଟ୍ଟନାୟକ ମାର୍ଗ ଓ ବଙ୍ଗଳା ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ବିକ୍ରି କରୁଥିବା ହାଣ୍ଡିଆ ଓ ଦେଶୀ ମଦ ବ୍ୟବସାୟୀଙ୍କୁ ଉଚ୍ଛେଦ ପାଇଁ ସାଧାରଣରେ ଦାବି ହୋଇଛି। ପ୍ରକାଶ ଯେ, ରାସ୍ତା କଡ଼ରୁ ହାଣ୍ଡିଆ ହାଟ ଉଚ୍ଛେଦ ପାଇଁ ଏସ୍‌ପି ମୀନାଙ୍କୁ ବହୁଦିନ ଧରି ସଚେତନ ନାଗରିକ ମଞ୍ଚର ଆବାହାକ ସରୋଜ କୁମାର ବେହେରାଙ୍କ ସହ ସ୍ଥାନୀୟ ବାସୀନ୍ଦା ବହୁବାର ଦାବି କରିଥିଲେ।


ପୋଲିସ ପକ୍ଷରୁ ହାଣ୍ଡିଆ ଦୋକାନ ଭଙ୍ଗା ଯାଉଛି।


CLASSIFIED DISPLAY

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE

ନବବର୍ଷ ଧମାକା
ଗୋଟିଏ କଲ୍‌ରେ ଋଣ ପାଆନ୍ତୁ
ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର
ASF FINANCE
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ
ଆଧାରକାର୍ଡ, ବ୍ୟବସାୟ
ସବୁ ପ୍ରକାର ଋଣ
1% ସୁଧ 25% ଛାଡ଼
ଘରେ ବସି ପାଆନ୍ତୁ ଅନ୍‌ଲାଇନ୍ ସୁବିଧା ଉପଲବ୍ଧ।
94634-86078
Email : financeabirami32@gmail.com
Airport Road, Gandhi Nagar, Bhopal (MP)

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ,
ବ୍ୟବସାୟ, କୃଷି, ପ୍ରପର୍ଟି,
କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ,
ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail : - namonamoonlinem.p@gmail.com
9911321841
Add : - 41/14, Sec-1 Pushp Vihar, Delhi

ଖର୍ଚ୍ଚ ଋଣରୁ କଟିବ
MAHALAXMI FINANCE
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ
1% ସୁଧ |40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
9518852216, 9548270863
ADDRESS: T-51, GAUTAMPURI, DELHI

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ଋଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ASTROLOGY

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି
ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ସୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

## ସଂକ୍ଷେପରେ

### ଟ୍ରାଫିକ ଯାଞ୍ଚ, ମଦ୍ୟପ ଚାଳକ ଅଟକ

**ଦଶରଥପୁର,୧୧।୧୨(ଡି.ଏନ୍.ଏ.):** କିଛି ଦିନର ମହଲତ ପରେ ମଙ୍ଗଳପୁର ପୋଲିସ ପକ୍ଷରୁ ମଙ୍ଗଳପୁର ବଜାର ସମେତ କନିକାପଡ଼ା, କାଟିଆ, ଝୁମ୍ପୁରୀ, କଟିକଟା ଆଦି ସ୍ଥାନଗୁଡ଼ିକରେ ନୂତନ ଟ୍ରାଫିକ ଆଇନ କାର୍ଯ୍ୟକାରୀ ନେଇ ସଚେତନତାକୁ ଜୋରଦାର କରାଯାଇଛି । ବୁଧବାର ଥାନାଅଧିକାରୀ ଅସିତ ରଞ୍ଜନ ମହାନ୍ତିଙ୍କ ନିର୍ଦ୍ଦେଶ ଅନୁଯାୟୀ ଏସ୍ଆଇ ହରିଶ୍ଚନ୍ଦ୍ର ସିଂ ଏବଂ ଏସ୍ଆଇ କବିତା ନାୟକ ପ୍ରମୁଖ ବିଭିନ୍ନ ଛକଗୁଡ଼ିକରେ ୨ଚକିଆ ଠାରୁ ଆରମ୍ଭ କରି ଚାରି ଚକିଆ ଯାନବାହାନ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ, ସିଟବେଲଟ, ହେଲମେଟ୍ ଆଦି ତନଖି କରିବା ସହ ଗାଡ଼ି ଚାଳନାବେଳେ ମୋବାଇଲ ବ୍ୟବହାର ଓ ମଦ୍ୟପାନ କରୁଥିବା ଚାଳକଙ୍କ ଉପରେ କଡ଼ା ନଜର ରଖି ଜରିମାନା ଆଦାୟ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଝୁମ୍ପୁରୀ ବିଟହାଉସ ନିକଟରୁ ଖସି ପଳାଉଥିବା ଜଣେ ମଦ୍ୟପ ବାଇକ୍ ଚାଳକଙ୍କୁ କାବୁ କରି ଥାନାକୁ ନିଆଯାଇଥିଲା । ଏହି ଯାଞ୍ଚ ନିୟମିତଭାବେ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି ।

### ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ସିଂହପୁର,୧୧।୧୨(ଡି.ଏନ୍.ଏ.):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ହାଇସ୍କୁଲର ଶିକ୍ଷକ ସତ୍ୟନାରାୟଣ ପାତ୍ରଙ୍କୁ ବୁଧବାର ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏ ନେଇ ପ୍ରଧାନ ଶିକ୍ଷକ ପ୍ରଦୀପ ମହାନ୍ତିଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା । ଏଥିରେ ମୁଖ୍ୟ ଅତିଥିଭାବେ ବିଞ୍ଝାରପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ନନ୍ଦକିଶୋର ସାମଲ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଶଙ୍କର୍ଷଣ ବାରିକ, ସମ୍ମାନିତ ଅତିଥି ସରପଞ୍ଚ ରମାମଣି ସାହୁ, ଶିକ୍ଷାବିତ୍ ବଟକୃଷ୍ଣ ମଲିକ, କୃଷ୍ଣଚନ୍ଦ୍ର ଥାଟୋଇ, ପ୍ରଦୀପ ଜେନା, ପଦ୍ମନାଭ ଦାଶ, ସୁବାସ ଚନ୍ଦ୍ର ପ୍ରଧାନ, ଗଣେଶପ୍ରସାଦ ସାମଲ, କଲ୍ୟାଣୀ ଜେନା, କାଳନ୍ଦୀ ଚରଣ ବେହେରା ପ୍ରମୁଖ ଯୋଗ ଦେଇଥିଲେ । ଶିକ୍ଷକ ନାରାୟଣ ଚନ୍ଦ୍ର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ । ସର୍ବେଶ୍ୱର ବାରିକ ଧନ୍ୟବାଦ ଦେଇଥିଲେ । ଶିକ୍ଷକ ସୁରେନ୍ଦ୍ର ନାୟକ, ଶିକ୍ଷୟିତ୍ରୀ ରତ୍ନମାଳା ସାମଲ, ନୀଳିମା ପ୍ରିୟଦର୍ଶନୀ ସାମଲ, ରାଜେଶ ରାଉତ, ତାପସ ବାରିକ, ପରମାନନ୍ଦ ଜେନା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

### ସଙ୍ଗୀତରେ ଛାତ୍ରୀଙ୍କ କୃତିତ୍ୱ

**ସିଂହପୁର,୧୧।୧୨(ଡି.ଏନ୍.ଏ.):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ନବଘନ ମହନ୍ତ ମାୟାଧର ନୋଡାଲ ଉ.ପ୍ରା. ବିଦ୍ୟାଳୟର ଛାତ୍ରୀ ରୂପାଲି ସାହୁ ଓ ସୋନାଲି ସାମଲ କଟକରେ ପରିବେଶ ସମ୍ପର୍କରେ ସଙ୍ଗୀତ ପରିବେଷଣ କରି କୃତିତ୍ୱ ଅର୍ଜନ କରିଛନ୍ତି । ବିଦ୍ୟାଳୟର କଳା ଶିକ୍ଷକ ଦିନେଶ ମଲିକଙ୍କ ନିର୍ଦ୍ଦେଶିତ ପରିବେଷଣ କରି ଛାତ୍ରୀମାନେ କୃତିତ୍ୱ ହାସଲ କରିଥିବାରୁ ପ୍ରଧାନ ଶିକ୍ଷକ ପ୍ରତାପ ପାତ୍ର, ଶିକ୍ଷକ ଜ୍ଞାନରଞ୍ଜନ ସାମଲ, ପ୍ରଭାତ ସାହୁ, ମନୋରଞ୍ଜନ ବେଉରିଆ, ନମିତା ମଲିକ ତାଙ୍କୁ ପ୍ରଶଂସା କରିଛନ୍ତି ।

# କୁସୁମା ପାଣି ପ୍ରଦୂଷିତ

## ଭାସୁଛି ମଲା ମାଛ



**ଯାଜପୁର ଅଫିସ,୧୧।୧୨**

ଯାଜପୁର ସହରରେ ପ୍ରାୟ ୨୦କୋଟି ଟଙ୍କା ବ୍ୟୟରେ ପୁନରୁଦ୍ଧାର ହୋଇଥିବା ସୌନ୍ଦର୍ଯ୍ୟରାଣୀ କୁସୁମା ଜଳ ଏବେ ପ୍ରଦୂଷିତ । ବୁଧବାର ମଧ୍ୟାହ୍ନରେ କୁସୁମା ଜଳରେ ମଲା ମାଛ ଭାସିବା ଘଟଣା ଏହାକୁ ପ୍ରମାଣିତ କରିଛି । ଏଥିସହ ମାଛଚାଷ ପାଇଁ ବିଭିନ୍ନ ସାମଗ୍ରୀ ପାଣିରେ ପକାଯାଉଥିବାରୁ ଏକପ୍ରକାର ଦୁର୍ଗନ୍ଧ ବାହାରୁଛି । ପର୍ଯ୍ୟଟକଙ୍କ ଆମୋଦପ୍ରମୋଦ ପାଇଁ ଉଦ୍ଦିଷ୍ଟ କୁସୁମା ଏବେ ମାଛଚାଷର ପେଣ୍ଠସ୍ଥଳୀ ପାଲଟିଛି । ଯେଉଁଥିପାଇଁ ଲକ୍ଷାଧିକ ଟଙ୍କାରେ କିଣାଯାଇଥିବା ୯ଟି ବୋଟକୁ ମଧ୍ୟ ବ୍ୟବହାର କରାଯାଇପାରୁ ନାହିଁ । ଫଳରେ ବୋଟଗୁଡ଼ିକୁ ନଷ୍ଟ ହେବାରେ ଲାଗିଛି । ବିଭିନ୍ନ ସ୍ଥାନରୁ ଆସୁଥିବା ପର୍ଯ୍ୟଟକଙ୍କ ସମେତ ଜିଲାବାସୀ ଏହାକୁ ନାପସନ୍ଦ କରିଛନ୍ତି ।

ଗତ ଜାନୁୟାରୀ ମାସରୁ ସର୍ବସାଧାରଣଙ୍କ ପାଇଁ କୁସୁମା ଭିତରକୁ ପ୍ରବେଶ ଅନୁମତି ମିଳିଛି । ଜଣେ ପର୍ଯ୍ୟଟକଙ୍କୁ ୩୦ଟଙ୍କା ହିସାବରେ ଦୈନିକ ହାରାହାରି ୧୫ ରୁ ୨୦ ହଜାର ଟଙ୍କା ଆଦାୟ ହେଉଛି । ଯାଜପୁର ମ୍ୟୁନିସିପାଲିଟି ଏହାର ଦାୟିତ୍ୱରେ ରହିଛି । ତେବେ କୁସୁମାରେ ଏଯାଏ ବୋଟିଂ ବ୍ୟବସ୍ଥା ସର୍ବସାଧାରଣଙ୍କ ବ୍ୟବହାରଯୋଗ୍ୟ ହୋଇପାରି ନାହିଁ । ପ୍ରବେଶ ଅନୁମତି ଦିନ ଅର୍ଥାତ ଜାନୁୟାରୀ ୧୫ତାରିଖରେ ସପ୍ତାହକ ମଧ୍ୟରେ କୁସୁମାରେ ବୋଟିଂ ବ୍ୟବସ୍ଥା କରାଯିବ ବୋଲି ଘୋଷଣା କରାଯାଇଥିଲା । ଏ ସଂକ୍ରାନ୍ତରେ କେତେକ ଗଣମାଧ୍ୟମରେ ପ୍ରଚାର ମଧ୍ୟ ହୋଇଥିଲା । ହେଲେ ପ୍ରାୟ ୧୧ ମାସ ବିତିଯାଇଥିଲେ ହେଁ ୨ ଜଣିଆ ଓ ୪ ଜଣିଆ ୪ଟି ଲେଖାଏ ଏବଂ ଅନ୍ୟ ଏକ ସ୍ୱତନ୍ତ୍ର ଯନ୍ତ୍ରଚାଳିତ ବୋଟ ପାଣିରେ ପଡ଼ି ନଷ୍ଟ ହେଉଛି । ଫଳରେ ବୋଟିଂ ପାଇଁ ଆଗ୍ରହୀ ଯୁବତୀଯୁବକ, ଶିଶୁ ନିରାଶ ହୋଇ ଫେରୁଥିବା ଦେଖିବାକୁ ମିଳିଛି । ଲୋକଙ୍କ ଆମୋଦପ୍ରମୋଦ ପାଇଁ ପୁନଃରୁଦ୍ଧାର ହୋଇଥିବା କୁସୁମାର ଉଦ୍ଦେଶ୍ୟ ଏଠାରେ ପରାହତ ହୋଇଛି । ରଙ୍ଗବିରଙ୍ଗ ଫୁଲର ସମ୍ଭାର, ନୀଳ ଜଳରାଶି, ପିଲାଙ୍କ ଖେଳକୁଦ ସ୍ଥଳୀ, ପାର୍କ, ଅନନ୍ୟ ପାଣି ଫୁଆରା ଆଦି ସୌନ୍ଦର୍ଯ୍ୟ ଲୋକଙ୍କୁ ବେଶ୍ ଆକୃଷ୍ଟ କରୁଛି । ଏପରି କି ସର୍ବଜନବିଦିତ ମା' ବିରଜାଙ୍କୁ ଦର୍ଶନ କରିବାକୁ ଆସୁଥିବା ରାଜ୍ୟ ତଥା ରାଜ୍ୟ ବାହାରର ପର୍ଯ୍ୟଟକମାନେ ଚିତ୍ତ ବିନୋଦନ ପାଇଁ ଏହି କୁସୁମା ଭିତରକୁ ଯାଉଥିବା ଦେଖିବାକୁ ମିଳୁଛି । ହେଲେ ଅତ୍ୟଧିକ ରାଜସ୍ୱ ଆଦାୟ ଲକ୍ଷ୍ୟରେ ମାଛ ଚାଷକୁ ପୋତ୍ସାହନ କରାଯାଇ କୁସୁମା ପାଣିକୁ ବିଷାକ୍ତ କରାଯାଉଛି । ମାଛଚାଷ ବଦଳରେ ବୋଟିଂ ବ୍ୟବସ୍ଥା କରାଗଲେ ଆହୁରି ରାଜସ୍ୱ ଆଦାୟ ବୃଦ୍ଧି ହୁଅନ୍ତା ବୋଲି ମତପ୍ରକାଶ ପାଉଛି । ଅନ୍ୟପକ୍ଷେ ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ପାଣିରେ ଦୁର୍ଗନ୍ଧ ବାହାରୁଥିବା ସହିତ ମଲା ମାଛ ଭାସୁଥିବା ଦେଖିବାକୁ ମିଳୁଛି । ଏସଂକ୍ରାନ୍ତରେ ଯାଜପୁର ପୌର ପରିଷଦର ନିର୍ବାହୀ ଅଧିକାରୀ ଅଜୟ କୁମାର ମହାନ୍ତିଙ୍କୁ ପଚାରିବାରେ ସେ କହିଛନ୍ତି ଆବଶ୍ୟକ କର୍ମଚାରୀ ଅଭାବରୁ ଏଯାଏ ବୋଟିଂ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇ ପାରିନାହିଁ । ରାଜସ୍ୱ ବୃଦ୍ଧି ଆଶା ରଖି ମାଛଚାଷ କରାଯାଉଛି । ତେବେ ପାଣିର ପ୍ରଦୂଷଣ ଉପରେ ଅଧିକ ଧ୍ୟାନ ଦିଆଯାଉଛି । ଅନ୍ୟ କୌଣସି କାରଣରୁ ମାଛ ମରି ଯାଇଥାଇପାରେ, ପ୍ରଦୂଷଣ ଯୋଗୁ ନୁହେଁ ବୋଲି ସେ କହିଛନ୍ତି ।



- ମାଛ ଚାଷକୁ ଅଗ୍ରାଧିକାର, ପର୍ଯ୍ୟଟକଙ୍କୁ ଉପେକ୍ଷା
- ୧୧ମାସ ପରେ ମଧ କାର୍ଯ୍ୟକାରୀ ହୋଇପାରିଲାନି ବୋଟିଂ ବ୍ୟବସ୍ଥା
- ପାଣିରେ ପଡ଼ି ନଷ୍ଟ ହେଉଛି ୯ଟି ବୋଟ

# ନାବାଳିକା ବିବାହକୁ ପଣ୍ଡ କଲା ପ୍ରଶାସନ

## ବର ପରିବାରକୁ ବୁଝାଇଲେ ତଦନ୍ତକାରୀ ଦଳ

**ରସୁଲପୁର,୧୧।୧୨(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ଗ୍ରାମର ବଇଁଚ ପଡ଼ିଆସ୍ଥିତ ହିଙ୍ଗୁଳା ମନ୍ଦିରରେ ବୁଧବାର ଅପରାହ୍ନରେ ଜଣେ ନାବାଳିକାଙ୍କ ବିବାହ ପଣ୍ଡ ହୋଇଛି । ନାବାଳିକା ବିବାହ ସମ୍ପର୍କରେ ସୂଚନା ପାଇ ବ୍ଲକ ବାଲ୍ୟ ବିବାହ ନିରୋଧ ଅଧିକାରିଣୀ ଦିପ୍ତିମୟୀ ନାୟକଙ୍କ ନେତୃତ୍ୱରେ ସୁପରଭାଇଜର ପ୍ରେମଲତା ମହାନ୍ତି, ସତ୍ୟଭାମା ବେହେରା, ଅଙ୍ଗନୱାଡି କର୍ମୀ ଶାନ୍ତିଲତା ପଣ୍ଡା, ଭୋଟକା ସରପଞ୍ଚ ଅକ୍ଷୟ କୁମାର ମଲିକଙ୍କୁ ନେଇ ଏକ ୫ଜଣିଆ ତଦନ୍ତକାରୀ ଦଳ ଘଟଣାସ୍ଥଳରେ ପହଁଚି ଥିଲେ । ତଦନ୍ତକାରୀ ଦଳ ଆସୁଥିବାନେଇ କୌଣସି ସୂତ୍ରରୁ ଖବର ପାଇ ନାବାଳିକା ପରିବାର ବିବାହ ମଣ୍ଡପସ୍ଥଳରୁ ଖସି ପଳାଇବାକୁ ସକ୍ଷମ ହୋଇଥିଲେ । ତଦନ୍ତକାରୀ ଦଳ ଘଟଣା ସ୍ଥଳରେ ପହଞ୍ଚି ବର ପକ୍ଷର ଲୋକଙ୍କ ସହ ଆଲୋଚନା କରିବାରେ ବିବାହ ପାଇଁ ଆସିଥିବା ନାବାଳିକାଙ୍କ ବୟସ ୧୭ବର୍ଷ ୬ମାସ ଏବଂ ତାଙ୍କ ଘର ଢେଙ୍କାନାଳ ଜିଲାରେ ବୋଲି ଜଣାପଡିଛି । ପରେ ତଦନ୍ତକାରୀଦଳ ବର ଘର ଭୋଟକା ଗ୍ରାମରେ ପହଁଚି ବରପିତାକୁ ବୁଝାସୁଝା କରିଥିଲେ । ୧୮ବର୍ଷରୁ କମ୍ ଝିଅକୁ ବିବାହ କଲେ କ'ଣ ଅସୁବିଧା ହେବ ଏବଂ ସେ ଦିଗରେ ଆଇନଗତ ଦିଗ କଣ ରହିଛି ସେ ସମ୍ପର୍କରେ ବୁଝାଇ କହିଥିଲେ । ଏହାପରେ ଯଦି ଉକ୍ତ ଝିଅକୁ ବିବାହ କରିବା ଖବର ସେମାନଙ୍କ ନିକଟକୁ ଆସେ ତେବେ ସେ ଦିଗରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନାୟକ କହିଥିଲେ ।



ବରପକ୍ଷ ପରିବାରଙ୍କୁ ତଦନ୍ତକାରୀ ଦଳ ବୁଝାଉଛନ୍ତି ।

# ଜଳିଗଲା ୨ ବଖରା

**ଧର୍ମଶାଳା,୧୧।୧୨(ଡି.ଏନ୍.ଏ.):** ଧର୍ମଶାଳା ତହସିଲ ଅନ୍ତର୍ଗତ କଣ୍ଟିଗଡ଼ିଆ ଗ୍ରାମରେ ବୁଧବାର ଅଗ୍ନିକାଣ୍ଡ ଘଟି ଗୋଟିଏ ପରିବାରର ୨ ଘର ପୋଡି ପାଉଁଶ ହୋଇଯାଇଛି । ତେବେ ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡି ନ ଥିବା ବେଳେ ରୋଷେଇ ଘର ଚୁଲିରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି । ପ୍ରକାଶ ଯେ, ଅପରାହ୍ନରେ ଗ୍ରାମର ପ୍ରଫୁଲ୍ଲ ସ୍ୱାଇଁଙ୍କ ଘରେ ଆକସ୍ମିକ ନିଆଁ ଲାଗିଯାଇଥିଲା । ଏହି ନିଆଁ ଘରର ଚାରିଆଡେ ବ୍ୟାପି ଯିବାରୁ ଘର ଭିତରେ ଥିବା ଆସବାବପତ୍ର କାଢିବା ସମ୍ଭବପର ହୋଇ ନ ଥିଲା । ଖବର ପାଇ ଚଣ୍ଡିଖୋଲ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା । ହେଲେ ନିଆଁରେ ସମସ୍ତ ଆସବାବ ପତ୍ର ଓ ଲୁଗାପଟା ପୋଡି ପାଉଁଶ ହୋଇଯାଇଥିବା ପ୍ରଫୁଲ୍ଲ କହିଛନ୍ତି । ପ୍ରଫୁଲ୍ଲ ଜଣେ ଗରିବ ଶ୍ରେଣୀର ଲୋକ ହୋଇଥିବାରୁ ତାଙ୍କୁ ଆର୍ଥିକ ସହାୟତା ସହିତ ସରକାରୀ ଆବାସ ଯୋଜନାରେ ଏକ ପକ୍କାଘର ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

## ଖରିଫ ଧାନ ସଂଗ୍ରହ ପାଇଁ ବ୍ଲକସ୍ତରୀୟ ପ୍ରଶିକ୍ଷଣ ଶିବିର

# ଚାଷୀଙ୍କୁ ଚିହ୍ନଟ ପାଇଁ ମଣ୍ଡିରେ ଲାଗିବ ଆଇରିଶ୍ ସ୍କାନର

**ରସୁଲପୁର,୧୧।୧୨(ଡି.ଏନ୍.ଏ.)**

ରସୁଲପୁର ବ୍ଲକର ସମ୍ମିଳନୀକକ୍ଷରେ ବୁଧବାର ଖରିଫ ଧାନ ସଂଗ୍ରହ ପାଇଁ ବ୍ଲକସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି । ଉକ୍ତ ଶିବିରରେ ବ୍ଲକ ଅଧିନସ୍ଥ ୧୧ଗୋଟି ପାକ୍ସର (ପ୍ରାଥମିକ କୃଷି ସମବାୟ ସମିତି)ର ସମ୍ପାଦକ ଓ ଡାଟାଏଣ୍ଟ୍ରି ଅପରେଟରଙ୍କୁ ତାଲିମ ପ୍ରଦାନ କରାଯାଇଛି । ଚଳିତଥର ଧାନ କିଣିବାରେ ସ୍ୱଚ୍ଛତା ବଜାୟ ରଖିବା ସହ ଅନ୍‌ଲାଇନରେ ଧାନ କାରବାର କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି । ମୁଖ୍ୟ ପ୍ରଶିକ୍ଷକ ଭାବରେ ରସୁଲପୁର ଯୋଗାଣ ଅଧିକାରୀ ଅନୁଜ କୁମାର ସାହୁ ସୂଚନା ପ୍ରଦାନ ପୂର୍ବକ କହିଥିଲେ ଯେ, ପାକ୍ସଗୁଡିକ ଅନ୍‌ଲାଇନ ପି-ପାସ୍ ଜରିଆରେ ଧାନ କିଣିବେ । ଅନ୍‌ଲାଇନ ବ୍ୟବସ୍ଥା ଅଚଳ ଥିଲେ ଏଆର୍‌ସିଏସ୍‌ଙ୍କ ଅନୁମତି କ୍ରମେ ମାନୁଆଲ ଧାନ କିଣିବେ । ଧାନ ପ୍ରଦାନ ସମୟରେ ଚାଷୀମାନେ ସେମାନଙ୍କ ଆଧାର ନମ୍ବର ଓ ବ୍ୟାଙ୍କ ପାସବୁକ୍ ପ୍ରଦାନ କରିବେ । ଏଥିପୂର୍ବରୁ ଚାଷୀଙ୍କ ପଞ୍ଜିକରଣ ତାଲିକା ପାକ୍ସ କାନ୍ଥରେ ଲଗାଯିବ । ଏହି ତାଲିକାରେ ଥିବା ଚାଷୀମାନଙ୍କୁ ପାକ୍ସ ପକ୍ଷରୁ ଆଗୁଆ ଟୋକନ ପ୍ରଦାନ କରାଯିବ । ଧାନ ବିକିବାର ୪୮ଘଣ୍ଟା ଭିତରେ ପାଉଣା ଚାଷୀ ଜମାଖାତାକୁ ଯିବ । ଚଳିତବର୍ଷ ଧାନର ସରକାରୀ ମୂଲ୍ୟ ୧୮୧୫ଟଙ୍କା ଓ ୧୮୩୫ଟଙ୍କା ରଖାଯାଇଛି । ଚାଷୀମାନଙ୍କୁ ଧାନ ପରିବହନ ଦିଗରେ ପ୍ଲାଷ୍ଟିକ ଅଖା ବଦଳରେ ଝୋଟ ଅଖା ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି । ନକଲି ଚାଷୀ ଧରିବା ପାଇଁ ଏଥର ନୂତନ ଭାବରେ ଆଇରିଶ୍ ସ୍କାନର ବ୍ୟବସ୍ଥା ଲାଗୁ କରାଯାଇଛି । ଏ ନେଇ ରସୁଲପୁର ବ୍ଲକ ଯୋଗାଣ ବିଭାଗ ପକ୍ଷରୁ ବ୍ୟାପକ ପ୍ରଚାରପ୍ରସାର କରାଯାଇଛି । ଏବେ ପାକ୍ସ ଅଧିକାରୀଙ୍କୁ ତାଲିମ ଜରିଆରେ ସତର୍କ କରି ଦିଆଯାଇଛି । ଚଳିତବର୍ଷ ଏହି ବ୍ଲକରେ ୧୬୦୫ଜଣ ଚାଷୀ ଧାନ ବିକିବେ ବୋଲି ନାମ ପଞ୍ଜୀକରଣ କରିଛନ୍ତି । ଧାନକିଣା ଚଳିତ ମାସ ୧୫ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ଦିଆଯାଇଛି । ଚାଷୀମାନେ ଧାନ ପ୍ରଦାନ ଦିଗରେ କୌଣସି ସମସ୍ୟାର ସମ୍ମୁଖିନ ହେଲେ ଟୋଲ ଫ୍ରି ନମ୍ବର ୧୯୬୭ରେ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହ ଯୋଗାଯୋଗ କରି ଅଭିଯୋଗ କରିପାରିବେ ବୋଲି ସୂଚନା ଦିଆଯାଇଛି । କାର୍ଯ୍ୟକ୍ରମରେ ସମବାୟ ସମ୍ପ୍ରସାରଣ ଅଧିକାରୀ କୃଷ୍ଣଚନ୍ଦ୍ର ନାୟକ, ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଜିଆର ପଞ୍ଚାନନ ରାଉତ, ସୁରେନ୍ଦ୍ର ସେଠୀ, ନାସିରୁଦ୍ଦିନ ମହମ୍ମଦ, ଚିତ୍ତରଞ୍ଜନ ନାୟକ ପ୍ରମୁଖ ଯୋଗଦେଇ ଧାନର ମାନ ଓ ଆଦ୍ରତାର ପରିମାଣ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ ।



ରସୁଲପୁର ବ୍ଲକର ସମ୍ମିଳନୀକକ୍ଷରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିର ।

# ଖରିଫ ଧାନକ୍ରୟ ପାଇଁ ପ୍ରଶିକ୍ଷଣ ଶିବିର

**ବିଞ୍ଝାରପୁର,୧୧।୧୨(ଡି.ଏନ୍.ଏ.)**

୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ସରକାରଙ୍କ ପକ୍ଷରୁ ଧାନ କ୍ରୟ ନୀତି ଆଧାରରେ ଏକ ପ୍ରଶିକ୍ଷଣ ଶିବିର ବୁଧବାର ବିଞ୍ଝାରପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି । ବିଞ୍ଝାରପୁର ବ୍ଲକ ଯୋଗାଣ ଅଧିକାରିଣୀ ସୌଭାଗ୍ନୀ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ଏସଆରସିଏସ୍ ନଗେନ୍ଦ୍ର ସେଠୀ, ଏମ୍ଏସ୍ ଗୟାଧର ସାହୁ,ଏମ୍‌ଜି ଅମୂଲ୍ୟ ନାୟକ, କ୍ୟୁଏ ସୁମିତ୍ରା ନାୟକ, ପିପିଏଏସ ପଞ୍ଚାନନ ସେନାପତି ପ୍ରମୁଖ ଯୋଗଦେଇଥିଲେ । ଶିବିରରେ ବିଞ୍ଝାରପୁର ବ୍ଲକରେ ଥିବା ସମସ୍ତ ପ୍ରାଥମିକ କୃଷି ସମବାୟ ଅଧୀନସ୍ଥ ଚାଷୀଙ୍କ ନିକଟରୁ ଧାନ କ୍ରୟ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବା ସହିତ ଚାଷୀମାନଙ୍କ ନିକଟରୁ ଧାନ କ୍ରୟ ସମୟରେ ସରକାରଙ୍କ ନିର୍ଦ୍ଧାରିତ ନୀତି ସ୍ୱଚ୍ଛତାର ସହିତ ପାଳନ ସମ୍ପର୍କରେ ଗୁରୁତ୍ୱାରୋପ କରାଯାଇଥିଲା । ଯେପରି ସମସ୍ତ କ୍ଷୁଦ୍ର, ମଧ୍ୟମ, ବଡ଼ ଚାଷୀଙ୍କ ନିକଟରୁ ସରକାରୀ ମାନଦଣ୍ଡ ଅନୁସାରେ ବଳକା ଧାନ ସଂଗ୍ରହ ଶୃଙ୍ଖଳିତ ଭାବରେ କରାଯିବା ଉପରେ ପ୍ରାଥମିକତା ଦିଆଯିବ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ । ଶିବିରରେ ବିଞ୍ଝାରପୁର ବ୍ଲକ ଅଧୀନରେ ଥିବା ସମସ୍ତ ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ ମାନସ ରଞ୍ଜନ କବି, ଗୋପାଳ ସ୍ୱାଇଁ, ସମୀର ମଲ୍ଲିକ, ଅକ୍ଷୟ ଦାସ, ପୁରୁଷୋତ୍ତମ ସାହୁ, ଉତ୍କଳ କେଶରୀ ସାମଲ, ଲକ୍ଷ୍ମୀଧର ସାମଲ, ସାଜିଦ ଇକ୍‌ବାଲ, ମହେନ୍ଦ୍ର ନାୟକ, ଗୋବର୍ଦ୍ଧନ ନାୟକ, ନିହାର ରଞ୍ଜନ ପାତ୍ର, ଲକ୍ଷ୍ମୀଧର ନାୟକ, ନିର୍ମଳ କୁମାର ମଲ୍ଲିକ, ଅଜିତ ବରାଳ ପ୍ରମୁଖଙ୍କ ସମେତ ସମସ୍ତ ସମବାୟ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ ।



ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅଧିକାରୀ ।

# ନିୟମିତ କାର୍ଯ୍ୟକୁ ନ ଆସି ମିଳୁଛି ଦରମା

**ରସୁଲପୁର,୧୧।୧୨(ଡି.ଏନ୍.ଏ.)**

ରସୁଲପୁର ଶିକ୍ଷାମଣ୍ଡଳ ଅଧିନସ୍ଥ ଶ୍ରୀବନ୍ତପୁର ପଞ୍ଚାୟତର ଦିଆନଚକ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ୧ ରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି । ୫ଶ୍ରେଣୀର ୨୮ଜଣ ପିଲାକୁ ଜଣେ ମାତ୍ର ଶିକ୍ଷୟିତ୍ରୀ କାର୍ଯ୍ୟ କରୁଛନ୍ତି । ଖବର ନେବାରେ ଜଣାପଡ଼ିଛି ଯେ, ଏଠାରେ ବୈଜୟନ୍ତୀ ଭଦ୍ର ନାମକ ଆଉ ଜଣେ ଶିକ୍ଷୟିତ୍ରୀ ନିଯୁକ୍ତି ପାଇଛନ୍ତି । ହେଲେ ସେ ୭ବର୍ଷ ହେଲା ସେ କାର୍ଯ୍ୟରେ ନିୟମିତ ଅନୁପସ୍ଥିତ ରହୁଛନ୍ତି । ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ବିଦ୍ୟାଳୟକୁ ଆସୁନାହାନ୍ତି ବୋଲି ଅନୁସନ୍ଧାନରୁ ଜଣାପଡ଼ିଛି । ତାଙ୍କ ସ୍ଥାନରେ ପାଠପଢାଇବା ପାଇଁ ସେ କା' ରେ ଜନୈକ ଯୁବକଙ୍କୁ ଅବସ୍ଥାପିତ କରିଥିଲେ । ମାତ୍ର ତାହା ଅଧିକ ଦିନ ପର୍ଯ୍ୟନ୍ତ ଚାଲିପାରିଲା ନାହିଁ । ପ୍ରଧାନ ଶିକ୍ଷୟିତ୍ରୀ ତପସ୍ୱିନୀ ସେଠୀ ଏକାକି ବିଦ୍ୟାଳୟକୁ ପରିଚାଳନା କରୁଛନ୍ତି । ଏହି ଘଟଣା ବର୍ଷବର୍ଷ ଧରି ଚାଲି ଆସୁଥିଲେ ସୁଦ୍ଧା ରସୁଲପୁର ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନ ନିଆଯିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଏପରି କି ଏହି ଘଟଣା ବିଭାଗୀୟ ଅଧିକାରୀଙ୍କ ଗୋଚରରେ ଚାଲିଛି ବୋଲି କେତେକ କହୁଛନ୍ତି । ତେବେ ଏହାକୁ ମଣ୍ଡଳ ଶିକ୍ଷାଧିକାରୀ ସାନ୍ତନୁ କୁମାର ଖଣ୍ଡନ କରିଛନ୍ତି । ଏ ସମ୍ପର୍କରେ ସେ ଆଦୌ ଅବଗତ ନାହାଁନ୍ତି ବୋଲି କହିବା ସହ ଘଟଣାର ତଦନ୍ତ କରିବେ ବୋଲି ପ୍ରକାଶ କରିଛନ୍ତି ।

୨୦୦୯ରେ ଏହି ବିଦ୍ୟାଳୟ ଆରମ୍ଭ ହୋଇଥିଲା । ଏଠି ୫ଟି ଶ୍ରେଣୀ ପାଇଁ ୩ଟି କକ୍ଷ ରହିଛି । ମାତ୍ର ଶିକ୍ଷୟିତ୍ରୀଙ୍କ ଅଭାବରୁ ୨ଟି କକ୍ଷରେ ୫ଟି ଶ୍ରେଣୀର ବିଦ୍ୟାର୍ଥୀ ବସି ପାଠ ପଢୁଛନ୍ତି । ଆଉ ଗୋଟିଏ ଗୋଟିଏ ପ୍ରକୋଷ୍ଠ ଖୋଲା ଯାଉନାହିଁ । ପ୍ରଧାନ ଶିକ୍ଷୟିତ୍ରୀ ଶ୍ରେଣୀ ଗୃହ ଭିତରକୁ ନ ଯାଇ ବାରଣ୍ଡାରେ ବସି ପିଲାଙ୍କୁ ପାଠ ପଢାଉଛନ୍ତି । ଏତେ ପିଲାଙ୍କୁ ନିୟନ୍ତ୍ରଣ କରିବା ତାଙ୍କ ପାଇଁ କାଠିକର ପାଠ ହେଉଥିବାରୁ ପାଠ ପଢ଼ାରେ ଘୋର ବ୍ୟାଘାତ ସୃଷ୍ଟି ହେଉଛି ବୋଲି ସେ ଦୁଃଖର ସହ ପ୍ରକାଶ କରିଛନ୍ତି । ୨୦୧୧ରେ ଶିକ୍ଷୟିତ୍ରୀ ବୈଜୟନ୍ତୀ ଭଦ୍ର ଭଗତଭଗବାନ ପ୍ରାଥମିକ ବିଦ୍ୟାଳୟରୁ ଏଠାକୁ ବଦଳି ହୋଇ ଆସିଲେ । ଦୁଇବର୍ଷ ଅର୍ଥାତ ୨୦୧୩ ପର୍ଯ୍ୟନ୍ତ ସେ ବିଦ୍ୟାଳୟକୁ ନିୟମିତ ଆସୁଥିଲେ । ସେ ସମୟରେ ବିଦ୍ୟାଳୟରେ ସବୁକିଛି ସୁରୁଖୁରରେ ଚାଲିଥିଲା । ମାତ୍ର ତା' ପରଠାରୁ ସେ ବିଦ୍ୟାଳୟକୁ ନିୟମିତ ଆସୁ ନ ଥିବା ଅଭିଯୋଗ ହେଉଛି । ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ବିଦ୍ୟାଳୟ ଆସୁନାହାଁନ୍ତି ବୋଲି କେତେକ କହୁଛନ୍ତି । ତେବେ କାରଣ ଯାହାବି ହେଉ ବିଦ୍ୟାଳୟରେ ଶିକ୍ଷୟିତ୍ରୀଙ୍କ ଅନୁପସ୍ଥିତ ଯୋଗୁ ଶିକ୍ଷାଦାନ ଘୋର ବାଧାପ୍ରାପ୍ତ ହେଉଛି । ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅଫିସ କାର୍ଯ୍ୟରେ ବ୍ୟାଙ୍କ ଓ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ମାସକୁ ଅନ୍ୟୁନ ୨ରୁ ୩ଥର ଯିବାକୁ ପଡୁଛି । ସେହି ଦିନଗୁଡ଼ିକରେ ବିଦ୍ୟାଳୟ ଏକପ୍ରକାର ଅଘୋଷିତ ଛୁଟି ରହୁଛି । ସମୟେ ସମୟରେ ଅଙ୍ଗନୱାଡିଙ୍କ ଦାୟିତ୍ୱରେ ଛାଡ଼ିଦେଇ ପ୍ରଧାନଶିକ୍ଷୟିତ୍ରୀ ଅଫିସ କାର୍ଯ୍ୟରେ ବାହାରକୁ ଚାଲି ଯାଉଛନ୍ତି ବୋଲି ପ୍ରକାଶ କରିଛନ୍ତି । ଏହାଛଡ଼ା ସହକାରୀ ଶିକ୍ଷୟିତ୍ରୀ ଭଦ୍ର ବିନା ଦରଖାସ୍ତରେ ବିଦ୍ୟାଳୟରୁ ଅନୁପସ୍ଥିତ ଅଛନ୍ତି ବୋଲି ସେ ପ୍ରକାଶ କରିଥିଲେ । ତେବେ ଏଭଳି ସ୍ଥିତିରେ ଛାତ୍ରୀଛାତ୍ରଙ୍କୁ କିଭଳି ଗୁଣାତ୍ମକ ଶିକ୍ଷା ମିଳୁଥିବ ତାକୁ ସନ୍ଦେହ ଉପୁଜିଛି । ପିଲାମାନଙ୍କ ଭବିଷ୍ୟତ ଏକ ନିଶ୍ଚିତ ଅନ୍ଧକାର ଭିତରକୁ ଠେଲି ହୋଇଯାଇଛି ବୋଲି କୁହାଯାଉଛି । ମଙ୍ଗଳବାର ସିଆରସିସି ବିଜୟ କୁମାର ବେହେରା ବିଦ୍ୟାଳୟ ପରିସରରେ ପହଞ୍ଚି ଥିଲେ । ଏସମ୍ପର୍କରେ ତାଙ୍କୁ ପଚାରିବାରେ ସହକାରୀ ଶିକ୍ଷୟିତ୍ରୀ ଭଦ୍ର ବିଦ୍ୟାଳୟକୁ ନିୟମିତ ଆସୁ ନ ଥିବା କଥାକୁ ସେ ସ୍ୱୀକାର କରିଥିଲେ । ଏନେଇ ପ୍ରତ୍ୟେକ ମାସରେ ଯାଉଥିବା ରିପୋର୍ଟରେ ଦର୍ଶାଯାଉଛି । ଏପରି କି ସର୍ବଶିକ୍ଷା ଅଭିଯାନର ମୁଖ୍ୟଙ୍କୁ ଏ ନେଇ ଅବଗତ କରାଯାଉଛି ବୋଲି ସେ କହିଛନ୍ତି । ସିଆରସିସି ଏଭଳି ମତ ରଖୁଥିବାବେଳେ ବ୍ଲକ ଶିକ୍ଷାଧିକାରୀ କର ଅଭିଯୋଗକୁ ସମ୍ପୂର୍ଣ୍ଣ ଖଣ୍ଡନ କରିବା ଘଟଣା ତାଙ୍କ କାର୍ଯ୍ୟସ୍ୱଚ୍ଛତାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ଏହି ଘଟଣା ଦୀର୍ଘ ୬ବର୍ଷ ଧରି ବ୍ଲକ ଶିକ୍ଷାଧିକାରୀଙ୍କ ଜାଣତରେ ଘଟୁନାହିଁ ତ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି । ଏ ସମ୍ପର୍କରେ ସହକାରୀ ଶିକ୍ଷୟିତ୍ରୀ ଭଦ୍ରଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବାରୁ ତାଙ୍କ ସ୍ୱାମୀ ଶିକ୍ଷକ ବିଜୟ କୁମାର ସ୍ୱାଇଁ ଫୋନ ଉଠାଇଥିଲେ । ତାଙ୍କ ମୋବାଇଲକୁ ସେ ବ୍ୟବହାର କରୁଛନ୍ତି ବୋଲି ପ୍ରକାଶ କରିଥିଲେ । ଶିକ୍ଷୟିତ୍ରୀଙ୍କ ଦେହ ଖରାପ ଅଛି ଆଉ ସେ ସ୍ୱାସ୍ଥ୍ୟଗତ କାରଣରୁ ବିଦ୍ୟାଳୟରୁ ଅନୁପସ୍ଥିତ ରହୁଥିବା କଥାକୁ ସ୍ୱୀକାର କରିଥିଲେ । ମାତ୍ର ଆଦୌ ବିଦ୍ୟାଳୟକୁ ଆସୁ ନ ଥିବା କଥାକୁ ଖଣ୍ଡନ କରିଥିଲେ । ମଙ୍ଗଳବାର ସେ ବିଦ୍ୟାଳୟରୁ ବିନା ଦରଖାସ୍ତରେ ଅନୁପସ୍ଥିତ ଥିବା କଥାକୁ ମଧ୍ୟ ସ୍ୱୀକାର କରିଥିଲେ ।




## ରସୁଲପୁର ବ୍ଲକ ଶିକ୍ଷା ବିଭାଗ

- ୬ବର୍ଷ ହେଲା ଜଣେ ଶିକ୍ଷୟିତ୍ରୀରେ ଚାଲିଛି ବିଦ୍ୟାଳୟ
- ବ୍ଲକ ଶିକ୍ଷାଧିକାରୀଙ୍କ ପାଖରେ ସୂଚନା ନାହିଁ
- ଘଟଣାକୁ ସ୍ୱୀକାର କରିଛନ୍ତି ସିଆର୍‌ସିସି

## ସଂକ୍ଷେପରେ

### ଦାୟିତ୍ୱ ନେଲେ ଜିଲା ଯୋଜନା କମିଟି ଅଧ୍ୟକ୍ଷ

**ନୟାଗଡ଼ ଅଫିସ,୧୧।୧୨:** ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ ବୁଧବାର ଜିଲା ଯୋଜନା କମିଟି ଅଧ୍ୟକ୍ଷ ଭାବେ ଦାୟିତ୍ୱ ନେଇଛନ୍ତି। ଅପରାହ୍ନରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପରିସରରେ ଥିବା ତାଙ୍କ କାର୍ଯ୍ୟାଳୟକୁ ନୟାଗଡ଼ ବିଧାୟକ ତଥା କୃଷିମନ୍ତ୍ରୀ ଡ. ଅରୁଣ କୁମାର ସାହୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଡି ସୁବାସ ଚନ୍ଦ୍ର ରାୟ, ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ଉପଜିଲାପାଳ ଲଗ୍ନଜିତ ରାଉତ ଉପସ୍ଥିତ ରହି ପ୍ରଧାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

### ମନ୍ଦିର ନିକଟରୁ ଚନ୍ଦନ ଗଛ ଚୋରି



**ଭାପୁର,୧୧।୧୨(ଡି.ଏନ୍.ଏ.):** ଭାପୁର ବ୍ଲକ ଖଇରଗାଡ଼ିଆ ଗ୍ରାମ ଉପକଣ୍ଠରେ ଥିବା ହନୁମାନ ମନ୍ଦିର ଓ ପୋଖରୀ ହୁଡ଼ାରେ ଥିବା ୫ ମୂଲ୍ୟବାନ ଚନ୍ଦନ ଗଛକୁ କେହି ଦୁର୍ବୃତ୍ତ ମଙ୍ଗଳବାର ବିଳମ୍ବିତ ରାତ୍ରିରେ କାଟି ନେଇଛନ୍ତି। ଗ୍ରାମକୁ ଆସିଥିବା ଉଚ୍ଚ ଶକ୍ତିସମ୍ପନ୍ନ ୧୧କେଭି ବିଦ୍ୟୁତ୍ ଲାଇନରେ ବିଭ୍ରାଟ ଘଟିଥିବାରୁ ମନ୍ଦିର ସମ୍ମୁଖରେ ଲଗାଯାଇଥିବା ଉଜ୍ୱଳ ବିଦ୍ୟୁତ୍ ଆଲୋକ ବନ୍ଦ ରହିଥିଲା। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଏଭଳି କାଣ୍ଡ ଘଟାଇଥିବା କୁହାଯାଉଛି। ଲୁଟ୍ ଚନ୍ଦନ ଗଛର ମୂଲ୍ୟ ଏକଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ସୂଚନାଯୋଗ୍ୟ ଗ୍ରାମର କେବଳ ହନୁମାନ ମନ୍ଦିର ବା ପୋଖରୀ ହୁଡ଼ା ନୁହେଁ, ନାଳ ଓ ବିଲ ହୁଡ଼ାରେ ୨୦୦ରୁ ଊର୍ଦ୍ଧ୍ୱ ଛୋଟବଡ଼ ଚନ୍ଦନ ଗଛ ରହିଛି।

### ତହସିଲଦାରଙ୍କୁ ଅତିରିକ୍ତ ଦାୟିତ୍ୱ

**ଭାପୁର,୧୧।୧୨(ଡି.ଏନ୍.ଏ.):** ଖୋର୍ଦ୍ଧାରୋଡ-ବଲାଙ୍ଗୀର ରେଲୱେ ପ୍ରକଳ୍ପର ନୟାଗଡ଼ ଜିଲା ଭୂଅର୍ଜନ ଅଧିକାରୀ ଭାବେ ବୁଧବାର ଦାୟିତ୍ୱ ନେଇଛନ୍ତି ଦଶପଲ୍ଲା ତହସିଲଦାର ପ୍ରମୋଦ କୁମାର ଦଳବେହେରା। ପୂର୍ବରୁ ଏହି ପଦବୀରେ ଥିବା ଦେବେଶ କୁମାର ବିଶ୍ୱାଳ ଅବସର ନେବାରୁ ଦଳବେହେରାଙ୍କୁ ଏହି ଦାୟିତ୍ୱ ବହନ କରିବାକୁ ପଡ଼ିଛି। ନୟାଗଡ଼ ଜିଲାପାଳଙ୍କ ଆଦେଶକ୍ରମେ ବିଶ୍ୱାଳ ତହସିଲଦାରଙ୍କୁ ଏହି ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ସୂଚନାଯୋଗ୍ୟ, ୨୮୯ କି.ମି. ପରିବ୍ୟାପ୍ତ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ପ୍ରକଳ୍ପର ଜମି ଅଧିଗ୍ରହଣ କାର୍ଯ୍ୟ ଦଶପଲ୍ଲା ପର୍ଯ୍ୟନ୍ତ ପ୍ରାୟତଃ ସରିଥିବା ବେଳେ ଦଶପଲ୍ଲାରୁ କାମିଟିପଙ୍ଗା ୩୨ କି.ମି. ଏବେ ବି ସମ୍ପୂର୍ଣ୍ଣ ହୋଇନାହିଁ। ଦଳବେହେରା ଏହାକୁ ତ୍ୱରାନ୍ୱିତ କରିବେ ବୋଲି ଆଶା କରାଯାଉଛି।

■ ନୟାଗଡ଼ ବନ ବିଭାଗର ନିଆରା ଉଦ୍ୟମ

# ପ୍ଲାଷ୍ଟିକ୍ ବଦଳରେ ବାଉଁଶ ଖୋଳରେ ଲାଗିବ ଚାରା

**ନୟାଗଡ଼ ଅଫିସ,୧୧।୧୨**

ଆମେ ବ୍ୟବହାର କରୁଥିବା ଅଧିକାଂଶ ଜିନିଷ ପ୍ଲାଷ୍ଟିକରୁ ତିଆରି। ପରିବେଶ ସୁରକ୍ଷା ପାଇଁ ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଏପରି କି ରାଜ୍ୟ ସରକାର ପଲିଥିନକୁ ବ୍ୟାନ୍ ମଧ୍ୟ କରିଛନ୍ତି। ଏ କ୍ଷେତ୍ରରେ ନୟାଗଡ଼ ବନ ବିଭାଗ ଦୁଇପାଦ ଆଗକୁ ଯାଇ ପ୍ଲାଷ୍ଟିକ ବଦଳରେ ବାଉଁଶ ବ୍ୟବହାର କରିବାକୁ ନିଷ୍ପତ୍ତି ନେଇଛି। ପ୍ରତିବର୍ଷ ଲଗାଯାଉଥିବା ଚାରା ପ୍ଲାଷ୍ଟିକ ଜରି ବଦଳରେ ବାଉଁଶ ଖୋଳରେ ଲଗାଇବା ପାଇଁ ଉଦ୍ୟମ ଆରମ୍ଭ କରିଛି। ପ୍ରାଥମିକ ପର୍ଯ୍ୟାୟରେ ନୟାଗଡ଼ ବ୍ଲକ ମୁକ୍ତାପୁର କେନ୍ଦ୍ରୀୟ ନର୍ସରୀ (ଚାରା ଉତ୍ପାଦନ କେନ୍ଦ୍ର)ରେ ଏହି କାର୍ଯ୍ୟକ୍ରମ ପରୀକ୍ଷାମୂଳକ ଭାବେ ଆରମ୍ଭ ହେବାକୁ ଯାଉଛି। ସେଠାରେ ଲଗାଯାଉଥିବା



ଚାରା ଉତ୍ପାଦନ ପାଇଁ ବାଉଁଶ ଖୋଳ ତିଆରି କରାଯାଉଛି।

ଚାରା ପ୍ଲାଷ୍ଟିକ ଜରି ବଦଳରେ ବାଉଁଶ ଖୋଳରେ ଲଗାଇବା ପାଇଁ ପ୍ରସ୍ତୁତି ଚାଲିଛି। ବାଉଁଶର ଗଣ୍ଠି ତଳକୁ କାଟି ଏକ ଖୋଳ ପ୍ରସ୍ତୁତ କରାଯାଉଛି। ଗୋଟିଏ ବାଉଁଶରୁ ପାଖାପାଖି ୧୦ରୁ ଅଧିକ ଖୋଳ ପ୍ରସ୍ତୁତ ହେଉଛି। ଏହି ବାଉଁଶ ଖୋଳରେ ମାଟି ଦିଆଯାଇ ମଞ୍ଜି ପୋତାଯାଇ ଚାରା ଉତ୍ପନ୍ନ କରାଯିବ। ଖାଲି ସେତିକି ନୁହେଁ, ଚଳିତବର୍ଷ ଜିଲା ମହୋତ୍ସବକୁ ଜିଲା ପ୍ରଶାସନ ପ୍ଲାଷ୍ଟିକମୁକ୍ତ କରିବା ପାଇଁ ପ୍ରୟାସ କରୁଛି। ଏହି ବାଉଁଶ ଖୋଳରେ ଫୁଲ ସଜାଯାଇ ଅତିଥିମାନଙ୍କୁ ପ୍ରଦାନ କରାଯିବ। ବନ ବିଭାଗର ଏଭଳି ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଛି। ସୂଚନାଯୋଗ୍ୟ ଯେ, ନୟାଗଡ଼ ଜିଲାରେ ଗୋଟିଏ ମେଗା ନର୍ସରୀ ଓ ୬ଟି କେନ୍ଦ୍ରୀୟ ନର୍ସରୀ ରହିଛି। ପ୍ରତିବର୍ଷ ଉକ୍ତ ନର୍ସରୀରେ ପ୍ରାୟ ୮ ଲକ୍ଷ ଚାରା ଉତ୍ପାଦନ କରାଯାଏ। ଏଥିପାଇଁ ପଲିଥିନ ଆବଶ୍ୟକ ହୋଇଥାଏ। ବନ ବିଭାଗ ପଲିଥିନମୁକ୍ତ କରି କିପରି ପରିବେଶ ଅନୁକୂଳ ଭାବେ ଚାରା ଲଗାଯିବ ସେଥିପ୍ରତି ଗୁରୁତ୍ୱ ଦେଇଛି। ଜିଲାର ବିଭିନ୍ନ ନର୍ସରୀରେ ନିମ୍ବ, କରଞ୍ଜ, କୃଷ୍ଣଚୂଡ଼ା, ରାଧାଚୂଡ଼ା, ମହାନିମ୍ବ, ଶାଗୁଆନ, ପଟାସ, ଆମ୍ବ, ପଣସ, ଅଁଳା, ଜାମୁ, ସୁନାରି ଆଦି ଚାରା ଉତ୍ପାଦନ କରାଯାଏ। ଚାରା ପାଇଁ ବ୍ୟବହୃତ ହେଉଥିବା ପଲିଥିନରେ ୨ରୁ ୩ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ବାଉଁଶ ଖୋଳରେ ପାଖାପାଖି ୮ରୁ ୯ ଟଙ୍କା ଖର୍ଚ୍ଚ ହେବ। ମୁକ୍ତାପୁରଠାରେ ଏହା ସଫଳ ହେଲେ ଆଗାମୀ ଦିନରେ ଏହି ପଦ୍ଧତି ଅନ୍ୟ ନର୍ସରୀରେ ଆପଣାଯିବ ବୋଲି ନୟାଗଡ଼ ଡିଏଫଓ ଧନରାଜ ଏଚ୍‌ଡି ପ୍ରକାଶ କରିଛନ୍ତି।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଅଁଳକହୀ ରାଧା;**
**ଘରକୁ ଗଲେ କଥା ନ କୁହନ୍ତି,**
**ବାଟରେ ବଡ଼ ଶରଧା ।**

ଉପରଠାଉରିଆ ଶ୍ରଦ୍ଧା ଓ ସରାଗ। ବାଟରେ ଘାଟରେ ଦେଖିଲେ କଥାବାର୍ତ୍ତାରୁ ଜଣାପଡ଼େ ସତରେ ଯେମିତି ଗୋଟାପଣେ ନିଜର। ନ ଦେଖିଲେ ଭାତ ରୁଚେନି। କିନ୍ତୁ ଘରକୁ ଆସିଲେ ଆଡ଼ ଆଡ଼ ହୋଇ କଥା କହି, ନ ଜାଣିଲା ନ ଚିହ୍ନିଲା ଭଳି ବ୍ୟବହାର। ଛଳନା ଓ କପଟର ଇଏ ଏକ ରୂପ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କାଚ କାଚ ମଣି ମଣି,**
**କ୍ରୟ ବିକ୍ରୟ କାଳେ ଜାଣି ।**

ଦୂରରୁ ଦେଖିଲେ କାଚ ଓ ମଣି ଭିତରେ ବିଶେଷ ଫରକ ଜଣାପଡ଼ି ନ ଥାଏ। ପରନ୍ତୁ କିଣାକିଣି କଲାବେଳେ କେଉଁଟା କାଚ ଓ କେଉଁଟା ମଣି ତାହା ସହଜରେ ଜାଣି ହୋଇଯାଇଥାଏ। ପରୋକ୍ଷରେ ମଣିଷ କେତେ ଗୁଣବନ୍ତ ଓ ପ୍ରତିଭାବନ୍ତ ତାହା ତା'ର କାର୍ଯ୍ୟଦକ୍ଷତାରୁ ହିଁ ଜଣାପଡ଼ିଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
–ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ମିସ୍ ଦିଲ୍ଲୀ ଷ୍ଟାଇଲ ଆଇକନ ବିଜେତା ହେଲେ ପ୍ରଜ୍ଞା ପରଣୀତା

**ନୟାଗଡ଼ ଅଫିସ,୧୧।୧୨**

ଗତ ୨ ତାରିଖରେ ଦିଲ୍ଲୀରେ ଅନୁଷ୍ଠିତ ମିସ୍ ଦିଲ୍ଲୀ ଷ୍ଟାଇଲ ଆଇକନ ଟାଇଟଲ୍‌ର ବିଜେତା ହୋଇଛନ୍ତି ନୟାଗଡ଼ ଜିଲା ସଦର ବ୍ଲକ ସୁନାଲଟି ଗ୍ରାମର ପ୍ରଜ୍ଞା ପରଣୀତା। ପ୍ରଜ୍ଞାଙ୍କ ଏହି ସଫଳତାରେ ଗ୍ରାମରେ ଖୁସିର ଲହରି ଖେଳିଯାଇଛି। ପ୍ରକାଶ ଯେ, ପ୍ରଜ୍ଞା ୨୦୧୮ରେ କୋଲକାତାରେ ଅନୁଷ୍ଠିତ ଜିଏଲଏମ ସୁପର ମଡ଼େଲ ଇଣ୍ଡିଆରେ ଟପ ସିକ୍ସ ଓ ଦିଲ୍ଲୀରେ ଅନୁଷ୍ଠିତ ଅପେରା ଏ ମିସ୍ ଇଣ୍ଡିଆ ୨୦୧୯ରେ ଟପ୍ ୮ରେ ସ୍ଥାନ ପାଇଥିଲେ। ରାଜସ୍ଥାନ ଜୟପୁରରେ ହୋଇଥିବା ନର୍ଥଇଷ୍ଟ ଆଇକନ ଇଣ୍ଡିଆରେ ସେ ଟପ୍ ଫାଇନାଲିଷ୍ଟ ହୋଇଥିଲେ। ଅନ୍ୟପଟେ ପ୍ରଜ୍ଞାଙ୍କ ସାନଭଉଣୀ ଅୟାନୀ ଅଲିସା ଦିଲ୍ଲୀରେ ଅନୁଷ୍ଠିତ ମିସ୍ ଦିଲ୍ଲୀ ଶିଶୁ ବିଭାଗରେ ପ୍ରଥମ ରନର୍ସ ଅପ୍ ହୋଇଛନ୍ତି। ପ୍ରଜ୍ଞା ଯୁକ୍ତ ୩ ବିଜ୍ଞାନ ପାଠ୍ୟକ୍ରମ ଶେଷକରି



ପ୍ରଜ୍ଞା ପରଣୀତା



ଅୟାନୀ

ଭୁବନେଶ୍ୱରର ଏକ ଘରୋଇ ଅନୁଷ୍ଠାନରେ ପ୍ରବେଶିକା ପରୀକ୍ଷା ପାଇଁ କୋଚିଂ ନେଉଛନ୍ତି। ସେହିପରି ଅୟାନୀ ନୟାଗଡ଼ ଡିଏଭି ସ୍କୁଲରେ ଦ୍ୱିତୀୟ ଶ୍ରେଣୀରେ ପଢୁଛନ୍ତି। ସେମାନଙ୍କ ବାପା ଗୋପାଳ ଚନ୍ଦ୍ର ଦଳେଇ ଏକ ଘରୋଇ ସଂସ୍ଥାରେ କିରାଣି ଥିବାବେଳେ ମା' କଳ୍ପନା ମଞ୍ଜରୀ ଦଳେଇ ଜଣେ ଗୃହିଣୀ। ଦୁଇ ଝିଅଙ୍କ ଏହି ସଫଳତା ପାଇଁ ପରିବାର ଲୋକେ ଖୁସି ବ୍ୟକ୍ତ କରିଛନ୍ତି।

### ଟଙ୍କା ଲୁଟ୍ ଅଭିଯୋଗରେ ଲୁଟେରା ଗିରଫ

**ଓଡ଼ଗାଁ,୧୧।୧୨(ସ୍ୱ.ପ୍ର.)**

ଓଡ଼ଗାଁ ସଦରର ବିଭିନ୍ନ ବ୍ୟାଙ୍କରୁ ଟଙ୍କା ଉଠାଇ ଫେରୁଥିବା ଲୋକଙ୍କୁ ଲୁଟ୍ କରିବା ଅଭିଯୋଗରେ ପୋଲିସ ବୁଧବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ଯିବାକୁ ପଡିଛି। ଗିରଫ ଅଭିଯୁକ୍ତ ହେଲେ ନିକଟସ୍ଥ ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଥାନା ଗୁଣ୍ଡୁରୀସାହିର ସୂର୍ଯ୍ୟ ନାୟକ (୨୨)। ସୂଚନା ଅନୁସାରେ ଗତ ୪ ତାରିଖ ଅପରାହ୍ନରେ ସ୍ଥାନୀୟ ବିଜୟମଣ୍ଡପ ସାହିର ଅଙ୍ଗନୱାଡି ସହାୟିକା ଷ୍ଟେଟବ୍ୟାଙ୍କରୁ ଟଙ୍କା ଉଠାଇ ପୁଅ ସହିତ ଘରକୁ ଫେରୁଥିବା ବେଳେ ଲୁଟ୍‌ର ଶିକାର ହୋଇଥିଲେ। ଦୁଇ ବାଇକ୍ ଆରୋହୀ ସେମାନଙ୍କୁ ପିଛାକରି ୪୦ହଜାର ଟଙ୍କା ଥିବା ବ୍ୟାଗ ଝାମ୍ପି ନେଇଥିଲେ। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ୨୧୯/୧୯ରେ ଏକ ମାମଲା ରୁଜୁ କରିଥିଲା। ବୁଧବାର ପୂର୍ବାହ୍ନରେ ପୋଲିସ ସିସିଟିଭି ଆଧାରରେ ସଂଗ୍ରହ କରିଥିବା ତଥ୍ୟ ଅନୁଯାୟୀ ସୂର୍ଯ୍ୟ ବ୍ୟାଙ୍କ ସମ୍ମୁଖରେ ପଇଁତରା ମାରୁଥିବା ବେଳେ ତାଙ୍କୁ କାବୁ କରିନେଇଥିଲା। ପୋଲିସ ଅନ୍ୟଜଣେ ସହଯୋଗୀ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଉଦ୍ୟମ କରୁଥିବାବେଳେ କୌଣସି ଲୁଟ୍ ଟଙ୍କା ଉଦ୍ଧାର କରିପାରି ନାହିଁ ।

# ସ୍ୱାଧୀନତା ସଂଗ୍ରାମୀ ଗୋଦାବରୀଶ ମିଶ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ରଣପୁର ବିଧାୟକ ପ୍ରତିମୂର୍ତ୍ତି ଉନ୍ମୋଚନ କରୁଛନ୍ତି।

**ନୟାଗଡ଼ ଅଫିସ,୧୧।୧୨**

ନୟାଗଡ଼ ପ୍ରଜାମଣ୍ଡଳ ଆନ୍ଦୋଳନର ସକ୍ରିୟ କର୍ମୀ ତଥା ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଗୋଦାବରୀଶ ମିଶ୍ରଙ୍କ ପ୍ରତିମୂର୍ତ୍ତି ବୁଧବାର ଉନ୍ମୋଚିତ ହୋଇଛି। ଶରଣକୁଳ ନିକଟ କରଡ଼ାଶାସନସ୍ଥିତ ତାଙ୍କ ଗ୍ରାମରେ ପ୍ରତିମୂର୍ତ୍ତିକୁ ରଣପୁର ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ସତ୍ୟ ନାରାୟଣ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଉନ୍ମୋଚନ କରିଥିଲେ। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ରମାକାନ୍ତ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶରତ କୁମାର ନାୟକ, ବିଶ୍ୱନାଥ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କ ସ୍ୱାଧୀନତା ସଂଗ୍ରାମୀ ସମୟର କାର୍ଯ୍ୟଧାରା ଉପରେ ବର୍ଣ୍ଣନା କରିଥିଲେ। ତାଙ୍କ ସ୍ମୃତିଚାରଣ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଏହି ପ୍ରତିମୂର୍ତ୍ତି ସ୍ଥାପନା କରାଯାଇଥିଲା। ତାଙ୍କ ପୁତ୍ର ରବୀନ୍ଦ୍ରନାଥ ମିଶ୍ର ଧନ୍ୟବାଦ ଦେଇଥିଲେ।

■ ପିଟୁକୁଳି ପଞ୍ଚାୟତ: ବିଭିନ୍ନ ଯୋଜନାରେ ଅନିୟମିତତା ଅଭିଯୋଗ

# କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଘେରିଲେ ଲୋକେ

**ବୋଲଗଡ଼,୧୧।୧୨(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ପିଟୁକୁଳି ପଞ୍ଚାୟତରେ ବିଭିନ୍ନ ଯୋଜନାରେ ଅନିୟମିତତା ହେଉଥିବା ଅଭିଯୋଗ କରି ବୁଧବାର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ସ୍ଥାନୀୟଲୋକେ କାର୍ଯ୍ୟାଳୟରେ ଘେରାଉ କରିଥିଲେ। ବୋଲଗଡ଼ ବିଡିଓ ଏଲିଜା ମିଶ୍ର, ବେଗୁନିଆ ଥାନା ପୋଲିସ ପଞ୍ଚାୟତ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ବିଡିଓ ଲୋକଙ୍କ ଅଭିଯୋଗ ଶୁଣିବା ସହିତ ବୁଝାଶୁଝା କରିଥିଲେ। ଫଳରେ ପରିସ୍ଥିତି ଶାନ୍ତ ପଡିଥିଲା। ସ୍ଥାନୀୟ ଲୋକଙ୍କଠାରୁ ପ୍ରକାଶ, ଆବାସ ଯୋଜନା, କ୍ଷତିଗ୍ରସ୍ତଙ୍କୁ ଚିହ୍ନଟ, ଉନ୍ନୟନମୂଳକ କାର୍ଯ୍ୟରେ କାର୍ଯ୍ୟନିର୍ବାହୀ ଅଧିକାରୀ ଅନିୟମିତତା କରୁଥିବା ନେଇ ପୂର୍ବରୁ ବ୍ଲକ ପ୍ରଶାସନକୁ ଅବଗତ କରାଇଥିଲୁ। ହେଲେ କୌଣସି ସୁଫଳ ନ ମିଳିବାରୁ ବାଧ୍ୟ ହୋଇ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିଥିଲୁ। ଲୋକଙ୍କଠାରୁ ଏହା ଶୁଣିବା ପରେ ବିଡିଓ ମିଶ୍ର କହିଥିଲେ, ଏଣିକି ପଞ୍ଚାୟତର ବିଭିନ୍ନ କାର୍ଯ୍ୟରେ ସ୍ୱଚ୍ଛତା ବଜାୟ ରଖାଯିବ। ଚଳିତ ସପ୍ତାହରେ ମୁଁ ନୂଆକରି ଦାୟିତ୍ୱ ନେଇଛି। ଅଭିଯୋଗ ସମ୍ପର୍କରେ ତଦନ୍ତ କରାଯିବା ପରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।

# ଭିଜିଲାନ୍ସ ଜାଲରେ ୨ ବରିଷ୍ଠ ଯନ୍ତ୍ରୀ

**ନୟାଗଡ଼ ଅଫିସ,୧୧।୧୨**

ନୟାଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ-୧ର ନିର୍ବାହୀ ଯନ୍ତ୍ରୀ ଶିଶିର ରଞ୍ଜନ ପୃଷ୍ଟି ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ଗୋବିନ୍ଦ ଚନ୍ଦ୍ର ସାହୁ ବୁଧବାର ସନ୍ଧ୍ୟାରେ ଅନୈତିକ ଉପାୟରେ ଟଙ୍କା ସଂଗ୍ରହ କରି ଭୁବନେଶ୍ୱର ଯାଉଥିବା ବେଳେ ଭିଜିଲାନ୍ସ ହାତରେ ଧରା ପଡ଼ିଛନ୍ତି। ଭିଜିଲାନ୍ସ ଡିଏସ୍‌ପି ଶିଶିର ଭୋଇଙ୍କଠାରୁ ମିଳିଥିବା ସୂଚନା ଅନୁସାରେ, ଉପରୋକ୍ତ ୨ ବରିଷ୍ଠ ଯନ୍ତ୍ରୀ ଅନୈତିକ ଉପାୟରେ ଟଙ୍କା ସଂଗ୍ରହ କରି ଭୁବନେଶ୍ୱର ଯିବେ ବୋଲି ବିଶେଷ ସୂତ୍ରରୁ ଖବର ପାଇଥିଲେ। ପରେ ସେମାନଙ୍କ ଟିମ୍ ସନ୍ଧ୍ୟାରେ ନିର୍ବାହୀ ଯନ୍ତ୍ରୀଙ୍କ ବାସଭବନ ଆଗରେ ପଇଁତରା ମାରିଥିଲେ। ରାତ୍ର ୮ଟା ୨୦ ମିନିଟ ସମୟରେ ଉଭୟ ଏକ ବୋଲେରୋରେ କଲେଜ ରୋଡ଼ସ୍ଥିତ ବାସଭବନରୁ ବାହାରି ଯାଉଥିବା ବେଳେ ଭିଜିଲାନ୍ସ ଟିମ୍ ସେମାନଙ୍କୁ ଧରିଥିଲା। ଶିଶିରଙ୍କଠାରୁ ୧ ଲକ୍ଷ ୧୯ ହଜାର ୯୦୦ ଟଙ୍କା ଓ ଗୋବିନ୍ଦଙ୍କଠାରୁ ୨୬ ହଜାର ୩୩୦ ଟଙ୍କା ଜବତ କରାଯାଇଥିଲା। ଉଭୟଙ୍କଠାରୁ ମୋଟ ୧ଲକ୍ଷ ୪୬ହଜାର ୨୩୦ ଟଙ୍କା ଜବତ ହୋଇଛି। ଏତେ ଟଙ୍କା କେଉଁଠାରୁ ଆଣିଛ ବୋଲି ପଚାରିବାରୁ ସେମାନେ ତଥ୍ୟ ଦେଇପାରି ନ ଥିଲେ। ଫଳରେ ଭିଜିଲାନ୍ସ ଟିମ୍ ଉଭୟଙ୍କୁ ପଚରାଉଚରା ପାଇଁ କାର୍ଯ୍ୟାଳୟକୁ ଆଣିଥିଲା। ଏ ନେଇ



ଗିରଫ ଦୁଇ ବରିଷ୍ଠ ଯନ୍ତ୍ରୀ।

**୧ ଲକ୍ଷ ୪୬ ହଜାର ଟଙ୍କା ଜବତ**



ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ କରାଯାଉଥିବା ନୟାଗଡ଼ ଭିଜିଲାନ୍ସ ଡିଏସ୍‌ପି ଭୋଇ ପ୍ରକାଶ କରିଛନ୍ତି। ଶିଶିରଙ୍କ ଘର ଗଞ୍ଜାମ ଜିଲା ଆସିକା ଅଞ୍ଚଳରେ ହୋଇଥିବାବେଳେ ଗୋବିନ୍ଦଙ୍କ ଘର କଟକ କିଶୋରନଗର ଅଞ୍ଚଳରେ। ସୂଚନାଯୋଗ୍ୟ ଗତବର୍ଷ ନଭେମ୍ବର ୧୭ ତାରିଖରେ ନୟାଗଡ଼ ଜିଲା ଏମ୍‌ଭିଆଇ ପ୍ରଭାକର ପାଣିଗ୍ରାହୀ ନଗଦ ୧ ଲକ୍ଷ ୮୧ ହଜାର ଟଙ୍କା ନେଇ ଯାଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଖର୍ଚ୍ଚ ରଣରୁ କଟିବ
MAHALAXMI FINANCE
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ
1% ସୁଧ | 40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
9518852216, 9548270863
ADDRESS: T-51, GAUTAMPURI, DELHI

ASTROLOGY

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍ ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ନବବର୍ଷ ଧମାକା
ଗୋଟିଏ କଲ୍‌ରେ ଋଣ ପାଆନ୍ତୁ
ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର
ASF FINANCE
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ
ଆଧାରକାର୍ଡ, ବ୍ୟବସାୟ
ସବୁ ପ୍ରକାର ଋଣ
1% ସୁଧ 25% ଛାଡ଼
ଘରେ ବସି ପାଆନ୍ତୁ ଅନ୍‌ଲାଇନ୍ ସୁବିଧା ଉପଲବ୍ଧ।
94634-86078
Email : financeabirami32@gmail.com
Airport Road, Gandhi Nagar, Bhopal (MP)

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, କୁଆ-ସଙ୍ଗା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଙ୍ଗା, କୁଆ, ବଶୀକରଣ, ମୂଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

BUSINESS

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail :- namonamoonlinem.p@gmail.com
9911321841
Add : - 41/14, Sec-1 Pushp Vihar, Delhi

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୨ ଡିସେମ୍ବର, ୨୦୧୯



ନିଜର ସାମର୍ଥ୍ୟକୁ ଜଣେ ଯେତେବେଳେ ସନ୍ଦେହ କରେ,
ସେ ଆଉ ପ୍ରଗତି ପଥରେ ଆଗେଇପାରେ ନାହିଁ।
- କନ୍‌ଫୁସିୟସ୍



## ସଂକ୍ଷେପରେ

### ବ୍ରାଉନସୁଗାର, ମଦ ଜବତ: ୫ ଗିରଫ

ପୁରୀ ଅଫିସ, ୧୧।୧୨:ପୁରୀ ଅବକାରୀ ବିଭାଗ ପକ୍ଷରୁ ବୁଧବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୩୮ ଗ୍ରାମ ବ୍ରାଉନସୁଗାର ଓ ୧୨୭ ଲିଟର ଦେଶୀ ମଦ ଜବତ ହୋଇଛି। ଏହି ଦୁଇଟି ଘଟଣାରେ ମୋଟ ୫ଜଣଙ୍କୁ ଗିରଫ କରାଯାଇଛି। ସୂଚନା ଅନୁଯାୟୀ, ପୂର୍ବାହ୍ନରେ ପାର୍ବତୀ ନାୟକ ନାମ୍ନୀ ମହିଳା ନରେନ୍ଦ୍ରକୋଣ ଛକରେ ବ୍ରାଉନସୁଗାର ବିକ୍ରି ଲାଗି ଠିଆ ହୋଇଥିଲେ। ଏହି ଖବର ପାଇ ଅବକାରୀ ବିଭାଗର ଏକ ଟିମ୍ ଗ୍ରାହକ ସାଜି ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଧରିବା ସହ ତାଙ୍କଠାରୁ ୩୮ ଗ୍ରାମ ବ୍ରାଉନ ସୁଗାର ଜବତ କରିଥିଲେ। ଏହାର ଆନୁମାନିକ ମୂଲ୍ୟ ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ। ସେହିପରି ବେଆଇନ ଦେଶୀମଦ ବିକ୍ରି ଅଭିଯୋଗରେ ନରେନ୍ଦ୍ରକୋଣ ଭୋଇସାହିର ଲକ୍ଷ୍ମୀ ଭୋଇ, କବିଚନ୍ଦ୍ର ଭୋଇ, ବାଲି ନୋଳିଆ ସାହିର ଭଗବାନ ଭୋଇ ଏବଂ ବି. କୁମାରଙ୍କୁ ଗିରଫ କରାଯାଇଛି। ଏଥିସହ ୧୨ଶହ ଲିଟର ପୋଚ, ମଦ ରନ୍ଧା ସାମଗ୍ରୀକୁ ବିଭାଗୀୟ କର୍ମଚାରୀ ନଷ୍ଟ କରିଛନ୍ତି।

**କଟକଣାକୁ ବେଖାତିର**

### ନିଷିଦ୍ଧାଞ୍ଚଳରେ ଚକ୍କର କାଟୁଛି ଟ୍ରଲର

ପୁରୀ ଅଫିସ, ୧୧।୧୨: ଅଲିଭ୍ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ପାଇଁ ସମୁଦ୍ରରେ ମାଛ ମାରିବା ଉପରେ କଟକଣା ଲଗାଯାଇଛି। ଅଲିଭ୍ ରିଡ୍‌ଲେଙ୍କ ଆଗମନ ଏବଂ ଅଣ୍ଡାଦାନ ଲାଗି ନଭେମ୍ବର ୧ରୁ ମେ ୩୧ ପର୍ଯ୍ୟନ୍ତ ଏହି କଟକଣା ରହିଛି। ଏହି ସମୟ ମଧ୍ୟରେ ନିଷିଦ୍ଧାଞ୍ଚଳରେ କୌଣସି ଟ୍ରଲର ମାଛ ମାରିପାରିବେ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଛି। ହେଲେ ଏହି କଟକଣାକୁ ଅନେକ ସମୟରେ ବେଖାତିର କରି ନିଷିଦ୍ଧାଞ୍ଚଳରେ ମାଛ ମାରୁଛନ୍ତି ଟ୍ରଲର। ମଙ୍ଗଳବାର ଅପରାହ୍ନରେ ପୁରୀ ବେଳାଭୂମିଠାରୁ ମାତ୍ର ୧ କିମି ମଧ୍ୟରେ ସମୁଦ୍ରରେ ଏକ ଟ୍ରଲର ମାଛ ମାରୁଥିବା ଦେଖିବାକୁ ମିଳିଥିଲା। ଚିଲିକା ମୁହାଣଠାରୁ ଦେବୀ ମୁହାଣ ପର୍ଯ୍ୟନ୍ତ ପ୍ରାୟ ୮୦ କିମିରୁ ଊର୍ଦ୍ଧ୍ୱ ବେଳାଭୂମି ରହିଛି। ଅଲିଭ ରିଡ୍‌ଲେଙ୍କ ବଂଶବୃଦ୍ଧି ଲାଗି ଏହି ଅଞ୍ଚଳରେ ଟ୍ରଲର ଚଳାଚଳ ଉପରେ କଟକଣା ଜାରି କରାଯାଇଛି। ଅସ୍ତରଙ୍ଗର ଦେବୀନାସୀ ମୁହାଣ ଅଞ୍ଚଳରେ ବେଳାଭୂମିଠାରୁ ୨୦ କିମି ଭିତରକୁ ସମୁଦ୍ରରେ ଟ୍ରଲର ଚଳାଚଳକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଏହାଛଡା ଅନ୍ୟାନ୍ୟ ସମୁଦ୍ର ଉପକୂଳଠାରୁ ୫ କିମି ମଧ୍ୟରେ ଟ୍ରଲର ଚଳାଚଳ କରିପାରିବ ନାହିଁ ବୋଲି ସରକାରୀ ନିର୍ଦ୍ଦେଶ ଜାରି କରାଯାଇଛି। କିନ୍ତୁ ନୋ ଫିଶିଂ ଜୋନ୍ ଭାବେ ଘୋଷଣା କରାଯାଇଥିବା ଅଞ୍ଚଳରେ ଏକାଧିକ ଟ୍ରଲର ବୁଲୁଛନ୍ତି। ମଙ୍ଗଳବାର ସ୍ୱର୍ଗଦ୍ୱାର ସମ୍ମୁଖ ସମୁଦ୍ର ବେଳାଭୂମିଠାରୁ ୧ କିମି ମଧ୍ୟରେ ଗୋଟିଏ ଟ୍ରଲର ମାଛ ମାରୁଥିଲା।

# କାର୍ଯ୍ୟକ୍ଷମ ହୋଇପାରୁନି ପାନୀୟଜଳ ପ୍ରକଳ୍ପ

ଖଣ୍ଡପଡା,୧୧।୧୨(ସ୍ୱ.ପ୍ର.)




ଅଚଳ ଅବସ୍ଥାରେ ଥିବା ପ୍ରକଳ୍ପ ଏବଂ ସମ୍ପୂର୍ଣ୍ଣ ହୋଇଥିବା ପାଣି ଟାଙ୍କି।

ଠିକାଦାରଙ୍କ ଅବହେଳାରୁ ଭାପୁର ବ୍ଲକ ଅନ୍ତର୍ଗତ ପଥରଚକଡା ପଞ୍ଚାୟତରେ ୨ଟି ଜଳଯୋଗାଣ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷ ହୋଇ ପାରିନି। ଫଳରେ ପଥରଚକଡା ଓ ମାଧପୁର ଗ୍ରାମବାସୀ ବିଶୁଦ୍ଧ ପାନୀୟ ଜଳ ଅଭାବରୁ ବାଧହୋଇ ଦୂଷିତ ନଳକୂପର ପାଣି ବ୍ୟବହାର କରୁଛନ୍ତି। ସେମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବାବେଳେ ବହୁ ଲୋକ କିଡ୍‌ନୀ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହେଉଛି। ନୂତନ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କାର୍ଯ୍ୟର ଅବଧି ଶେଷ ହୋଇଯାଇଥିବା ବେଳେ ଠିକାଦାରଙ୍କ ଅବହେଳା ଯୋଗୁ ୨ଟି ପ୍ରକଳ୍ପ ଶେଷ ହେବାରେ ବାଧକ ସାଜିଛି। ଲୋକେ ଏଥିପାଇଁ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବା ଲାଗି ସଜବାଜ ହେଉଥିବା ସୂଚନା ମିଳିଛି।

ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ କଣ୍ଟିଲୋ ନିକଟ ଭାପୁର ବ୍ଲକ ଅନ୍ତର୍ଗତ ପଥରଚକଡା ପଞ୍ଚାୟତ ମାଧପୁର ଗ୍ରାମର ନୂଆସାହିର ୭ରୁ ୧୮ ନମ୍ବର ପର୍ଯ୍ୟନ୍ତ ୧୨ଟି ୱାର୍ଡର ପ୍ରାୟ ୩ହଜାରରୁ ଊର୍ଦ୍ଧ୍ୱ ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଇବାର ବ୍ୟବସ୍ଥା ଦୀର୍ଘ ୯ବର୍ଷ ତଳେ କରାଯାଇଥିଲା। ମାତ୍ର ସମ୍ପୃକ୍ତ ପ୍ରକଳ୍ପଟି କାର୍ଯ୍ୟକ୍ଷମ ପରଠାରୁ ଅକାମୀ ହୋଇ ପଡିଥିଲା। ପଥରଚକଡା ପଞ୍ଚାୟତବାସୀଙ୍କ ବାରମ୍ବାର ଦାବି ଓ ଆନ୍ଦୋଳନ ସହିତ ରାସ୍ତାରୋକୋ କରାଯିବା ପରେ ମାଧପୁର ଓ ପଥରଚକଡା ଗ୍ରାମ ପାଇଁ ପୃଥକ୍ ସ୍ଥାନରେ ୨ଟି ପାନୀୟ ଜଳ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ୧.୪୩ କୋଟି ଟଙ୍କା ବ୍ୟୟରେ କାର୍ଯ୍ୟ ଆରମ୍ଭ ହୋଇଥିଲା । ଅଞ୍ଚଳବାସୀଙ୍କ ବାରମ୍ବାର ଦାବି ପରେ ଉକ୍ତ ପ୍ରକଳ୍ପ ଗତ ଏପ୍ରିଲ ମାସ ସୁଦ୍ଧା ସମ୍ପୂର୍ଣ୍ଣ କରାଯାଇ ଲୋକମାନଙ୍କୁ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ବିଭାଗୀୟ କର୍ତ୍ତୃପକ୍ଷ ଅଞ୍ଚଳବାସୀଙ୍କୁ ଆଶ୍ୱାସନା ଦେଇଥିଲେ। ମାତ୍ର ଇତିମଧ୍ୟରେ ୮ମାସ ଅତିବାହିତ ହୋଇଯାଇଥିଲେ ମଧ୍ୟ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପାରିଲା ନାହିଁ । ଇତିମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣର ଅବଧି ଶେଷ ହୋଇ ଗଲାଣି । ଏ ସମ୍ପର୍କରେ ପଥରଚକଡା ସରପଞ୍ଚ ତ୍ରିନାଥ ମୁଦୁଲିଙ୍କୁ ପଚାରିବାରେ ମାଧପୁର ଗ୍ରାମ ପାଇଁ ବାଲିଘାଟଠାରେ ନିର୍ମିତ ନୂତନ ପ୍ରକଳ୍ପ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲୁ ରହିଥିଲା, ମାତ୍ର ଗତ ୮/୯ ମାସ ହେଲା ଠିକାଦାର ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କୁ ବାରମ୍ବାର କହି ଆସୁଥିବା ବେଳେ ସେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାରେ ଅବହେଳା ପ୍ରଦର୍ଶନ କରୁଥିବା ମୁଦୁଲି ସୂଚନା ଦେଇଥିଲେ। ତେବେ ଏହି ପ୍ରକଳ୍ପ ପାଇଁ ଏକ ପାଣିଟାଙ୍କି ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ହୋଇସାରିଛି। ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ମାଧପୁରବାସୀଙ୍କ ଜଳକଷ୍ଟ ନିଶ୍ଚୟ ଦୂର ହୋଇପାରିବ ବୋଲି ସେ କହିଥିଲେ । ଅପରପକ୍ଷେ କମେଇ ନଦୀ କୂଳରେ ପଥରଚକଡା ନୂଆସାହିଠାରୁ ଡିପିସାହି ପର୍ଯ୍ୟନ୍ତ ବସବାସ କରୁଥିବା ଦେଢ ହଜାରରୁ ଊର୍ଦ୍ଧ୍ୱ ଗ୍ରାମବାସୀଙ୍କ ପାଇଁ ଅନ୍ୟ ଏକ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରାଯାଇଥିବା ବେଳେ ନଦୀ କୂଳରେ ନିର୍ମିତ ଇନଟେକ ୱେଲଟି ଅଧାପନ୍ତରିଆ ଭାବେ ରହିଛି । ଉକ୍ତ ଅଞ୍ଚଳକୁ ଜଳ ଯୋଗାଣ ପାଇଁ ପାଇପ ଲାଇନ ବିଛା ଯାଇନାହିଁ। କାର୍ଯ୍ୟଟି ସମ୍ପୂର୍ଣ୍ଣ ହୋଇ ନ ଥିବା ବେଳେ କାର୍ଯ୍ୟନିର୍ବାହୀ ଦୀର୍ଘ ୬/୭ମାସ ହେଲା କାର୍ଯ୍ୟଟିକୁ ବନ୍ଦ କରିଦେଇଥିବା ଅଭିଯୋଗ ହେଉଛି । ଫଳରେ ଉଭୟ ଗ୍ରାମର ବାସିନ୍ଦା ଦୂଷିତ ପାଣି ବ୍ୟବହାର କରି ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବାରୁ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ଗତ ୨ଦିନ ତଳେ ପଥରଚକଡା ଗ୍ରାମବାସୀ ଓ ସରପଞ୍ଚ ମିଳିତ ଭାବେ ଆଲୋଚନା କରି ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ସ୍ୱରୂପ ରାସ୍ତାରୋକୋ କରିବେ ବୋଲି ନିଷ୍ପତ୍ତି ନେଇଥିବା ସରପଞ୍ଚ ମୁଦୁଲି ସୂଚନା ଦେଇଛନ୍ତି । ପଥରଚକଡା ଓ ମାଧପୁର ପାନୀୟ ଜଳ ଯୋଗାଣ ପ୍ରକଳ୍ପ କେବେ କାର୍ଯ୍ୟକାରୀ ହେବ ସେ ନେଇ ନୟାଗଡ ଜିଲା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ନିର୍ବାହୀଯନ୍ତ୍ରୀ ଇଂ. ରାଜୀବ ପାଣିଗ୍ରାହୀଙ୍କୁ ପଚାରିବାରେ ସଂପୃକ୍ତ ଠିକାଦାରଙ୍କୁ ତୁରନ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ଖୁବଶୀଘ୍ର ପ୍ରକଳ୍ପଟି କାର୍ଯ୍ୟକାରୀ ହେବ ବୋଲି ପାଣିଗ୍ରାହୀ ସୂଚନା ଦେଇଛନ୍ତି।

**ଠିକାଦାରଙ୍କ ଅବହେଳା**
- ଦୂଷିତ ପାଣି ପିଇ ଲୋକେ ଆକ୍ରାନ୍ତ
- ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ ପାଇଁ ସଜବାଜ

### ଇଞ୍ଜେକଶନ୍ ନେଇ ଏକାଧିକ ରୋଗୀ ଅସୁସ୍ଥ

ପୁରୀ ଅଫିସ, ୧୧।୧୨

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟର ସର୍ଜରୀ ୱାର୍ଡରେ ବୁଧବାର ସକାଳେ ଇଞ୍ଜେକଶନ ନେବା ପରେ ଏକାଧିକ ରୋଗୀ ଅସୁସ୍ଥ ହୋଇପଡ଼ିଥିଲେ। ଇଞ୍ଜେକସନ୍ ନେବାର କିଛି ସମୟ ପରେ ରୋଗୀମାନଙ୍କ ମୁଣ୍ଡ ବୁଲାଇବା ସହ ସେମାନେ ବାନ୍ତି କରିଥିଲେ। ଜଣକ ପରେ ଜଣେ ରୋଗୀଙ୍କର ଏଭଳି ଅବସ୍ଥା ହୋଇଥିଲା। ତୁରନ୍ତ ସେମାନଙ୍କୁ ସାଲାଇନ ଦିଆଯିବା ସହ ଚିକିତ୍ସା କରାଯାଇଥିଲା। ଏହାପରେ ସେମାନେ ସୁସ୍ଥତା ଅନୁଭବ କରିଥିଲେ। ଜଣେ ରୋଗୀ କହିଛନ୍ତି, ସକାଳ ସାଢେ ୬ଟାରେ ଡ୍ୟୁଟିରେ ଥିବା ଜଣେ ନର୍ସ ଇଞ୍ଜେକଶନ ଦେଇଥିଲେ। ଏହାର ୧୦ ମିନିଟ୍ ପରେ ତାଙ୍କ ମୁଣ୍ଡ ବୁଲାଇ ହେବା ସହ ଚାରିଆଡ଼ ଅନ୍ଧାର ଦିଶିଥିଲା। ତେବେ ସଙ୍ଗେସଙ୍ଗେ ସାଲାଇନ ଦିଆଯିବାରୁ ସେ ସୁସ୍ଥ ହୋଇଥିଲେ। ଅନ୍ୟପକ୍ଷେ କେଉଁ କାରଣରୁ ଏଭଳି ଘଟଣା ଘଟିଲା, ଇଞ୍ଜେକଶନ୍‌ର ଏକ୍ସପାୟରୀ ତାରିଖ ଥିଲା କି ନାହିଁ, ଅଧିକ ଡୋଜ୍ କିମ୍ବା ଭୁଲ୍ ଇଞ୍ଜେକ୍ସନ ଦିଆଯାଇଥିଲା କି ଆଦି ନାନା ପ୍ରଶ୍ନ ଉଠିଥିବାବେଳେ ଏହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏ ନେଇ ସିଡିଏମ୍‌ଓ ନୀଳକଣ୍ଠ ମିଶ୍ରଙ୍କ ମତାମତ ପାଇଁ ତାଙ୍କ ମୋବାଇଲ ଫୋନ୍ (ନଂ. ୯୪୩୯୯୯୪୭୧୦)କୁ କଲ୍ କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇପାରି ନାହିଁ।

**ଜିଲାସ୍ତରୀୟ ବିଜ୍ଞାନ ମେଳା**

## ୪୮ରୁ ୬ ପ୍ରକଳ୍ପ ରାଜ୍ୟସ୍ତରକୁ ମନୋନୀତ

ନୟାଗଡ଼ ଅଫିସ,୧୧।୧୨



ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରକଳ୍ପ।

ନୟାଗଡ଼ ଜିଲାସ୍ତରୀୟ ବିଜ୍ଞାନମେଳା ବୁଧବାର ନୟାଗଡ଼ ବ୍ରଜେନ୍ଦ୍ର ହାଇସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରତି ବ୍ଲକରୁ ୬ଟି ଲେଖାଏ ମୋଟ ୪୮ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିମଧ୍ୟରୁ ୬ଟି ପ୍ରକଳ୍ପ ଆଗାମୀ ଦିନରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବା ପାଇଁ ମନୋନୀତ ହୋଇଛି। ନୟାଗଡ଼ ବାଳିକା ବିଦ୍ୟାଳୟର ପ୍ରଭାକିରଣ ମହାପାତ୍ର, ଓଡ଼ଗାଁ ବ୍ଲକ ପଞ୍ଚାୟତ ହାଇସ୍କୁଲ ସୁନାମୁହିଁର ଶୁଭମ୍ ପାତ୍ର, ନାରାୟଣ ହାଇସ୍କୁଲର ଦୁଃଖୀଶ୍ୟାମ ରଥ, ବରସାହି ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରିୟଙ୍କା ବେହେରା, ଭାପୁର ବ୍ଲକ ବାଲୁଙ୍କେଶ୍ୱର ଦେବ ବିଦ୍ୟାପୀଠର ପ୍ରତ୍ୟୁଷା ମଲ୍ଲିକ, ଖଣ୍ଡପଡ଼ା ବ୍ଲକ ବନମାଳୀପୁର ହାଇସ୍କୁଲର ରଶ୍ମିରଞ୍ଜନ ଦାଶଙ୍କ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଛି। ପୂର୍ବାହ୍ନରେ ଜିଲାପାଳ ଡ. ପୋମା ଟୁଡୁ ଏହି ମେଳାକୁ ଉଦ୍‌ଘାଟନ କରିଥିଲେ। ଅପରାହ୍ନରେ ଜିଲା ଶିକ୍ଷା ଅଧିକାରୀ ଶିବ ଶଙ୍କର ପ୍ରଧାନଙ୍କ ସଭାପତିତ୍ୱରେ ହୋଇଥିବା ଉଦ୍‌ଯାପନୀ ସଭାରେ ସ୍ଥାନୀୟ ବିଧାୟକ ତଥା କୃଷିମନ୍ତ୍ରୀ ଡ. ଅରୁଣ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜ୍ଞାନ ଦ୍ୱାରା ଉଦ୍ଭାବନ ହେଉଥିବା ଜିନିଷକୁ ଠିକ୍ ଭାବେ ବ୍ୟବହାର କରିବା ଦରକାର ବୋଲି କହିଥିଲେ। ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଶରତ କୁମାର ସାହୁ ବିବରଣୀ ପାଠ କରିଥିଲେ। ଶିକ୍ଷକ ଶରତ ଆଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିବା ବେଳେ ବ୍ରଜେନ୍ଦ୍ର ହାଇସ୍କୁଲର ପ୍ରଧାନ ଶିକ୍ଷକ ଉମାକାନ୍ତ ସେଠୀ ଧନ୍ୟବାଦ ଦେଇଥିଲେ। ଶିକ୍ଷକ ଜ୍ୟୋତିରଞ୍ଜନ ଦାଶ, ଉମେଶ ସ୍ୱାଇଁ, ସଂଗ୍ରାମ ସାହୁ, ପ୍ରଦ୍ୟୁମ୍ନ ନନ୍ଦ, ମାଣିକେଶ୍ୱର ସ୍ୱାଇଁ, ପ୍ରତାପ ଶତପଥୀ, ସୁରେଶ ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥଲେ।

### ବୋଲଗଡ଼ ଗାନ୍ଧୀ ସ୍ମାରକୀ ମହୋତ୍ସବ ଉଦ୍‌ଯାପିତ

ବୋଲଗଡ,୧୧।୧୨(ଡି.ଏନ.ଏ.)

ଗାନ୍ଧିଜୀଙ୍କ ତୃତୀୟ ଥର ଓଡିଶା ଗସ୍ତ ସମୟରେ ୯୨ବର୍ଷ ତଳେ ୧୯୨୭ ଡିସେମ୍ବର ୯ରୁ ୧୧ତାରିଖ ପର୍ଯ୍ୟନ୍ତ ଜାତିର ପିତା ମହାତ୍ମା ଗାନ୍ଧୀ ବୋଲଗଡ଼ ଡାକବଙ୍ଗଳାରେ ୩ଦିନ ଧରି ଅବସ୍ଥାନ କରିଥିଲେ। ଏହି ରହଣି ଅଞ୍ଚଳବାସୀଙ୍କ ପାଇଁ ଅବିସ୍ମରଣୀୟ ହୋଇ ରହିଛି। ଏହି ସ୍ମୃତିକୁ ସମ୍ମାନ ଦେଇ ବୋଲଗଡ଼ ନନ୍ଦିଘୋଷ ଅନୁଷ୍ଠାନ ପକ୍ଷରୁ ୩ଦିନ ଧରି ଗାନ୍ଧୀ ସ୍ମାରକୀ ମହୋତ୍ସବ ଚଳିତବର୍ଷ ପାଳନ କରାଯାଇଛି। ବୁଧବାର ଉଦ୍‌ଯାପନୀ ଦିବସରେ ଗାନ୍ଧିଜୀଙ୍କ ଜୀବନଦର୍ଶନ ଆଧାରିତ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ଉପସଭାପତି ହରିବନ୍ଧୁ ସାହୁ ଏଥିରେ ପୌରୋହିତ୍ୟ କରିଥିଲେ। ଏଥିରେ ସ୍ଥାନୀୟ ଅଞ୍ଚଳର ବହୁ କବି, କବୟିତ୍ରୀ, ଶିକ୍ଷାବିତ୍ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ସୁବୁଦ୍ଧି, ଶିକ୍ଷାବିତ୍ ବାଲ୍ମିକ ବଳିୟାରସିଂହ, ସାମାଜିକ କର୍ମୀ ସନାତନ ପାଢଶାଣୀ, ସମବାୟବିତ୍ ଲଲାଟେନ୍ଦୁ କେଶରୀ ସିଂହଙ୍କ ସମେତ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

**ଚିଲିକା ସେଲଡକ୍ ଫଙ୍କ୍ କାର୍ନିଭାଲ ମହୋତ୍ସବ ଉଦ୍‌ଯାପିତ**

## ଆକର୍ଷଣ ଜଉକଣ୍ଢେଇ ବାହାଘର

ବାଲୁଗାଁ,୧୧।୧୨(ଡି.ଏନ.ଏ.)

ସ୍ଥାନୀୟ ବଡ଼କୂଳସ୍ଥିତ ପୂର୍ବାଶା ଗ୍ରାମ୍ୟ କଳା ସଂଗ୍ରହାଳୟ ପରିସରରେ ୫ଦିନ ବ୍ୟାପୀ ଅନୁଷ୍ଠିତ ଚିଲିକା ଲୋକ କଳା ମହୋତ୍ସବ ବୁଧବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଗୋପବନ୍ଧୁ ଦାସ ଯୋଗଦେଇ ଲୋପ ପାଇଯାଉଥିବା ଆଞ୍ଚଳିକ କଳା ଓ ସଂସ୍କୃତିକୁ ଉଜ୍ଜୀବିତ କରିବା ଉଦ୍ଦେଶ୍ୟରେ କଳାକାରଙ୍କୁ ଉତ୍ସାହିତ କରିଥିଲେ। ଏଥିସହ ଆଗାମୀ ବର୍ଷରେ ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ସଭାପତି ବଂଶୀଧର ଆଚାର୍ଯ୍ୟ, ଉପସଭାପତି ନିରଞ୍ଜନ ଦାଶ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିରଞ୍ଜନ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଏହି ସଫଳ କାର୍ଯ୍ୟ ପାଇଁ ଦୂରଦୂରାନ୍ତରୁ ଆସିଥିବା ବିଭିନ୍ନ ଲୋକ କଳା ଗ୍ରୁପର କଳାକାରଙ୍କୁ ପ୍ରଶଂସା କରିଥିଲେ । ଏହି ଅବସରରେ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଥିଲା ଜଉକଣ୍ଢେଇ ବାହାଘର । ବଡ଼କୂଳ ଗ୍ରାମ ବରପକ୍ଷ ସାଜିଥିବା ବେଳେ କନ୍ୟାପକ୍ଷ ସାଜିଥିଲେ ଚନ୍ଦ୍ରାପୁଟ ଗ୍ରାମ । କୌତୂହଳର ବିଷୟ ଏହି କାର୍ଯ୍ୟକ୍ରମରେ ବର ପକ୍ଷଙ୍କ ଯୌତୁକ ଦାବି ଥିଲା ପ୍ଲାଷ୍ଟିକ ବର୍ଜନ ଏବଂ ସ୍ୱଚ୍ଛତା ଅଭିଯାନ । ତାହା ମଧ୍ୟ କନ୍ୟାପକ୍ଷ ଖୁସିର ସହ ପାଳନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସହ କଳାକାରମାନେ।

**ଓଡଗାଁରେ ମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ**

## ପାନୀୟ ଜଳ ସମସ୍ୟା ସମ୍ବନ୍ଧୀୟ ସମୀକ୍ଷା

ଓଡ଼ଗାଁ,୧୧।୧୨(ସ୍ୱ.ପ୍ର.)

ଓଡ଼ଗାଁ ବ୍ଲକ ଅନ୍ତର୍ଗତ ଆଖୁପଦରଠାରେ ପ୍ରତିଷ୍ଠିତ ଓଡିଶା ଆଦର୍ଶ ବିଦ୍ୟାଳୟ, ସ୍ଥାନୀୟ ଏନ୍‌ଏସି ଅନ୍ତର୍ଗତ ରଘୁନାଥ ହସ କ୍ଲବ ଓ ରାବେରା ଗୋଡିରେ ନିର୍ମାଣ କରାଯାଇଥିବା ଉଦ୍ୟାନ ଭବନକୁ ବୁଧବାର ସ୍ଥାନୀୟ ବିଧାୟକ ତଥା କୃଷିମନ୍ତ୍ରୀ ଅରୁଣ କୁମାର ସାହୁ ଉଦ୍‌ଘାଟନ କରିଛନ୍ତି । ମନ୍ତ୍ରୀ ସାହୁ ପୂର୍ବାହ୍ନରେ ଓଡ଼ଗାଁ ଗସ୍ତରେ ଆସି ବ୍ଲକ କାର୍ଯ୍ୟାଳୟରେ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀଙ୍କ ସହିତ ବ୍ଲକର ସମସ୍ତ ପଞ୍ଚାୟତରେ ପାନୀୟ ଜଳ ଯୋଗାଣ ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ବୈଠକକୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ବାରଣ କରାଯାଇଥିବା ବେଳେ ସଂଗୃହୀତ ତଥ୍ୟ ଅନୁଯାୟୀ ସମସ୍ତ ଗ୍ରାମରେ ଅଚଳ ପ୍ରକଳ୍ପକୁ ସଚଳ କରିବା, ଅଚଳ ନଳକୂଅ ବଦଳରେ ସାନିଟାରୀ ୱେଲ ଖୋଳିବା ନିମନ୍ତେ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏନ୍‌ଏସି ଅନ୍ତର୍ଗତ ଦଳକ ନିମନ୍ତେ ଦୁଇବର୍ଷ ହେଲା ଚାଲିଥିବା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ କରିବାରେ ବିଳମ୍ବ ହେଉଥିବାରୁ ମନ୍ତ୍ରୀ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାକୁ ଫେବୃୟାରୀ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ପରେ ମନ୍ତ୍ରୀ ଆଦର୍ଶ ବିଦ୍ୟାଳୟ, ହସକ୍ଲବ ଓ ଉଦ୍ୟାନ ଭବନ ଉଦ୍‌ଘାଟନ କରିଥିଲେ। ୪ କୋଟି ଟଙ୍କା ବ୍ୟୟରେ ଆଦର୍ଶ ବିଦ୍ୟାଳୟର ନିଜସ୍ୱ କୋଠା ଜୁନ ମାସରୁ ବିଇଓଙ୍କୁ ହସ୍ତାନ୍ତର କରାଯାଇଛି। ହେଲେ ଏଯାବତ୍ ଜଣେ ହେଲେ ଶିକ୍ଷକ କିମ୍ବା ଶିକ୍ଷା କର୍ମଚାରୀଙ୍କୁ ସରକାର ନିଯୁକ୍ତି କରି ନ ଥିବାରୁ ଚଳିତବର୍ଷ ଏହି ବିଦ୍ୟାଳୟରେ ନାମ ଲେଖାଇଥିବା ୮୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ସ୍ଥାନୀୟ ହାଇସ୍କୁଲରେ ଶିକ୍ଷାଦାନ କରାଯାଉଛି। ଶିକ୍ଷକ ନିଯୁକ୍ତି ସମ୍ପର୍କରେ ମନ୍ତ୍ରୀଙ୍କୁ ପଚାରିବାରୁ ସେଠାରେ ଉପସ୍ଥିତ ଥିବା ଜିଲାପାଳ ଏଥି ନିମନ୍ତେ ସରକାର ଉଦ୍ୟମ କରୁଥିବା ସୂଚନା ଦେଇଥିଲେ। ଏହି ଅବସରେ ଉଦ୍ୟାନ ଭବନ ନିକଟରେ ଅନୁଷ୍ଠିତ ସାଧାରଣ ସଭାରେ ମନ୍ତ୍ରୀ ସାହୁ, ଜିଲାପାଳ ଡ. ପୋମା ଟୁଡୁ, ବ୍ଲକ ଅଧ୍ୟକ୍ଷା ମମତା ବେହେରା, ବନଖଣ୍ଡ ଅଧିକାରୀ ଡି. ଧନରାଜ ହନୁମନ୍ତେ, ଜିଲା ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ସୁମନ୍ତ ସାହୁ ଓ ବିଡିଓ ସ୍ୱାତୀଲେଖା ଦାଶ ମଞ୍ଚାସୀନ ଥିଲେ। ଏହା ସହିତ ଜିଲା ଶିକ୍ଷା ଅଧିକାରୀ ଶିବଶଙ୍କର ପ୍ରଧାନ, ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ଶିଶିର ରଞ୍ଜନ ପୃଷ୍ଟି, ସହକାରୀ ଉଦ୍ୟାନବିତ୍ ଅଜିତ କୁମାର ନାୟକ, ହସକ୍ଲବ ସଭାପତି ବସନ୍ତ କୁମାର ମିଶ୍ର, ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

**ଫେବୃୟାରୀ ସୁଦ୍ଧା ଦଳକକୁ ପାନୀୟ ଜଳ ଯୋଗାଣ**




କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ ଓ ଅନ୍ୟମାନେ।

**କଣ୍ଟିଲୋ ନୀଳମାଧବ ଜୀଉ ମନ୍ଦିର**

## ବଢୁଛି ପର୍ଯ୍ୟଟକଙ୍କ ସଂଖ୍ୟା, ସୁଧୁରୁନି ସମସ୍ୟା

ଖଣ୍ଡପଡା,୧୧।୧୨(ସ୍ୱ.ପ୍ର.)



ନୀଳମାଧବ ଜୀଉ ମନ୍ଦିର।

କଣ୍ଟିଲୋର ଶ୍ରୀନୀଳମାଧବପୀଠ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନର ମର୍ଯ୍ୟାଦା ଲାଭ କରିଛି । ଏଠାର କଂସା ପିତ୍ତଳ ବାସନ ଶିଳ୍ପ ରାଜ୍ୟ ତଥା ରାଜ୍ୟ ବାହାରେ ବେଶ୍ ଆଦୃତି ଲାଭ କରିପାରିଛି। ପଦ୍ମାଦ୍ରୀ ଓ ବ୍ରହ୍ମାଦ୍ରୀ ପାହାଡ଼ ଉପରେ ବିରାଜିତ ନୀଳମାଧବଜୀଉ ମନ୍ଦିର ଉପରୁ ମହାନଦୀର ପ୍ରାକୃତିକ ଶୋଭାରାଜି ଉପଭୋଗ କରିବା ସହ ନୀଳମାଧବ ଜୀଉଙ୍କ ଦର୍ଶନ ପାଇଁ ଦୈନିକ ଶତାଧିକ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି । ହେଲେ ଆବଶ୍ୟକ ସୁବିଧା ସୁଯୋଗ ନ ଥିବାରୁ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି । ଏହି ପର୍ଯ୍ୟଟନ ସ୍ଥଳକୁ ଦେଖିଲେ ରାଜ୍ୟ ପର୍ଯ୍ୟଟନ ବିଭାଗ ପୀଠର ବିକାଶ ପାଇଁ କେତେ ଯତ୍ନବାନ ତାହା ଜାଣି ହୁଏ । ଉକ୍ତ ପୀଠ ରାଜଧାନୀ ଭୁବନେଶ୍ୱରଠାରୁ ୮୦ କିଲୋ ମିଟର ଏବଂ ନୟାଗଡଠାରୁ ମାତ୍ର ୩୦ କିଲୋ ମିଟର ଦୂରରେ ଅବସ୍ଥିତ। ଯାତ୍ରୀମାନେ ନୀଳମାଧବ ଜୀଉଙ୍କୁ ଦର୍ଶନ କରିବା ପୂର୍ବରୁ ପ୍ରାୟ ୬ କିଲୋମିଟର ଦୂରରେ ଥିବା ହନୁମନ୍ତ ପ୍ରସାଦର ଶ୍ରୀରାମ ଆଶ୍ରମ ଓ ପାହାଡ ଉପରୁ ନିର୍ଗତ ଝରଣା, ଏକ କିଲୋମିଟର ଦୂରରେ ଥିବା ମା' ନାରାୟଣୀ ପୀଠ ଦର୍ଶନରେ ଯାଇଥାନ୍ତି । ପରେ ପର୍ଯ୍ୟଟକମାନେ ପାହାଡ଼ ପର୍ବତ ଓ ମହାନଦୀର ପ୍ରାକୃତିକ ଦୃଶ୍ୟ ଉପଭୋଗ ପାଇଁ ଏହି ନୀଳମାଧବ ପୀଠରେ ଅଟକି ଯାଆନ୍ତି । ହେଲେ ଯାତ୍ରୀମାନେ ବିଶ୍ରାମ ନେବା ପାଇଁ ବିଶ୍ରାମାଗାରଟିଏ ନାହିଁ। ଦୀର୍ଘ ୧୯ ବର୍ଷରୁ ଊର୍ଦ୍ଧ୍ୱ ହେବ କଣ୍ଟିଲୋ ଠାରୁ ଏକ କିଲୋମିଟର ଦୂର ଏକ ପାହାଡ ଉପରେ ନିର୍ମାଣ କରାଯାଇଥିବା ପାନ୍ଥଶାଳା ଆରମ୍ଭରୁ ଅକାମୀ ହୋଇପଡିଛି। ଆଲୋକ ଓ ପାଣିର ବ୍ୟବସ୍ଥା ନ ଥିବାରୁ ଭୂତକୋଠି ପ୍ରାୟ ହୋଇଛି ଓ ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ସେହିପରି ପାନୀୟ ଜଳର ବ୍ୟବସ୍ଥା ନ ଥିବାରୁ ପର୍ଯ୍ୟଟକମାନଙ୍କୁ ବଜାରରେ ବିକ୍ରି ହେଉଥିବା ପାଣି ଉପରେ ନିର୍ଭର କରିବାକୁ ପଡୁଛି । କଣ୍ଟିଲୋ ଗ୍ରାମ ପଞ୍ଚାୟତ ଦ୍ୱାରା ନିର୍ମାଣ କରାଯାଇଥିବା ଏକ ଧର୍ମଶାଳାରେ ଆଲୋକ କିମ୍ବା ପାଣିର ବ୍ୟବସ୍ଥା ନାହିଁ । ଯେଉଁଥିପାଇଁ ଯାତ୍ରୀମାନେ ଏଠାରେ ରହିବାକୁ ଉଚିତ ମନେ କରୁ ନାହାନ୍ତି । ଅନ୍ୟ ପକ୍ଷରେ ଏହି ପୀଠରେ ଶୌଚ କିମ୍ବା ପରିସ୍ରା ଯିବା ପାଇଁ କୌଣସି ବ୍ୟବସ୍ଥା ନାହିଁ। ଏ ନେଇ ଯାତ୍ରୀମାନେ ବିଶେଷ କରି ମହିଳାମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଠାରେ ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ପକ୍ଷରୁ କଂସା ପିତ୍ତଳ ବାସନ ଶିଳ୍ପ ତଥା କାରିଗରମାନଙ୍କ ଉନ୍ନତି ଓ ବିକାଶ ନିମନ୍ତେ ଏକ ପିତ୍ତଳ ଶିଳ୍ପ ବ୍ୟାଖ୍ୟାନ କେନ୍ଦ୍ର ନିର୍ମାଣ ହୋଇଥିବା ବେଳେ ତାହା କିନ୍ତୁ ଏବେ ଦେବୋତ୍ତର ବିଭାଗ କାର୍ଯ୍ୟରେ ଲାଗିଛି । ଏହା ସତ୍ତ୍ୱେ ପର୍ଯ୍ୟଟନସ୍ଥଳୀ ଓ କଂସା ପିତ୍ତଳ ବାସନ ଶିଳ୍ପ ବିଷୟରେ ଜାଣିବା ପାଇଁ ଲିଫ୍‌ଲେଟର ବ୍ୟବସ୍ଥା କରାଯାଉନାହିଁ । ଫଳରେ ପର୍ଯ୍ୟଟକମାନେ ଏସବୁ ଅଞ୍ଚଳ ସମ୍ପର୍କରେ କୌଣସି ସୂଚନା ପାଇପାରୁ ନାହାନ୍ତି । ଅପରପକ୍ଷେ ଯାତ୍ରୀ ଓ ପର୍ଯ୍ୟଟକମାନେ ନିଜ ନିଜର ଯାନବାହନଗୁଡିକ ପାର୍କିଂ କରିବା ପାଇଁ ଦେବୋତ୍ତର ବିଭାଗ ପକ୍ଷରୁ ସେଭଳି କୌଣସି ବ୍ୟବସ୍ଥା କରାଯାଇନାହିଁ। ସେହିପରି ମହାନଦୀରେ ନୌକାରେ ବୁଲିବା ସମୟରେ ପାହାଡ ଓ ନଦୀ କୂଳ ବାଲୁକା ପଠାରୁ ଆସୁଥିବା ଦୁର୍ଗନ୍ଧ ଯୋଗୁ ପର୍ଯ୍ୟଟକମାନେ ଅତିଷ୍ଠ ହେଉଥିବା ଅନେକେ ଅଭିଯୋଗ କରୁଛନ୍ତି । ଏଠାରେ ରୋପୱେର ବ୍ୟବସ୍ଥା ନ ଥିବାରୁ ଅନେକ ବୟସ୍କ ବ୍ୟକ୍ତି ଓ ଦିବ୍ୟାଙ୍ଗ ପାହାଡ଼ ଚଢି ଠାକୁରଙ୍କୁ ଦର୍ଶନ କରିବାରେ ସମସ୍ୟା ସୃଷ୍ଟି ହେଉଛି । ଅନେକ ଯାତ୍ରୀ ପ୍ରାୟ ପ୍ରତି ବର୍ଷ ବିଭିନ୍ନ ସମୟରେ ଏହି ପୀଠକୁ ଆସିଥାନ୍ତି , ମାତ୍ର ସେମାନଙ୍କ ଅଭିଯୋଗ ୧୦/୧୫ ବର୍ଷ ପୂର୍ବେ ଏହି ପୀଠର ପରିବେଶ ଯାହାଥିଲା ଏବେ ସେହି ଅବସ୍ଥା । କେବଳ ରାସ୍ତାଘାଟର ଅବସ୍ଥା ଯାହା ଟିକିଏ ଉନ୍ନତି ଘଟିଛି ବୋଲି ସେମାନେ ମତ ପ୍ରକାଶ କରୁଛନ୍ତି । ଏହି ପର୍ଯ୍ୟଟନସ୍ଥଳୀର ଅବସ୍ଥା ଯଦି ଆଗକୁ ଏହିପରି ରହେ ତେବେ ଆଗାମୀ ଦିନରେ ପର୍ଯ୍ୟଟକମାନଙ୍କ ସଂଖ୍ୟା ହ୍ରାସ ପାଇବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।